ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୪/୨୦୨୫ (୧୮ ପୃଷ୍ଠା) | Bhubaneswar, Wednesday, September 24/2025 Page 18 | ₹ 7.00

୫୧ଶ ଭାଗ ୩୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 300 | ମୂଲ୍ୟ₹୭/-

# PATANJALI®



12-18% ସ୍ଲାବ୍ ଅନ୍ତର୍ଗତ ଅଧିକାଂଶ ନିତ୍ୟ ବ୍ୟବହାର୍ଯ୍ୟ ଉତ୍ପାଦ ଉପରେ GST ଦରକୁ 5%କୁ ହ୍ରାସ କରି ପ୍ରଧାନମନ୍ତ୍ରୀ ମୋଦୀଜୀ ଦେଶବାସୀଙ୍କୁ କୋଟି କୋଟି ଟଙ୍କା ସଞ୍ଚୟର ଉପହାର ଦେଇଛନ୍ତି । 'ଅନ୍ୟ ଦେଶ ଉପରେ ନିର୍ଭରଶୀଳତା ଆମ ଦେଶର ସବୁଠାରୁ ବଡ଼ ଶତ୍ରୁ' ଆହ୍ୱାନ ଦେଇ ସେ ଦେଶବାସୀଙ୍କୁ ନିତିଦିନିଆ ବ୍ୟବହାର ପାଇଁ ସ୍ୱଦେଶୀ ଉତ୍ପାଦଗୁଡ଼ିକୁ ଆପଣାଇ ଦେଶକୁ ଆତ୍ମନିର୍ଭର କରିବା ପାଇଁ ମଧ୍ୟ ଆହ୍ୱାନ ଦେଇଛନ୍ତି ।



**ଆସନ୍ତୁ, ଦେଶର ସବୁଠାରୁ ବଡ଼ ଫୁଡ୍ କମ୍ପାନୀ ତଥା ସବୁଠାରୁ ବଡ଼ ସ୍ୱଦେଶୀ FMCG କମ୍ପାନୀ ସହ ହାତ ମିଳାଇବା ଏବଂ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନର ଏକ ସମୃଦ୍ଧ ଭାରତ ଗଢ଼ିବା ପାଇଁ ସ୍ୱଦେଶୀର ସଂକଳ୍ପ ନେବା ।**

ପତଞ୍ଜଳି ଦେଶର ଏପରି ଏକମାତ୍ର ଓ ସର୍ବବୃହତ୍ ସ୍ୱଦେଶୀ କମ୍ପାନୀ ଅଟେ ଯାହା ନିଜର 100% ଲାଭକୁ ଭାରତମାତାଙ୍କ ସେବାରେ ନିବେଶ କରିଥାଏ, କାରଣ ଆମର ଏକମାତ୍ର ଲକ୍ଷ୍ୟ ହେଉଛି ପୁରୁଷାର୍ଥରୁ ଅର୍ଜିତ ଅର୍ଥକୁ ପରମାର୍ଥରେ ବିନିଯୋଗ କରି ଏକ ସୁଦୃଢ଼ ଓ ବିକଶିତ ଭାରତ ଗଢ଼ିବା । ପତଞ୍ଜଳି ପାଇଁ ଦେଶ ଏକ ବଜାର ନୁହେଁ, ବରଂ ଏକ ପରିବାର ଅଟେ । ତେଣୁ, GST ଦରରେ ରିହାତିର ପୂର୍ଣ୍ଣ ଲାଭ ଉଠାନ୍ତୁ ଏବଂ ରାଷ୍ଟ୍ରନିର୍ମାଣ ପାଇଁ ସମ୍ମାନନୀୟ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପ ପୂରା କରିବା ପାଇଁ ପ୍ରତ୍ୟେକ ଗ୍ରାମ, ସହର, ଗଳି ଓ ସାହିରେ ସ୍ୱଦେଶୀ ଆନ୍ଦୋଳନକୁ ପହଞ୍ଚାନ୍ତୁ ।




| Product | Pack | Old MRP | New MRP |
|---|---|---|---|
| Patanjali Cow's Ghee | 900 ml | ₹780/- | ₹731/- |
| Patanjali Cow's Ghee | 450 ml | ₹420/- | ₹393/- |
| Nutrela Chunks, Mini Chunks & Granules | 1 kg Pack | ₹210/- | ₹190/- |
| Nutrela Chunks, Mini Chunks & Granules | 200 g Pack | ₹50/- | ₹47/- |




| Product | Pack | Old MRP | New MRP |
|---|---|---|---|
| Doodh Biscuit | 35 g | ₹5/- | ₹4.50/- |
| Doodh Biscuit | 70 g | ₹10/- | ₹9/- |
| Marie Biscuit | 225 g | ₹30/- | ₹27/- |
| Marie Biscuit | 70 g | ₹10/- | ₹9/- |




| Product | Pack | Old MRP | New MRP |
|---|---|---|---|
| Amla Juice | 1 ltr | ₹150/- | ₹140/- |
| Aloe Vera Juice | 1 ltr | ₹220/- | ₹206/- |
| Giloy Juice | 500 ml | ₹90/- | ₹84/- |
| Chyawanprash | 1 kg | ₹360/- | ₹337/- |
| Nutrela Vit. B12 | 60 Cap | ₹165/- | ₹146/- |




| Product | Pack | Old MRP | New MRP |
|---|---|---|---|
| Dant Kanti Natural | 200g | ₹120/- | ₹106/- |
| Dant Kanti Advance | 100g | ₹90/- | ₹80/- |




| Product | Pack | Old MRP | New MRP |
|---|---|---|---|
| Toothbrush (Active Care) | 100g | ₹20/- | ₹18/- |




| Product | Pack | Old MRP | New MRP |
|---|---|---|---|
| Neem Kanti Body Cleanser | 75g | ₹25/- | ₹22/- |
| Neem Kanti Body Cleanser | 45g | ₹10/- | ₹9/- |
| Aloevera Kanti Body Cleanser | 45g | ₹10/- | ₹9/- |
| Haldi Chandan Kanti Body Cleanser | 45g | ₹10/- | ₹9/- |




| Kesh Kanti Hair Cleanser Range | Old MRP | New MRP |
|---|---|---|
| 180 ml | ₹120/- | ₹106/- |
| (Natural) 180 ml | ₹100/- | ₹89/- |

CGHS (କେନ୍ଦ୍ର ସରକାରୀ କର୍ମଚାରୀ), CAPF (କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ), ECHS (ପୂର୍ବତନ ସୈନିକ)ଙ୍କ ସମେତ ଦେଶର 5 କୋଟିରୁ ଅଧିକ ନାଗରିକ ତଥା 30ରୁ ଅଧିକ ଅଗ୍ରଣୀ ବୀମା କମ୍ପାନୀ (SBI General, Reliance Insurance, United Insurance, ICICI Lombard, HDFC ERGO, MEGMA, Aditya Birla ଆଦି)ର କ୍ୟାଶଲେସ୍ ଇନସ୍ୟୁରାନ୍ସ ସୁବିଧାଧାରୀ ଅନ୍ୟାନ୍ୟ ନାଗରିକମାନେ ପତଞ୍ଜଳି ୱେଲନେସ୍, ଯୋଗଗ୍ରାମ ଓ ନିରାମୟମ୍‌ଠାରେ ରିଇମ୍ବର୍ସମେଣ୍ଟ ସୁବିଧାର ଲାଭ ଉଠାଇପାରିବେ । ପତଞ୍ଜଳି ୱେଲନେସ୍, ଯୋଗଗ୍ରାମ ଓ ନିରାମୟମ୍‌ଠାରେ 1ରୁ 2 ସପ୍ତାହ ପାଇଁ ନିଃଶୁଳ୍କ ସେବା ହାସଲ କରିବା ସମ୍ବନ୍ଧୀୟ ସବିଶେଷ ସୂଚନା ପାଇଁ ଯୋଗାଯୋଗ କରନ୍ତୁ:

**8954666111, 8954666222, 8954666333**

**booking@patanjaliwellness.com | www.patanjaliwellness.com**

*The maximum retail price (MRP) of our products has been revised w.e.f. September 22, 2025, in line with the new GST rate slabs. This revision is applicable as per the government notification. Products with the old and new MRPs may be available simultaneously in the market for a short period. For more information, call 1800 180 4108 or email feedback@patanjaliayurved.org, wecare@patanjalifoods.co.in




# ଆପୋସ ସମାଧାନ ଉପରେ ହାଇକୋର୍ଟଙ୍କ ଗୁରୁତ୍ୱ

**ଓଡ଼ିଶା ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ନିୟମ ୨୦୨୦ର ବୈଧତାକୁ ଚ୍ୟାଲେଞ୍ଜ ନେଇ ମାମଲା**

**କଟକ,୨୩।୯(କାର୍ତ୍ତିକ ସାହୁ)**

ଓଡ଼ିଶା ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ନିୟମ ୨୦୨୦ର ବୈଧତାକୁ ଚ୍ୟାଲେଞ୍ଜ ନେଇ ରୁଜୁ ମାମଲାରେ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ପ୍ରାଥମିକ ଶୁଣାଣି କରି ଆପୋସ ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଉଭୟ ପକ୍ଷ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଖଣ୍ଡପୀଠ ଅନ୍ତରୀଣ ନିର୍ଦ୍ଦେଶ ଦେବା ସହ ପରବର୍ତ୍ତୀ ଶୁଣାଣି ନିମନ୍ତେ ନଭେମ୍ବର ୧୭ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ପ୍ରଣୀତ ଓଡ଼ିଶା ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ନିୟମ ୨୦୨୦କୁ ବେଆଇନ ଘୋଷଣା ପାଇଁ ପ୍ରାର୍ଥନା କରି ଆଇନଜୀବୀ କବିରାଜ ପ୍ରଧାନ ଓ ଆଇନଜୀବୀ ଡ. ବିପ୍ଳବ ଶିଳାଦିତ୍ୟ ହାଇକୋର୍ଟରେ ମାମଲା ଦାଏର କରିଛନ୍ତି। ଏହି ନିୟମ ପ୍ରଣୟନ ହେବା ଦ୍ୱାରା ଆଇନଜୀବୀମାନେ ମାମଲା କରିବା ବେଳେ ୧୦୦ ଟଙ୍କାର ଷ୍ଟାମ୍ପ ଲଗାଇବା ବାଧ୍ୟତାମୂଳକ କରାଯାଇଛି। ଏହାଦ୍ୱାରା ସାଧାରଣ ଲୋକଙ୍କ ଆଇନ ସେବା ବାଧାପ୍ରାପ୍ତ ହେବା ସହ ଯୁବ ଆଇନଜୀବୀମାନଙ୍କ ଉପରେ ଏହା ଅର୍ଥନୈତିକ ବୋଝ ସଦୃଶ ହେଉଛି। ପୁନଶ୍ଚ ଏହି ନିୟମ ଲାଗୁ କରିବାରେ ଅବହେଳା ପାଇଁ ଆଇନଜୀବୀ ତଥା ବାର ଆସୋସିଏଶନ ପ୍ରତି ହେଉଥିବା ଦଣ୍ଡ ବ୍ୟବସ୍ଥା ମଧ୍ୟ ଆଇନସମ୍ମତ ନୁହେଁ। ଏହା ସମ୍ବିଧାନର ବିରୋଧାଚରଣ କରୁଛି। ଏହା କରିବା ପାଇଁ ରାଜ୍ୟ ଆଇନଜୀବୀ ପରିଷଦର ଆଇନଗତ ଅଧିକାର ନାହିଁ ବୋଲି ଆବେଦନରେ ଦର୍ଶାଯାଇଛି। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ, ବାର କାଉନ୍ସିଲ ଅଫ୍ ଇଣ୍ଡିଆ, ରାଜ୍ୟ ଆଇନ ବିଭାଗ, ଭାରତ ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ, ହାଇକୋର୍ଟ ବାର୍ ଆସୋସିଏଶନ, କଟକ ବାର୍ ଆସୋସିଏଶନ, କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ, ରାଜସ୍ୱ ପରିଷଦ ବାର୍ ଆସୋସିଏଶନ ଆଦି ୨୦ ପ୍ରତିପକ୍ଷ ଭାବେ ମାମଲାରେ ପକ୍ଷଭୁକ୍ତ ହୋଇଛନ୍ତି। ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ, ମାନସ ଚାନ୍ଦ, ଅରୁପାନନ୍ଦ ଦାସ, ହାଇକୋର୍ଟ ବାର ଆସୋସିଏଶନ ପକ୍ଷରୁ ସଭାପତି ମନୋଜ ମିଶ୍ର, ସମ୍ପାଦକ ଅଭିଜିତ ପଟ୍ଟନାୟକ ଏବଂ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଜଗବନ୍ଧୁ ସାହୁ, ଦୁର୍ଗା ପ୍ରସାଦ ନନ୍ଦ, ସମୀର କୁମାର ମିଶ୍ର ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି।

# ରାଜ୍ୟର ୧୫ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରାଯିବ


ମନମୋହନ ସାମଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

**ଭାଜପା ରାଜ୍ୟ ସଭାପତିଙ୍କ ନୂଆପଡ଼ା ଗସ୍ତ**

**ଖଡ଼ିଆଳ,୨୩।୯ (ସୁଜିତ କୁମାର ପ୍ରଧାନ)**

ଭାରତୀୟ ଜନତା ପାର୍ଟିର ଓଡ଼ିଶା ରାଜ୍ୟ ସଭାପତି ମନମୋହନ ସାମଲ ମଙ୍ଗଳବାର ଦିନିକିଆ ନୂଆପଡ଼ା ଜିଲା ଗସ୍ତରେ ଆସି ଖଡ଼ିଆଳଠାରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅଗ୍ରସେନ ଭବନଠାରେ ଜିଲା ଭାଜପା ସଭାପତି କମଲେଶ କୁମାର ଦୀକ୍ଷିତଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ରାଜ୍ୟ ସଭାପତି ସାମଲ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଭାଜପା ନିର୍ବାଚନ ପୂର୍ବରୁ ଯାହା ଘୋଷଣା କରିଥିଲା ସେସବୁ ପୂରଣ ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। ଆଗାମୀ ଦିନରେ ରାଜ୍ୟର ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରାଯିବ ବୋଲି ସେ ଘୋଷଣା କରିଥିଲେ। ଲକ୍ଷପତି ଦିଦିରେ ସାରା ଦେଶରେ ଓଡ଼ିଶା ପ୍ରଥମ ରହିଛି। ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ। ଏହି ଅବସରରେ ଖଡ଼ିଆଳ ୱେଷ୍ଟର୍ନ ଓଡ଼ିଶା ପବ୍ଲିକ ସ୍କୁଲରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇ ସଭାପତି ସାମଲ ଚାରା ରୋପଣ କରିଥିଲେ। ପରେ ସ୍ଥାନୀୟ ଅଗ୍ରସେନ ଭବନରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଖଡ଼ିଆଳ ବିଧାନସଭା ମଣ୍ଡଳୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ କଳାହାଣ୍ଡିର ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ପ୍ରସାଦ ମୁଣ୍ଡ, ଯଦୁମଣି ପାଣିଗ୍ରାହୀ ଓ ପ୍ରସନ୍ନ ପାଢ଼ୀ, ପୂର୍ବତନ ଜିଲା ସଭାପତି ଅତିନ୍ଦ୍ର ସିଂ ମଲ୍ଲିକ ଓ ସୁବ୍ରତ ଠାକୁର, ଜିଲା ସାଧାରଣ ସମ୍ପାଦକ ଦେବ ଦେବ ସିଂହଦେବଙ୍କ ସମେତ ସମସ୍ତ ୯ଗୋଟି ମଣ୍ଡଳର ସଭାପତି ମଞ୍ଚାସୀନ ଥିଲେ। ଏହି ଅବସରରେ ଅନ୍ୟ ଦଳର ଶତାଧିକ ମହିଳାପୁରୁଷ କର୍ମୀ ଭାଜପାରେ ଯୋଗଦାନ କରିଥିଲେ।

# ଗଛ ପଡ଼ି ନାବାଳକ ଗୁରୁତର, ଉତ୍ତେଜନା

**ଖଣି ପାଇଁ ଗଛକଟା ବେଳେ ଅଘଟଣ**

**ଛେଣ୍ଡିପଦା,୨୩।୯ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନିଶା ଶିଲ୍ପାଞ୍ଚଳ ଥାନା କଙ୍କରେଇ ପଞ୍ଚାୟତରେ ସୁଭଦ୍ରା କୋଇଲା ଖଣି ପାଇଁ ମଙ୍ଗଳବାର ଗଛ କଟାଯାଉଥିବା ବେଳେ ଗଛ ପଡ଼ି ବିରଞ୍ଚି ଗୋଛାୟତଙ୍କ ପୁଅ ବୀରେନ ଗୋଛାୟତ (୧୬) ଗୁରୁତର ହୋଇଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି। ସୂଚନା ଅନୁଯାୟୀ, ସୁଭଦ୍ରା କୋଇଲା ଖଣି ପାଇଁ ଛେଣ୍ଡିପଦା ଏବଂ ତାଳଚେର ତହସିଲର ୧୧୧୧.୮୫ ହେକ୍ଟର ସରକାରୀ, ବେସରକାରୀ ଜମି ଖନନ କରାଯିବା ଯୋଜନା ରହିଛି। ଏଥିପାଇଁ ଅନୁଗୋଳ, ଛେଣ୍ଡିପଦା ଓ ତାଳଚେର ବନାଞ୍ଚଳ ଅଧୀନରେ ଥିବା ୨୬୬୮ ଗଛ କାଟିବାକୁ ପ୍ରଥମ ପର୍ଯ୍ୟାୟରେ ଅନୁମତି ମିଳିଛି। ଖଣି ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି)କୁ ଗଛକଟା ଦାୟିତ୍ୱ ଦିଆଯାଇଛି । ତଦନୁଯାୟୀ ଓଏଫ୍‌ଡିସି ପକ୍ଷରୁ ଅନୁଗୋଳ ବନାଞ୍ଚଳରେ ଗଛ କଟାଯାଉଥିବା ବେଳେ ରାଇଝରଣ ଗ୍ରାମର ଜଣେ ନାବାଳକଙ୍କ ଉପରେ ଗଛ ପଡ଼ିଯିବାରୁ ସେ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଅନୁଗୋଳ ପଠାଯାଇଛି। ଏହି ଅଘଟଣ ପାଇଁ ସ୍ଥାନୀୟ ଅଞ୍ଚଳର ସାଗର ଗୋଛାୟତ, ରାଜୁ ସାହୁ, ପ୍ରମୋଦ ଚନ୍ଦ୍ର ପ୍ରଧାନଙ୍କ ସମେତ ସ୍ଥାନୀୟ ଲୋକେ ଓଏଫ୍‌ଡିସି ଓ ଖଣି କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବାରୁ ନିଶା ଶିଳ୍ପାଞ୍ଚଳ ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ଅନୁଗୋଳ ଡିଏଫ୍‌ଓ ନୀତିଶ କୁମାର କହିଛନ୍ତି, ବନବିଭାଗ ପକ୍ଷରୁ ଗଛ ଗଣତି କରାଯାଇ କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ଗଛ କାଟିବା ପାଇଁ ଓଏଫ୍‌ଡିସିକୁ ଅନୁମତି ଦିଆଯାଇଛି। ଦୁର୍ଘଟଣା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଏବଂ ଓଏଫ୍‌ଡିସି ଦାୟୀ ରହିବେ। ସୁଭଦ୍ରା କମ୍ପାନୀ ଅଧିକାରୀ ରଣା ଚୌଧୁରୀ ଏହି ଅଘଟଣ ସମ୍ପର୍କରେ ଜାଣି ନ ଥିବା ପ୍ରକାଶ କରିବା ସହ ପଚାରି ସୂଚନା ଦେବେ ବୋଲି ପ୍ରକାଶ କରିଛନ୍ତି।

# ମସ୍ତିଷ୍କରୁ ବାହାରିଲା ୨୫୦ ଗ୍ରାମ୍‌ର ଟ୍ୟୁମର

**ଏମ୍‌କେସିଜି ମେଡିକାଲରେ ମହିଳାଙ୍କୁ ମିଳିଲା ନୂଆ ଜୀବନ**

**ବ୍ରହ୍ମପୁର,୨୩।୯(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଜଣେ ମହିଳାଙ୍କୁ ନୂଆ ଜୀବନ ମିଳିଛି। ଡାକ୍ତରୀ ଟିମ୍ ଅସ୍ତ୍ରୋପଚାର କରି ତାଙ୍କ ମସ୍ତିଷ୍କରୁ ୨୫୦ ଗ୍ରାମର ଟ୍ୟୁମର ବାହାର କରିଛନ୍ତି। ମହିଳା ଜଣଙ୍କ ହେଲେ ଗଞ୍ଜାମ ଜିଲା ବଡ଼ଗଡ଼ ଅଞ୍ଚଳର ଶାନ୍ତି ମହାକୁଡ(୫୦)। ଆଇସିୟୁରୁ ମଙ୍ଗଳବାର ସେ ସାଧାରଣ ୱାର୍ଡକୁ ଆସିଛନ୍ତି। ଶାନ୍ତି ଏବେ ସୁସ୍ଥ ଅଛନ୍ତି ଓ କଥାବାର୍ତ୍ତା କରିପାରୁଛନ୍ତି। ମସ୍ତିଷ୍କରେ ମାଂସ ବଢ଼ିଥିବାରୁ ଶାନ୍ତି କାହାକୁ ଚିହ୍ନିପାରୁ ନ ଥିଲେ କି କିଛି ଶୁଣିପାରୁ ନ ଥିଲେ। ଏପରିକି ସେ ମାନସିକ ବିକାରଗ୍ରସ୍ତଙ୍କ ଭଳି ବ୍ୟବହାର କରୁଥିଲେ। ପରିବାର ଲୋକେ ଗତ ୧୧ ତାରିଖରେ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ଆଣିଥିଲେ। ପରୀକ୍ଷା ନିରୀକ୍ଷା ପରେ ଶାନ୍ତିଙ୍କ ମସ୍ତିଷ୍କରେ ଟ୍ୟୁମର ହୋଇଥିବା ଜଣାପଡିଥିଲା। ଗତ ୧୮ ତାରିଖରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ନ୍ୟୁରୋ ସର୍ଜରୀ ବିଭାଗୀୟ ମୁଖ୍ୟ ରବିନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ୮ ଘଣ୍ଟା ପରିଶ୍ରମ କରି ମସ୍ତିଷ୍କରୁ ମାଂସ ପିଣ୍ଡୁଳା କାଢ଼ିବାରେ ସଫଳ ହୋଇଛନ୍ତି।


ଶାନ୍ତି ମହାକୁଡ

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୪/୨୦୨୫ (୧୮ ପୃଷ୍ଠା) | Bhubaneswar, Wednesday, September 24/2025 Page 18 | ₹ 7.00

୫୧ଶ ଭାଗ ୩୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 300 | ମୂଲ୍ୟ ₹୭/-









ନୂଆଦିଲ୍ଲୀରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ ଅବସରରେ ମଙ୍ଗଳବାର ମାଲୟାଲମ ଫିଲ୍ମ ଅଭିନେତା ମୋହନ ଲାଲଙ୍କ ସହ ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍, ରାଣୀ ମୁଖାର୍ଜୀ ଓ ବିକ୍ରାନ୍ତ ମାସି।

# ପୁଣି ଖସିଲା ଟଙ୍କା




ଭାରତୀୟ ଟଙ୍କା ଦିନକୁ ଦିନ ଅବମୂଲ୍ୟାୟନର ନୂଆ ରେକର୍ଡ ଭାଙ୍ଗିବାରେ ଲାଗିଛି। ମଙ୍ଗଳବାର ସେସନ୍‌ରେ ଡଲାର ତୁଳନାରେ ଟଙ୍କା ୮୮.୭୯ ସ୍ତରକୁ ଖସିଥିଲା। ତେବେ କାରବାର ଶେଷରେ ଏହା ୪୭ ପଇସା (୦.୫୨%) ହ୍ରାସ ସହ ୮୮.୭୫ରେ ସ୍ଥିର ରହିଛି। ଚଳିତବର୍ଷ ଟଙ୍କାର ପ୍ରଦର୍ଶନରେ ୩.୫%ରୁ ଅଧିକ ହ୍ରାସ ଘଟିଲାଣି, ଯାହାକି ଏସିଆର ଅନ୍ୟ ମୁଦ୍ରାଗୁଡ଼ିକ ତୁଳନାରେ ନିକୃଷ୍ଟ ବୋଲି କୁହାଯାଉଛି। ଟଙ୍କାର ସଦ୍ୟତମ ଦୁର୍ବଳତା ପାଇଁ ଭାରତୀୟ ସାମଗ୍ରୀ ଉପରେ ଆମେରିକୀୟ ଟାରିଫ୍ ଚାପ ଏବଂ ଏଚ୍-୧ବି ଭିଜା ଫି ବୃଦ୍ଧିକୁ ଦାୟୀ କରାଯାଉଛି। ଏହାବାଦ୍ ପୁଞ୍ଜିବଜାରରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଲଗାତର ମୁହଁ ଫେରାଉଥିବାବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ହସ୍ତକ୍ଷେପ ଟଙ୍କାର ଅଣ୍ଟା ସଳଖାଇବାରେ ବିଶେଷ ସହାୟକ ହେଉ ନ ଥିବା କୁହାଯାଉଛି।

ମୁମ୍ବାଇ,୨୩।୯

ଆମେରିକୀୟ ଡଲାର ତୁଳନାରେ ମଙ୍ଗଳବାର ଟଙ୍କା ମୂଲ୍ୟରେ ସର୍ବକାଳୀନ ହ୍ରାସ ଦେଖିବାକୁ ମିଳିଛି। ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୪୭ ପଇସା ହ୍ରାସ ପାଇ ୮୮ ଟଙ୍କା ୭୫ ପଇସାରେ ପହଞ୍ଚିଛି। ବିଦେଶୀ ପୁଞ୍ଜି ପ୍ରତ୍ୟାହାର ଲାଗିରହିଥିବାବେଳେ ଆମେରିକାର ଏଚ୍-୧ବି ଭିଜା ଦେୟ ବୃଦ୍ଧି ଭାରତୀୟ ଆଇଟି ସେବା ରପ୍ତାନିକୁ ବଡ଼ ଝଟକା ଦେବା ଆଶଙ୍କା କରାଯାଉଥିବାରୁ ଏହା ଟଙ୍କା ମୂଲ୍ୟକୁ ପ୍ରଭାବିତ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ଅଗଷ୍ଟରେ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଆମଦାନୀ ଶୁଳ୍କ ଓ ରୁଷୀୟ ତୈଳ କ୍ରୟ ବାବଦ ଜରିମାନାକୁ ମିଶାଇ ୫୦% ଟାରିଫ୍ ଲଗାଇଥିଲେ। ଏହାବାଦ୍ ଟ୍ରମ୍ପ୍ ସେପ୍ଟେମ୍ବର ୨୧ ମଧ୍ୟରାତ୍ରିରୁ ଏଚ୍-୧ବି ଭିଜା ଫି' ୧ ଲକ୍ଷ ଡଲାର (୮୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ)କୁ ବୃଦ୍ଧି କରିଛନ୍ତି। ଏଥିଯୋଗୁ ଆମେରିକାରେ ବସବାସ କରୁଥିବା ଭାରତୀୟମାନେ ସ୍ୱଦେଶକୁ ପଠାଉଥିବା ଅର୍ଥ ପରିମାଣ ଆଗକୁ ହ୍ରାସ ପାଇବ। ଏଥିସହିତ ଆମେରିକାକୁ ଭାରତର ସେବା ରପ୍ତାନି ମଧ୍ୟ ପ୍ରଭାବିତ ହେବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଘରୋଇ ବଜାରରେ ସମ୍ଭାବ୍ୟ ବିପଦରୁ ବର୍ତ୍ତିବା ପାଇଁ ଟଙ୍କା ଉପରେ ଚାପ ବଢ଼ିପାରେ ବୋଲି ଫରେକ୍ସ ଟ୍ରେଡରମାନେ କହିଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ୍‌ରେ ମଙ୍ଗଳବାର କାରବାର ଆରମ୍ଭରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୮.୪୧ ରହିଥିବାବେଳେ ଏଥିରେ ଆହୁରି ହ୍ରାସ ପାଇ ସର୍ବକାଳୀନ ନିମ୍ନ ସ୍ତର ୮୮.୭୯ରେ ପହଞ୍ଚିଥିଲା। କାରବାର ଶେଷ ସୁଦ୍ଧା ଏହା ୮୮ ଟଙ୍କା ୭୫ ପଇସାରେ ସ୍ଥିର ରହିଛି, ଅର୍ଥାତ୍ ପୂର୍ବଦିନ ତୁଳନାରେ ଟଙ୍କା ମୂଲ୍ୟ ୪୭ ପଇସା କମ୍ ରହିଛି। ଆମେରିକା ଭିଜା ଦେୟ ବୃଦ୍ଧି ଘରୋଇ ବଜାର ମନୋଭାବକୁ କ୍ରମାଗତ ନିରୁତ୍ସାହିତ କରିବା ଆଶଙ୍କା ଥିବାରୁ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ମଧ୍ୟ ଜାରି ରହିବ। ତେବେ ଅଶୋଧିତ ତୈଳର ବୈଶ୍ୱିକ ମୂଲ୍ୟ ହ୍ରାସ ଘରୋଇ ମୁଦ୍ରାକୁ ସମର୍ଥନ ଦେଇପାରେ ବୋଲି କରେନ୍ସି ରିସର୍ଚ୍ଚ ଆନାଲିଷ୍ଟ ଅନୁଜ ଚୌଧରୀ ଅନୁମାନ କରିଛନ୍ତି। ଏଥିସହିତ ଭାରତୀୟ ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପ ମଧ୍ୟ ନିମ୍ନସ୍ତରରେ ଥିବା ଟଙ୍କାକୁ ସହାୟକ ହୋଇପାରେ ବୋଲି ସେ କହିଛନ୍ତି। ଷ୍ଟକ୍ ବଜାର ତଥ୍ୟ ଅନୁଯାୟୀ ବିଦେଶୀ ନିବେଶକମାନେ ସୋମବାର ୨,୯୧୦.୦୯ କୋଟି ଟଙ୍କା ମୂଲ୍ୟର ଶେୟାର ପ୍ରତ୍ୟାହାର କରିନେଇଥିଲେ। ଭାରତୀୟ ସାମଗ୍ରୀ ଉପରେ ଆମେରିକାର ବର୍ଦ୍ଧିତ ଟାରିଫ୍ ନିବେଶକଙ୍କ ମନୋଭାବକୁ ପ୍ରଭାବିତ କରିଥିବା ଫରେକ୍ସ ଟ୍ରେଡର କହିଛନ୍ତି।

# ଶାହରୁଖ, ବିକ୍ରାନ୍ତ ଶ୍ରେଷ୍ଠ ଅଭିନେତା

## ମୋହନଲାଲଙ୍କୁ ଦାଦାସାହେବ ଫାଲ୍‌କେ ଆୱାର୍ଡ

### ରାଣୀ ମୁଖାର୍ଜୀ ବେଷ୍ଟ ଆକ୍ଟ୍ରେସ୍

### 'ପୁଷ୍କରା' ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର

ନୂଆଦିଲ୍ଲୀ,୨୩।୯

ନୂଆଦିଲ୍ଲୀର ବିଜ୍ଞାନ ଭବନରେ ମଙ୍ଗଳବାର ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହର ଆୟୋଜନ ହୋଇଛି। ବିଭିନ୍ନ ବର୍ଗରେ ବିଜେତା କଳାକାରମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ କରିଛନ୍ତି। ୩୩ ବର୍ଷର ଲମ୍ବା କ୍ୟାରିୟରରେ ଅଭିନେତା ଶାହରୁଖ ଖାନ୍‌ଙ୍କୁ ପ୍ରଥମଥର ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ଶାହରୁଖ ଏବଂ ଅଭିନେତା ବିକ୍ରାନ୍ତ ମାସି ଯୁଗ୍ମ ଭାବେ ଶ୍ରେଷ୍ଠ ଅଭିନେତା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଏଟଲି କୁମାରଙ୍କ ନିର୍ଦ୍ଦେଶିତ 'ଯୱାନ' ଫିଲ୍ମ ପାଇଁ ଶାହରୁଖ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ଫିଲ୍ମ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ସେହିପରି ବିଧୁ ବିନୋଦ ଚୋପ୍ରାଙ୍କ ନିର୍ଦ୍ଦେଶିତ 'ଟୁଏଲ୍‌ଭଥ୍ ଫେଲ୍' ଫିଲ୍ମ ପାଇଁ ବିକ୍ରାନ୍ତ ମଧ୍ୟ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାତେଇଛନ୍ତି। ଶ୍ରେଷ୍ଠ ଫିଚର ଫିଲ୍ମ (ହିନ୍ଦୀ) ଭାବେ ମଧ୍ୟ 'ଟୁଏଲ୍‌ଭଥ୍ ଫେଲ୍' ଫିଲ୍ମ ପୁରସ୍କୃତ ହୋଇଛି। ଅସୀମା ☞ପୃଷ୍ଠା-୨

# ରାଇରଙ୍ଗପୁରରେ ହେବ ଆୟୁର୍ବେଦିକ୍ କଲେଜ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୯(ବନ୍ଦନା ସେଠୀ)



ସୂଚନା ଭବନରେ ଜାତୀୟ ଆୟୁର୍ବେଦ ଦିବସ ପାଳନ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

ଆୟୁର୍ବେଦ ସାରା ବିଶ୍ୱକୁ ଭାରତର ଏକ ଅମୂଲ୍ୟ ଅବଦାନ। ଏହା ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟବିଜ୍ଞାନ। ଆୟୁର୍ବେଦରେ ଉପଯୁକ୍ତ ଉପଚାର ସହିତ ସନ୍ତୁଳିତ ଆହାର ଓ ଜୀବନଶୈଳୀ ଦ୍ୱାରା ଆରୋଗ୍ୟ ଲାଭ କରାଯାଇପାରିବ। ଚଳିତବର୍ଷ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ମୟୂରଭଞ୍ଜ ଜିଲାର ରାଇରଙ୍ଗପୁରରେ ଏକ ଆୟୁର୍ବେଦିକ୍ କଲେଜ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ୮୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଆୟୁଷ ଅଧୀନରେ ଏକ ପଞ୍ଚକର୍ମ ୟୁନିଟ୍ କାର୍ଯ୍ୟରତ ଅଛି। ବରଗଡ଼ ଓ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଦୁଇଟି ୟୁନିଟ୍ ନିର୍ମାଣ କରାଯାଉଛି। ଚଳିତବର୍ଷ ଆଉ ୮ଟି ନୂତନ ପଞ୍ଚକର୍ମ କେନ୍ଦ୍ର ବିଭିନ୍ନ ଜିଲା ଆୟୁର୍ବେଦିକ୍ ମୁଖ୍ୟ କାର୍ଯ୍ୟାଳୟରେ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମଙ୍ଗଳବାର ସୂଚନା ଭବନରେ ପାଳିତ ରାଜ୍ୟସ୍ତରୀୟ ଆୟୁର୍ବେଦ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ଓଡ଼ିଶାରେ ୩ଟି ସରକାରୀ ଆୟୁର୍ବେଦିକ୍ କଲେଜ, ୪ଟି ସରକାରୀ ହୋମିଓପାଥିକ୍ କଲେଜ, ୫ଟି ସରକାରୀ ଆୟୁର୍ବେଦିକ୍ ଓ ୪ଟି ସରକାରୀ ☞ପୃଷ୍ଠା-୨

# ରତ୍ନଭଣ୍ଡାରକୁ ଫେରିଲା ରତ୍ନ

## ସ୍ଥାନାନ୍ତର ପାଇଁ ଲାଗିଲା ୪ ଘଣ୍ଟା

ପୁରୀ,୨୩।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାରର ସଂରକ୍ଷଣ ତଥା ମରାମତି କାର୍ଯ୍ୟ ସମ୍ପନ୍ନ ହୋଇସାରିଛି। ତେଣୁ ମଙ୍ଗଳବାର ଅସ୍ଥାୟୀ ରତ୍ନଭଣ୍ଡାରରୁ ମୂଳ ତଥା ସ୍ଥାୟୀ ରତ୍ନଭଣ୍ଡାରକୁ ମହାପ୍ରଭୁଙ୍କ ଅଳଙ୍କାର ସ୍ଥାନାନ୍ତରିତ ହୋଇଛି। ପ୍ରାୟ ୪ଘଣ୍ଟା ଧରି ଅଳଙ୍କାର ସ୍ଥାନାନ୍ତର କାର୍ଯ୍ୟ ଚାଲିଥିଲା। ଏହି ସମୟରେ ରତ୍ନ ଅଳଙ୍କାର ସ୍ଥାନାନ୍ତର ପାଇଁ ଗଠନ କରାଯାଇଥିବା ୧୧ ଜଣିଆ କମିଟି ଯଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି, ଏଏସ୍‌ଆଇ ଅଧିକାରୀ, ରତ୍ନଭଣ୍ଡାର ସବ୍ କମିଟି ସଦସ୍ୟ, ଦେଉଳ କରଣ, ତଢ଼ାଉ କରଣ, ଭଣ୍ଡାର ମେକାପ, ରତ୍ନଭଣ୍ଡାର ତଦାରଖ କମିଟିର ଜଷ୍ଟିସ ବିଶ୍ୱନାଥ ରଥ, ମଧୁ ସୁଦନ ସିଂହାରୀ, ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ଗଜପତି ମହାରାଜାଙ୍କ ପ୍ରତିନିଧି, ଶ୍ରୀମନ୍ଦିର ନୀତି ପ୍ରଶାସକ, ଉନ୍ନୟନ ପ୍ରଶାସକଙ୍କ ସହିତ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ କାର୍ଯ୍ୟ ସରିଯାଇଛି। ଅଳଙ୍କାର ଗଣତିମଣତି କେବେ ହେବ ☞ପୃଷ୍ଠା-୨

## ଆଜିର ସମ୍ପାଦକୀୟ | ମାନହାନି

# 'ବୋଉ ବୁଟୁ ଭୂତ'ର ରିମେକ୍ କରିବେ କରନ୍ ଜୋହର

ଭୁବନେଶ୍ୱର,୨୩।୯(ବନ୍ଦନା ସେଠୀ)






ଓଡ଼ିଆ ଚଳଚ୍ଚିତ୍ର 'ବୋଉ ବୁଟୁ ଭୁତ'ର ହିନ୍ଦୀ ରିମେକ୍ କରାଯିବ। ପ୍ରଥମ ଥର ପାଇଁ କରନ୍ ଜୋହରଙ୍କ ଧର୍ମା ପ୍ରଡକ୍ସନ ଏହି ଓଡ଼ିଆ ବ୍ଲକ୍‌ବଷ୍ଟର ଚଳଚ୍ଚିତ୍ରର ରିମେକ୍ କରିବ। ଚଳଚ୍ଚିତ୍ରର ରିମେକ୍ ରାଇଟ୍ ହାସଲ କରିବା ପାଇଁ ପ୍ରଡକ୍ସନ ହାଉସ୍ ପକ୍ଷରୁ ନୋଟିସ୍ ସାର୍ବଜନୀନ କରାଯାଇଛି। ଏହା ଚଳଚ୍ଚିତ୍ରର ନିର୍ଦ୍ଦେଶକ, ପ୍ରଯୋଜକ ତଥା ସମ୍ପୂର୍ଣ୍ଣ ଓଡ଼ିଆ ଇଣ୍ଡଷ୍ଟ୍ରି ପାଇଁ ଗର୍ବର କଥା ବୋଲି କୁହାଯାଇଛି। ମରାଠୀ, ଗୁଜୁରାଟୀ ଏବଂ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରର ରିମେକ୍‌ରେ ସଫଳତାର ପାଇବା ପରେ ବଲିଉଡ ଏବେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଆଡ଼କୁ ମୁହାଁଇଛି। ପ୍ରଡକ୍ସନ୍‌ର ଚିଫ୍ ଲିଗାଲ୍ ଅଫିସର ରାଖୀ ବାଜପେୟୀ ତିୱାରୀଙ୍କ ଦ୍ୱାରା ଫିଲ୍ମ ପତ୍ରିକାରେ ରିମେକ୍ ରାଇଟ୍ ନେଇ ସୂଚନା ଦିଆଯାଇଛି।

ଏଥିରେ କୁହାଯାଇଛି ଯେ, 'ବୋଉ ବୁଟୁ ଭୂତ'ର ଭାରତୀୟ ତଥା ବିଶ୍ୱର ଅନ୍ୟାନ୍ୟ ଭାଷାରେ ରିମେକ୍ କରିବାର ଅଧିକାର ପାଇବାକୁ ଯାଉଛି। ଫଳରେ ଧର୍ମା ପ୍ରଡକ୍ସନ ଏହାର ପ୍ରଯୋଜନା, ବିତରଣ କରି ବହୁବିଧ ମିଡିଆ ଓ ବିଭିନ୍ନ ମଞ୍ଚରେ ଏହାକୁ ପ୍ରଦର୍ଶିତ କରିବ। ଏହାର ଡବିଂ ଓ ସବ୍-ଟାଇଟଲ୍ ସବୁ ଭାଷାରେ କରାଯିବ। ବାବୁସାନ୍ ଫିଲ୍ମ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଏହି ଫିଲ୍ମ ନିର୍ମାଣ ହୋଇଛି ଓ ଏହା ନିକଟରେ ବୌଦ୍ଧିକ ସମ୍ପତ୍ତି ଅଧିକାର ରହିଛି। ଯେକୌଣସି ଆଗ୍ରହୀ ପକ୍ଷଙ୍କର ଏହି ଫିଲ୍ମର ଅଧିକାର ଉପରେ ଦାବି ଥିଲେ ୧୫ ଦିନ ମଧ୍ୟରେ ଜଣାଇବାକୁ କୁହାଯାଇଛି, ଅନ୍ୟଥା ସେମାନଙ୍କ ଅଧିକାର ନ ଥିବା ବିବେଚନା କରାଯିବ।

ସୂଚନାଯୋଗ୍ୟ, ଚଳିତ ବର୍ଷ ଜୁନ୍ ୧୨ରେ ବୋଉ ବୁଟୁ ଭୂତ ଫିଲ୍ମ ମୁକ୍ତିଲାଭ କରିବା ପରେ ଏହା ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଜଗତରେ ଚହଲ ପକାଇଥିଲା। 'ହାଉସ୍‌ଫୁଲ-୫' ଏବଂ 'ସିତାରେ ଜମିନ୍ ପର୍' ଫିଲ୍ମ ସହିତ ପ୍ରତିଦ୍ୱନ୍ଦିତା କରି ଏହି ହରର୍-ଥ୍ରୀଲର୍-କମେଡି ଫିଲ୍ମ ଓଡ଼ିଆ ଚଳଚ୍ଚିତ୍ରରେ ସର୍ବକାଳୀନ ଆୟକାରୀ ରେକର୍ଡ ହାସଲ କରିଛି।




## ନୂଆପଡ଼ା ଉପନିର୍ବାଚନ: ବଦଳିରେ ମୁଖ୍ୟ ସଚିବଙ୍କ ନିଷେଧାଦେଶ

ଭୁବନେଶ୍ୱର,୨୩।୯(ରବିନାରାୟଣ ଜେନା): ନୂଆପଡ଼ା ବିଧାନସଭା ଉପନିର୍ବାଚନ ପୂର୍ବରୁ ସେଠାକାର କୌଣସି ଅଧିକାରୀଙ୍କୁ ବଦଳି କରାଯାଇ ପାରିବ ନାହିଁ। ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ୯ଟି ବିଭାଗର ମୁଖ୍ୟଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିରେ ମୁଖ୍ୟ ଶାସନ ସଚିବ ଦର୍ଶାଇଛନ୍ତି, ଇସିଆଇଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍ଏସ୍ଆର୍) ପ୍ରକ୍ରିୟା ଜାରି ରହିଛି। ଏହି ପ୍ରକ୍ରିୟା ଅକ୍ଟୋବର ୩୧ ପର୍ଯ୍ୟନ୍ତ ଜାରି ରହିବ। ଏହି ସମୟ ମଧ୍ୟରେ କୌଣସି ବଦଳି କିମ୍ବା ପୋଷ୍ଟିଂ କରାଯାଇପାରିବ ନାହିଁ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଭିଲେଜ୍ ରିସୋର୍ସ ପର୍ସନ୍ ସଂଘ ଏଆଇସିସିଟିୟୁ ପକ୍ଷରୁ ୭ଦଫା ଦାବିରେ ବିଧାନସଭା ଘେରାଉ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ମୁକ୍ତ ଚିନ୍ତନ ମଞ୍ଚ ପକ୍ଷରୁ ୨୧୦ତମ ଆଲୋଚନାଚକ୍ର, ସ୍ଥାନ: ଭାରତୀୟ ବିଦ୍ୟାଭବନ ସଭାଗୃହ, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ୪ର୍ଥ ଜାତୀୟ ପ୍ରେକ୍ଷାଳୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**କଟକ**
- ଶ୍ରୀରାମଚରିତ ମାନସ ଓ ସାମୂହିକ ରାମାୟଣ ପାଠର ଦ୍ୱିତୀୟ ଦିବସ, ସ୍ଥାନ: ଶ୍ରୀରାଧା କୁଟୀର, ମହିଦାସ ବଜାର, ସମୟ: ସକାଳ ୭ଟା।
- କଟକ ନାଟ୍ୟୋତ୍ସବ ଚୟନ ପ୍ରକ୍ରିୟାର ତୃତୀୟ ଦିବସ ନାଟକ ପ୍ରଦର୍ଶନୀ, ସ୍ଥାନ: ବିଜୁ ପଟ୍ଟନାୟକ ଫିଲ୍ମ ଓ ଟିଭି ଇନ୍ଷ୍ଟିଚ୍ୟୁଟ୍ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ୮ମ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।

**ପୁରୀ**
- ପୁସ୍ତକ 'ସିକ୍ତ ସମ୍ପର୍କ'ର ଲୋକାର୍ପଣ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ଅପରାହ୍ନ ୫ଟା।

**ବାଲେଶ୍ୱର**
- ବିଶ୍ୱ ଡାଇବେଟିସ୍ ମୁକ୍ତ ସଚେତନତା ଶିବିର,ସ୍ଥାନ:ଏନ୍ଏସି କଲ୍ୟାଣମଣ୍ଡପ, ନୀଳଗିରି,ସମୟ:ସକାଳ ୯ଟା।
- ଗବେଷଣା ଓ ପ୍ରକାଶନ ନୀତି-୨୦୨୫ ସମ୍ପର୍କିତ କର୍ମଶାଳାର ତୃତୀୟ ଦିବସ, ସ୍ଥାନ:ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଏନ୍ଏଫ୍ଏସ୍ଏ ଜନ ଶୁଣାଣି ଶିବିର,ସ୍ଥାନ:ବ୍ଲକ ସଭା ଗୃହ, ଖଇରା,ସମୟ:ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ସମ୍ପର୍କିତ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ,ସ୍ଥାନ:ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର,ସମୟ:ଅପରାହ୍ନ ୪ଟା।

**ଭଦ୍ରକ**
- ରକ୍ତଦାନ ଶିବିର, ସ୍ଥାନ: ମଣ୍ଡଳପୋଖରୀ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ କ୍ୟାଡର ୟୁନିୟନ ପକ୍ଷରୁ ଗଣଧାରଣା, ସ୍ଥାନ: ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧୧ତମ ଉର୍ସ ଇ କାଦ୍ରୀୟା ପାଳନ, ସ୍ଥାନ: ଖାନ୍‌କା, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

**କେନ୍ଦୁଝର**
- ପଦଯାତ୍ରା ଓ ସଫେଇ ଅଭିଯାନ, ସ୍ଥାନ: ହରିହର ମନ୍ଦିର ଠାରୁ ନୂଆ ବସଷ୍ଟାଣ୍ଡ, ବଡବିଲ, ସମୟ : ସକାଳ ୭ଟା।
- ଜିଏସ୍‌ଟି ଅପ୍‌ଡେଟ ସମ୍ପର୍କିତ ଆଲୋଚନା ଚକ୍ର, ସ୍ଥାନ:କେନ୍ଦୁଝର ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ମ୍ରିତ କାଳ ସାଂସ୍କୃତିକ ଉତ୍ସବ, ସ୍ଥାନ: କେନ୍ଦୁଝର ଅଡିଟୋରିୟମ, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- କଳା ଓ କଳାକାର ପ୍ରତିଷ୍ଠାନର ରୌପ୍ୟ ଜୟନ୍ତୀ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ଟା ୩୦।

**ଗଞ୍ଜାମ**
- ଚାରାରୋପଣ, ସ୍ଥାନ: ଗୋପାଳପୁର, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କେ.ପି. ବିଜ୍ଞାନ କଲେଜ, ଲଙ୍ଗଳେଶ୍ୱର, ଖଲ୍ଲିକୋଟ, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର,ସ୍ଥାନ: ବୁଗୁଡ଼ା ବ୍ଲକ ଟାକରଡା ପଞ୍ଚାୟତ କାର୍ଯାଳୟ, ସମୟ: ପୂର୍ବାହ୍ନ ୧୦ଟା।

**କନ୍ଧମାଳ**
- ବ୍ଲକସ୍ତରୀୟ ଜନଶୁଣାଣି, ସ୍ଥାନ: ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ, ସମୟ: ସକାଳ ୮ଟା।
- ଏଏପି ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କପିଳାସ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମମତା ମଣ୍ଡପ, ମହାବୀର ବଜାର, ସମୟ: ଅପରାହ୍ନ ୫ଟା ୩୦।

**ଜଗତ୍‌ସିଂହପୁର**
- ହିନ୍ଦୀ ପକ୍ଷ ଉପରେ ଛାତ୍ରୀମାନଙ୍କୁ ନେଇ ପ୍ରତିଯୋଗିତା, ସ୍ଥାନ: କୋଷ୍ଟଗାର୍ଡ ମୁଖ୍ୟାଳୟ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।
- ବିଶ୍ୱକର୍ମାଙ୍କ ଭସାଣି କାର୍ଯ୍ୟକ୍ରମ, ସ୍ଥାନ: ବିସର୍ଜନ ପୁଷ୍କରିଣୀ, ନୂଆବଜାର ପାଖ ବେଳାଭୂମି, ପାରାଦୀପ, ସମୟ: ଅପରାହ୍ନ ୨ଟା।

**କେନ୍ଦ୍ରାପଡ଼ା**
- ସ୍ୱାମୀ ଚିଦାନନ୍ଦ ସରସ୍ୱତଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ:ସ୍ୱାମୀ ଶିବାନନ୍ଦ ଆଶ୍ରମ, ଗରାପୁର, ସମୟ:ପ୍ରାତଃ ୫ଟା।
- ପାଟକୁରା ନିର୍ବାଚନ ମଣ୍ଡଳୀସ୍ତରୀୟ ଭାଜପା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ:ଏନ୍ଏମ୍ ଆଇଟିଆଇ, ଖମୋଳ ଛକ, ଡେରାବିଶ, ସମୟ:ସକାଳ ୮ଟା।
- ବିଜୟ ମହାପାତ୍ରଙ୍କ ଜନ୍ମ ଦିବସ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ:ତଳକୁସୁମା, ଗରଦପୁର, ସମୟ: ସକାଳ ୯ଟା।
- ଓଡ଼ିଶା ରାଜ୍ୟ ମହିଳା ଆୟୋଗର କ୍ୟାମ୍ପ କୋର୍ଟ, ସ୍ଥାନ:ସର୍କିଟ ହାଉସ୍, ତରାଣ୍ଡୋ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା।

**ଯାଜପୁର**
- ସତ୍ୟସାଇ ସେବା ସମିତି ପକ୍ଷରୁ ମା' ଦୁର୍ଗାଦେବୀଙ୍କ ନବରାତ୍ର ପୂଜା ଓ ଦଶହରା ଉତ୍ସବ, ସ୍ଥାନ: ସତ୍ୟସାଇ ମନ୍ଦିର ପରିସର, ସମୟ: ସକାଳ ୮ଟା୩୦।
- ବ୍ୟାସନଗର ସ୍ୱୟଂଶାସିତ କଲେଜରେ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପନ,ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମା' ବିରଜା ଦେବୀଙ୍କ ଶାରଦୀୟ ଦୁର୍ଗୋତ୍ସବ ଓ ବାର୍ଷିକ ଉତ୍ସବରେ ଷୋଡଶ ଉପଚାର ପୂଜା ଏବଂ ରଥ ଚାଳନା, ସ୍ଥାନ: ଯାଜପୁର ବିରଜା ମନ୍ଦିର ପରିସର, ସମୟ : ଅପରାହ୍ନ ୩ଟା୩୦।

**ନୟାଗଡ଼**
- ଷୋଡଶ ଦିବସୀୟ ପୂଜାର ଏକାଦଶ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ଅଷ୍ଟମ ଦିବସ, ସ୍ଥାନ:ରଣପୁର ବ୍ଲକ ସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା।
- ନାରାୟଣୀଙ୍କ ଷୋଡଶ ପୂଜାର ଏକାଦଶ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ଅଷ୍ଟମ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା।
- ମହାବୀରଙ୍କ ଦଶମ ବାର୍ଷିକ ନାମଯଜ୍ଞର ୨ୟ ଦିବସରେ ଅଙ୍କୁରାରୋପଣ ଓ ଅଗ୍ନି ସଂସ୍ଥାପନ, ସ୍ଥାନ:ନୟାଗଡ ବ୍ଲକ ରାଜଗିରି ପାହାଡ, ସମୟ:ସକାଳ ୮ ଟା।
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ରଣପୁର ବ୍ଲକ ବାଣିକିଲୋ, ଲୋଧଚୁଆ ସହ ଆଖପାଖ ଗାଁ, ସମୟ: ସକାଳ ୮ଟାରୁ ରାତି ୯ଟା ୩୦।
- ଶ୍ରବଣ ବାଧିତ ଯନ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ,ସ୍ଥାନ: ଖଣ୍ଡପଡା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଯକ୍ଷ୍ମାରୋଗୀଙ୍କୁ ପୋଷଣ କିଟ୍ ପ୍ରଦାନ, ସ୍ଥାନ: ଜେମାଦେଇପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ବିମଳାଙ୍କ ଷୋଡଶ ପୂଜାର ଏକାଦଶ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।
- ଷୋଡଶ ଦିବସୀୟ ପୂଜାର ଏକାଦଶ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ନବରଙ୍ଗପୁର**
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ, ସ୍ଥାନ: ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ବ୍ଲକ୍‌ସ୍ତରୀୟ କ୍ରୀଡ଼ା ଚୟନ ପ୍ରତିଯୋଗିତା, ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ ଖେଳ ପଡ଼ିଆ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୦ଟା।
- ପୌର ପରିଷଦର ସାଧାରଣ ବୈଠକ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ, ସୁନାବେଡା, ସମୟ: ପୂର୍ବାହ୍ନ ୧୦ଟା।
- ତହସିଲ ପ୍ରଶାସନ ତରଫରୁ ଶିକ୍ଷାନୁଷ୍ଠାନଗୁଡିକୁ ଜମିପଟ୍ଟା ବଣ୍ଟନ, ସ୍ଥାନ: ନନ୍ଦପୁର ତହସିଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିଭିନ୍ନ ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଦଶହରା ଉପଲକ୍ଷେ ଲାଖ ବିନ୍ଧା ପର୍ବ, ସ୍ଥାନ: କାକିରିଗୁମା, ଲକ୍ଷ୍ମୀପୁର, ସମୟ: ଅପରାହ୍ନ ୪ଟା।
- କୋରାପୁଟ ଜିଲ୍ଲା କଫି ଟ୍ରଷ୍ଟର ବୈଠକ, ସ୍ଥାନ: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୫ଟା।

**ମାଲକାନଗିରି**
- ଜିଲ୍ଲା ଶିଳ୍ପ ବିଭାଗ ତରଫରୁ ମହିଳାଙ୍କୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତି ତାଲିମ, ସ୍ଥାନ: ଜୟପୁରିଆଗୁଡା, ମାଲକାନଗିରି ସଦର ମହକୁମା, ସମୟ: ମଧ୍ୟାହ୍ନ ୧୨ଟା।

**ବଲାଙ୍ଗୀର**
- ନବରାତ୍ର ଦୁର୍ଗାପୂଜା ଅବସରରେ ଚନ୍ଦ୍ରଘଣ୍ଟା ପୂଜା, ସ୍ଥାନ: ଦୁର୍ଗାପୂଜା ମଣ୍ଡପ (ରୁଗୁଡିପଡା, ଶାନ୍ତିପଡା, ଟିକ୍ରାପଡ଼ା, ପିପି ଏକାଡେମୀ, ବିକ୍ରମ ଛକ ପେଲେସ ଲାଇନ୍), ବଲାଙ୍ଗୀର, ସମୟ: ସକାଳ ୭ଟା।
- ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ପାଳନ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଭଗବତୀନଗର, ବଲାଙ୍ଗୀର, ସମୟ: ସକାଳ ୭ଟା।
- ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ସହ ମତ ବିନିମୟ କାର୍ଯ୍ୟକ୍ରମ ସ୍ଥାନ: ହୋଟେଲ ପଦ୍ମନ ପ୍ଲାଜା, ବଲାଙ୍ଗୀର,ସମୟ: ଅପରାହ୍ନ ୫ଟା ୧୫।

**ରାଉରକେଲା**
- ନବରାତ୍ରି ପୂଜା ଆରମ୍ଭ, ସ୍ଥାନ: ଜଗଦା ମାଁ ବାଟମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା
- ସିଟୁ ପକ୍ଷରୁ ବିକ୍ଷୋଭ, ସ୍ଥାନ: ବିର୍ସା ଛକ, ସମୟ: ସକାଳ ୮ଟା।
- ରାଉରକେଲା ମହାନଗର ନିଗମ ପକ୍ଷରୁ ସଫେଇ ଅଭିଯାନ, ସ୍ଥାନ: ସହରାଞ୍ଚଳ, ସମୟ: ସକାଳ ୯ଟା।
- ମ୍ୟୁନିସିପାଲ କଲେଜରେ ଆଲୋଚନାଚକ୍ର, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ସିଓସିଓଏଲ୍‌ଇ ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ରାଉରକେଲା ଏନ୍ଆଇଟିରେ କମ୍ପ୍ୟୁଟର ବିଭାଗ, ସମୟ: ପୂର୍ବାହ୍ନ ୧୦ଟା।
- ଭାଷାର ସରଳୀକରଣ କର୍ମଶାଳା, ସ୍ଥାନ: ଆମ୍ବେଦକର କ୍ଲବ, ଉଦିତନଗର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁନ୍ଦରଗଡ଼**
- ସୁନ୍ଦରଗଡ ରୋଟାରୀ କ୍ଲବ ପକ୍ଷରୁ ନୂଆଖାଇ ଭେଟଘାଟ, ସ୍ଥାନ:ପାର୍ବତୀ ରେସିଡେନ୍ସି, ସମୟ, ସନ୍ଧ୍ୟା ୭ଟା।

**ବରଗଡ଼**
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ: ଅପରାହ୍ନ ୨ଟା।

**କଳାହାଣ୍ଡି**
- ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସାମାଜିକ ସମୀକ୍ଷା ଉପରେ ଜନଶୁଣାଣି, ସ୍ଥାନ: କୋକସରା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଦରମା ପ୍ରଦାନ ଦାବିରେ ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କ ମିତ୍ରଙ୍କ ଆନ୍ଦୋଳନ, ସ୍ଥାନ: ଜୁନାଗଡ଼ ବ୍ଲକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଷୀରବତୀ ସାହୁଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବିରେ ଗଣଧାରଣା, ସ୍ଥାନ: କେସିଙ୍ଗା ଥାନା ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଥୁଆମୂଳ ରାମପୁର, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ସ୍ୱଚ୍ଛତା ହିଁ ସେବା ଅନ୍ତର୍ଗତ 'ଏକକ ବ୍ୟବହାର ପ୍ଲାଷ୍ଟିକକୁ ନା କୁହନ୍ତୁ' ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରିଆମାଳ ସାପ୍ତାହିକ ହାଟ, ସମୟ: ପୂର୍ବାହ୍ନ ୧୦ଟା।
- ନବରାତ୍ର ପୂଜା ତୃତୀୟ ଦିବସ ପୂଜା ଆରମ୍ଭ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ଶନି ମନ୍ଦିର, ଶିରିଡ଼ି ସାଇ ମନ୍ଦିର, ମା' ପଧାନୀ ଓ ଦକ୍ଷିଣକାଳୀ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ମା' ସୁରେଶ୍ୱରୀଙ୍କ ଚନ୍ଦ୍ରଘଣ୍ଟା ବେଶ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା ୩୦।
- ମତ୍ସ୍ୟ ଚାଷ ପାଇଁ ଦିନିକିଆ ପ୍ରଶିକ୍ଷଣ ଶିବିର, ସ୍ଥାନ: ସୋନପୁର ଫିସ୍ ଫାର୍ମ, ସମୟ: ପୂର୍ବାହ୍ନ ୧୦ଟା।
- ତରଭାରେ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନରେ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ:ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ନବରାତ୍ରର ତୃତୀୟ ଦିବସ ପୂଜାର୍ଚ୍ଚନା,ସ୍ଥାନ: ଅମରପାଲି ଦୁର୍ଗାମନ୍ଦିର ,ବୀରମହାରାଜପୁର ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା।
- ଆର୍ଥିକ ସଚେତନତା ଓ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ,ସ୍ଥାନ: ସୁବଳୟା କଲ୍ୟାଣ ମଣ୍ଡପ,ବୀରମହାରାଜପୁର ବ୍ଲକ,ସମୟ: ପୂର୍ବାହ୍ନ ୧୦ ଟା ୩୦
- ସାମାଜିକ ସମୀକ୍ଷା ଜନଶୁଣାଣି, ସ୍ଥାନ: ବ୍ଲକ ସଭାଗୃହ, ଡୁଙ୍ଗୁରିପାଲି ବ୍ଲକ, ସମୟ: ୧୦ଟା ୩୦।

**ନୂଆପଡ଼ା**
- ଶ୍ରୀଦୁର୍ଗା ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସ୍ଥାନ: ବୋଡେନ ବ୍ଲକ ରାମତୀର୍ଥ ପାତାଳ ଗଙ୍ଗା, ସମୟ: ସକାଳ ୭ ଟା।
- ନବରାତ୍ର ପୂଜା, ମା' ଚନ୍ଦ୍ରଘଣ୍ଟା ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ସାପ୍ତାହିକ ବଜାର ପଡିଆ, ସମୟ: ସକାଳ ୮ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ଅଷ୍ଟମ ଦିବସ, ସ୍ଥାନ: ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୧ ଟା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଶତ୍ରୁତା କରୁଥିବା ଲୋକ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିବାକୁ ମନସ୍ଥ କରିପାରନ୍ତି। କର୍ମକ୍ଷେତ୍ରରେ ସହମତିରେ କାର୍ଯ୍ୟକରିବା ହିତକର ହେବ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତାଜନିତ ସନ୍ତାନଙ୍କ କୃତି ଓ କୃତିତ୍ୱରେ ଖୁସି ହୋଇପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ କାମପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ**
ବନ୍ଧୁମାନଙ୍କ ପରୋକ୍ଷ କାର୍ଯ୍ୟାବଳୀ ସାମୟିକ ଅସ୍ଥିରତାର କାରଣ ହୋଇପାରେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋରଦାର କରିପାରନ୍ତି। କୌଣସି ଆତ୍ମୀୟଙ୍କ ଅସହଯୋଗ ଓ ପରୋକ୍ଷ ସମାଲୋଚନାରେ କ୍ଷୁବ୍ଧ ହେବେ। କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ପରିବାରର ଆବଶ୍ୟକତାକୁ ପାସୋରି ଦେଇପାରନ୍ତି।

**ମିଥୁନ**
ବନ୍ଧୁଙ୍କ ସାହାଯ୍ୟରୁ ନୂତନ କାମ ଆରମ୍ଭ ସକାଶେ ଚେଷ୍ଟା କରିପାରନ୍ତି। ପାରିବାରିକ କ୍ଷେତ୍ରରେ କୌଣସି ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। ପୂର୍ବ ନିର୍ଦ୍ଧାରିତ ଯୋଜନାନୁସାରେ ସାଙ୍ଗସାଥୀ ମାନଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ। ଶିକ୍ଷା, ପରୀକ୍ଷା ଓ ସାକ୍ଷାତ୍କାର ପ୍ରଭୃତି କ୍ଷେତ୍ରରେ ଶୀର୍ଷସ୍ଥାନ ଅଳଂକୃତ କରିପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସମସ୍ତ ପ୍ରକାରର ସୁବିଧା ହାସଲ କରି କାର୍ଯ୍ୟ ସାଧନ କରିବେ। ବାଣିଜ୍ୟ, ଶିଳ୍ପ, ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ପଡ଼ୋଶୀଙ୍କ ଅବଦାନ ରହିବ। ନିଜ ଜିଦ୍‌କୁ ପ୍ରାଧାନ୍ୟ ଦେଇ ପରିବାରରେ କଳହଜନିତ ବିତର୍କ ଲାଗିପାରେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ସିଂହ**
ଯେତେ ସୁବିଧା କଲେ ମଧ୍ୟ ଅନ୍ୟମାନଙ୍କ ଭୁଲ୍‌ଧାରଣା ହଠାତ୍ ବଦଳି ନ ପାରେ। ଯାତ୍ରା କାଳରେ ସତର୍କରେ ନ ଚଳିଲେ ବିବାଦରେ ପଡ଼ିପାରନ୍ତି। ସଭାସମିତିରେ, ସାହିତ୍ୟାଲୋଚନା, କଳାସଂସ୍କୃତି ସଙ୍ଗକୁ ବୈଷୟିକ କ୍ଷେତ୍ରରୁ ଉପକୃତ ହେବେ। ଆକସ୍ମିକ ଭାବରେ ପ୍ରବାସରେ ବନ୍ଧୁଙ୍କ ସାନ୍ନିଧ୍ୟଲାଭରୁ ଏକାନ୍ତତାବୋଧ ହ୍ରାସ ପାଇବ।

**କନ୍ୟା**
ଆଜି ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଜମିଜମା, ଗୃହସୀମା, କିମ୍ବା ଘରଭଡାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପରିବାରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ଚିନ୍ତିତ ରହିପାରନ୍ତି।

**ତୁଳା**
କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ। ପରିବାରରେ ଶାନ୍ତି ବଜାୟ ରଖିବା ସକାଶେ ସ୍ୱାର୍ଥତ୍ୟାଗ ଜରୁରୀ ହୋଇପାରେ। କଳା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ପ୍ରଶଂସିତ ହେବାର ସୌଭାଗ୍ୟ ଅର୍ଜନ କରିବେ । ସହକର୍ମୀଙ୍କ ସହାୟତାରେ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ସଫଳ ହୋଇପାରନ୍ତି।

**ବିଛା**
ଆଜି ବନ୍ଧୁଙ୍କୁ ଆପଣେଇ ନେବା ସଙ୍ଗକୁ ଲକ୍ଷ୍ୟହାସଲରେ ଅସୁବିଧା ହେବନାହିଁ। ଯାତ୍ରା ସମୟରେ, ବନ୍ଧୁ ମିଳନରେ, ଆଲୋଚନା କିମ୍ବା ସଭା ସମିତିରେ ଆଗ୍ରହୀ ହୋଇପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଟେନ୍‌ସନ୍ ବଢ଼ିପାରେ। ଦୀର୍ଘଦିନ ପରେ ମକଦ୍ଦମାରେ ବିଜୟ ଆଶା ଯୋଗୁ ଉତ୍‌ଫୁଲ୍ଲିତ ହେବେ।

**ଧନୁ**
କୌଶଳପୂର୍ଣ୍ଣ କଥା ମାଧ୍ୟମରେ ବନ୍ଧୁଙ୍କୁ ମନାଇ, ଅର୍ଥ ପ୍ରଲୋଭନ ଦ୍ୱାରା କାମ ହାସଲ କରିପାରିବେ। ଆଜି ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନାହିଁ। ବନ୍ଧୁ ଓ ପରିଜନଙ୍କ ସହିତ ହଠାତ୍ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ସମ୍ଭାବନା ରହିଛି। ଅର୍ଥସଙ୍କଟ ଯୋଗୁ ପରିବାରର ଖର୍ଚ୍ଚକାଟର ବ୍ୟବସ୍ଥା କରିପାରନ୍ତି।

**ମକର**
ଆତ୍ମୀୟସ୍ୱଜନଙ୍କ ବେଖାତିର ଓ ତ୍ରୁଟିକପୂର୍ଣ୍ଣ ବ୍ୟବହାରରୁ ଅସନ୍ତୁଷ୍ଟ ରହିବେ। ଶିଳ୍ପ, ବାଣିଜ୍ୟ, ପରିବହନ ତଥା ବ୍ୟବସାୟିକ ଦିଗରୁ ଲାଭବାନ ହେବେ। ଯାତ୍ରାକାଳୀନ ଯାନ ବାହନରେ ସତର୍କ ରହିବା ଭଲ ହେବ, ଅନ୍ୟଥା ସମସ୍ୟା ଆସିପାରେ। ସଭାସମିତିରେ ବନ୍ଧୁମାନଙ୍କ ସହ ମତ ପାର୍ଥକ୍ୟ କାରଣରୁ ଅଶାନ୍ତି ଉପୁଜିବାର ସୂଚନା ରହିଛି।

**କୁମ୍ଭ**
ଆପଣଙ୍କ କାମ ହାସଲରେ ବନ୍ଧୁଙ୍କ ବାଚନିକ ସାହାଯ୍ୟ ସାମାନ୍ୟ ସହାୟକ ହୋଇପାରେ। ପାରିବାରିକ କ୍ଷେତ୍ରରେ କାହାର ଛୋଟ କଥାକୁ ଧରି ବସିବା ଠିକ୍ ହେବନାହିଁ। ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହିଲେ ପଶ୍ଚାତ୍ତେ ଅନୁତାପ କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ଲାଭବାନ୍ ହେବେ।

**ମୀନ**
ସକାଳୁ ଦୀର୍ଘଦିନରୁ ଅପେକ୍ଷା କରିଥିବା ଶୁଭ ଖବର ପାଇ ଖୁସି ହେବେ। ସାମାଜିକ ସ୍ତରରେ ନିଜର ଲୋକ ମାନଙ୍କ ଚାଲି ଚଳନ ଓ ଆଚାର ବ୍ୟବହାରକୁ ନାପସନ୍ଦ କରିପାରନ୍ତି। କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ବ୍ୟବସାୟରେ ଲାଭ ମିଳିବ, ମାତ୍ର ଋଣ ପରିଶୋଧ କରିପାରିବେ ନାହିଁ।

ଆଜି ସେପ୍ଟେମ୍ବର ୨୪ ତାରିଖ, ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ, ଆଶ୍ୱିନ ଶୁକ୍ଳ ତୃତୀୟା ବୁଧବାର। ରାଶିନକ୍ଷତ୍ର-ଚିତ୍ରା/ତୁଳା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୯ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୬ମି. ଗତେ ଘ.୧୧.୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୮ମି. ଗତେ ଘ.୦୧.୦୮ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ରାଇରଙ୍ଗପୁରରେ ହେବ...

ହୋମିଓପାଥିକ ହସ୍ପିଟାଲ ଅଛି। ଏହାବ୍ୟତୀତ ବର୍ତ୍ତମାନ ୧ହଜାର ୧୯୧ଟି ଆୟୁଷ ଡିସ୍ପେନ୍‌ସାରି ଚାଲିଛି। ଏଥିମଧ୍ୟରେ ୬୨୦ଟି ଆୟୁର୍ବେଦିକ୍, ୫୬୨ଟି ହୋମିଓପାଥିକ ଓ ୯ଟି ୟୁନାନି ଡିସ୍ପେନ୍‌ସାରି ଅଛି। ନ୍ୟାଶନାଲ୍ ଆୟୁଷ ମିଶନ ଅଧୀନରେ ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ୩ଟି ଇଣ୍ଟିଗ୍ରେଟେଡ୍ ଆୟୁଷ ହସ୍ପିଟାଲ ନିର୍ମାଣ କରାଯାଉଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଲେ, ଆୟୁଷ ବିଭାଗ ମାଧ୍ୟମରେ ଗ୍ରାମ ଓ ସହର ଉଭୟ ସ୍ତରରେ ଆୟୁର୍ବେଦ ଚିକିତ୍ସାକୁ ପହଞ୍ଚାଇବା ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉଛି। ଆୟୁର୍ବେଦ ଚିକିତ୍ସା ମାଧ୍ୟମରେ ଚଳିତବର୍ଷ ଅଦ୍ୟାବଧି ପ୍ରାୟ ୨ କୋଟି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ସେବା ଯୋଗାଇ ଦିଆଯାଇଛି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ଏକ ନିଉଜ୍ ଲେଟର ଉନ୍ମୋଚିତ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ ସଚିବ ତଥା କମିଶନର ଅଶ୍ୱଥ୍ ଏସ୍. ସ୍ୱାଗତ ଭାଷଣ ଏବଂ ଆୟୁଷ ନିର୍ଦ୍ଦେଶିକା ଅଞ୍ଜନା ପଣ୍ଡା ଧନ୍ୟବାଦ ଦେଇଥିଲେ।

## ରତ୍ନଭଣ୍ଡାରକୁ ଫେରିଲା...

ସେନେଇ ପରବର୍ତ୍ତୀ ସମୟରେ ନିଷ୍ପତ୍ତିନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ମଙ୍ଗଳବାର ଭୋର ୪ ଟାରୁ ଦ୍ୱାର ଖୋଲାଯିବା ନେଇ ନିଷ୍ପତ୍ତି ହୋଇଥିଲେ ମଧ୍ୟ ୪୦ ମିନିଟ୍ ବିଳମ୍ବରେ ଅର୍ଥାତ ଭୋର ୪ଟା ୪୦ରେ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇ ଅନ୍ୟାନ୍ୟ ନୀତି ସମ୍ପାଦନ ହୋଇଥିଲା। ଭକ୍ତମାନେ ଶ୍ରୀମନ୍ଦିର ମଧ୍ୟକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ତେବେ ରତ୍ନ ଅଳଙ୍କାର ସ୍ଥାନାନ୍ତରକୁ ଦୃଷ୍ଟିରେ ରଖି ସକାଳ ୯ଟା ୩୦ରୁ ସାଧାରଣ ଦର୍ଶନ ବନ୍ଦ କରାଯାଇଥିଲା। ପ୍ରାୟ ୧୦ଟା ସମୟରେ ପ୍ରାଧିକୃତ ସଦସ୍ୟମାନେ ଶ୍ରୀମନ୍ଦିର ମଧ୍ୟରେ ପ୍ରବେଶ କରିଥିଲେ। ପ୍ରବେଶ ପୂର୍ବରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି ଓ ଅନ୍ୟ ସଦସ୍ୟମାନେ ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ଭିତରକୁ ପ୍ରବେଶ କରିଥିଲେ। ତେବେ ମାହେନ୍ଦ୍ର ବେଳା ଅନୁସାରେ ସକାଳ ୭ଟା ୧୭ରୁ ଦିନ ୧୧ଟା ୧୭ ମଧ୍ୟରେ ରତ୍ନ ଅଳଙ୍କାରର ସ୍ଥାନାନ୍ତର ପ୍ରକ୍ରିୟା ଥିବା ହେତୁ ପୂର୍ବାହ୍ନ ୧୦ଟା ୫୫ ମିନିଟରେ ସ୍ଥାନାନ୍ତର କାର୍ଯ୍ୟ ଆରମ୍ଭ ହୋଇଥିଲା। ଟ୍ରେଜେରିରୁ ଆସିଥିବା ଚାବିରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅସ୍ଥାୟୀ ଭିତର ଭଣ୍ଡାର ବା ଷ୍ଟ୍ରଙ୍ଗରୁମ୍ ଖଟଶେଯ ଘର ଖୋଲାଯାଇ ଥିଲା। ପରେ ସମସ୍ତ ବହୁମୂଲ୍ୟ ସାମଗ୍ରୀ ସେଠାରୁ ସ୍ଥାୟୀ ଭିତର ଭଣ୍ଡାରକୁ ନିଆଯାଇଥିଲା। ସମସ୍ତ ଅଳଙ୍କାର ଓ ସାମଗ୍ରୀ ଯିବା ପରେ ବ୍ୟବସ୍ଥା ଅନୁସାରେ ମୂଳ ଭିତର ରତ୍ନଭଣ୍ଡାରକୁ ଦୁଇଟି ତାଲା ପକାଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସିଲ୍ କରାଯାଇଥିଲା ଏବଂ ସମ୍ପୃକ୍ତ ଚାବି ଜିଲା ଟ୍ରେଜେରିରେ ଜମା ଦିଆଯାଇଛି। ଏହା ପରେ ବ୍ୟବସ୍ଥା ଅନୁସାରେ, ଚାଙ୍ଗଡ଼ା ଘର ଅସ୍ଥାୟୀ ବାହାର ଭଣ୍ଡାର ବା ଷ୍ଟ୍ରଙ୍ଗରୁମ୍ ଖୋଲା ଯାଇଥିଲା। ଗଜପତି ମହାରାଜାଙ୍କ ଚାବି, ଶ୍ରୀମନ୍ଦିର ପ୍ରଶାସନ ଏବଂ ଭଣ୍ଡାର ମେକାପଙ୍କ ତିନି ଗୋଟି ଚାବି ଆସି ଏହା ଖୋଲାଯାଇଥିଲା। ସେଠାରୁ ସମସ୍ତ ସାମଗ୍ରୀ ମୂଳ ବାହାର ଭଣ୍ଡାରକୁ ନିଆଯାଇଥିଲା। ସବୁ ସାମଗ୍ରୀ ସ୍ଥାନାନ୍ତର ହେବା ପରେ ମୂଳ ବାହାର ଭଣ୍ଡାରକୁ ୩ଟି ଯାକ ତାଲା ପକାଇ ବନ୍ଦ କରାଯାଇଥିଲା। ଅପରାହ୍ନ ୨ ଟା ୫୫ ମିନିଟ୍ ସମୟରେ ସ୍ଥାନାନ୍ତର କାର୍ଯ୍ୟ ଶେଷ ହୋଇଥିଲା। ଉଭୟ ଭଣ୍ଡାର ସାମଗ୍ରୀ ସ୍ଥାନାନ୍ତର ପ୍ରକ୍ରିୟା ଭିଡିଓଗ୍ରାଫି ମଧ୍ୟ କରାଯାଇଛି। କାର୍ଯ୍ୟ ସମାପନ ପରେ ସମସ୍ତ ସଦସ୍ୟ ମହାପ୍ରଭୁଙ୍କୁ ଦର୍ଶନ କରିବାପରେ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ସ୍ଥାନାନ୍ତର ପରେ ଦର୍ଶନ ସ୍ୱାଭାବିକ ହୋଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ନିୟମାବଳୀ-୧୯୬୦ ଏବଂ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ସ୍ଥାନାନ୍ତର କାର୍ଯ୍ୟ ସମ୍ପାଦିତ ହୋଇଛି।

ସୂଚନାଯୋଗ୍ୟ, ୨୦୨୪ ରଥଯାତ୍ରା ସମୟରେ ମରାମତି ଓ ସଂରକ୍ଷଣ ଉଦ୍ଦେଶ୍ୟରେ ମୂଳ ରତ୍ନଭଣ୍ଡାର(ଉଭୟ ବାହାର ଏବଂ ଭିତର) ଅଳଙ୍କାର ତଥା ସାମଗ୍ରୀ ଅସ୍ଥାୟୀ ଭଣ୍ଡାର ବା ଷ୍ଟ୍ରଙ୍ଗରୁମ୍ ଭାବରେ ଖଟ ଶେଜ ଘର (ଭିତର) ଏବଂ ଚାଙ୍ଗଡ଼ା ଓ ଫୁଲ ଘର (ବାହାର ଭଣ୍ଡାର)କୁ ସ୍ଥାନାନ୍ତରିତ ହୋଇଥିଲା। ପରେ ଗତ ଜୁଲାଇ ୭ ତାରିଖରେ ଏଏସ୍ଆଇ ପକ୍ଷରୁ ମୂଳ ରତ୍ନଭଣ୍ଡାର(ଉଭୟ ବାହାର ଏବଂ ଭିତର) ମରାମତି ତଥା ସଂରକ୍ଷଣ ଶେଷ ହୋଇଥିବାବେଳେ ଏବେ ଅସ୍ଥାୟୀ ଭଣ୍ଡାରରୁ ସମସ୍ତ ବହୁମୂଲ୍ୟ ସାମଗ୍ରୀ ସ୍ଥାୟୀ ଭାବେ ମୂଳ ରତ୍ନଭଣ୍ଡାରକୁ ନିଆଯାଇଛି। ସ୍ଥାନାନ୍ତର ପୂର୍ବରୁ ଗତ ୧୯ ତାରିଖରେ, ନୂଆ ରୂପ ପାଇଥିବା ଭଣ୍ଡାରକୁ ସଂସ୍କାର କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରସକୁ ରସେ ରସିଆ।**
**ଘାସକୁ ରସେ ଗାଈ**
**ହରିନାମକୁ ଭକତ ରସେ**
**ଦୁନିଆ ରସେ ମାଈ।**

ଯେପରି ରସିକ ରସ ରସିଥାଏ ସେପରି ଗାଈକୁ ଘାସ ରସ ଭଲ ଲାଗିଥାଏ। ସେହିପରି ଭାବେ ଭକ୍ତକୁ ହରିନାମର ରସ ଅତ୍ୟନ୍ତ ପ୍ରୀତ ଲାଗୁଥିବାବେଳେ ନାରୀ ଦୁନିଆକୁ ଆସକ୍ତ କରିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ରସିକ ଯାଉଛି ବନ୍ଧରେ;**
**ବଣ ମଲ୍ଲିଫୁଲ ପାଚିଲା ଗାମୁଛା**
**ପଶି ହେଉନାହିଁ ଗନ୍ଧରେ।**

ରସିକ ପଣରେ ଠିକ୍, ମାତ୍ର ଦୃଷ୍ଟିକୋଣ ଖୁବ୍ ନିରସ। ତୁଚ୍ଛାକୁ ରସିକିଆପଣ ଦେଖାଇହେଉଥିବା ବ୍ୟକ୍ତିର ଭିନ୍ନ ଦୃଷ୍ଟିଭଙ୍ଗୀ ଏବଂ ନ୍ୟୂନ ଆଚରଣ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଶାହରୁଖ, ବିକ୍ରାନ୍ତ...

ଛିବରଙ୍କ ନିର୍ଦ୍ଦେଶିତ 'ମିସେଜ୍ ଚାଟାର୍ଜୀ ଭର୍ସେସ୍ ନରୱେ' ଫିଲ୍ମ ପାଇଁ ଅଭିନେତ୍ରୀ ରାଣୀ ମୁଖାର୍ଜୀ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଗ୍ରହଣ କରିଛନ୍ତି। ରାଣୀ ମଧ୍ୟ ପ୍ରଥମ ଥର ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି। ସେହିପରି ଭେଟେରାନ ମାଲୟାଲମ ଅଭିନେତା ମୋହନଲାଲ ଚଳଚ୍ଚିତ୍ର କ୍ଷେତ୍ରରେ ଭାରତର ସର୍ବୋଚ୍ଚ ସମ୍ମାନ ଦାଦାସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଫିଲ୍ମ ନିର୍ମାତା କରନ୍ ଜୋହରଙ୍କ 'ରକି ଔର୍ ରାନୀ କି ପ୍ରେମ୍ କାହାନୀ' ଫିଲ୍ମ ଶ୍ରେଷ୍ଠ ଲୋକପ୍ରିୟ ଫିଲ୍ମ ଭାବେ ପୁରସ୍କୃତ ହୋଇଛି। 'ଦି କେରଲା ଷ୍ଟୋରି' ଫିଲ୍ମ ପାଇଁ ସୁଦିପ୍ତୋ ସେନ୍ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପୁରସ୍କୃତ ହୋଇଛନ୍ତି।

# 'ପୁଷ୍କରା'କୁ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପୁଷ୍କରା ଚଳଚ୍ଚିତ୍ର ପାଇଁ ଓଟିଭି ନେଟୱର୍କ ବିଜିନେସ୍ ହେଡ୍ ଲିତିଶା ମଙ୍ଗତ ପଣ୍ଡା ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର,୨୩।୯(ସୁଚିସ୍ମିତା ସାହୁ)**

୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ଓଡ଼ିଶାର 'ପୁଷ୍କରା'କୁ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ହିମାଂଶୁ ଶେଖର ଖଟୁଆଙ୍କ ନିର୍ଦ୍ଦେଶିତ 'ଦ ସି ଆଣ୍ଡ୍ ଦ ସେଭେନ ଭିଲେଜେସ୍' ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର ୨୦୨୩ ବର୍ଷ ପାଇଁ 'ଅଣଫିଚର ଫିଲ୍ମ ବର୍ଗ'ରେ ପୁରସ୍କାର ହାସଲ କରିଛି। 'ପୁଷ୍କରା' ପାଇଁ ପ୍ରଯୋଜନା ସଂସ୍ଥା ପକ୍ଷରୁ ଓଟିଭି ନେଟୱର୍କ ବିଜିନେସ୍ ହେଡ୍ ଲିତିଶା ମଙ୍ଗତ ପଣ୍ଡା ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶୁଭ୍ରାଂଶୁ କୁମାର ଦାସ ଏବଂ 'ଦ ସି ଆଣ୍ଡ୍ ଦ ସେଭେନ ଭିଲେଜେସ୍' ପାଇଁ ଫିଲ୍ମର ପ୍ରଯୋଜିକା ଇତିରାଣୀ ସାମନ୍ତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଗ୍ରହଣ କରିଛନ୍ତି।

ମୃତ୍ୟୁପରେ କିଭଳି ପୁଷ୍କର ଛଡ଼ାଯାଏ, ସେ ନେଇ ପୁରୀର ଜାଗାଘର ଓ ସାହିଯାତ ଭଳି ମୌଳିକ ପରମ୍ପରା ଉପରେ ତରଙ୍ଗ ସିନେ ପ୍ରଡକ୍ସନ୍ସ ପ୍ରାୟୋଜିତ ପୁଷ୍କରା ଚଳଚ୍ଚିତ୍ରର କାହାଣୀ ପର୍ଯ୍ୟବସିତ। ଲେଖକ ଶଙ୍କର ତ୍ରିପାଠୀଙ୍କ ଦ୍ୱାରା ରଚିତ ଉପନ୍ୟାସ 'ନାଗବିନ୍ଦୁ' ଉପରେ ପୁଷ୍କରାର କାହାଣୀ ଆଧାରିତ। ଏଥିରେ ସବ୍ୟସାଚୀ ମିଶ୍ର ଓ ସୁପ୍ରିୟା ମୁଖ୍ୟ ଭୂମିକାରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଚୌଧୁରୀ ବିକାଶ ଦାସ, ଅଶ୍ରୁମୋଚନ ମହାନ୍ତି, ତ୍ରିଭୁବନ ପଣ୍ଡା, ଅଳକା ଶତପଥୀ, ରବି ମିଶ୍ର ଓ ଶଙ୍କର ପ୍ରଧାନ ଅଭିନୟ କରିଛନ୍ତି। ସେହିପରି କାଦମ୍ବିନୀ ମିଡିଆ ପ୍ରଯୋଜିତ 'ଦ ସି ଆଣ୍ଡ୍ ଦ ସେଭେନ ଭିଲେଜେସ୍' ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର ଜଳବାୟୁ ପରିବର୍ତ୍ତନ ତଥା ଓଡ଼ିଶାର କେନ୍ଦ୍ରାପଡ଼ା ଜିଲା ରାଜନଗର ତହସିଲ ଅନ୍ତର୍ଗତ ସାତଭାୟା ଗାଁ ଉପରେ ପର୍ଯ୍ୟବସିତ।

# ଘର ଲୋକ ଛାଡ଼ି ପଳାଇଲେ

ଯାଜପୁର,୨୩।୯(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀରେ ଏକ ରୋଚକ ରାଜନୈତିକ ଘଟଣା ଦେଖିବାକୁ ମିଳିଛି। ୨୦୨୪ ନିର୍ବାଚନ ସମୟରେ ଅନ୍ୟ ଜିଲାରେ ପ୍ରାର୍ଥୀ ହୋଇ ହାରିଥିବା ବିଜେଡିର ଜଣେ ଜଣାଶୁଣା ନେତା ଗତ ୨୦ ତାରିଖରେ କୋରେଇ ନିର୍ବାଚନମଣ୍ଡଳୀର ଷଠିପୁରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ସେ କହିଥିଲେ, ୨୦୧୪ରୁ କୋରେଇବାସୀ ନିଜ ନିର୍ବାଚନମଣ୍ଡଳୀର ତଥା ମା' ମାଟିର ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେଉଛନ୍ତି। ହାରିବା ଜିତିବା ବଡ଼ କଥା ନୁହେଁ, ଘରକୁ ଫେରିବା ଗୁରୁତ୍ୱପୂର୍ଣ୍ଣ। ଯାଜପୁର ତାଙ୍କ ଦେବକୀ ମା' ଓ କୋରେଇ ହେଉଛି ତାଙ୍କ ଯଶୋଦା ମା'। ସେ ଯାଜପୁରରେ ରହୁଛନ୍ତି ଏବଂ କୋରେଇର ସେବା କରିବେ ବୋଲି କହିଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ୨୪ ଘଣ୍ଟା ନ ପୂରୁଣୁ ଅର୍ଥାତ୍ ୨୧ ତାରିଖରେ କୋରେଇ ନିର୍ବାଚନମଣ୍ଡଳୀର ୧ ନଂ. ଜୋନ୍ ଅନ୍ତର୍ଗତ ୩ଟି ପଞ୍ଚାୟତ କାଚରାସାହି, ପାଟରାଙ୍ଗ ଏବଂ ତଳଗଡ଼ର ବହୁ ବିଜେଡି ନେତା ଓ କର୍ମୀ ଦଳଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ଏନେଇ କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ଯାଜପୁର ରୋଡ୍‌ସ୍ଥିତ ବାସଭବନରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଜେଡି ଛାଡ଼ିଥିବା ନେତା ଓ କର୍ମୀଙ୍କ ମଧ୍ୟରେ କାଚରାସାହି ପଞ୍ଚାୟତର ୨୧ଜଣ ଏବଂ ପାଟରାଙ୍ଗର ୧୬ ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରେ କେତେଜଣ ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟ ଅଛନ୍ତି। ସମସ୍ତଙ୍କୁ ବିଧାୟକ ଆକାଶ ଦାସନାୟକ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଛନ୍ତି। ଏହାପରେ ଏବେ ଚର୍ଚ୍ଚା ହେଉଛି ଯେ, ନେତାଙ୍କ ଘର ବାହୁଡ଼ା ଦେଖି ଘର ଲୋକ ଛାଡ଼ି ପଳେଇଲେ।



କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ଯାଜପୁରରୋଡ୍‌ସ୍ଥିତ ବାସଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଭାଜପାରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀ।

# ବିଧାନସଭା ଘେରାଉ ବେଳେ ବିଜେଡି କର୍ମୀ-ପୋଲିସ ମୁହାଁମୁହିଁ

## ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜନପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ ଅଭିଯୋଗ

ଭୁବନେଶ୍ୱର,୨୩।୯ (ସୁନିତ୍ ମିଶ୍ର)

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜନପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ କରାଯାଇଥିବା ଅଭିଯୋଗରେ ମଙ୍ଗଳବାର ବିଜେଡି ପକ୍ଷରୁ ବିଧାନସଭା ଘେରାଉ କରିବାକୁ ଉଦ୍ୟମ କରାଯାଇଛି। ଶତାଧିକ ବିଜୁ ଜନତା ଦଳ କର୍ମୀ ସେମାନଙ୍କ ସ୍ଥାନୀୟ ନେତାମାନଙ୍କ ନେତୃତ୍ୱରେ ଲୋୟର ପିଏମ୍‌ଜିଠାରେ ପହଞ୍ଚି ସରକାର ବିରୋଧୀ ନାରାବାଜି କରିଥିଲେ। ଏହି ସମୟରେ ବିଜେଡି ନେତା, କର୍ମୀ ଓ ପୋଲିସ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଆନ୍ଦୋଳନକାରୀଙ୍କୁ ଅଟକାଇବା ଲାଗି ପୋଲିସ ପକ୍ଷରୁ ପାଣିମାଡ଼ କରାଯାଇଥିଲା।

ଏହି ଅବସରରେ ବିଜେଡି ଅଭିଯୋଗ କରିଥିଲା, ପଞ୍ଚାୟତିରାଜ ବ୍ୟବସ୍ଥାକୁ ରାଜ୍ୟର ଭାଜପା ସରକାର ହତ୍ୟା କରିଛନ୍ତି। ଗତ ୧୫ ମାସରେ ରାଜ୍ୟ ସରକାର ସମସ୍ତ ଦିଗରେ ବିଫଳ ହୋଇଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥାରେ ଜନପ୍ରତିନିଧିମାନଙ୍କ କ୍ଷମତା ସଙ୍କୁଚିତକରି ରାଜ୍ୟରେ ବାବୁରାଜ ସୃଷ୍ଟି କରିଛନ୍ତି। ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ଷମତା ଚୋରି ସହ ସମାନ ବୋଲି ନେତାମାନେ କହିଥିଲେ। ଗଣତନ୍ତ୍ରରେ ତୃଣମୂଳ ସ୍ତରର ଲୋକଙ୍କୁ କ୍ଷମତା ପ୍ରଦାନ ଲକ୍ଷ୍ୟରେ ସମ୍ବିଧାନରେ ବ୍ୟବସ୍ଥା କରାଯାଇଛି। କିନ୍ତୁ ସରକାର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତାକୁ ସଙ୍କୁଚିତକରି ସରକାରୀ ଅଧିକାରୀଙ୍କ କ୍ଷମତା ବୃଦ୍ଧିକରିଛନ୍ତି। ପୂର୍ବରୁ ବ୍ଲକ୍‌ରେ ହେଉଥିବା ଉନ୍ନୟନ କାର୍ଯ୍ୟର ବିଲ୍ ପରିମାଣ ୨ ଲକ୍ଷ ପର୍ଯ୍ୟନ୍ତ ବିଡିଓଙ୍କ ପାସ୍ କରିବାର କ୍ଷମତା ଥିଲା। ୨ ଲକ୍ଷରୁ ଊର୍ଦ୍ଧ୍ୱ ହେଲେ ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କ ଦସ୍ତଖତ ଆବଶ୍ୟକ ହେଉଥିଲା। କିନ୍ତୁ ସରକାର ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ କରିବା ଲକ୍ଷ୍ୟରେ, ବିଡିଓଙ୍କ ବିଲ୍ ପାସ୍ କରିବାର କ୍ଷମତା ୨ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ବ୍ଲକ୍‌ରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟର ବିଲ୍ ପାସ୍ କରିବା ପାଇଁ ଆଉ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ଦସ୍ତଖତ ଆବଶ୍ୟକ ପଡ଼ିବ ନାହିଁ। ଏହା ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ଏକ ଷଡ଼ଯନ୍ତ୍ର ବୋଲି ବିଜେଡି ଅଭିଯୋଗ କରିଛି। ଏହାକୁ ବିରୋଧକରିବା ସହ ସରକାର ତାଙ୍କ ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ ଦାବିରେ ସବୁ ବ୍ଲକ୍ ଅଧ୍ୟକ୍ଷ, ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡମେମ୍ବରମାନଙ୍କୁ ଏହି ଆନ୍ଦୋଳନରେ ସାମିଲ ହେବାକୁ ବିଜେଡି ଆହ୍ୱାନ କରିଥିଲା। ବିଜେଡି ନେତାମାନେ ଏକତ୍ରିତ ହୋଇ ନିଜ ଭାଷଣବାଜି ସାରିବା ପରେ ଲୋୟର ପିଏମ୍‌ଜିରୁ ବିଧାନସଭା ଆଡ଼କୁ ରାଲି କରି ବାହାରିଥିଲେ। ଏହି ସମୟରେ ସେମାନଙ୍କୁ ପୋଲିସ ଅଟକାଇଥିଲା। ହେଲେ ଆନ୍ଦୋଳନକାରୀ ପୋଲିସ ପକ୍ଷରୁ କରାଯାଇଥିବା ବ୍ୟାରିକେଡ୍‌କୁ ଭାଙ୍ଗି ବିଧାନସଭା ଆଡ଼କୁ ଅଗ୍ରସର ହେବାକୁ ଉଦ୍ୟମ କରୁଥିବା ବେଳେ ପାଣିମାଡ଼ ଆରମ୍ଭ ହୋଇଯାଇଥିଲା। ଏଥିରେ ଦଳର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା ଓ ଅନେକ କର୍ମୀ ଆହତ ହୋଇଥିବା ଜଣାପଡ଼ିଛି। ଏହାପରେ ପୋଲିସ ସହ ଆହୁରି ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଅନେକ ହଜାର ଆନ୍ଦୋଳନକାରୀ ଆଗକୁ ବଢ଼ିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ନେତା ଏବଂ କର୍ମୀଙ୍କୁ ଘଟଣାସ୍ଥଳରୁ ଉଠାଇନେଇ ପରବର୍ତ୍ତୀ ସମୟରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ଦଳ ପକ୍ଷରୁ କୁହାଯାଇଛି, ଏହି ଆନ୍ଦୋଳନରେ ୩୦ ଜିଲାର ଜିଲା ପରିଷଦ ସଭାପତି ଓ ଉପସଭାପତି, ୧୫୦ ଊର୍ଦ୍ଧ୍ୱ ବ୍ଲକ୍‌ର ଅଧ୍ୟକ୍ଷ/ଉପାଧ୍ୟକ୍ଷ, ବିଭିନ୍ନ ପ୍ରତିନିଧି ମଣ୍ଡଳୀ ଯଥା ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର, ସଙ୍ଗଠନର ପ୍ରତିନିଧି, ହଜାର ହଜାର ବିଜେଡିର ଯୁବ ଓ ଛାତ୍ର ନେତା ସାମିଲ ହୋଇଥିଲେ।



ବିଧାନସଭା ଘେରାଉ ବେଳେ ଲୋୟର ପିଏମ୍‌ଜିରେ ବିଜେଡି କର୍ମୀଙ୍କୁ ଘଉଡ଼େଇବାକୁ ଯାଇ ପୋଲିସ ପାଣି ମାଡ଼ କରୁଛି।

# ଏଆଇସିସି ପର୍ଯ୍ୟବେକ୍ଷକ ତାଲିକାରେ ଓଡ଼ିଶାର ୮

ଭୁବନେଶ୍ୱର,୨୩।୯ (ରବିନାରାୟଣ ଜେନା)

ତିନୋଟି ରାଜ୍ୟରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସଙ୍ଗଠନ ସୃଜନ ଅଭିଯାନରେ ତେଲଙ୍ଗାନା, ଛତିଶଗଡ଼ ରାଜ୍ୟର ଜିଲା ସଭାପତି ଚୟନ ନେଇ ଏଆଇସିସି ଓଡ଼ିଶାକୁ ପ୍ରାଧାନ୍ୟ ଦେଇ ୮ ଜଣ ନେତୃବୃନ୍ଦଙ୍କୁ ସଙ୍ଗଠନ ସୃଜନ ଅଭିଯାନର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛି। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅନୁମୋଦନକ୍ରମେ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ଭେନୁଗୋପାଳଙ୍କ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଛତିଶଗଡ଼ ଜିଲା ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ନିଯୁକ୍ତି ପାଇଥିବା ବେଳେ ସାଂସଦ ସପ୍ତଗିରି ଉଲ୍ଲାକା, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ମଧ୍ୟ ପର୍ଯ୍ୟବେକ୍ଷକ ରୂପେ ସ୍ଥାନ ପାଇଛନ୍ତି। ସେହିପରି ତେଲଙ୍ଗାନାର ଜିଲା ପର୍ଯ୍ୟବେକ୍ଷକ ଭାବେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ନବଜ୍ୟୋତି ପଟ୍ଟନାୟକ ଓ ବିଶ୍ୱରଞ୍ଜନ ମହାନ୍ତିଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି।

# ଶ୍ରୀମୟୀ ମିଶ୍ର ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର, ୨୩।୯ (ସୁନିତ୍ ମିଶ୍ର)



ଶ୍ରୀମୟୀ ମିଶ୍ରଙ୍କୁ ଦଳରୁ ନିଲମ୍ବନ କରିଛି ବିଜେଡି। ସେ କିଛିଦିନ ହେବ ବୁଲେଇ ବଙ୍କେଇ ସାମାଜିକ ଗଣମାଧ୍ୟମରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏବଂ ଭି.କେ. ପାଣ୍ଡିଆନ୍‌ଙ୍କୁ ଟାର୍ଗେଟ କରିଆସୁଥିଲେ। ଏହାକୁ ନେଇ ଦଳର ଅନ୍ୟ କର୍ମୀମାନଙ୍କୁ ଲଗାଇ ବିଜେଡି ପକ୍ଷରୁ ଶ୍ରୀମୟୀଙ୍କୁ ଟାର୍ଗେଟ କରାଯାଉଥିଲା। ଶ୍ରୀମୟୀ ପ୍ରଥମ ଥର ନବୀନଙ୍କୁ ପରୋକ୍ଷରେ ଟାର୍ଗେଟ କରିବାର କିଛିଦିନ ପରେ ତାଙ୍କୁ ଦଳର ମହିଳା ବ୍ୟାପାର କମିଟିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଥିଲା। ହେଲେ ନିଯୁକ୍ତି ପାଇବାର କିଛିଦିନ ଭିତରେ ସେ ଆଉ ଥରେ ଟାର୍ଗେଟକରି ବିଜେଡି ସଭାପତିଙ୍କୁ ଅକଳରେ ପକାଇଥିଲେ। ଏହାକୁ ନେଇ ମଙ୍ଗଳବାର ଦଳ ଶ୍ରୀମୟୀଙ୍କୁ ନିଲମ୍ବନ କରିଛି। କେବଳ ଶ୍ରୀମୟୀ ନୁହନ୍ତି, ଉକ୍ତ ନିଲମ୍ବନ ପତ୍ରରେ ତାଙ୍କ ସହ କପ୍ତିପଦା ପୂର୍ବତନ ବ୍ଲକ୍ ସଭାପତି ସୁବାସ ଚନ୍ଦ୍ର ସାଇ ଏବଂ ମୟୂରଭଞ୍ଜର ପୂର୍ବତନ ଜିଲା ସମ୍ପାଦକ ପ୍ରବୀର ଚନ୍ଦ୍ର ସାଇଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବନ କରାଯାଇଥିବା ଦେଖିବାକୁ ମିଳିଛି। ଦଳର ଉପସଭାପତି ପ୍ରତାପ ଜେନାଙ୍କ ଦସ୍ତଖତରେ ଏହି ନିଲମ୍ବନ ପତ୍ର ପ୍ରକାଶ କରାଯାଇଛି। ବ୍ଲକ୍ ଏବଂ ଜିଲାସ୍ତରୀୟ ସାଧାରଣ ନେତାଙ୍କ ସହ ତୁଳନା କରିବା ପାଇଁ ଉପରିସ୍ଥ ୨ ଜଣଙ୍କ ସହ ଶ୍ରୀମୟୀଙ୍କ ନିଲମ୍ବନ ପତ୍ର ଚତୁରତାର ସହ ପ୍ରକାଶ କରାଯାଇଥିବା ବିଜେଡି ନେତାମାନେ ଚର୍ଚ୍ଚା ଚଳାଇଛନ୍ତି। ଅନ୍ୟପଟେ ଶ୍ରୀମୟୀ ନିଲମ୍ବନ ହେବାପରେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟକରି କହିଛନ୍ତି, ଆତ୍ମସମ୍ମାନ ଓ ସ୍ୱାଭିମାନ ସହ ସାଲିସ କରିନାହିଁ କି କରିବି ନାହିଁ। ଦୀର୍ଘ ୧ ବର୍ଷ ଧରି ଯେଉଁ ଦଳରେ ନାହିଁ ଓ ନିଜର ସଦସ୍ୟତା ନବୀକରଣ କରିନାହିଁ ସେ ଦଳ ତାଙ୍କୁ ନିଲମ୍ବନ କରିବା ଜଗତେ କେବଳ ଜନେ ହସିବେ। ଜଣେ ଅଣଓଡ଼ିଆଙ୍କ ପ୍ରରୋଚନାରେ ଓଡ଼ିଶାକୁ ଦୀର୍ଘବର୍ଷ ଧରି ଶାସନ କରୁଥିବା ନେତା ଆଉ ଜଣେଓଡ଼ିଶା ଝିଅର ସମ୍ମାନ ସହ ଖେଳିବା କେତେଦୂର ଠିକ୍ ବିଚାର ଲୋକେ କରିବେ। ମାଆଙ୍କୁ ସମ୍ମାନର ଆହ୍ୱାନ ଦେଉଥିବା ଜଣେ ଜନନାୟକଙ୍କ ଦାୟାଦ ଯିଏ ନିଜେ ନିଷ୍ପତ୍ତି ନେବାରେ ସକ୍ଷମ ନୁହନ୍ତି, ତାହା ପ୍ରମାଣିତ କରିଦେଲେ। ଜୟ ଜଗନ୍ନାଥ। ସେ ଓଡ଼ିଆ ଝିଅ ବୋଲି ପ୍ରମାଣିତ କରିବା ପାଇଁ ଆତ୍ମଗରିମାକୁ ଜଳାଞ୍ଜଳି ଦେବା ଆଦୌ ଉଚିତ ମନେକରୁନାହାନ୍ତି ବୋଲି ସେ କହିଛନ୍ତି।

## 'ଅଣଓଡ଼ିଆଙ୍କ କଥାରେ ଓଡ଼ିଆ ଝିଅର ସମ୍ମାନ ସହ ଖେଳିବା କେତେଦୂର ଠିକ୍'

# ଆଜି ବିଧାନସଭା ଘେରିବ ମହିଳା କଂଗ୍ରେସ

ଭୁବନେଶ୍ୱର,୨୩।୯ (ରବିନାରାୟଣ ଜେନା)

ରାଜ୍ୟରେ ନାରୀ ନିର୍ଯାତନା ପ୍ରସଙ୍ଗକୁ ନେଇ ବୁଧବାର ମହିଳା କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କରାଯିବ ବୋଲି ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି କହିଛନ୍ତି। ସେ କହିଛନ୍ତି, ନୂଆ ସରକାର କ୍ଷମତାକୁ ଆସିଲେ ନାରୀ ଉପଯୁକ୍ତ ସମ୍ମାନ ପାଇବେ, ଭୟମୁକ୍ତ ହୋଇ କାର୍ଯ୍ୟ କରିପାରିବ ବୋଲି ଯେଉଁ ଆଶା ଥିଲା, ତାହା ସମ୍ପୂର୍ଣ୍ଣ ଧୂଳିସାତ୍ ହୋଇଯାଇଛି। ପ୍ରତିଦିନ ବଳାତ୍କାର, ପୋଡ଼ି, ନିର୍ଯାତନା ଓ ଆତ୍ମହତ୍ୟା ଘଟଣା ନାରୀମାନଙ୍କ ମନରେ ଭୟ ସୃଷ୍ଟି କରୁଥିବାବେଳେ ରାଜ୍ୟ ନିନ୍ଦିତ ହେଉଛି। ଏହାକୁ ନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି)ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନରେ ୨୪ ସେପ୍ଟେମ୍ବର ପୂର୍ବାହ୍ନ ୧୦.୩୦ରେ କଂଗ୍ରେସ ଭବନଠାରୁ ଏକ ଶୋଭାଯାତ୍ରା ବାହାରି ବିଧାନସଭା ଘେରାଉ କରାଯିବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ତୁଳିକା କର୍ମା ଯୋଗଦେବେ। ଏଥିରେ ବହୁ ସଂଖ୍ୟାରେ ଯୋଗଦେବାକୁ ସେ ଆହ୍ୱାନ ଦେଇଛନ୍ତି।



ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି– କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା– ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। **–ଶ୍ରୀଅରବିନ୍ଦ**



# ମାନହାନି

ସୁପ୍ରିମକୋର୍ଟ ସେପ୍ଟେମ୍ବର ୨୨ରେ ଏକ ମାନହାନି ମାମଲାରେ ଅନ୍‌ଲାଇନ ନ୍ୟୁଜ୍ ପୋର୍ଟାଲ' ଦି ୱାୟର'କୁ ଜାରି ଏକ ସମନ ବିରୋଧରେ ହୋଇଥିବା ଆବେଦନର ଶୁଣାଣି କରିଥିଲେ। ଏହି ଖବର ପ୍ରସାରଣକାରୀ ଇଣ୍ଟରନେଟ୍ ପୋର୍ଟାଲ ଅଣଲାଭକାରୀ ସଙ୍ଗଠନ 'ଫାଉଣ୍ଡେଶନ ଫର୍ ଇଣ୍ଡିପେଣ୍ଡେଣ୍ଟ ଜର୍ନାଲିଜମ୍' ଦ୍ୱାରା ପରିଚାଳିତ। ଶୁଣାଣି ସମୟରେ ଜଷ୍ଟିସ୍ ଏମ୍‌ଏମ୍ ସୁନ୍ଦ୍ରେଶ ଓ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ମୌଖିକ ଟିପ୍ପଣୀ ଦେଇଛନ୍ତି ଯେ, ଏବେ ମାନହାନି ମାମଲାକୁ ଅପରାଧ ଆଇନରେ ତଉଲିବାର ଯଥାର୍ଥତା ନାହିଁ ବୋଲି ବୁଝିବାର ସମୟ ଆସିଲାଣି। ଉଲ୍ଲେଖନୀୟ ଯେ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ର ପୂର୍ବତନ ପ୍ରଫେସର ଅମିତା ସିଂ ୱାୟର ବିରୋଧରେ ଆପରାଧିକ ମାନହାନି ମାମଲା ରୁଜୁ କରିବା ପରେ ଟ୍ରାଏଲ କୋର୍ଟ ତା' ବିରୋଧରେ ସମନ ଜାରି କରିଥିଲେ। ୨୦୨୩ରେ ଦିଲ୍ଲୀ ହାଇକୋର୍ଟ ଏହାକୁ ରଦ୍ଦ କରିଥିଲେ। ପରେ ଅମିତା ସିଂ ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଟ୍ରାଏଲ କୋର୍ଟରେ ବିଚାର ପାଇଁ ପଠାଇଥିଲେ। ଟ୍ରାଏଲ କୋର୍ଟ ପୁନର୍ବାର ୱାୟରକୁ ସମନ ଜାରି କରିଥିଲେ ଓ ହାଇକୋର୍ଟ ମଧ୍ୟ ଏହାକୁ କାଏମ ରଖିଥିଲେ। ପରେ ଏହା ବିରୋଧରେ ଶୀର୍ଷ କୋର୍ଟରେ ପୁନର୍ବାର ନ୍ୟୁଜ୍ ପୋର୍ଟାଲ ପକ୍ଷରୁ ଆବେଦନ କରାଯାଇଥିଲା। ତେବେ ଖଣ୍ଡପୀଠଙ୍କ ଟିପ୍ପଣୀରେ ନ୍ୟୁଜ୍ ପୋର୍ଟାଲ ପକ୍ଷରୁ କପିଲ ସିବଲ ମଧ୍ୟ ଏକମତ ହୋଇଛନ୍ତି ଏବଂ ଏଥିରେ ସଂସ୍କାର ଆସିବା ଆବଶ୍ୟକ ବୋଲି ସେ ମତ ରଖିଛନ୍ତି। ଭାରତୀୟ ନ୍ୟାୟସଂହିତାର ଧାରା ୩୫୬( ଆଇପିସି ଧାରା ୪୯୯) ଅନୁଯାୟୀ ଭାରତରେ ମାନହାନିକୁ ଆପରାଧିକ ଶ୍ରେଣୀଭୁକ୍ତ କରାଯାଇଛି। ଏଥିରେ ଅତିବେଶିରେ ୨ ବର୍ଷ କାରାଦଣ୍ଡ କିମ୍ବା ଜରିମାନା କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି। ଏଠାରେ ମନେପକାଇ ଦିଆଯାଇପାରେ, ୨୦୧୯ ନିର୍ବାଚନ ସମୟରେ ରାହୁଲ ଗାନ୍ଧୀ କହିଥିଲେ 'ସବୁ ମୋଦି ସାଙ୍ଗିଆଧାରୀ ଚୋର'। ଏହାକୁ ନେଇ ସେ ଆପରାଧିକ ମାନହାନି ମାମଲାର ସମ୍ମୁଖୀନ ହେବା ପରେ ଗୁଜରାଟର ଏକ ଟ୍ରାଏଲ୍ କୋର୍ଟ ୨ ବର୍ଷ ଜେଲ ଦଣ୍ଡାଦେଶ ସହ ତାଙ୍କ ଏମ୍‌ପି ପଦବୀ ରଦ୍ଦ କରିଥିଲେ। ପରେ ୪ ଅଗଷ୍ଟ ୨୦୨୩ରେ ସୁପ୍ରିମକୋର୍ଟ ଏହି ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ତେବେ ଏବେ 'ଦି ୱାୟର ବିରୋଧରେ ଜାରି ସମନ ଉପରେ ସୁପ୍ରିମକୋର୍ଟ ଖଣ୍ଡପୀଠ ଯେଉଁ ମୌଖିକ ଟିପ୍ପଣୀ ଦେଇଛନ୍ତି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ମାନହାନିକୁ ଅପରାଧମୁକ୍ତ କରିବା ପାଇଁ ଏକ ବାଟ ଦେଖାଇଛି।

> **ଖବର ପ୍ରକାଶନ ସଂସ୍ଥାଗୁଡ଼ିକ ସେମାନଙ୍କ ଉତ୍ତରଦାୟିତ୍ୱ ବଜାୟ ରଖିବାକୁ ଚେଷ୍ଟା କରୁଥିବାବେଳେ ନ୍ୟାୟିକ ଚାପର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ପଟେ ସେମାନଙ୍କ ସମ୍ମାନ ରକ୍ଷା ଏବଂ ଅନ୍ୟପଟେ ଅଭିବ୍ୟକ୍ତିର ସ୍ୱାଧୀନତା ବା ଖୋଲା ମତ ଉପସ୍ଥାପନକୁ ନେଇ ବିତର୍କ ସୃଷ୍ଟି ହୋଇଛି। ମାନହାନି ମକଦ୍ଦମା ସାମ୍ବାଦିକ, ଚିତ୍ରକର, ଲେଖକଙ୍କ ସହ ସୃଜନଶୀଳ କାର୍ଯ୍ୟରେ ଜଡ଼ିତ ବ୍ୟକ୍ତିବିଶେଷଙ୍କ ମନରେ ଭୟ ସୃଷ୍ଟି କରୁଛି। ଫଳରେ ଶକ୍ତିଶାଳୀ ବ୍ୟକ୍ତି ବା ସଂସ୍ଥା ସେମାନଙ୍କ ବିରୋଧରେ ଅତି ସହଜରେ ମାନହାନି ମକଦ୍ଦମା କରିଦେଇପାରୁଛନ୍ତି।**

ଦେଖାଯାଉଛି, ବିଶିଷ୍ଟ ବ୍ୟକ୍ତି, ସରକାରୀ କର୍ମଚାରୀ ଓ କର୍ପୋରେଟ୍‌ଗୁଡ଼ିକ ସେମାନଙ୍କ ବିରୋଧରେ କୌଣସି ସମାଲୋଚନା ବା ବିପକ୍ଷ ଖବର ଆସିଲେ ତାହାକୁ ଦବାଇଦେବା ପାଇଁ ମାନହାନି ଆଇନକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ଏଥିରେ ବେଶି ଶିକାର ହେଉଛନ୍ତି ଗଣମାଧ୍ୟମ। ବିଶେଷକରି ଖବର ପ୍ରକାଶନ ସଂସ୍ଥାଗୁଡ଼ିକ ସେମାନଙ୍କ ଉତ୍ତରଦାୟିତ୍ୱ ବଜାୟ ରଖିବାକୁ ଚେଷ୍ଟା କରୁଥିବାବେଳେ ନ୍ୟାୟିକ ଚାପର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ପଟେ ସେମାନଙ୍କ ସମ୍ମାନ ରକ୍ଷା ଏବଂ ଅନ୍ୟପଟେ ଅଭିବ୍ୟକ୍ତିର ସ୍ୱାଧୀନତା ବା ଖୋଲା ମତ ଉପସ୍ଥାପନକୁ ନେଇ ବିତର୍କ ସୃଷ୍ଟି ହୋଇଛି। ମାନହାନି ମକଦ୍ଦମା ସାମ୍ବାଦିକ, ଚିତ୍ରକର, ଲେଖକଙ୍କ ସହ ସୃଜନଶୀଳ କାର୍ଯ୍ୟରେ ଜଡ଼ିତ ବ୍ୟକ୍ତିବିଶେଷଙ୍କ ମନରେ ଭୟ ସୃଷ୍ଟି କରୁଛି। ଫଳରେ ଶକ୍ତିଶାଳୀ ବ୍ୟକ୍ତି ବା ସଂସ୍ଥା ସେମାନଙ୍କ ବିରୋଧରେ ଅତି ସହଜରେ ମାନହାନି ମକଦ୍ଦମା କରିଦେଇପାରୁଛନ୍ତି। ସଦ୍ୟତମ ଉଦାହରଣ ହେଉଛି ଚଳିତ ମାସ ପ୍ରଥମ ସପ୍ତାହରେ ୟୁଟ୍ୟୁବର ଅଭିସାର ଶର୍ମା ଓ ବ୍ଲଗର ରାଜୁ ପାରୋଲେକରଙ୍କ ବିରୋଧରେ ଆଦାନୀ ଗ୍ରୁପ୍ ମାନହାନି ମକଦ୍ଦମା ଦାୟର କରିବା ପରେ ଗୁଜରାଟର ଏକ କୋର୍ଟ ସେମାନଙ୍କୁ ହାଜରହେବାକୁ ନୋଟିସ ଜାରି କରିଥିଲେ। ଏହି ଦୁଇଜଣଙ୍କୁ ସମନ କରିବା ବ୍ୟତୀତ କୋର୍ଟ ତରଫରୁ ଆଦାନୀ କମ୍ପାନୀ ବିରୋଧରେ କୌଣସି ଖବର ପ୍ରକାଶ ନ କରିବା ପାଇଁ ଆଦେଶ ଜାରି କରାଯାଇଥିଲା। ତାହାକୁ ଭିତ୍ତିକରି କେନ୍ଦ୍ର ସରକାର ବିଭିନ୍ନ ଖବର ପ୍ରସାରଣ ସଂସ୍ଥାକୁ ନୋଟିସ ପଠାଇ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ୧୩୮ଟି ଭିଡିଓ ଏବଂ ୮୩ଟି ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟକୁ ଉଠାଇନେବା ପାଇଁ କହିଲେ। ଉଲ୍ଲେଖଯୋଗ୍ୟ, ଏହିସବୁ ଖବର ପରଞ୍ଜୟ ଗୁହା ଠାକୁରତା ନାମକ ବିଶିଷ୍ଟ ଖବରଦାତାଙ୍କ ଦ୍ୱାରା ଆଦାନୀ କମ୍ପାନୀର କେତୋଟି ପ୍ରକାଶନକୁ ନେଇ ଉପୁଜିଥିଲା। ଏବେ ସୁପ୍ରିମକୋର୍ଟ ଦେଇଥିବା ମନ୍ତବ୍ୟକୁ ସରକାର କେଉଁ ଭାବରେ କାର୍ଯ୍ୟକାରୀ କରାଇବେ ତାହା ଦେଖିବାକୁ ଅପେକ୍ଷା।



# ମାକ୍ସ ମୁଲାର: ବିଚାରର ଦୁଇଦିଗ

**ଛାୟାକାନ୍ତ ଷଡ଼ଙ୍ଗୀ**

ଯେଉଁ କେତେଜଣ ଇଂରେଜ ଭାରତ ପାଇଁ କିଛି ଚିନ୍ତା କରୁଥିଲେ, ସେମାନଙ୍କ ମଧ୍ୟରେ ଥମାସ୍ ବେବିଙ୍ଗଟନ୍ ମାକ୍‌ଲେ ଅନ୍ୟତମ। ସେ ଜଣେ ଆଇନ ପରାମର୍ଶଦାତା ଭାବରେ ୧୮୩୪ ମସିହାରେ ଭାରତ ଆସିଲେ ଓ ଭାରତରେ ଇଂଲିଶ ଶିକ୍ଷା ପ୍ରବର୍ତ୍ତନ କଲେ। ତାଙ୍କର ଉଦ୍ଦେଶ୍ୟ ଥିଲା ଭାରତରେ ଇଂରେଜ ଶାସନକୁ ସୁଦୃଢ଼ କରିବା ଓ ଖ୍ରୀଷ୍ଟଧର୍ମ ପ୍ରଚାର କରିବା। ସେ ଖୋଜୁଥିଲେ ଜଣେ ଏଭଳି ବିଦ୍ୱାନ ଯିଏ ଭାରତୀୟ ଧର୍ମଶାସ୍ତ୍ରକୁ କଦର୍ଥ କରି ନିକୃଷ୍ଟ ପ୍ରତିପାଦନ କରିବ ଓ ଖ୍ରୀଷ୍ଟଧର୍ମ ପ୍ରଚାରର ମାର୍ଗ ସୁଗମ କରିପାରିବ। ମାକ୍ସ ମୁଲାର ଥିଲେ ମୂଳତଃ ଜର୍ମାନ୍। ସେ ସଂସ୍କୃତ ଅଧ୍ୟୟନ କରିଥିଲେ ଓ ୧୮୪୫ରେ ପ୍ୟାରିସ୍‌ରେ ଜଣେ ସାଧାରଣ କିରାଣି ଭାବରେ ଅନ୍ୟ ପାଇଁ ସଂସ୍କୃତ ପାଣ୍ଡୁଲିପିର ନକଲ କାର୍ଯ୍ୟ କରୁଥିଲେ। ୧୮୫୦ରେ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଆଧୁନିକ ଭାଷାର ପ୍ରଫେସର ଭାବରେ ଯୋଗଦେଲେ। ୧୮୫୫ ଡିସେମ୍ବର ୨୮ରେ ମାକ୍‌ଲେ ତାଙ୍କୁ ସାକ୍ଷାତ୍ କଲେ। ମାକ୍‌ଲେଙ୍କ ପ୍ରଭାବରେ ସେ ଇଷ୍ଟ ଇଣ୍ଡିଆ କମ୍ପାନୀ ପାଇଁ ଋକ୍‌ବେଦ ଅନୁବାଦ କାର୍ଯ୍ୟ ପାଇଲେ। ପ୍ରତ୍ୟେକ ପୃଷ୍ଠା ପାଇଁ ସେ ପାଇଲେ ୪ ପାଉଣ୍ଡ ପାରିଶ୍ରମିକ। ୧୮୬୮ରେ ସେ ଅକ୍ସଫୋର୍ଡରେ ତୁଳନାତ୍ମକ ଭାଷାବିଜ୍ଞାନର ଚେୟାର ଅଲଙ୍କୃତ କଲେ ଓ ସେକ୍ରେଡ୍ ବୁକ୍‌ସ ଅଫ୍ ଦି ଇଷ୍ଟ ପ୍ରକାଶ କରିବାର ସୁଯୋଗ ପାଇଲେ। ସେ ୨୫ ବର୍ଷ ଅକ୍ଲାନ୍ତ ପରିଶ୍ରମ କରି ୧୮୭୪ରେ ଋକ୍‌ବେଦର ଅନୁବାଦ ଶେଷ କଲେ। ସେ ଭାରତୀୟ ସଂସ୍କୃତି ଓ ସଂସ୍କୃତ ଭାଷାକୁ ଠିକ୍ ଭାବରେ ବୁଝିପାରି ନ ଥିବାରୁ ଋକ୍‌ବେଦ ଭାଷ୍ୟକୁ କଦର୍ଥ କଲେ। ତଦ୍ୱାରା ଭାରତୀୟ ଧର୍ମଶାସ୍ତ୍ରର ନ୍ୟୂନତା ପ୍ରତିପାଦିତ ହେଲା ଓ ଖ୍ରୀଷ୍ଟଧର୍ମର ଶ୍ରେଷ୍ଠତା ପ୍ରତିଷ୍ଠା କରିବା ସହଜ ହେଲା। ଅନେକ ସମାଲୋଚକ ଅଭିଯୋଗ କଲେ ଯେ ଏହା ମାକ୍ସ ମୁଲାରଙ୍କ ଅଜ୍ଞତା ନ ଥିଲା ବରଂ ଏହା ଥିଲା ପୂର୍ବ ନିର୍ଦ୍ଧାରିତ। ଏହି ପ୍ରସଙ୍ଗରେ ମାକ୍ସ ମୁଲାର ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଲେଖିଥିବା ଅନେକ ଚିଠିକୁ ଉଦ୍ଧାର କରାଯାଏ। ସେ ତାଙ୍କ ସ୍ତ୍ରୀଙ୍କୁ ୧୮୬୬ରେ ଲେଖିଥିଲେ ''ବେଦକୁ ଅନୁବାଦ କରିବାରେ ମୋର ଏହି ସଂସ୍କରଣ ଭବିଷ୍ୟତ ଭାରତର ଭାଗ୍ୟ ଓ ଲକ୍ଷ ଲକ୍ଷ ଭାରତୀୟଙ୍କ ଆତ୍ମିକ ବିକାଶ ଉପରେ ପ୍ରଭାବ ପକାଇବ। ବେଦ ସେମାନଙ୍କ ମୂଳ ଏବଂ ସେମାନଙ୍କୁ ଏହି ମୂଳ ସ୍ୱରୂପକୁ ଦେଖାଇବା ଓ ବିଗତ ତିନି ସହସ୍ର ବର୍ଷର ସେମାନଙ୍କ ସମସ୍ତ ସାହିତ୍ୟକୁ ସମୂଳେ ମୂଳୋତ୍ପାଟନ କରିବା ପାଇଁ ଏହା ଏକମାତ୍ର ଉପାୟ।'' (LIFE AND LETTERS OF FREDERICK MAX MULLAR))। ୧୮୬୮ ଡିସେମ୍ବର ୧୬ରେ ସେ ତତ୍କାଳୀନ ଭାରତ ସଚିବ ଡ୍ୟୁକ ଅଫ୍ ଅର୍ଗାଇଲଙ୍କୁ ଏକ ପତ୍ର ଲେଖିଥିଲେ, ''ଭାରତର



ଧର୍ମ ନଷ୍ଟ କରିବାରେ ମୁଁ ପୂରାପୂରି ଭାବରେ ଚେଷ୍ଟା କରିଛି ଓ ଏହା ନଷ୍ଟପ୍ରାୟ। ଏଥର ଏହାର ସ୍ଥାନ ଖ୍ରୀଷ୍ଟଧର୍ମ ନେବା ଉଚିତ।'' ତାଙ୍କର ଏହି ପ୍ରକାର ମନ୍ତବ୍ୟ ଭାରତରେ ଇଂରେଜମାନଙ୍କୁ ଖ୍ରୀଷ୍ଟଧର୍ମ ପ୍ରଚାର ପାଇଁ ପ୍ରେରଣା ଦେଲା। ତାଙ୍କର ଜଣେ ବନ୍ଧୁ ରେଭରେଣ୍ଡ୍ ଏଡ୍‌ୱାର୍ଡ ବୌନବରୀ ପୁସେ ତାଙ୍କୁ କୃତଜ୍ଞତା ଜଣାଇ ଲେଖିଲେ, ''ଭାରତୀୟମାନଙ୍କୁ ଧର୍ମାନ୍ତରିତ କରିବାରେ ତମର ଏହି କାର୍ଯ୍ୟ ଏକ ନୂତନ ଯୁଗର ଆହ୍ୱାନ କରିବ। ଅକ୍ସଫୋର୍ଡ ସର୍ବଦା ତୁମ ପାଖରେ କୃତଜ୍ଞ ରହିବ, କାରଣ ତୁମକୁ ଆଶ୍ରୟ ଦେଇ ଭାରତୀୟମାନଙ୍କୁ ଖ୍ରୀଷ୍ଟିଆନ କରିବାରେ ପ୍ରଥମ ଓ ଆବଶ୍ୟକ କାର୍ଯ୍ୟ ସୁଗମ ହେଲା। ଏହା ଫଳରେ ପୁରାତନ ମିଥ୍ୟାଧର୍ମ ସହ ସତ୍ୟଧର୍ମ (ଖ୍ରୀଷ୍ଟଧର୍ମ)ର ତୁଳନା କରି ଆମ୍ଭେମାନେ ପ୍ରସନ୍ନ ହେବାପାଇଁ ସମର୍ଥ ହେବୁ।''(ବେଦ ଓ ବାଇବେଲ, ପୃଷ୍ଠା ୧୫୬, ଉମେଶ ପତ୍ରୀ)। ମାକ୍ସ ମୁଲାରଙ୍କ ବେଦ ଅନୁବାଦ ପ୍ରସାରିତ ହେବା ପରେ ଭାରତର ସଂସ୍କୃତ ବିଦ୍ୱାନମାନେ ତାକୁ ତ୍ରୁଟିପୂର୍ଣ୍ଣ ଓ ହାସ୍ୟାସ୍ପଦ ବୋଲି ପ୍ରମାଣ କଲେ। ଭାରତର ବୈଦିକ ବିଦ୍ୱାନ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ମଧ୍ୟ ତାଙ୍କ ବେଦଭାଷ୍ୟକୁ ଠିକ୍ ବୋଲି ଗ୍ରହଣ କଲେ ନାହିଁ।

ଅପର ପକ୍ଷରେ ମାକ୍ସ ମୁଲାରଙ୍କ ଏକ ଭିନ୍ନ ଚିତ୍ର ମିଳେ ମାଡ୍ରାସରୁ ପ୍ରକାଶ ପାଉଥିବା ବ୍ରହ୍ମବାଦିନ୍ ପତ୍ରିକାରେ ଜୁନ ୬, ୧୮୯୬ରେ ସ୍ୱାମୀ ବିବେକାନନ୍ଦ ଲେଖିଥିବା ଏକ ଆଲେଖ୍ୟରୁ। ୧୮୯୬ ମେ୨୮ରେ ସ୍ୱାମିଜୀ ମାକ୍ସ ମୁଲାରଙ୍କୁ ତାଙ୍କ ବାସଭବନରେ ସାକ୍ଷାତ୍ କରିଥିଲେ। ଏହା ପୂର୍ବରୁ ମାକ୍ସ ମୁଲାର ରାମକୃଷ୍ଣ ପରମହଂସଙ୍କ ସମ୍ପର୍କରେ ଏକ ପ୍ରବନ୍ଧ ଲେଖିସାରି ତାଙ୍କ ଜୀବନୀ ଲେଖିବା ପାଇଁ ପ୍ରସ୍ତୁତ ହେଉଥିଲେ। ରାମକୃଷ୍ଣଙ୍କୁ ଭଲପାଉଥିବା ବ୍ୟକ୍ତିଙ୍କ ନିକଟକୁ ଯିବା ସ୍ୱାମିଜୀଙ୍କ ପାଇଁ ଥିଲା ଏକ ତୀର୍ଥଯାତ୍ରା। ତାଙ୍କ ବାସଭବନରେ ଉଭୟଙ୍କ ମଧ୍ୟରେ ଭାରତର ବେଦ, ଉପନିଷଦ ସମ୍ପର୍କରେ ଦୀର୍ଘ ଆଲୋଚନା ହେଲା। ମାକ୍ସ ମୁଲାର ରହୁଥିଲେ ଏକ ବଗିଚାଯୁକ୍ତ ଛୋଟ ଘରେ। ସେତେବେଳେ ତାଙ୍କର ବୟସ ୭୦। କେଶ ଥିଲା ଶୁଭ୍ର ଓ ମୁଖମଣ୍ଡଳ ଦିଶୁଥିଲା ଶାନ୍ତ। ତାଙ୍କରି ଭିତରେ ସତେ ଯେପରି ଲୁକ୍କାୟିତ ଥିଲା ଆଧ୍ୟାତ୍ମିକତାର ଗଭୀର ଖଣି। ଶାନ୍ତ ବାତାବରଣରେ ରହୁଥିବା ସେ ଓ ତାଙ୍କ ସ୍ତ୍ରୀଙ୍କୁ ଦେଖିଲେ ସ୍ୱାମିଜୀଙ୍କ କଳ୍ପନାରେ ଉଦ୍ଭାସିତ ହେଉଥିଲା ଅତୀତ ଭାରତର ବ୍ରହ୍ମର୍ଷି, ରାଜର୍ଷି, ବଶିଷ୍ଠ, ଅରୁନ୍ଧତୀଙ୍କ ସମୟର ଗୌରବୋଜ୍ଜ୍ୱଳ ଦିନଗୁଡିକ। ସ୍ୱାମିଜୀ ଲେଖିଥିଲେ ''ମୁଁ ତାଙ୍କୁ ଜଣେ ଭାଷାତତ୍ତ୍ୱବିତ୍ କିମ୍ବା ମେଧାବୀ ପଣ୍ଡିତ ଭାବେ ଦେଖି ନ ଥିଲି, ବରଂ ଦେଖିଥିଲି ଏକ ଆତ୍ମା ରୂପେ ଯିଏ ପ୍ରତିଦିନ ବ୍ରହ୍ମଙ୍କ ସହ ଏକ ଓ ଅଭିନ୍ନ ହେବାର ଉପଲବ୍ଧି କରୁଥିଲେ।'' ଭାରତ ପ୍ରତି ମାକ୍ସ ମୁଲାରଙ୍କ ଗଭୀର ପ୍ରେମ ଦେଖି ସ୍ୱାମିଜୀ ଅଭିଭୂତ ହୋଇଥିଲେ ଓ ଲେଖିଥିଲେ, ''ଭାରତ ପ୍ରତି ତାଙ୍କର କି ଗଭୀର ପ୍ରେମ ! ମୋ ମାତୃଭୂମି ପ୍ରତି ପ୍ରେମ ତାଙ୍କ ପ୍ରେମର ଶହେରୁ ଏକ ଭାଗ ଥାନ୍ତା କି!'' ସାକ୍ଷାତ୍ ପରେ ମାକ୍ସ ମୁଲାର ବିବେକାନନ୍ଦଙ୍କୁ ରେଳଷ୍ଟେଶନ୍ ପର୍ଯ୍ୟନ୍ତ ବାଟେଇ ଦେବା ପାଇଁ ଆସିଲେ ଓ ଏହିସବୁ କାହିଁକି କରୁଛନ୍ତି ବୋଲି ସ୍ୱାମିଜୀ ପଚାରିବାରୁ ସେ କହିଲେ, ''ଶ୍ରୀ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟଙ୍କ ସହ ସାକ୍ଷାତ୍ କରିବା ସୁଯୋଗ ପ୍ରତିଦିନ ମିଳେ ନାହିଁ।'' ସ୍ୱାମିଜୀ ତାଙ୍କୁ ପଚାରିଲେ, ''ଆପଣ କେବେ ଭାରତ ଆସିବେ ? ଆମେ ଆପଣଙ୍କୁ ସ୍ୱାଗତ କରିବାକୁ ପ୍ରସ୍ତୁତ ରହିବୁ।'' ଏହା ଶୁଣି ସେ କହିଲେ, ''ଭାରତକୁ ଗଲେ ମୁଁ ଆଉ ସେଠାରୁ ଫେରିବି ନାହିଁ। ସେଠାରେ ତୁମେ ମୋର ଶେଷକୃତ୍ୟ ସମାପନ କରିବ।'' ମାକ୍ସ ମୁଲାରଙ୍କ ମୁହଁରୁ ଏହି କଥା ପଦକ ଶୁଣିବା ପରେ ତାଙ୍କର ଭାରତପ୍ରେମ ଯେ ଅନାବିଳ ଓ ଅତ୍ୟନ୍ତ ଗଭୀର ଥିଲା ତାହା ସ୍ୱୀକାର କରିବାକୁ ହେବ। ହୁଏତ ତାଙ୍କର ବେଦଭାଷ୍ୟ କିଛିମାତ୍ରାରେ ତ୍ରୁଟିପୂର୍ଣ୍ଣ ହୋଇଥାଇପାରେ, ହୁଏତ ଜୀବନର ପ୍ରାରମ୍ଭରେ ସେ ମାକ୍‌ଲେଙ୍କ ଦ୍ୱାରା ପ୍ରଭାବିତ ହୋଇ ଅର୍ଥଲୋଭରେ ଖ୍ରୀଷ୍ଟିଆନ୍ ଦୃଷ୍ଟିଭଙ୍ଗୀ ନେଇ ବେଦର ଭାଷ୍ୟ କରିଥାଇପାରନ୍ତି। ମାତ୍ର ପରବର୍ତ୍ତୀ ସମୟରେ ସେ ପଶ୍ଚାତ୍ତାପ କରିଥିଲେ ଓ ନିଜର ଦୃଷ୍ଟିଭଙ୍ଗୀକୁ ପରିବର୍ତ୍ତନ କରିଥିଲେ। ସେ ଜଣେ ନିରପେକ୍ଷ ବିଦ୍ୱାନ ଭାବରେ ଭାରତୀୟ ସଂସ୍କୃତି, ସାହିତ୍ୟ ଓ ଇତିହାସକୁ ଅଧ୍ୟୟନ କରି ଲେଖିଲେ ତାଙ୍କର ବିଖ୍ୟାତ ପୁସ୍ତକ ''ଇଣ୍ଡିଆ ! ହ୍ୱାଟ୍ କ୍ୟାନ୍ ଇଟ୍ ଟିଚ୍ ଅସ୍।'' ସେ ସ୍ୱୀକାର କଲେ ଯେ ସମଗ୍ର ୟୁରୋପ ଭାରତରୁ ଶିକ୍ଷା ଲାଭ କରିବା ଉଚିତ। ସେ ଲେଖିଥିଲେ, ''ମୁଁ ଯଦି ସମଗ୍ର ପୃଥିବୀରେ ପ୍ରକୃତିଦତ୍ତ ଐଶ୍ୱର୍ଯ୍ୟ, ଶକ୍ତି ଓ ସୌନ୍ଦର୍ଯ୍ୟ ବିମଣ୍ଡିତ ଏକ ଦେଶକୁ ଖୋଜେ, ପୃଥିବୀରେ ଯେଉଁ ଦେଶ ସ୍ୱର୍ଗତୁଲ୍ୟ– ମୁଁ ଇଙ୍ଗିତ କରିବି ଭାରତବର୍ଷକୁ'' ଏହି ସ୍ୱୀକାରୋକ୍ତି ପରେ ମାକ୍ସ ମୁଲାରଙ୍କ ଭାରତପ୍ରେମକୁ ପ୍ରଶ୍ନ କରାଯାଇ ନ ପାରେ। ସେ ଭାରତ ବିଷୟରେ ଅଧ୍ୟୟନ କରୁକରୁ ଭାରତର ପ୍ରକୃତ ଆତ୍ମାକୁ ଯେତେବେଳେ ଚିହ୍ନିଛନ୍ତି, ସେ ଅଭିଭୂତ ହୋଇଛନ୍ତି ଓ ତାଙ୍କ ପୂର୍ବଧାରଣାରୁ ମୁକ୍ତ ହୋଇ ଭାରତର ସ୍ତାବକ ପାଲଟିଯାଇଛନ୍ତି। ଏହା ହେଉଛି ଭାରତୀୟ ସଂସ୍କୃତିର ଅନ୍ତର୍ନିହିତ ଶକ୍ତି।

**ପ୍ରାକ୍ତନ କଲେଜ ଅଧ୍ୟକ୍ଷ
ଟିଟିଲାଗଡ଼
ମୋ: ୭୦୦୮୩୬୯୯୨୦**



# କିଛି କହିବା ଉଚିତ

**ରାଧାଶ୍ୟାମ ରାଉଳ**

କୌଣସି ଘଟଣା ବା ପ୍ରସଙ୍ଗ ଉପରେ କିଛି କହିବା ବା କିଛି ନ କହି ଚୁପ୍ ରହିବା, ଏ ଯୋଡିଏ ବିକଳ୍ପରୁ ଆମକୁ ଗୋଟିଏ ବିକଳ୍ପକୁ ଧରିବାକୁ ହେବ! ତେବେ ଆମେ ଦୈନନ୍ଦିନ ଜୀବନରେ ପ୍ରାୟ ଗୋଟିଏ ପ୍ରକାରର ସମସ୍ୟାକୁ ସାମ୍ନା କରୁ। ସେ ସମସ୍ୟାଟି ହେଲା, ଠିକ୍ ସମୟରେ ଠିକ୍ କଥା କହିପାରୁନାହୁଁ! କହିଲେ କାଳେ କେହି କିଛି ଭିନ୍ନ ଅର୍ଥରେ ନେବେ,ଗୋଟିଏ ପକ୍ଷକୁ ସୁହାଇଲା ଭଳି କହୁଛୁ ବୋଲି ପ୍ରତିପକ୍ଷ ଦୋଷାରୋପ କରିବେ, ସେଇ ଧର୍ମସଙ୍କଟରେ ପଡି ଚୁପ୍ ରହିବାକୁ ବୋଧହୁଏ ଆମେ ବାଧ୍ୟହେଉ !

ଆଜ୍ଞା, ଘରେ ଦୁଆରେ ହେଉ କିମ୍ବା କୌଣସି କାରଣରୁ ହେଉ ଛୋଟ ପୁଅ ଓ କୁନି ଝିଅ ଭିତରେ ହେଉଥିବା ଯୁକ୍ତିତର୍କ, କଳିଗୋଳ, ଚିମୁଟାଚିମୁଟି, ଚାପଡ଼ା, ବିଧା ମରାମରି ଯାଏ ଯଦି କଥା ଗଲା ଏବଂ ସେସବୁ ଘଟଣାର ଆପଣ ପ୍ରତ୍ୟକ୍ଷଦର୍ଶୀ ଥାଆନ୍ତୁ କିମ୍ବା ନ ଥାଆନ୍ତୁ,ଦୁଇପକ୍ଷ ଯେତେବେଳେ ଆପଣଙ୍କ ପାଖକୁ ଆସି ପରସ୍ପର ପ୍ରତି ଆରୋପ,ପ୍ରତ୍ୟାରୋପ କରିବସିବେ, ସେତେବେଳେ ଆପଣ ନିଶ୍ଚେ ଅକଳିଆ ପରିସ୍ଥିତିରେ ପଡିବେ! ଭୁଲ କି ଦୋଷ କମ୍ କାହାର ଅଧିକ କାହାର, ସେ ନିର୍ଣ୍ଣୟ, ନିରୂପଣ କଥା ପଛକୁ ରଖି ଯୋଡିଏ ବିକଳ୍ପରୁ ଗୋଟିଏ ବିକଳ୍ପକୁ ଆପଣଙ୍କୁ ଅଲବତ ବାଛିବାକୁ ହେବ। ହୁଏତ ସମାନୁପାତରେ ଦୁଇଜଣଙ୍କୁ ଆପଣ ତାଗିଦ କି ଆକଟ କରି କହିବେ, 'ଓହୋ, କାହିଁକି ଏମିତି ହେଉଛ କିରେ ? ଯାଅ, ଯେ'ଝାର କାମ କର। ଏମିତି ଯଦି ଆଉ ହେବ, ମୋ ନଜରରେ ପଡିଲେ, ତୁମ ଦୁଇଜଣଙ୍କୁ ବହେ ବାଡାଇବି ହାଁ।' କିମ୍ବା ଆପଣଙ୍କୁ ଦ୍ୱିତୀୟ ବିକଳ୍ପ ମୁତାବକ କାମ କରିବାକୁ ହେବ। ଅର୍ଥାତ୍ କୂଟନୀତି ପ୍ରୟୋଗ କରିବାକୁ ପଡିବ, ଦୁଇଜଣଙ୍କୁ ମନେଇବାକୁ ହେବ ସ୍ନେହ ଓ ଆଦରରେ। ଚାପମୁକ୍ତ ହୋଇ ସହଜ, ସାବଲୀଳ ଓ ମିଠା ସ୍ୱରରେ ଆପଣଙ୍କୁ କହିବାକୁ ହେବ, ''ଆରେ ତୁମେ ଦୁଇଜଣ ପରା ସୁନା ପିଲା ! ସୁନା ପିଲାମାନେ କ'ଣ ଏଇ ଛୋଟଛୋଟ କଥାକୁ ନେଇ ବାକ୍‌ବିତଣ୍ଡା, ଖଣ୍ଡଯୁଦ୍ଧ କରନ୍ତି ? କେତେ ଅସୁନ୍ଦର କଥା କହିଲ ? ଏଥର ଯାଅ, ପଢାପଢି କର।'' ଏହା ନ କହି ଯଦି ଆପଣ ଚୁପ୍ ରହିବେ, ତେବେ ସମସ୍ୟାଟି ହୁଏତ ବଢିଯାଇପାରେ ! ପୁଅ ପାଖରୁ କିମ୍ବା ଝିଅ ପାଖରୁ କିମ୍ବା ଉଭୟ ପକ୍ଷରୁ ଆପଣଙ୍କ ପ୍ରତି ହୁଏତ ଅତର୍କିତ ଆହ୍ୱାନ ଆସିପାରେ ! କ୍ଷୋଭ,ବିଦ୍ରୋହ ଓ ଅଭିମାନର ସ୍ୱର ହୁଏତ ଉଚ୍ଚାରିତ ହୋଇପାରେ, 'ବାପା, କିଛି ଶୁଣୁନାହାନ୍ତି, କିଛି ବୁଝୁନାହାନ୍ତି, କିଛି କହୁନାହାନ୍ତି। ଆପଣଙ୍କ ପତ୍ନୀ ମଧ୍ୟ ଆପଣଙ୍କ ଉପରେ ବିରକ୍ତ ହୋଇ କହିପାରନ୍ତି, 'ହଇହୋ, ଦୁଇଜଣଙ୍କର କଳି ଦେଖି ତୁମେ ନୀରବ ରହୁଛ କାହିଁକି? ନିଦାବିଷ୍ଟ ହୋଇଗଲ କି? ସେମାନଙ୍କୁ ଆଦର କରି କିମ୍ବା ଆକଟ କରି ଅନ୍ତତଃ ତୁମର କିଛି କହିବା ଉଚିତ। ତୁମେ କିଛି ନ କହିବା ବେଳକୁ ସେମାନଙ୍କର ମୁହଁ ଦିନକୁଦିନ ବଢିଯାଉଛି, ବୁଝିଲ ?'

ଆଜ୍ଞା, ଘରକଥା ଯେମିତି ସମାଜ କଥା ବି ଠିକ୍ ସେମିତି। ସାମାଜିକ ଜୀବନରେ ଆମେ ଯୋଡିହୋଇ ରହିଛୁ ବିଭିନ୍ନ କ୍ଷେତ୍ରରେ। ତେବେ ବାହାର ଦୁନିଆରେ



ଆମକୁ ପ୍ରତ୍ୟେକ କ୍ଷେତ୍ରରେ 'ହାତେ ମାପି ଚାଖଣ୍ଡେ ଚାଲିବା' ଏବଂ 'ଆଲୋ ସଖୀ, ଆପଣା ମହତ ଆପେ ରଖି'ନୀତିକୁ ଆପଣେଇବାକୁ ଅଛି କିମ୍ବା ମୁହଁ ଖୋଲି ଅନ୍ତତଃ କିଛି କହିବା ଉଚିତ। ତେଣୁ ସୃଷ୍ଟ ପରିସ୍ଥିତିରେ ଠିକ୍ ସମୀକ୍ଷଣ କରି ଏବଂ ପ୍ରତ୍ୟୁତ୍ପନ୍ନମତିତା ପ୍ରୟୋଗ କରି କେଉଁ କ୍ଷେତ୍ରରେ ନୀରବ ରହିବାକୁ ଅଛି ତ ଆଉ କେଉଁ କ୍ଷେତ୍ରରେ ଅନ୍ତତଃ କିଛି କହିବାର ଆବଶ୍ୟକତା ରହୁଛି। ରୋକ୍‌ଠୋକ କହିବା କିମ୍ବା ସ୍ପଷ୍ଟବାଦିତାର ଅନେକ ପାର୍ଶ୍ୱପ୍ରତିକ୍ରିୟା ରହୁଛି ଆଜିର ସମୟରେ। ତେଣୁ କ'ଣ କହିବା, ତାହା ପୁଣି କେଉଁ ଢଙ୍ଗରେ କହିବା, କିଛି ନ କହି ଯଦି ନୀରବ ରହିବା, ତେବେ ନୀରବତାର ମୂଲ୍ୟାୟନ ଠିକ୍ ହେବ ନା ଅବମୂଲ୍ୟାୟନ ହେବ,ଏସବୁର ନିଷ୍ପତ୍ତି ବିଲକୁଲ ନିଜର। ଅନ୍ୟକଥାରେ ଭଳିଯାଇ ନିଜ ଇଚ୍ଛା ବିରୋଧରେ କିଛି କହିବା ବିପଦ ସୃଷ୍ଟି କରିବ ନିଶ୍ଚୟ। ତେଣୁ ଯେକୌଣସି ସୃଷ୍ଟ ପରିସ୍ଥିତିରେ, ମନ୍ତବ୍ୟ କିମ୍ବା ଉତ୍ତର ଦେବା ଆଗରୁ ଆମେ ଭଲଭାବେ ବିଚାର କରିବା ଉଚିତ। ତଦନୁଯାୟୀ କେଉଁ କ୍ଷେତ୍ରରେ ନୀରବ ରହିବା ଉଚିତ ଏବଂ କେଉଁକ୍ଷେତ୍ରରେ ମୁହଁ ଖୋଲିବା ଉଚିତ ତାହା ନିଜେ ହିଁ ନିରୂପଣ କରିବା ଆବଶ୍ୟକ।

ଚୁପ୍ ରହିବା ବା ନୀରବ ରହିବାର ମୂଲ୍ୟକୁ କେବେ କ'ଣ ଅବଜ୍ଞା କି ଅସ୍ୱୀକାର କରିହେବ? ତେବେ ପ୍ରଶ୍ନ ଆସୁଛି, ନୀରବତା କେଉଁ କ୍ଷେତ୍ରରେ? ଆଜ୍ଞା, ପ୍ରତ୍ୟେକ ଜିନିଷ ବା କାମର ଗୋଟିଏ ନିର୍ଦ୍ଦିଷ୍ଟ ସୀମା ରହିଛି। ସୀମା ଟପିଗଲେ ପରିସ୍ଥିତି ଅସମ୍ଭାଳ ହୁଏ, ନିୟନ୍ତ୍ରଣ ବାହାରକୁ ଚାଲିଯାଏ! ସେ ସୀମା ବ୍ୟକ୍ତିଗତ ଜୀବନରେ ହେଉ ବା ପ୍ରଚଳିତ ସାମାଜିକ ବିଧି ବ୍ୟବସ୍ଥାରେ ହେଉ। ଜୀବନର ଯାତ୍ରାପଥରେ କେଉଁଠି ନା କେଉଁଠି ଅନ୍ୟାୟ, ଅନୀତି, ଅବ୍ୟବସ୍ଥା, ସ୍ୱେଚ୍ଛାଚାରିତାକୁ ଆମେ ସାମ୍ନା କରିଚାଲିଛୁ। ନିତିଦିନ ସେସବୁବିରୋଧରେ ଅଲବତ ମୁହଁଖୋଲିବାକୁପଡିବ, କାରଣ ନିରବ ରହିବା ମହାବିପଦ। ଯାହା କହିବାକୁ ଅଛି, ତାହା ତତ୍‌କ୍ଷଣାତ୍ କହିଦେବା ଉଚିତ। ପରେ କହିଲେ, ହୁଏତ କଥାର ଗୁରୁତ୍ୱ କମିଯାଇପାରେ, ପରିସ୍ଥିତିରେ ହୁଏତ ମୋଡ଼ ଆସିଯାଇପାରେ।

ହେଲେ ଯାହା କହିବା ଉଚିତ ଓ ଯୁକ୍ତିଯୁକ୍ତ, ତାହା କ'ଣ ପ୍ରକୃତରେ ତତ୍‌କ୍ଷଣାତ୍ ଆମେ କହିପାରୁ କି? କିଛି କ୍ଷେତ୍ରରେ ହୁଏତ କହିପାରୁ, କିନ୍ତୁ ଅନେକ କ୍ଷେତ୍ରରେ ଆଦୌ କହି ନ ପାରି ଦୋ'ଦୋ' ପାଞ୍ଚ ଅବସ୍ଥା ଭିତରେ ରହିଯାଉ। ଧର୍ମସଙ୍କଟ ଭିତରେ ଧନ୍ଦିହେବା ସାର ହୁଏ। ଅବଶ୍ୟ ଜୀବନର ଦୀର୍ଘ ଅନୁଭୂତିରୁ ଏଇ ଶିକ୍ଷା ମିଳେ ଯେ କେତେକ କ୍ଷେତ୍ରରେ କିଛି ନ କହି ନୀରବ ରହିବା ଫଳରେ ସମସ୍ୟାର ସମାଧାନ ଛାଆଁକୁ ଛାଆଁ ହୋଇଯାଏ। ହେଲେ ଯେଉଁଠି ଆତ୍ମସମ୍ମାନ କି ଆତ୍ମରକ୍ଷାର ପ୍ରଶ୍ନ ଉଠେ, ସେ କ୍ଷେତ୍ରରେ ନିଜ ପାଇଁ ନିଜକୁ କହିବାକୁ ହେବ। ନିଜ ପାଇଁ ଅନ୍ୟ କେହି କହିବେ ନାହିଁ। ତେଣୁ ଠିକ୍ ସମୟରେ ଠିକ୍ ପ୍ରତିକ୍ରିୟା ବା ଅଭିବ୍ୟକ୍ତି ପରିପ୍ରକାଶ କରିବା ହେଉଛି ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା।

ଆଜ୍ଞା,ଜୀବନର ଅନେକ କ୍ଷେତ୍ରରେ ଆମେ ନୀରବ ରହି ପରବର୍ତ୍ତୀ ସମୟରେ ଘୋର ପଶ୍ଚାତ୍ତାପ କରିବସିଛୁ ତ କେତେକ କ୍ଷେତ୍ରରେ ମୁହଁଖୋଲି ମହାଅଡୁଆ ପରିସ୍ଥିତିକୁ ଆହ୍ୱାନ କରିବସିଛୁ। ଏସବୁ ସତ୍ତ୍ୱେ ବି ନୀରବ ବା ଚୁପ୍ ରହିବା କ'ଣ ଠିକ୍ ? ବରଂ ନୀରବତା ଭାଙ୍ଗି ମୁହଁଖୋଲି କିଛି କହିବା ଆଜିର ସମୟ ଆମ ସମସ୍ତଙ୍କୁ ବସ୍ତୁତଃ ବାଧ କରୁଛି ! କ'ଣ ଆଜ୍ଞା, ମୁଁ ଠିକ୍ କହିଲି ତ ?

**ମୋ:୯୪୩୭୦୯୦୯୮୫**

## ଏଇ ଭାରତରେ

ବାରାଣସୀର ଡ. ସୁବୋଧ କୁମାର ସିଂ ଶିଶୁମାନଙ୍କ ପାଇଁ ଦେବଦୂତ ପାଲଟିଛନ୍ତି। ସେ ଏବେ ସୁଦ୍ଧା ୩୭,୦୦୦ ଶିଶୁଙ୍କର ଅସ୍ତ୍ରୋପଚାର କରିସାରିଲେଣି ଓ ଏହା ଦ୍ୱାରା ୨୫,୦୦୦ ପରିବାର ଉପକୃତ ହୋଇପାରିଛନ୍ତି। ସୁବୋଧଙ୍କ ପିଲାଦିନ ବହୁ କଷ୍ଟରେ କଟିଥିଲା। ୪ ସନ୍ତାନ ମଧ୍ୟରେ ସେ ଥିଲେ ସର୍ବକନିଷ୍ଠ। ହୃଦ୍‌ଘାତରେ ପିତାଙ୍କ ମୃତ୍ୟୁବେଳକୁ ସୁବୋଧଙ୍କ ବୟସ ଥିଲା ୧୩। ଅଭାବ ଭିତରେ ବଡ଼ ଭାଇଙ୍କ ରୋଜଗାରରେ ପରିବାର ଚଳିଲା ଓ ସେ ପଢ଼ିଲେ। ଏମିତି କି ତାଙ୍କୁ ମଧ୍ୟ ଦୋକାନରେ କାମ କରିବାକୁ ପଡ଼ିଛି। ତେବେ ଉଚ୍ଚଶିକ୍ଷା ପାଇ ଡାକ୍ତର ହେବା ପରେ ସେ ପିଲାଦିନର ଅଭାବକୁ ସ୍ମରଣ କରି ଅସହାୟ ଶିଶୁମାନଙ୍କ ସେବା ମାଗଣାରେ କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ମୁଖ୍ୟତଃ ନବଜାତକଙ୍କ ଗ୍ରହଣଖଣ୍ଡିଆ ସମସ୍ୟା ଅସ୍ତ୍ରୋପଚାର ଦ୍ୱାରା ଦୂର କରୁଛନ୍ତି। ଏହାଦ୍ୱାରା ଶିଶୁମାନେ ଭଲରେ କଥା କହିବାକୁ ସକ୍ଷମ ହେଉଛନ୍ତି। ସେ ୧୯୯୩ରେ ପ୍ରାକ୍ଟିସ ଆରମ୍ଭ କରିଥିଲେ ଓ ୨୦୦୪ରେ ସେ ତାଙ୍କ ପିତାଙ୍କ ସ୍ମୃତିରେ ଜି.ଏସ. ମେମୋରିଆଲ ହସ୍ପିଟାଲ ପ୍ରତିଷ୍ଠା କରି ଏହି ମାଗଣା ସେବା ଯୋଗାଇ ଆସୁଛନ୍ତି। ଡା. ସୁବୋଧଙ୍କ କାର୍ଯ୍ୟକୁ ନେଇ ଅନେକ ଡକ୍ୟୁମେଣ୍ଟାରୀ ନିର୍ମାଣ କରାଯାଇଥିବା ବେଳେ ଏବେ ସେ ବିଶ୍ୱର ଶ୍ରେଷ୍ଠ ପ୍ଲାଷ୍ଟିକ୍ ସର୍ଜନଙ୍କ ମଧ୍ୟରେ ଜଣେ ଭାବେ ପରିଗଣିତ ହୋଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୪ ସେପ୍ଟେମ୍ବର ୧୯୭୬**

- ଓଡ଼ିଶା ଭୂସଂସ୍କାର (୨ୟ ସଂଶୋଧନ) ବିଲ୍ ବିଧାନସଭାରେ ଗୃହୀତ ହୋଇଛି।
- ଭାଇକିଙ୍ଗ–୨ ମଙ୍ଗଳ ଗ୍ରହରୁ ପଠାଉଥିବା ବିଭିନ୍ନ ଫଟୋକୁ ପରୀକ୍ଷା କରି ଆମେରିକାର ବୈଜ୍ଞାନିକମାନେ ମଙ୍ଗଳ ଗ୍ରହର ମେରୁ ଅଞ୍ଚଳ ବରଫାଚ୍ଛନ୍ନ ରହିଥିବା ଜାଣିପାରିଛନ୍ତି।

## ଚିରନ୍ତନୀ

ମୁକତିର ଗତି ଏକ ଅପରକୁ ଜାଣେ
ଏକ ବିନେ ଆନର ମୁକତି
ସେ ଯେ ମହା ଅସମ୍ଭବ
କ୍ଲାନ୍ତିହୀନ ମିଳନ ବିଭବ ।
ଚିର ଆକାଙ୍‌କ୍ଷାର ଧନ
ଏକ ଯେ ଆନର ତହିଁ ମୁକତି–ସାଧନ ।
–(ଯୁଗଳ ପ୍ରୟାଣେ)
**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | | | 2 | |
| | | 8 | 1 | | | 6 | 5 | |
| | 7 | 5 | | | 2 | | | |
| 2 | | | | 3 | | | 9 | |
| | 9 | | 4 | | | | 8 | |
| | 6 | | | | | 1 | | |
| 5 | 8 | | | | 7 | | | |
| | | | | | 9 | | | 3 |
| | | | 2 | 6 | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 2 | 7 | 8 | 5 | 6 | 1 | 3 |
| 5 | 3 | 1 | 4 | 9 | 6 | 8 | 2 | 7 |
| 7 | 6 | 8 | 2 | 1 | 3 | 4 | 5 | 9 |
| 4 | 1 | 6 | 9 | 3 | 2 | 5 | 7 | 8 |
| 2 | 8 | 5 | 1 | 6 | 7 | 3 | 9 | 4 |
| 3 | 7 | 9 | 5 | 4 | 8 | 1 | 6 | 2 |
| 6 | 9 | 4 | 3 | 7 | 1 | 2 | 8 | 5 |
| 1 | 2 | 7 | 8 | 5 | 4 | 9 | 3 | 6 |
| 8 | 5 | 3 | 6 | 2 | 9 | 7 | 4 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆର୍ଥିକ ସାହାଯ୍ୟ

ମହାଶୟ,

ଯେଉଁମାନେ ସରକାରୀ ଚାକିରି କରୁଛନ୍ତି, ସେମାନେ ଅବସର ପରେ ପେନ୍‌ସନ ପାଇବେ। ଚଳିବାକୁ ତାଙ୍କ ଲାଗି ଅସୁବିଧା ହେବ ନାହିଁ। ଯେଉଁମାନେ ବଡ଼ ବଡ଼ କମ୍ପାନୀରେ ଚାକିରି କରିଥା'ନ୍ତି, ଅବସର ପରେ ମୋଟା ଅଙ୍କର ଅର୍ଥ ପାଇ ବ୍ୟବସାୟ କରିଥା'ନ୍ତି କିମ୍ବା ବ୍ୟାଙ୍କରେ ରଖି ସୁଧରେ ବି ଚଳିଯା'ନ୍ତି। ଯେଉଁମାନେ ଛୋଟ ଚାକିରି କରିଥାନ୍ତି, କୁଲି ମଜୁରିଆ କାମ କରିଥାନ୍ତି କିମ୍ବା କୃଷି ଉପରେ ନିର୍ଭର କରିଥାନ୍ତି, ସେମାନେ ବୃଦ୍ଧାବସ୍ଥାରେ ଆଉ ଖଟି ପାରନ୍ତି ନାହିଁ କିମ୍ବା ରୋଜଗାର ମଧ୍ୟ କରିପାରନ୍ତି ନାହିଁ। ଅନେକ ରୋଗ ଦେଖାଯାଏ। ଫଳରେ ସେମାନେ ଡାକ୍ତର, ଡାକ୍ତରଖାନା ଏବଂ ଔଷଧ ଉପରେ ନିର୍ଭରକରି ଜୀବନ ନିର୍ବାହ କରିଥାନ୍ତି। ପୁଅବୋହୂମାନେ ସେମାନଙ୍କୁ ଦୂର୍ ଦୂର୍ ମାର୍ ମାର୍ କରିଥାନ୍ତି। ସେମାନେ ଘରେ ପଡ଼ି ଘୋଷାଡ଼ି ହେଲେ ମଧ୍ୟ ମୃତ୍ୟୁର ଦିନ ଗଣୁଥାନ୍ତି କିମ୍ବା ମରିବା ପାଇଁ ରାସ୍ତା ପ୍ରସ୍ତୁତ କରାଇଥାନ୍ତି କିମ୍ବା ଅସହାୟ ଅବସ୍ଥାରେ କୌଣସି ସ୍ଥାନରେ କିମ୍ବା ବୃଦ୍ଧାଶ୍ରମରେ ଛାଡ଼ିଦିଅନ୍ତି। ସରକାର ଯେତିକି ଅର୍ଥ ବୁଢ଼ାବୁଢ଼ୀଙ୍କୁ ଦେଉଛନ୍ତି, ସେମାନଙ୍କର ଜୀବନ ଜୀବିକା ପାଇଁ ତାହା ଯଥେଷ୍ଟ ନୁହେଁ। ଅଧିକ ଭତ୍ତା ପ୍ରଦାନ କଲେ ସେମାନଙ୍କ ଶେଷ ଜୀବନ ସୁଖମୟ ହୋଇପାରନ୍ତା।

**– ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୨ୟ ଥର ଅନାସ୍ଥା ଅଗ୍ରାହ୍ୟ

■ ଗୋଟିଏ ଅଧିବେଶନରେ ୨ଥର ଅନାସ୍ଥା ଆସିପାରିବନି: ବାଚସ୍ପତି
■ ବିନା ବିରୋଧୀରେ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ସମ୍ପର୍କିତ ସଂକଳ୍ପ ପାରିତ
■ ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍ ୨୦୨୫ ପାରିତ
■ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଲେ ବିଜେଡି ସଦସ୍ୟ

ଭୁବନେଶ୍ୱର, ୨୩।୯ (ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳ ବିରୋଧରେ ମଙ୍ଗଳବାର କଂଗ୍ରେସ ବିଧାୟକ ଦଳ ପକ୍ଷରୁ ଦ୍ୱିତୀୟ ଥର ଲାଗି ଅନାସ୍ଥା ଅଣାଯାଇଥିଲା। ଅପରାହ୍ନ ୪ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବାଚସ୍ପତି ସୁରମା ପାଢ଼ୀ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ବାଚସ୍ପତି ଗୃହରେ ଏହା ଉପରେ ଜବାବ ରଖି କହିଛନ୍ତି, ଗୋଟେ ଥର ଅନାସ୍ଥା ଆଣିବା ପରେ ଏହାର ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ ଏହାକୁ ଆଉ ଥରେ ଅଣାଯାଇପାରିବ ନାହିଁ। ଏପରିକି ଗୋଟିଏ ଅଧିବେଶନରେ ୨ଥର ଅନାସ୍ଥା ଅଣାଯାଇପାରିବ ନାହିଁ ବୋଲି ବାଚସ୍ପତି କହିବା ସହ ଏହାକୁ ଅଗ୍ରାହ୍ୟ କରିଛନ୍ତି। ବିଧାନସଭା ଅଧିବେଶନର ୫ମ ଦିନରେ ମଧ୍ୟ ଗୃହରେ ବିରୋଧୀଙ୍କ ସ୍ଲୋଗାନ, ହୋହଲ୍ଲା ଏବଂ କକ୍ଷତ୍ୟାଗ ଦେଖିବାକୁ ମିଳିଥିଲା। ଅନ୍ୟପଟେ କେନ୍ଦ୍ର ସରକାରଙ୍କ ଜିଏସ୍‌ଟି ସଂଶୋଧନ ଉପରେ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେବାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଣିଥିବା ସଂକଳ୍ପ ପ୍ରସ୍ତାବ ଏବଂ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଆଗତ କରିଥିବା ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍ ୨୦୨୫କୁ ବିଧାନସଭାରେ ବିରୋଧୀ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନଙ୍କ ଅନୁପସ୍ଥିତିରେ ଗୃହରେ ପାରିତ ହୋଇଯାଇଛି।

ଗୃହକାର୍ଯ୍ୟ ପୂର୍ବାହ୍ନ ୧୦ଟା ୩୦ରେ ଆରମ୍ଭ ହୋଇଥିଲା। ଏହି ସମୟରେ ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜନପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ କରାଯିବା ଅଭିଯୋଗରେ ବିଜେଡି ସଦସ୍ୟମାନେ ବିରୋଧ କରିବା ଆରମ୍ଭ କରିଦେଇଥିଲେ। ପୂର୍ବଦିନ ଭଳି କଂଗ୍ରେସ କହିଥିଲା, ବିଜେଡି-ଭାଜପା ଭାଇ ଭାଇ ଅନାସ୍ଥା ଆଣି ଦିଅନ୍ତି ନାହିଁ। ଏହିଭଳି ଭାବେ କଂଗ୍ରେସ ନିଜ ଆସନରେ ରହି ପ୍ରତିବାଦ ଜଣାଇଥିଲା। ଏହିପରି ଭାବେ ୨୦ ମିନିଟ୍ ଚାଲିବା ପରେ ୧୦ଟା ୫୦ରେ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ସେହିପରି ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ସମାନ ସ୍ଥିତି ଗୃହ ଭିତରେ ଦେଖିବାକୁ ମିଳିଥିଲା। ବିଜେଡି ସଦସ୍ୟମାନେ ସରକାର ବିରୋଧୀ ସ୍ଲୋଗାନ ଦେବା ସହ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜନପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ ହେବା ଉପରେ ଆଲୋଚନା କରିବାକୁ ଅଡ଼ି ବସିଥିଲେ। ହେଲେ ବାଚସ୍ପତି ସେମାନଙ୍କୁ ନିଜ ସ୍ଥାନରେ ବସିବା ପାଇଁ କହିଥିଲେ। ଏହାପରେ ବିଜେଡି ସଦସ୍ୟମାନେ କକ୍ଷତ୍ୟାଗକରି ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ଧାରଣାରେ ବସିଥିଲେ। ଏହାପରେ କଂଗ୍ରେସ ସଦସ୍ୟମାନେ ଅନାସ୍ଥାକୁ ଅଗ୍ରାହ୍ୟ ହେବାକୁ ନେଇ ସ୍ଲୋଗାନ ଦେଇ ଗୃହ ମଧ୍ୟଭାଗକୁ ଆସି ବିରୋଧ କରିଥିଲେ। ଏହାପରେ ବାଚସ୍ପତି ସରକାରୀ ଦଳ ମୁଖ୍ୟ ସଚେତକଙ୍କୁ ଦାୟିତ୍ୱ ଦେଇଥିଲେ ବିଜେଡି ସଦସ୍ୟମାନଙ୍କୁ ବୁଝାଇ ଗୃହକୁ ଫେରାଇ ଆଣିବା ଲାଗି। ଏହାସହ ୪ଟା ୮ ମିନିଟ୍‌ରୁ ୧୫ ମିନିଟ୍ ପାଇଁ ଗୃହକାର୍ଯ୍ୟ ମୁଲତବୀ ରଖିଥିଲେ। ୪ଟା ୨୩ ମିନିଟ୍‌ରେ ପୁଣି ଥରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବାଚସ୍ପତି ସରକାରୀ ଦଳ ମୁଖ୍ୟ ସଚେତକଙ୍କୁ ଯେଉଁ ଦାୟିତ୍ୱ ଦିଆଯାଇଥିଲା ସେ ବିରୋଧୀ ସଦସ୍ୟମାନଙ୍କ ସହ କ'ଣ ଆଲୋଚନା କଲେ ବୋଲି ପଚାରିଥିଲେ। ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ବାଚସ୍ପତିଙ୍କୁ ଅବଗତ କରାଇଥିଲେ, ସେ ବିଜେଡି ସଦସ୍ୟମାନଙ୍କୁ ଗୃହ କାର୍ଯ୍ୟରେ ଯୋଗଦେବାକୁ ଅନୁରୋଧ କରିଥିଲେ। ବିରୋଧୀ ଦଳ ଉପନେତା ତାଙ୍କ ବିଧାୟକମାନଙ୍କ ସହ ଆଲୋଚନାକରି ଜଣାଇବେ ବୋଲି କହିଥିବା ସୂଚନା ଦେଇଥିଲେ। ଏହାପରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂ ଦେଓ, ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଦାମ, ସରକାରୀ ଦଳ ମୁଖ୍ୟ ସଚେତକ, ସରକାରୀ ଦଳ ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ତାଙ୍କ ପ୍ରକୋଷ୍ଠକୁ ଆଲୋଚନା ପାଇଁ ଡାକିଥିଲେ। ଏହାପରେ ଗୃହକାର୍ଯ୍ୟ ଆଉ ଥରେ ୧୫ ମିନିଟ୍ ପାଇଁ ମୁଲତବୀ କରିଥିଲେ। ଏହାପରେ ପ୍ରାୟ ୪ଥର ଲେଖାଏ ଗୃହକାର୍ଯ୍ୟ ମୁଲତବୀ ଘୋଷଣା କରାଯାଇଥିଲା। ଏହିପରି ୫ଟା ୧୯ରେ ପୁଣି ଥରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। କଂଗ୍ରେସ ସଦସ୍ୟମାନେ ପୁଣି ଥରେ ନିଜ ଆସନରୁ ବାଚସ୍ପତିଙ୍କ ପୋଡିୟମ ତଳ ପର୍ଯ୍ୟନ୍ତ ଆସି ବିରୋଧ ପ୍ରଦର୍ଶନ କରିଥିଲେ। ଏହି ସମୟରେ ଗୃହରେ ମୋଟ୍ ୭ଟି ରିପୋର୍ଟ ଉପସ୍ଥାପିତ ହୋଇଥିଲା। ଏହାପରେ ବାଚସ୍ପତି ସୋମବାରଠାରୁ ଗୃହରେ ପୂର୍ଣ୍ଣ ଆଲୋଚନା ହୋଇପାରି ନ ଥିବା ଜିଏସ୍‌ଟି ସଂଶୋଧନ ନେଇ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେବା ସମ୍ପର୍କିତ ସଂକଳ୍ପ ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଅନୁମତି ଦେଇଥିଲେ। କଂଗ୍ରେସ ସଦସ୍ୟମାନେ ତାଙ୍କ ଦାବି ବାଚସ୍ପତି ରଖୁ ନ ଥିବା ଅଭିଯୋଗକରି କକ୍ଷତ୍ୟାଗ କରିଥିଲେ। ଏହିପରି ୬ଟା ୩୦ ମିନିଟ୍‌ରେ ଗୃହକାର୍ଯ୍ୟକୁ ବାଚସ୍ପତି ଆଉ ଗୋଟାଏ ଘଣ୍ଟା ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ବିନା ବିରୋଧୀରେ ଗୃହକାର୍ଯ୍ୟ ଚାଲିଥିଲା। ପ୍ରାୟ ୭ଟା ୩୦ମିନିଟ୍ ସମୟରେ ଗୃହକୁ ବୁଧବାର ପର୍ଯ୍ୟନ୍ତ ବାଚସ୍ପତି ମୁଲତବୀ ଘୋଷଣା କରିଥିଲେ।



## ଭାରତ ଦେଖିଲା 'ଗୋଟିଏ ଦେଶ ଗୋଟିଏ କର': ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୯(ସୁନିତ୍ ମିଶ୍ର)


ମୋହନ ଚରଣ ମାଝୀ

ଜିଏସ୍‌ଟିରେ ସଂସ୍କାର ଅଣାଯାଇଥିବା ନେଇ ସୋମବାରଠାରୁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେବା ସମ୍ପର୍କରେ ଏକ ସଙ୍କଳ୍ପ ଗୃହରେ ଆସିଛି। ଯେଉଁମାନେ ସେଥିରେ ଆଲୋଚନା କରିଛନ୍ତି ସମସ୍ତଙ୍କୁ ଧନ୍ୟବାଦ ଜଣାଉଛୁ। ସମସ୍ତେ ଏ ବାବଦରେ ଅବଗତ ଯେ ଏହି ଜିଏସ୍‌ଟି ସଂସ୍କାର ଦ୍ୱାରା ଜନସାଧାରଣଙ୍କୁ କେମିତି ଫାଇଦା ମିଳିବାକୁ ଯାଉଛି। ଆଜି ଗୃହରେ ବିରୋଧୀ ଦଳ ସଦସ୍ୟ ଉପସ୍ଥିତ ନାହାନ୍ତି। ହେଲେ ସୋମବାର ଅନେକ ବିରୋଧୀ ସଦସ୍ୟ କହୁଥିଲେ ପୂର୍ବରୁ ଜିଏସ୍‌ଟିକୁ ଭାଜପା କିପରି ବିରୋଧ କରୁଥିଲା। ବର୍ତ୍ତମାନ ଭାରତ ଦେଖିଲା ଗୋଟିଏ ଦେଶ, ଗୋଟିଏ କର। କେନ୍ଦ୍ରର ଏନ୍‌ଡିଏ ସରକାରଙ୍କ ଏପରି ନିଷ୍ପତ୍ତିକୁ ପ୍ରଶଂସା କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ବିଧାନସଭାରେ କହିଛନ୍ତି। ଜିଏସ୍‌ଟି ସଂସ୍କାର ନେଇ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇବା ସମ୍ପର୍କିତ ସଙ୍କଳ୍ପ ଗୃହରେ ପାରିତ ହୋଇଛି। ଏହା ଉପରେ ଆଲୋଚନା ବେଳେ ସମୟରେ ମୁଖ୍ୟମନ୍ତ୍ରୀ ଗୃହରେ କହିଛନ୍ତି, ୫୬ତମ ଜିଏସ୍‌ଟି କାଉନ୍ସିଲରେ ଏଥର ସବୁ ରାଜ୍ୟ ସରକାର, ଯେଉଁମାନେ ଏଭଳି ନିଷ୍ପତ୍ତିକୁ ସମର୍ଥନ ଦେଇଛନ୍ତି ସେମାନଙ୍କୁ ଧନ୍ୟବାଦ। ଏହି କାଉନ୍ସିଲ ବୈଠକରେ କେନ୍ଦୁପତ୍ର ଉପରୁ ଜିଏସ୍‌ଟି କମାଇବାକୁ ପ୍ରସ୍ତାବ ଦେଇଥିଲେ। ଏହାଦ୍ୱାରା ଲକ୍ଷାଧିକ କେନ୍ଦୁପତ୍ର ତୋଳାଳି ଉପକୃତ ହେବେ। ସୋମବାର ଆଲୋଚନା ସମୟରେ ୮ଥର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ୫ ଥର ବିଧାୟକ ଅରୁଣ କୁମାର ସାହୁ ମୁଡ଼ି ଓ ଗୁଡ଼ା ଉପରୁ ଜିଏସ୍‌ଟି ହଟାଇବା କଥା କହିଥିଲେ। ତାହାର ଉତ୍ତର ତାଙ୍କ ଦଳର ଅନ୍ୟ ସଦସ୍ୟମାନେ କେଉଁ ବୁଝାଇ ସାରିଛନ୍ତି। ଏହା ଉପରେ ଅଧିକ କହି ସମୟ ନଷ୍ଟ କରିବାକୁ ଚାହୁଁ ନାହିଁ। ବିରୋଧୀ ସଦସ୍ୟ ଗଣେଶ୍ୱର ବେହେରା ଜିଏସ୍‌ଟି ସଂସ୍କାରରେ ବିଳମ୍ବ ହେବା କଥା କହିଥିଲେ। ସିଏ ଗୋଟେ କଥା ଜାଣିବା ଦରକାର ବିଳମ୍ବ କାର୍ଯ୍ୟସିଦ୍ଧି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଓଡ଼ିଆରେ ନାମଫଳକ ଲେଖି ନ ଥିବା ୧୦୦ ବ୍ୟବସାୟିକ ଅନୁଷ୍ଠାନ ବିରୋଧରେ ମାମଲା

ଭୁବନେଶ୍ୱର,୨୩।୯(ରବିନାରାୟଣ ଜେନା)

ରାଜ୍ୟର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଓଡ଼ିଆରେ ନାମଫଳକ ଲେଖିବାକୁ ୨୦୧୮ ମେ'ରୁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଛି। ହେଲେ ଅଧିକାଂଶ ବ୍ୟବସାୟିକ ପ୍ରତିଷ୍ଠାନ ସରକାରଙ୍କ ଏହି ନିର୍ଦ୍ଦେଶକୁ ମାନିନାହାନ୍ତି। ଏହାକୁ ନେଇ ଆଇନ ଖିଲାପକାରୀ ୧୦୦ ବ୍ୟବସାୟ ପ୍ରତିଷ୍ଠାନ ମାଲିକଙ୍କ ବିରୋଧରେ ମାମଲା କରାଯାଇଛି ବୋଲି ଶ୍ରମମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି। ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଚଳିତ ଆର୍ଥିକବର୍ଷରେ ଏପର୍ଯ୍ୟନ୍ତ ୨୮୫୨ଟି ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ନିମନ୍ତେ ନିରୀକ୍ଷଣ କରାଯାଇଛି। ସେଥିମଧ୍ୟରୁ ୧୬୦୬ଟି ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ଲେଖାହୋଇ ନ ଥିବାରୁ ଏହାର ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୩୮ ବ୍ୟବସାୟିକ ପ୍ରତିଷ୍ଠାନ ବିରୋଧରେ ମକଦ୍ଦମା ରୁଜୁ କରାଯାଇଛି । ଏହାସହ ଝାରସୁଗୁଡ଼ାର ୨୩୭, ଖୋର୍ଦ୍ଧାରେ ୨୦୧ଟି ବ୍ୟବସାୟ ପ୍ରତିଷ୍ଠାନ ଉପରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଯଦି କୌଣସି ପ୍ରତିଷ୍ଠାନ/ସଂସ୍ଥାର ମାଲିକ ଏହି ଅଧିନିୟମର କୌଣସି ବ୍ୟବସ୍ଥାର ଉଲ୍ଲଂଘନ କରନ୍ତି ତେବେ ସେ ଦୋଷୀ ସାବ୍ୟସ୍ତହେଲେ ପ୍ରଥମଥର ନିମନ୍ତେ ୧ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଏବଂ ଦ୍ୱିତୀୟବାର ବା ପରବର୍ତ୍ତୀ ଅପରାଧ ନିମନ୍ତେ ଦୁଇ ହଜାରରୁ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନାରେ ଦଣ୍ଡିତ ହେବାର ପ୍ରାବଧାନ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

## ବିଧାନସଭା ପ୍ରଶ୍ନୋତ୍ତର

## ହାତୀ ସହ ଲଢ଼େଇ: ମାସକୁ ମରୁଛନ୍ତି ୧୦ ଲୋକ

ଭୁବନେଶ୍ୱର,୨୩।୯ (ରବିନାରାୟଣ ଜେନା)

ରାଜ୍ୟରେ ପ୍ରତିମାସରେ ହାତୀ-ମଣିଷ ଲଢ଼େଇରେ ୧୦ଜଣ ଲୋକଙ୍କ ମୃତ୍ୟୁ ହେଉଛି। ଏହି ଅନୁପାତରେ ୨ଟି ହାତୀ ମରୁଛନ୍ତି। ଚଳିତବର୍ଷ ଏପ୍ରିଲ ପହିଲାରୁ ସେପ୍ଟେମ୍ବର ୧୫ ସାଢ଼େ ୪ ମାସ ଭିତରେ ୪୫ ଜଣଙ୍କ ମୃତ୍ୟୁ ହୋଇଛି ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି। ମଙ୍ଗଳବାର ବିଧାୟକ କନ୍ହେଇଁ ଚରଣ ଡାଙ୍ଗଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଏହି ଅବଧି ମଧ୍ୟରେ ୯ଟି ହାତୀର ମୃତ୍ୟୁ ହୋଇଛି। ସେଥିମଧ୍ୟରୁ ୭ଟିର କେବଳ ବିଦ୍ୟୁତ୍ ଆଘାତରେ ଆସି ମୃତ୍ୟୁ ହୋଇଥିବାବେଳେ ଗୋଟିଏ ଟ୍ରେନ୍ ଦୁର୍ଘଟଣାରେ ଏବଂ ଅନ୍ୟଟି ଶିକାରୀଙ୍କ ଦ୍ୱାରା ମରିଛି। ମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ବିଦ୍ୟୁତ୍ ଆଘାତଜନିତ ମୃତ୍ୟୁ ରୋକିବା ପାଇଁ ବନ କର୍ମଚାରୀଙ୍କ ସହିତ ବିଭିନ୍ନସ୍ତରରେ ବୈଠକ ବସୁଛି। ସମ୍ବେଦନଶୀଳ ସ୍ଥାନଗୁଡ଼ିକ(ମୁକୁଳା ବିଦ୍ୟୁତ୍ ତାର)ରେ ପଇଁତରା ମାରିବାକୁ କୁହାଯାଇଛି। ଏହାସହିତ ଅସଜଡ଼ା ବିଦ୍ୟୁତ୍ ଭିତ୍ତିଭୂମି ମରାମତି କରିବାକୁ କୁହାଯାଇଛି। ହାତୀ ଚଳପ୍ରଚଳ ଅଞ୍ଚଳରେ ହାତୀ ସୁରକ୍ଷା ଦଳ ଏବଂ ଅନ୍ୟାନ୍ୟ ସୁରକ୍ଷା ଦଳ ଦ୍ୱାରା ନିୟମିତ ଭାବେ ପଇଁତରା ଦିଆଯାଉଛି। ଏହାଛଡ଼ା ସମ୍ବେଦନଶୀଳ ସ୍ଥାନରେ ସ୍ଥାନୀୟ ଗ୍ରାମବାସୀଙ୍କୁ ନେଇ ଗଜସାଥୀ ନିଯୁକ୍ତ କରାଯାଇଛି।

## ରାଜଧାନୀରେ ୫ ବର୍ଷରେ ଲାଗିଛି ୬୫ ହଜାରରୁ ଅଧିକ ଚାରା

ଭୁବନେଶ୍ୱର,୨୩।୯ (ରବିନାରାୟଣ ଜେନା)


ବାବୁଙ୍କ ପ୍ରଶ୍ନରେ ମନ୍ତ୍ରୀ ଗଣେଶ ରାମଙ୍କ ଉତ୍ତର

ରାଜଧାନୀ ଭୁବନେଶ୍ୱରକୁ ସବୁଜିମାମୟ କରିବା ଲାଗି ଗତ ୫ ବର୍ଷରେ ୬୫ ହଜାର ୧୬୧ ଚାରା ରୋପଣ ହୋଇଛି। ମଙ୍ଗଳବାର ପ୍ରଶ୍ନକାଳରେ ବିଧାୟକ ବାବୁ ସିଂଙ୍କ ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି, ରାଜ୍ୟ ବନ ଉନ୍ନୟନ ନିଗମ ପକ୍ଷରୁ ୫୫୩.୪୩ ଲକ୍ଷ ଟଙ୍କା ବ୍ୟୟରେ ଏହି ଚାରାସବୁ ଲାଗିଛି। ମନ୍ତ୍ରୀ ଆହୁରି କହିଛନ୍ତି, ୨୦୧୯ରେ ୩୦୯.୪୭ ଲକ୍ଷ ଟଙ୍କା ବିନିଯୋଗରେ ୧୭ ହଜାର ୩୧୧ ଚାରା ଲାଗିଥିବାବେଳେ ୨୦୨୩-୨୪ରେ ଦୁଇଟି ପର୍ଯ୍ୟାୟରେ ୬୬.୯୨ ଲକ୍ଷ ଏବଂ ୬୯.୫୪ ଲକ୍ଷ ଟଙ୍କାର ଚାରା ଲାଗିଛି। ସେହିପରି ୨୦୨୪-୨୫ରେ ଦୁଇଟି ପର୍ଯ୍ୟାୟରେ ଯଥାକ୍ରମେ ୪୩.୨ ଏବଂ ୬୪.୩ ଲକ୍ଷ ଟଙ୍କାର ଚାରା ଲାଗିଛି। ମନ୍ତ୍ରୀଙ୍କ ଉତ୍ତରରେ ବାବୁ ସନ୍ତୁଷ୍ଟ ନ ହୋଇ ପୁଣି ପ୍ରଶ୍ନ କରିଥିଲେ ଯେ, ପୂର୍ତ୍ତ ଏବଂ ନଗର ଉନ୍ନୟନ ବିଭାଗ ସହିତ ଅନ୍ୟାନ୍ୟ ସଂସ୍ଥା ଜରିଆରେ କେତେ ଗଛ ଲାଗିଛି। ହକି ବିଶ୍ୱକପ୍ ବେଳେ ବିଭିନ୍ନ ସଂସ୍ଥା ଜରିଆରେ ଫୁଲଗଛ କୁଣ୍ଡରେ ଲଗାଯାଇଥିଲା। ତାହା ଏବେ କେଉଁଠି? ଏହିଭଳି ବାବୁ ସିଂ ଗୁଡ଼ାଇ ତୁଡ଼ାଇ ପ୍ରଶ୍ନ କରିଥିବାବେଳେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଭିତରେ ମନ୍ତ୍ରୀ କହିଥିଲେ, ଏ ସଂକ୍ରାନ୍ତରେ ସଂପୃକ୍ତ ବିଭାଗ ପକ୍ଷରୁ କୌଣସି ଉତ୍ତର ମିଳି ନ ଥିବାବେଳେ ଜଙ୍ଗଲ ବିଭାଗ ପକ୍ଷରୁ ଏହି ତଥ୍ୟ ରହିଛି।

## ବିଧାୟକଙ୍କ ନୂଆ ବାସଭବନ ପାଇଁ କଟାଯାଇଛି ୭୨୧ ଗଛ

ଭୁବନେଶ୍ୱର,୨୩।୯ (ରବିନାରାୟଣ ଜେନା)

ବିଧାୟକଙ୍କ ନୂତନ ବାସଭବନ ନିର୍ମାଣ ପାଇଁ ୭୨୧ ଗଛ କଟାଯାଇଛି ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି। ମଙ୍ଗଳବାର ବିଧାୟକ ସାରଦା ପ୍ରସାଦ ନାୟକଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ବିଧାୟକଙ୍କ ଲାଗି ନୂଆ ସରକାରୀ ବାସଭବନ ତିଆରି ହେଉଥିବା ସ୍ଥାନର କ୍ଷେତ୍ରଫଳ ୬.୫୪ ହେକ୍ଟର। ସେଠାରୁ କଟାଯାଇଥିବା ୭୨୧ଟି ଗଛର ଭରଣା କରିବା ପାଇଁ ୪ ହଜାର ଗଛ ସୁବୁଦ୍ଧିପୁର ଓ ୨ ହଜାର ଗଛ ଭୁବନେଶ୍ୱରର ଘାଟିକିଆ ଅଞ୍ଚଳର ବିଭିନ୍ନ ସ୍ଥାନରେ କ୍ଷତିପୂରକ ବନୀକରଣ ବାବଦରେ ରୋପଣ କରାଯାଇଛି।

## ବିଜେଡିର ସମସ୍ୟା: ଭାଗନେବା ନା ନେବାନି

ଭୁବନେଶ୍ୱର, ୨୩।୯(ସୁନିତ୍ ମିଶ୍ର)

ବିଧାନସଭାରେ ବିଜେଡି ବିଭିନ୍ନ ପ୍ରସଙ୍ଗ ଉଠାଇ ବାରମ୍ବାର ପ୍ରତିବାଦ କରୁଛି। ସେଥିଲାଗି ଅନେକ ବିଷୟରେ ଆଲୋଚନା କରିବାରେ ବିରୋଧୀ ଦଳର ସଦସ୍ୟମାନେ ସକ୍ଷମ ହୋଇପାରୁ ନାହାନ୍ତି। ଏହାକୁ ନେଇ ବିଧାୟକ ଦଳ ଭିତରେ ଦ୍ୱନ୍ଦ୍ୱ ଆରମ୍ଭ ହୋଇଯାଇଛି। ସରକାରଙ୍କୁ ଘେରିବାକୁ ହେଲେ ଗୃହରେ ଆଲୋଚନା କରିବା ନିହାତି ଦରକାର ବୋଲି କେତେଜଣ ସଦସ୍ୟ କହୁଥିବା ବେଳେ ଆଉ କେତେଜଣ ଏହାକୁ ମନା କରୁଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଗୃହରେ ବିନା ବିରୋଧୀରେ ସରକାର ଜିଏସ୍‌ଟି ସଂସ୍କାର ପାଇଁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେବା ନେଇ ଆଣିଥିବା ସଂକଳ୍ପ ପାରିତ କରିଛନ୍ତି। ସେହିପରି ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ୨୦୨୫ ବିଲ୍ ମଧ୍ୟ ଗୃହରେ ପାରିତ ହୋଇଥିଲା। ଏହିସବୁ ଗୃହରେ ପାସ୍ ହେବା ସମୟରେ ବିଜେଡି ବିଧାୟକମାନେ ବିରୋଧୀ ଦଳ ନେତାଙ୍କ ପ୍ରକୋଷ୍ଠରେ ବୈଠକ କରିଥିଲେ। ବୈଠକରେ ହିଁ ଗୃହରେ ଆଲୋଚନା କରିବା ଏବଂ ଏଥିରେ ଭାଗନେବା ଓ ନ ନେବା ଉପରେ ଯୁକ୍ତିତର୍କ ଚାଲିଥିଲା। ଦଳର କେତେଜଣ ବରିଷ୍ଠ ନେତା ଗୃହକାର୍ଯ୍ୟରେ ଭାଗ ନ ନେବା ଅର୍ଥ ପରୋକ୍ଷରେ ସରକାରୀ ଦଳକୁ ସହଯୋଗ କରୁଛେ ବୋଲି ରାଜ୍ୟବାସୀଙ୍କ ପାଖକୁ ବାର୍ତ୍ତା ଯାଉଥିବା କହିଥିଲେ। ଆହୁରି ଏହି ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି, ଗତ ୧୮ ତାରିଖରେ ଆରମ୍ଭ ହୋଇଥିବା ଅଧିବେଶନ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମୋଟ୍ ୭ ଦିନିଆ ଅଧିବେଶନରୁ ୫ ଦିନ ସରିଗଲାଣି। ଏହା ଭିତରେ ଆମେ ରାଜ୍ୟବାସୀଙ୍କୁ ବାର୍ତ୍ତା ଦେଇ ସାରିଲେଣି ପରୋକ୍ଷରେ ଆମ କାର୍ଯ୍ୟକଳାପ ସରକାରଙ୍କୁ ସୁହାଉଛି। ଆମେ ଯଦି ଆଲୋଚନାରେ ଭାଗ ନ ନେବା ତେବେ ସରକାରଙ୍କର ଏଥିରେ କ୍ଷତି କୋଉଠି ଅଛି। ସଂଖ୍ୟା ସେମାନଙ୍କର ରହିଛି, ବିନା ବିରୋଧୀରେ ସେମାନେ ସବୁ ପାସ୍ କରିଦେଇପାରିବେ। ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍ ୨୦୨୫ ଉପରେ ଆଲୋଚନା ହେବା ବେଳେ ଏଥିରେ ଭାଗନେବା ଦରକାର। ସେହିପରି ବହୁଚର୍ଚ୍ଚିତ ସୌମ୍ୟାଶ୍ରୀ ମୃତ୍ୟୁ ଘଟଣା ଗୃହରେ ଆଲୋଚନାହେବା ଦରକାର ବୋଲି କେତେଜଣ କହିଥିଲେ। କାରଣ ଏହାର ଅନେକ କଥା ଲୋକଲୋଚନକୁ ଆସିବା ଦରକାର। ସେହିପରି ପ୍ରଥମ ଏବଂ ୨ଥର ବିଧାୟକ ଯେଉଁମାନେ ହୋଇଛନ୍ତି ସେମାନେ ମଧ୍ୟ ଆଲୋଚନାରେ ଭାଗନେବା ଦରକାର ବୋଲି କହିଥିଲେ। ଏହାକୁ ଅନ୍ୟ କେତେଜଣ ବରିଷ୍ଠ ନେତା ମଧ୍ୟ ସମର୍ଥନ ଜଣାଇଥିଲେ। ହେଲେ ଦଳର ଆଢୁଆଳରେ ରହି ନିଜର କ୍ଷମତା ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଇଙ୍ଗିତରେ ବିଧାନସଭାରେ ଆଲୋଚନା ନ କରି ଏଥିରୁ ଦୂରେଇରହିବା ଦରକାର ବୋଲି କେତେଜଣ ଯୁକ୍ତି ରଖିଥିଲେ। ଫଳରେ ବିଜେଡି ଆଲୋଚନା କରିବ ନା ନାହିଁ କିଛି ନିଷ୍ପତ୍ତି ହୋଇପାରି ନ ଥିବାରୁ ବିଧାୟକମାନେ ଶେଷରେ ଉଠି ଚାଲିଯାଇଥିଲେ। ଅନ୍ୟ ଜଣେ ବିଧାୟକ କହିଛନ୍ତି, ବିଧାୟକ ଦଳର ନିଷ୍ପତ୍ତି ନେବାକୁ ଗଠନ ହୋଇଥିବା ୧୦ ଜଣିଆ କମିଟି ନାଁକୁ ମାତ୍ର।

## ୧୪ ବିଶ୍ୱବିଦ୍ୟାଳୟ କୁଳପତି ପଦ ପାଇଁ ୩୪୨ ଆବେଦନ କଲେଣି: ମନ୍ତ୍ରୀ

ଭୁବନେଶ୍ୱର, ୨୩।୯(ସୁନିତ୍ ମିଶ୍ର)

**ପାରିତହେଲା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍ ୨୦୨୫**

ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍ ୨୦୨୫ ମଙ୍ଗଳବାର ଗୃହରେ ପାରିତ ହୋଇଯାଇଛି। ଏହି ବିଲ୍ ଉପରେ ଆଲୋଚନାକରି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିରୋଧୀ ଦଳର ସଦସ୍ୟମାନଙ୍କୁ ଟାର୍ଗେଟକରି କହିଛନ୍ତି, ୧୪ଟି ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ୩୪୨ ଜଣ ଏଥିଲାଗି ଆବେଦନ କରିଛନ୍ତି। ଏକାଧିକ ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ଲାଗି ଜଣେ ଲେଖା ଆବେଦନ କରିଛନ୍ତି। ତତ୍କାଳୀନ ବିଜେଡି ସରକାର ତଥା ବର୍ତ୍ତମାନର ବିରୋଧୀ ଦଳ ଏହି ବିଲ୍‌କୁ ଭୁଲ୍ ଭାବେ ବ୍ୟବହାର କରିଥିଲା। ଆଜି ଯେଉଁ ଅଧ୍ୟାଦେଶ ଆସିଛି ସେଥିଲାଗି ବିରୋଧୀ ଦଳ ହିଁ ଦାୟୀ। ଏମାନେ ଶାସନରେ ଥିବାବେଳେ ଶିକ୍ଷା ବ୍ୟବସ୍ଥାକୁ ନିଜ ପକେଟ୍‌ରେ ରଖି ବୁଲିଲେ ବୋଲି ବର୍ତ୍ତମାନ ଏଭଳି ସ୍ଥିତି ଉପୁଜିଛି। ବିରୋଧୀ ଦଳ ସଦସ୍ୟ କହୁଛନ୍ତି, ଅନ୍ୟ ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱରେ ଯିଏ ଅଛନ୍ତି ସେମାନଙ୍କୁ ଅନ୍ୟ ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱ ଦିଆଯାଉ। ପାଖ ବିଶ୍ୱବିଦ୍ୟାଳୟରେ କୁଳପତି ଥିଲେ ତ ସେମାନଙ୍କୁ ଆଣି ଆଉଗୋଟେ ଦାୟିତ୍ୱ ଦିଆଯିବ। ରାଜ୍ୟ ସରକାର ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଆଇନ ୨୦୨୪ର ଉଲ୍ଲଂଘନ କରିନାହାନ୍ତି। ସେଥିରେ ନିୟମ ଥିଲା ରାଜ୍ୟପାଳ ଚାହିଁଲେ ନିଜ ବିବେକ ଆଧାରରେ କୁଳପତି ଚୟନ କରିପାରିବେ। ଯେଉଁ ପ୍ରଫେସର ଏକ ବିଶ୍ୱବିଦ୍ୟାଳୟର ଦାୟିତ୍ୱ ତୁଲାଇପାରିବ ସେମାନଙ୍କୁ କୁଳପତି ଦାୟିତ୍ୱ ପ୍ରଦାନ କରିହେବ। ରାଜ୍ୟପାଳଙ୍କ ପାରଦର୍ଶିତାକୁ ନେଇ ପ୍ରଶ୍ନ ଉଠାଇବା ଠିକ୍ ନୁହେଁ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି।

## ୫ ବର୍ଷରେ ମରିଛନ୍ତି ୨୮୯ ଦାଦନ ଶ୍ରମିକ

ଭୁବନେଶ୍ୱର,୨୩।୯ (ରବିନାରାୟଣ ଜେନା)

ଗତ ୫ ବର୍ଷ ମଧ୍ୟରେ ବାହାର ରାଜ୍ୟକୁ ପେଟ ପୋଷିବା ପାଇଁ ଯାଇଥିବା ୨୮୯ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ବଲାଙ୍ଗୀରର ସର୍ବାଧିକ ୩୨ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି ବୋଲି ଶ୍ରମମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଗୃହକୁ ଜଣାଇଛନ୍ତି। ମଙ୍ଗଳବାର ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ୨୦୨୦ ମସିହାଠାରୁ ଅଦ୍ୟାବଧି ବାହାର ରାଜ୍ୟରୁ ଯାଇଥିବା ଶ୍ରମିକଙ୍କ ମଧ୍ୟରୁ ୨୦୨୧ରେ ୧୪ ଜଣଙ୍କ ମୃତ୍ୟୁ ହୋଇଥିଲା। ଉକ୍ତବର୍ଷ ସର୍ବାଧିକ ୫ ଜଣ ରାୟଗଡ଼ା ଜିଲାର ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୨୨ରେ ୩୧ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ରାୟଗଡ଼ା ଜିଲାର ସର୍ବାଧିକ ୮ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୨୩ରେ ୪୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ବ୍ରହ୍ମପୁରର ସର୍ବାଧିକ ୯ ଜଣ ପ୍ରବାସୀଙ୍କ ମୃତ୍ୟୁ ହୋଇଛି। ୨୦୨୪ରେ ୧୨୦ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ କନ୍ଧମାଳର ୧୫ ଓ ଛତ୍ରପୁରର ୧୫ ଜଣଙ୍କ ଜୀବନ ଯାଇଛି। ସେହିପରି ୨୦୨୫ରେ ସର୍ବାଧିକ ୮୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ନବରଙ୍ଗପୁରର ୧୦ ପ୍ରବାସୀଙ୍କ ମୃତ୍ୟୁ ଘଟିଛି। ଏହି ଅବଧି ମଧ୍ୟରେ ୫୬୧୨ ଜଣ ପ୍ରବାସୀ ଶ୍ରମିକ ଉଦ୍ଧାର ହୋଇଛନ୍ତି।

ମନ୍ତ୍ରୀ ଦର୍ଶାଇଛନ୍ତି, ଗତ ୫ ବର୍ଷ ମଧ୍ୟରେ ବଲାଙ୍ଗୀରରେ ସର୍ବାଧିକ ୩୨ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ଛତ୍ରପୁରରେ ୨୭, କଳାହାଣ୍ଡିରେ ୨୬, ନବରଙ୍ଗପୁରରେ ୨୭ ଜଣଙ୍କ ମୃତ୍ୟୁ ହୋଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
LADY OFFICE ASST.
Khaiba, Rahiba Free
10,000/- P.M.
Nakhara, Cuttack
7809525452

STAFF REQUIRED
ଜଗତ୍‌ସିଂହପୁର ବାଲିକୁଦାରେ Readymix Concreet Plantରେ କାର୍ଯ୍ୟ କରିବା ପାଇଁ experience Marketing, Manager, Quality Engineer, Supervisor ଏବଂ Accountant Staff ଆବଶ୍ୟକ।
ରହିବା ଓ ଖାଇବା ସୁବିଧା ଉପଲବ୍ଧ।
ଯୋଗାଯୋଗ: 9937499625

WANTED
PRODUCTION HEAD FOR A CNC MACHINE SHOP NEAR KOLKATA. EXPERIENCE AND EXPERTISE IN CNC & VMC PROGRAMMING, ACAD, CAM IS ESSENTIAL.
CONTACT:
ptchain@gmail.com, 9830042357

See Career Appointment on every Wednesday & Saturday

ski retail capital
SHRIRAM 50
WANTED
A LEADING FINANCIAL SERVICES MARKETING COMPANY REQUIRES
AREA MANAGER
FOR SELLING MOTOR INSURANCE
CTC: Rs. 3.5 - 4.5 LACS/ANNUM
PREFERABLY FROM GENERAL INSURANCE COMPANIES OR INSURANCE BROKING COMPANIES WITH 3 TO 4 YEARS OF EXPERIENCE.
LOCATION: ROURKELA, SAMBALPUR, BHADRAK, BALASORE, BARIPADA, CUTTACK, PARADEEP, JEYPORE, BERHAMPUR & GOPALPUR.
Send your RESUME to resume@skiretail.in, 9840335849
Ski Retail Capital limited
No.1, Sambandam Street, T Nagar Chennai - 600 017

pfrda | nps national pension system #Zaruri Hai
ପେନ୍‌ସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ
ଅନୁମୋଦିତ ସେବାନିବୃତ୍ତି ପାଣ୍ଠିଗୁଡ଼ିକର ସଭ୍ୟମାନଙ୍କ ପାଇଁ ଜାତୀୟ ପେନ୍‌ସନ ପ୍ରଣାଳୀରେ ଯୋଗଦେବା ସମ୍ବନ୍ଧୀୟ ସୂଚନା
ପେନ୍‌ସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ (ପିଏଫ୍‌ଆର୍‌ଡିଏ), ପିଏଫ୍‌ଆର୍‌ଡିଏ ଅଧିନିୟମ, ୨୦୧୩ ଅଧୀନରେ ଗଠିତ ଏବଂ ବୈଧାନିକ ପ୍ରାଧିକରଣ ଅଟେ । ଏହାର ଉଦ୍ଦେଶ୍ୟ ହେଉଛି ଉକ୍ତ ଅଧିନିୟମ ଅଧୀନରେ ନିୟନ୍ତ୍ରିତ ପେନ୍‌ସନ ଯୋଜନାଗୁଡ଼ିକ ମାଧ୍ୟମରେ ବାର୍ଦ୍ଧକ୍ୟକାଳୀନ ଆୟ ସୁରକ୍ଷାକୁ ପ୍ରସାରିତ କରିବା । ଉକ୍ତ ପେନ୍‌ସନ ଯୋଜନାଗୁଡ଼ିକ ମଧ୍ୟରେ ଜାତୀୟ ପେନ୍‌ସନ ପ୍ରଣାଳୀ (ଏନ୍‌ପିଏସ୍) ଅନ୍ତର୍ଭୁକ୍ତ ।
ଏନ୍‌ପିଏସ୍ ଏକ ପରିଭାଷିତ ଅଂଶଦାୟୀ ପେନ୍‌ସନ ଯୋଜନା ଏବଂ ଏହା ପ୍ରାରମ୍ଭିକ ରୂପେ ୨୦୦୪ ମସିହାରେ କେନ୍ଦ୍ର ସରକାର, କେନ୍ଦ୍ରୀୟ ସ୍ୱୟଂଶାସିତ ନିକାୟ, ରାଜ୍ୟ ସରକାର, ରାଜ୍ୟ ସ୍ୱୟଂଶାସିତ ନିକାୟଗୁଡ଼ିକର କର୍ମଚାରୀଙ୍କ ପାଇଁ ପ୍ରଚଳନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହି ଯୋଜନାକୁ ସ୍ୱେଚ୍ଛାକୃତ ଭିତ୍ତିରେ କର୍ପୋରେଟ୍ ଏବଂ ଭାରତୀୟ ନାଗରିକମାନଙ୍କ ପାଇଁ ସମ୍ପ୍ରସାରିତ କରାଯାଇଥିଲା । ବର୍ଷ ବର୍ଷ ଧରି ଏନ୍‌ପିଏସ୍ ପଞ୍ଜୀକୃତ ପେନ୍‌ସନ୍ ପାଣ୍ଠିଗୁଡ଼ିକ ଦ୍ୱାରା, କ୍ଷତିଭୟ ଓ ପ୍ରତିଫଳର ଦୃଷ୍ଟିକୋଣକୁ ଧ୍ୟାନରେ ରଖି, ବିଭିନ୍ନ କ୍ଷେତ୍ର ପାଇଁ ଅନୁମୋଦିତ ଦିଗ୍‌ନିର୍ଦ୍ଦେଶାବଳୀ ଅନୁଯାୟୀ ବିଭିନ୍ନ ଆସେଟ୍ କ୍ଲାସ୍‌ରେ ନିରବଚ୍ଛିନ୍ନ ଭାବେ ପାଣ୍ଠିର ନିବେଶ କରି ନିଜର ଉପଭୋକ୍ତାମାନଙ୍କ ଲାଗି ଉଚ୍ଚତର ରିଟର୍ନ ଉତ୍ପନ୍ନ କରିଆସିଛି । ଏନ୍‌ପିଏସ୍ ସମ୍ପର୍କରେ ଅଧିକ ବିବରଣୀ ପାଇଁ, ଦୟାକରି ପ୍ରାଧିକରଣଙ୍କ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ - www.pfrda.org.in > Schemes > NPS ।
ଆୟକର ଅଧିନିୟମ, ୧୯୬୧ର ବ୍ୟବସ୍ଥା ଏନ୍‌ପିଏସ୍ ଅଧୀନରେ ବିଭିନ୍ନ ଟିକସ ଲାଭ ପ୍ରଦାନ କରିଥାଏ । ପ୍ରସ୍ଥାନ ପରେ, ଏହା ସଞ୍ଚିତ ପେନ୍‌ସନ ଧନର ୬୦% ରାଶିକୁ ଏକକାଳୀନ ଟିକସମୁକ୍ତ ରାଶି ଭାବେ ଉଠାଣ କରିବା ପାଇଁ ଅନୁମତି ଦେଇଥାଏ ଏବଂ ଅବଶିଷ୍ଟ ଅର୍ଥରାଶିକୁ ଆନୁଇଟି ସେବା ପ୍ରଦାନକାରୀ(ଗଣ)ଙ୍କଠାରୁ ଆନୁଇଟି କ୍ରୟ କରିବା ପାଇଁ ବ୍ୟବହାର କରାଯାଇଥାଏ, ଯାହା ଉପରେ ସାମଗ୍ରୀ ଓ ସେବା କର (ଜିଏସ୍‌ଟି)କୁ ଛାଡ଼ କରାଯାଇଛି ।
ମୁଖ୍ୟ ମହାପ୍ରବନ୍ଧକ
ପେନ୍‌ସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ ପାଇଁ ଓ ତରଫରୁ

# ଜିଲାର ୧,୨୫,୭୪୪ ଶିଶୁଙ୍କୁ ଦିଆଯିବ ପୋଲିଓ ବୁନ୍ଦା

## ସ୍ୱାସ୍ଥ୍ୟ ଯୋଜନା ସମୀକ୍ଷା, ପିସିପିଏନ୍‌ଡିଟି ଆକ୍ଟ ପରାମର୍ଶମଣ୍ଡଳୀ ବୈଠକ

■ ଅକ୍ଟୋବର ୧୨ରୁ ଅଭିଯାନ ଆରମ୍ଭ

■ ୭ ଲକ୍ଷ ୮୯ ହଜାର ୩୧୧ ବୟୋ ବନ୍ଦନା କାର୍ଡ



ବୈଠକରେ ଜିଲାପାଳ ଅମ୍ରିତ୍ ଋତୁରାଜ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ।

ଖୋର୍ଦ୍ଧା,୨୩।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା ସମୀକ୍ଷା ସହ ପିସିପିଏନ୍‌ଡିଟି ଆକ୍ଟ ପରାମର୍ଶମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ରିତ୍ ଋତୁରାଜ ଅଧ୍ୟକ୍ଷତା କରିଥିଲେ। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନ ବୟୋ ବନ୍ଦନା ସ୍ୱାସ୍ଥ୍ୟ କାର୍ଡ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ବଣ୍ଟନର ଅଗ୍ରଗତି ଏବଂ ଜନ୍ମରୁ ପାଞ୍ଚ ବର୍ଷ ଶିଶୁଙ୍କୁ ପଲ୍ସ ପୋଲିଓ ଟିକା ଖୁଆଇବା ଉପରେ ଜିଲାପାଳ ସମୀକ୍ଷା କରିଥିଲେ। ଆସନ୍ତା ଅକ୍ଟୋବର ୧୨, ୧୩, ୧୪ ତାରିଖରେ ଶୂନରୁ ୫ ବର୍ଷ ଶିଶୁଙ୍କୁ ଦୁଇ ବୁନ୍ଦା ପୋଲିଓ ଟିକା ପ୍ରଦାନ କରାଯିବ। ଜିଲାରେ ୧ ଲକ୍ଷ ୨୫ ହଜାର ୭୪୪ ଶିଶୁଙ୍କୁ ଟିକା ପ୍ରଦାନ କରାଯିବ। ଏଥିଲାଗି ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ନେଇ ୨୪୮୦ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଜିଲାରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ବୟୋ ବନ୍ଦନା କାର୍ଡ ୭୦ବର୍ଷରୁ ଊର୍ଦ୍ଧ୍ୱ କେତେ ପାଇଛନ୍ତି ଏବଂ କେତେ ପାଇବାକୁ ଅଛନ୍ତି, ତାହାର ତାଲିକା ବିଡିଓମାନଙ୍କ ସହଯୋଗରେ ବୁଥଓ୍ୱାରି ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆଶାକର୍ମୀଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯିବ। ଜୁଲାଇ ୧୭ ସୁଦ୍ଧା ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ବୟୋବନ୍ଦନା କାର୍ଡ ୭ଲକ୍ଷ ୮୯ ହଜାର ୩୧୧ ମିଳିଥିବାବେଳେ ୫ଲକ୍ଷ ୧୧ହଜାର ୪୫୨ କାର୍ଡ ବଣ୍ଟନ କରାଯାଇଛି। ଅବଶିଷ୍ଟ କାର୍ଡ ବଣ୍ଟନ ତୁରନ୍ତ ସମ୍ପନ୍ନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ର ଏନ୍‌କ୍ୟୁଏଏସ୍ ମାନ୍ୟତା ପାଇଁ ଜୁଲାଇ ୨୦୨୫ ସୁଦ୍ଧା ୧୬୮ ଲକ୍ଷ୍ୟଧାର୍ଯ୍ୟ ଥିବା ବେଳେ ୪୭% ସଫଳତା ମିଳିଛି। ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରକୁ ରଙ୍ଗ ଦେବା, ବିଜୁଳି ଆଲୋକ, ଅନ୍ତଃବିଭାଗ ଶୌଚାଳୟକୁ ଉତ୍ତମ ଭାବେ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲାରେ ଯକ୍ଷ୍ମା ରୋଗ ସମୀକ୍ଷା କରାଯାଇଛି। ଜିଲାରେ ୧୮୨୧ ଜଣଙ୍କ ନାଟ୍ ପରୀକ୍ଷା କରାଯାଇଛି। ଭୁବନେଶ୍ୱର ଅଞ୍ଚଳରେ ଶତ ପ୍ରତିଶତ ସଫଳତା ମିଳିଛି। ଜିଲାରେ ୪୫୩ ଅଲଟ୍ରା ସାଉଣ୍ଡ କେନ୍ଦ୍ର ଥିବା ବେଳେ ୭୧ଟି କାର୍ଯ୍ୟକ୍ଷମ ରହିଛି। ନୂତନ ଭାବେ ଖୋଲିବା ପାଇଁ ୬ଟି ଦରଖାସ୍ତ ଏବଂ ନବୀକରଣ ପାଇଁ ୪ଟି ଦରଖାସ୍ତ ମିଳିଛି। ଅଲଟ୍ରା ସାଉଣ୍ଡଗୁଡ଼ିକ ଉପରେ ତହସିଲଦାରଙ୍କ ନେତୃତ୍ୱରେ ମେଡିକାଲ ଅଫିସରମାନେ ଅଚାନକ ଚଢ଼ାଉ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଠାରୁ ୧୦୦ ମିଟର ଦୂରତା ମଧ୍ୟରେ କୌଣସି ତମାଖୁ ଦୋକାନ ଯେପରି ନ ରୁହେ, ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସରପଞ୍ଚମାନେ ତମାଖୁ ମୁକ୍ତ ପଞ୍ଚାୟତ ପାଇଁ ଉଦ୍ୟମ କରନ୍ତୁ। ତମାଖୁ ନିଷେଧ ଧାରା ୫, କୋଟପା ଧାରା ୭ ପାଳନ ସହ ପରିବହନ, କୃଷି ଏବଂ ସହରାଞ୍ଚଳ ବିକାଶ ବିଭାଗ ଆଦି ପ୍ରମୁଖ ବିଭାଗ ଅଧିକାରୀମାନେ ନିଜ କର୍ତ୍ତବ୍ୟ ସମ୍ପାଦନ ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡା. ପି.କେ. ସାହୁ, ସମସ୍ତ ବ୍ଲକର ବିଡିଓ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ସମସ୍ତ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ପୃକ୍ତ ଡାକ୍ତର ଓ ବୈଷୟିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବ୍ରହ୍ମଚାରିଣୀ ବେଶରେ ମା' ବନଦୁର୍ଗା

ନିରାକାରପୁର,୨୩।୯ (ମାନସ ଚନ୍ଦ୍ର ପଟ୍ଟନାୟକ)



ଶାରଦୀୟ ଷୋଡ଼ଶ ପୂଜାର ଦଶମ ଏବଂ ନବରାତ୍ରିର ଦ୍ୱିତୀୟ ଦିବସରେ ରାମେଶ୍ୱର ପଞ୍ଚାୟତସ୍ଥିତ ମା' ବନଦୁର୍ଗା ବ୍ରହ୍ମଚାରିଣୀ ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ମା'ଙ୍କ ମଙ୍ଗଳ ଆଳତି, କଳସପୂଜା, ସୂର୍ଯ୍ୟପୂଜା, ପଞ୍ଚଦେବତା ପୂଜା ପରେ ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲ୍ୟଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ସମର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଶୀ, ପଣ୍ଡିତ ସୀତାକାନ୍ତ ଦାଶ ଏବଂ ବେଦ ବିଦ୍ୟାର୍ଥୀମାନେ ସହଯୋଗ କରିଥିଲେ। ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କର ଏହି ଦିବ୍ୟବେଶ ଦର୍ଶନ କରିଥିଲେ।

# ଜ୍ୱରରେ ପୀଡ଼ିତ କଲେଜ ଛାତ୍ରଙ୍କ ମୃତ୍ୟୁ

## ଭୁଲ୍ ଇଞ୍ଜେକ୍ସନରୁ ଜୀବନ ଯାଇଥିବା ଚର୍ଚ୍ଚା

ଖୋର୍ଦ୍ଧା,୨୩।୯(ପ୍ରଭାତ ପାଣିଗ୍ରାହୀ)

ବୋଲଗଡ଼ ଥାନା ଅଞ୍ଚଳରେ ଜ୍ୱରରେ ପୀଡ଼ିତ ଜଣେ କଲେଜ ଛାତ୍ରଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସ୍ଥାନୀୟ ଅଞ୍ଚଳର ଜଣେ କ୍ୱାକ୍ ଭୁଲ୍ ଇଞ୍ଜେକ୍‌ଶନ ଦେବା ଯୋଗୁ ସମ୍ପୃକ୍ତ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ଚର୍ଚ୍ଚା ହେଉଥିବାବେଳେ ଖବର ଲେଖା ହେବାପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ମୃତକ ବୋଲଗଡ଼ ପରମାନନ୍ଦ କଲେଜର ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ର ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନା ମୁତାବକ, ବୋଲଗଡ଼ ଥାନା ଅଞ୍ଚଳର ସମ୍ପୃକ୍ତ ଛାତ୍ରଙ୍କୁ ଜ୍ୱର ହେବାରୁ ମଙ୍ଗଳବାର ସକାଳେ ସେ ତାଙ୍କ ବଡ଼ଭାଇଙ୍କ ସହିତ ଚିକିତ୍ସା ନିମନ୍ତେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ଏକ ପାଥୋଲାବରେ ରକ୍ତ ନମୁନା ପରୀକ୍ଷା କରାଇଥିଲେ। ତାଙ୍କର ଟାଇଫଏଡ୍ ହୋଇଥିବା ରିପୋର୍ଟରୁ ଜଣାପଡ଼ିଥିଲା। ତେବେ ଡାକ୍ତରଙ୍କ ପାଖକୁ ଯିବାର ଆବଶ୍ୟକ ନାହିଁ, ଔଷଧ ଓ ଇଞ୍ଜେକ୍‌ଶନ ଦେଉଛି ଖୁବ୍‌ଶୀଘ୍ର ଭଲ ହୋଇଯିବ ବୋଲି ପାଥୋଲାବ କର୍ମଚାରୀ ତାଙ୍କୁ କହିଥିଲେ। ପରେ କର୍ମଚାରୀ ଜଣଙ୍କ ସମ୍ପୃକ୍ତ ଛାତ୍ରଙ୍କୁ ଏକ ଇଞ୍ଜେକ୍‌ଶନ ଦେଇଥିଲେ। ଇଞ୍ଜେକ୍‌ଶନ ନେବାର କିଛି ସମୟ ପରେ ଛାତ୍ରଙ୍କ ମୁଣ୍ଡ ବୁଲାଇବା ସହିତ ବାନ୍ତି ହୋଇଥିଲା। ତୁରନ୍ତ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ତେବେ ଗୁରୁତର ଛାତ୍ରଙ୍କୁ ଆମ୍ବୁଲାନ୍ସରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଛାତ୍ରଙ୍କ ମୃତ୍ୟୁ ପରେ ସମ୍ପୃକ୍ତ ପାଥୋଲାବ ମାଲିକ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ଘଟଣାକୁ ଚାପି ଦେବା ପାଇଁ ଉଦ୍ୟମ ଚାଲିଥିବା ସାଧାରଣରେ ଆଲୋଚନା ହେଉଛି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର

ଖୋର୍ଦ୍ଧା,୨୩।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ପୋଲିସ ମଙ୍ଗଳବାର ଓସିସି ଛକ ନିକଟ ଏକ କ୍ରଶର ଭିତରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ନୟାଗଡ଼ ଜିଲା ଲୁଣିସାହିର ଲଲାଟେନ୍ଦୁ ମାଝି। ତେବେ ଲଲାଟେନ୍ଦୁଙ୍କୁ କେହି ହତ୍ୟା କରି ଝୁଲାଇ ଦେଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା (ନଂ.୨୮୦/୨୫) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଲଲାଟେନ୍ଦୁ ସ୍ଥାନୀୟ ଏକ କ୍ରଶରରେ କାର୍ଯ୍ୟ କରନ୍ତି। ମଙ୍ଗଳବାର ସକାଳେ ସେ ରହୁଥିବା ଘର ସମ୍ମୁଖ ବାରଣ୍ଡାରେ ଏକ ଗାମୁଛାରେ ଝୁଲି ରହିଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଛି। ଖବରପାଇ ମୃତକଙ୍କ ପରିବାର ଲୋକେ ପହଞ୍ଚିବା ସହ ଥାନାରେ ଅଭିଯୋଗ କରିଥିଲେ।

# ପିଏନ୍ କଲେଜର ବିଭିନ୍ନ ସମସ୍ୟା ନେଇ ବିକ୍ଷୋଭ



## ଛାତ୍ର ସଂସଦ ନିର୍ବାଚନ ଦାବି କଲା ଏବିଭିପି

ଖୋର୍ଦ୍ଧା,୨୩।୯(ପ୍ରଭାତ ପାଣିଗ୍ରାହୀ)

ଛାତ୍ର ସଂସଦ ନିର୍ବାଚନ ଏବଂ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କ୍ୟାମ୍ପସ୍ ୟୁନିଟ ପକ୍ଷରୁ ମଙ୍ଗଳବାର ମହାବିଦ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଲେଜ ଅଧ୍ୟକ୍ଷାଙ୍କୁ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯାଉ, ମହାବିଦ୍ୟାଳୟରେ ପାନୀୟଜଳ ବ୍ୟବସ୍ଥା, କ୍ୟାମ୍ପସ୍ ଚାରିପାଖ ପାଚେରି ନିର୍ମାଣ, ସ୍ୱଚ୍ଛତା, ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଉ। ସେହିପରି ଛାତ୍ରାବାସରେ ସ୍ୱଚ୍ଛ ଶୌଚାଳୟ, ପୁଅଝିଅଙ୍କ ପାଇଁ ଅତ୍ୟାଧୁନିକ ସ୍ମାର୍ଟ କମନ୍‌ରୁମ ଆବଶ୍ୟକତା ରହିଛି। ପାଠାଗାରରେ ପର୍ଯ୍ୟାପ୍ତ ପୁସ୍ତକ ସହିତ ଇ-ଲାଇବ୍ରେରି ସ୍ଥାପନ କରାଯାଉ। ପୋଷ୍ଟ ମାଟ୍ରିକ ମେଧାବୃତ୍ତି ଠିକ୍ ସମୟରେ ନ ମିଳିବାରୁ ବହୁ ଗରିବ ବିଦ୍ୟାର୍ଥୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତେଣୁ ଏହା ଉଚିତ୍ ସମୟରେ ପ୍ରଦାନ କରାଯାଉ। ମହାବିଦ୍ୟାଳୟର ନୂତନ କୋଠାଘରେ ପର୍ଯ୍ୟାପ୍ତ ଆଲୋକୀକରଣ ଏବଂ ପଙ୍ଖା ସୁନିଶ୍ଚିତ କରାଯାଉ। ପରୀକ୍ଷାଫଳ ବାହାରିବା ପରେ ଛାତ୍ରୀଛାତ୍ରଙ୍କୁ ନିଜ ପରୀକ୍ଷା ଖାତା ନିଜେ ପର୍ଯ୍ୟବେକ୍ଷଣ କରିବାକୁ ଅନୁମତି ଦିଆଯାଉ। କ୍ୟାମ୍ପସ୍‌ରେ ଷ୍ଟ୍ରିଟ୍ ଲାଇଟର ନବୀକରଣ, ଛାତ୍ରୀ କମନ୍‌ରୁମରେ ସାନିଟାରୀ ପ୍ୟାଡ୍‌ର ବନ୍ଦୋବସ୍ତ କରିବାକୁ ଏବିଭିପି କ୍ୟାମ୍ପସ ୟୁନିଟ ଦାବି କରିଛି। ଏହି ଦାବିପତ୍ର ପ୍ରଦାନ ବେଳେ ରାଜ୍ୟ ସହ ସମ୍ପାଦକ ଉଜ୍ଜ୍ୱଳ ପ୍ରଦୀପ, ଜିଲା ସହ ସଂଯୋଜକ ଦଧିବାମନ ଦାସ, ନଗର ସମ୍ପାଦକ ସୁଜଲ ପୁଣ୍ୟଶ୍ଳୋକ, ରାଜ୍ୟମାନଙ୍କରେ ସଦସ୍ୟା ପ୍ରୀତିପଲ୍ଲବୀ, କ୍ୟାମ୍ପସ ୟୁନିଟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗୋରୁ ଚମଡ଼ା ବୋଝେଇ ଟ୍ରକ୍ ଜବତ, ୨ ଅଟକ

ଖୋର୍ଦ୍ଧା,୨୩।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ମଙ୍ଗଳବାର ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଏକ ଗୋରୁ ଚମଡ଼ା ବୋଝେଇ ଟ୍ରକ୍ ଜବତ କରିଛି। ଏଥିରୁ ବିପୁଳ ପରିମାଣର ଗୋରୁ ଚମଡ଼ା ଜବତ କରିଛି। ଏହି ଘଟଣାରେ ପୋଲିସ ଗାଡ଼ି ମାଲିକ ଏବଂ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଜବତ ଚମଡ଼ାକୁ ତରତୁଆ ନିକଟ ଜଙ୍ଗଲରେ ରାସାୟନିକ ପଦାର୍ଥ ଦେଇ ପୋତିଦିଆଯାଇଛି। ସୂଚନା ମୁତାବକ, ତାମିଲନାଡୁ ପଟୁ କୋଲକାତା ଅଭିମୁଖେ ଏକ ଗୋରୁ ଚମଡା ବୋଝେଇ ଟ୍ରକ (ଟିଏସ ୦୮ ୟୁଇ ୮୮୭୯) ଚାଲାଣ ହେଉଥିବା ଖବରପାଇ ଖୋର୍ଦ୍ଧା ବଜରଙ୍ଗ ଦଳ ସଦସ୍ୟ ୧୬ନଂ. ଜାତୀୟ ରାଜପଥ ଓଭରବ୍ରିଜ ଓ ଆପ୍ରୋଚ ରୋଡରେ ଛକିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ସନ୍ଦେହ ହେବାରୁ ଉପରୋକ୍ତ ଟ୍ରକକୁ ଅଟକାଇଥିଲେ। ବଜରଙ୍ଗ କର୍ମୀମାନେ ଡ୍ରାଇଭର, ମାଲିକଙ୍କୁ ଅଟକ ରଖି ଆଦର୍ଶ ଥାନା ପୋଲିସକୁ ଖବର ଦେଇଥିଲେ। ଏଥିରେ ଗୋରୁ ଚମଡା ବୋଝେଇ ହୋଇଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ପୋଲିସ ଟ୍ରକକୁ ଜବତ କରିଛି। ତେବେ ଏତେ ପରିମାଣର ଗୋରୁ ଚମଡା ଜବତ ହେବା ଘଟଣା ଓଡ଼ିଶାରେ ପ୍ରଥମ ବୋଲି ବଜରଙ୍ଗ ଦଳ ଜିଲା ସହ ସଂଯୋଜକ ଦିବ୍ୟ ପ୍ରକାଶ କହିଛନ୍ତି।

# ୫ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଟାଙ୍ଗୀ,୨୩।୯(ରଘୁନାଥ ସାହୁ)

ଟାଙ୍ଗୀ ଅବକାରୀ ଥାନା ପକ୍ଷରୁ ଝରିଆ ଗ୍ରାମରେ ଚଢ଼ାଉ କରାଯାଇ ବେଆଇନ ଭାବେ ଗଞ୍ଜେଇ ରଖିଥିବା ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଝରିଆ ଗ୍ରାମର କିଶୋର ପ୍ରଧାନ। ତାଙ୍କଠାରୁ ୫କେଜି ଗଞ୍ଜେଇ ଜବତ ହୋଇଛି। ଏନେଇ ଏକ ମାମଲା (ନଂ.୧୧୭/୨୫) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଅବକାରୀ ଥାନା ଅଧିକାରୀ ରମେଶ ଚନ୍ଦ୍ର ବାରିକ ସୂଚନା ଦେଇଛନ୍ତି।

# ପୋଲିସ କର୍ମଚାରୀଙ୍କୁ ଆକ୍ରମଣ, ଜଣେ ଗିରଫ

ବାଣପୁର,୨୩।୯(ଦିଲୀପ କୁମାର ସ୍ୱାଇଁ)

ପୋଲିସ କର୍ମଚାରୀଙ୍କୁ ଗାଳିଗୁଲଜ ସହ ଆକ୍ରମଣ କରିବା ଅଭିଯୋଗରେ ମଙ୍ଗଳବାର ବାଣପୁର ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଭୁଷ୍କାପଡା ଗ୍ରାମର ସଞ୍ଜୟ ବିଶ୍ୱାଳ(୪୫)। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ମୁତାବକ, କିଛିଦିନ ହେବ ବାଣପୁର ଅଞ୍ଚଳରେ ବିଭିନ୍ନ ସମବାୟ ସମିତି ମାଧ୍ୟମରେ ଚାଷୀମାନଙ୍କୁ ସାର ବିକ୍ରି କରାଯାଉଛି। ତେବେ ଚାଷୀଙ୍କ ସଂଖ୍ୟା ଅନୁସାରେ କମ୍ ପରିମାଣର ସାର ଯୋଗାଣ ହେଉଥିବାରୁ ବିଭିନ୍ନ ସ୍ଥାନରେ ଅସନ୍ତୋଷ ଦେଖାଦେଉଛି। ମଙ୍ଗଳବାର ଡୁମୁରାପୁଟ ସମବାୟ ସମିତିରେ ସାର ବିକ୍ରି ବେଳେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ବଚସା ଓ ଗାଳିଗୁଲଜ ହେବାରୁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ମୁତୟନ ପୋଲିସ କର୍ମଚାରୀ ଶୃଙ୍ଖଳା ରକ୍ଷା କରିବା ପାଇଁ ତାଗିଦା କରିବାରୁ ସଞ୍ଜୟ ସେମାନଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ସଞ୍ଜୟଙ୍କୁ ଗିରଫ କରିଥିଲା।

# ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସୁରକ୍ଷା ସଚେତନତା ଶିବିର




ସଚେତନତା ଶିବିରରେ ମଞ୍ଚାସୀନ ଅତିଥିମାନେ।

ଟାଙ୍ଗୀ,୨୩।୯(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବାଲିପାଟପୁର ପଞ୍ଚାୟତସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ଭୂଷଣ୍ଡପୁର ପଞ୍ଚାୟତଠାରେ ପୃଥକ୍‌ଭାବେ ପଞ୍ଚାୟତସ୍ତରୀୟ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଶ୍ରମ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ବାଲୁଗାଁ ସହକାରୀ ଶ୍ରମ ଅଧିକାରୀ ସୌମ୍ୟ ରଞ୍ଜନ କର, ଉଭୟ ପଞ୍ଚାୟତର ସରପଞ୍ଚ, ୱାର୍ଡ ମେମ୍ବର, ଟ୍ରେଡ୍ ୟୁନିଅନ ପ୍ରତିନିଧି, ଠିକାଦାର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ରୁ ଅଧିକ ଶ୍ରମିକ ତଥା ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ବହୁବିଧ କଲ୍ୟାଣକାରୀ ଯୋଜନା ବିଷୟରେ ସଚେତନ କରାଯିବା ସହ ଆନ୍ତଃରାଜ୍ୟ ଶ୍ରମିକ ତଥା ଦେଶ ବାହାରେ କାର୍ଯ୍ୟରତ ଶ୍ରମିକଙ୍କ ପାଇଁ ଆଇନରେ ଥିବା ପ୍ରାବଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କେତେଜଣ ପ୍ରବାସୀ ଶ୍ରମିକ କିପରି ଶ୍ରମ ବିଭାଗ ସହାୟତାରେ ବାହାର କମ୍ପାନୀରୁ ତାଙ୍କ ବକେୟା ମଜୁରି ପାଇପାରିଥିଲେ ସେ ସମ୍ପର୍କରେ ତାଙ୍କ ଅଭିଜ୍ଞତା ବଖାଣିଥିଲେ।

# ଧାନଫସଲ ନଷ୍ଟ କଲେ ହାତୀ, ଚିନ୍ତାରେ ଚାଷୀ

ବେଗୁନିଆ,୨୩।୯(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଦୁଇଟି ହାତୀ ଖାଦ୍ୟ ଅନ୍ୱେଷଣରେ ଆସି ଦେଉଳି ପଞ୍ଚାୟତ ଅନ୍ତର୍ଗତ ଜାମୁସାହି ଅଞ୍ଚଳରେ ଧାନଫସଲ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ଚାଷୀ ବିଶ୍ୱନାଥ ପରିଡ଼ାଙ୍କ ଏକ ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ ଏବଂ ଦୀନବନ୍ଧୁ ପଲାଇଙ୍କର ଏକ ଏକରରୁ ଊର୍ଦ୍ଧ୍ୱ ଜମିରେ ହୋଇଥିବା କାକୁଡ଼ି, ଜହ୍ନି ଆଦି ପରିବା ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଛନ୍ତି। ଏହି ଘଟଣାରେ ଚାଷୀ ପରିଡ଼ା ମୋବାଇଲରେ ଗଜସାଥୀ ଏବଂ ଫରେଷ୍ଟ ଗାର୍ଡଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଅନ୍ୟପକ୍ଷରେ ଏ ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



# ୟୁରିଆ ସାର ପାଇଁ ଚାଷୀଙ୍କ ହୋହଲ୍ଲା

ନିରାକାରପୁର,୨୩।୯
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଅଞ୍ଚଳରେ ୟୁରିଆ ସାର ଅଭାବ ଚାଷୀଙ୍କ ଚିନ୍ତା ବଢ଼ାଇଛି। ମଙ୍ଗଳବାର ରାମେଶ୍ୱର ପଞ୍ଚାୟତର ଶତାଧିକ ଚାଷୀ ସାର ପାଇଁ ରାମେଶ୍ୱର ସେବା ସମବାୟ ସମିତି ଆଗରେ ହୋହଲ୍ଲା କରିବା ସହ ଘେରିଥିଲେ। ଚାଷୀ ନେତା କୈଳାସ ସାହୁଙ୍କ ଅଭିଯୋଗ ଅନୁଯାୟୀ, ଚାଷ କାର୍ଯ୍ୟ ସରିବାକୁ ଏକ ମାସ ବିତିବାକୁ ବସିଥିଲେ ମଧ୍ୟ ସାର ମିଳିନାହିଁ। ଅନୁରୂପଭାବେ ଚାଷୀ ଦିଗାମ୍ବର ବଳିୟାରସିଂ, ସୌମ୍ୟରଞ୍ଜନ ବେହେରା, ଫକିର ବଳିୟାରସିଂହ ପ୍ରମୁଖ ସମାନ ଅଭିଯୋଗ ଆଣିଛନ୍ତି। ସେହିପରି ଚାଷୀ ସୁଶାନ୍ତ କୁମାର ପ୍ରଧାନଙ୍କ ସମେତ ଆଉ କେତେଜଣ ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ସୋସାଇଟିରେ ଗୋଦାମ ଗୃହ ନାହିଁ। ଯଦି ଗୋଦାମ ନାହିଁ, ପଞ୍ଚାୟତର ଅନ୍ୟ ସ୍ଥାନରେ ସାର ରଖି ଚାଷୀମାନଙ୍କୁ ଯୋଗାଇ ଦିଆଯାଇ ପାରିଥାନ୍ତା। ଗୋଦାମ ନ ଥିବା ଆଳରେ ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଚାଷୀକୁଳକୁ ଭଣ୍ଡାଉଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି। ମଙ୍ଗଳବାର ଶତାଧିକ ଚାଷୀ ସମିତି କାର୍ଯ୍ୟାଳୟ ଆଗରେ ହୋହଲ୍ଲା କରିଥିଲେ। ରାମେଶ୍ୱର ସେବା ସମବାୟ ସମିତି ସମ୍ପାଦିକା କଳ୍ପନା ଜଗଦ୍ଦେବ ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପରେ ରାମେଶ୍ୱର ସରପଞ୍ଚଙ୍କ ପ୍ରତିନିଧି ରଞ୍ଜିତ ଜଗଦ୍ଦେବ ଏନେଇ ଖୋର୍ଦ୍ଧା ଜିଲା ଏଆରଏସ୍‌ଏସ୍ ଭାଗବତ ମାରାଣ୍ଡିଙ୍କ ସହ ଯୋଗାଯୋଗ କରିଥିଲେ। ପରେ ଅଧିକାରୀ ମାରାଣ୍ଡିଙ୍କ ପ୍ରତିନିଧିଭାବେ ବଡ଼ପୋଖରିଆ ସେବା ସମବାୟ ସମିତି ସମ୍ପାଦକ ଦୁଷ୍ମନ୍ତ କୁମାର ମହାପାତ୍ର ପହଞ୍ଚି ଉପସ୍ଥିତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ବୁଧବାର ରାମେଶ୍ୱର ସମିତିର ୭୪୫ଜଣ ଚାଷୀଙ୍କ ମଧ୍ୟରୁ ପଞ୍ଜୀକରଣ କରିଥିବା ୩୧୮ଜଣ ଚାଷୀଙ୍କ ନିମନ୍ତେ ୫୫୫ ବସ୍ତା ସାର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ସମ୍ପାଦକ ଉପସ୍ଥିତ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ଛାତ୍ରୀଛାତ୍ର 'ସ୍କିଲ୍ ଇନ୍ ଓଡ଼ିଶା'ର ଆମ୍ବାସାଡର ସାଜନ୍ତୁ

ଭୁବନେଶ୍ୱର,୨୩।୯(ସୁଚିସ୍ମିତା ସାହୁ)

ଫେଷ୍ଟୋ ସହଭାଗିତାରେ ସ୍ମାର୍ଟ ମାନୁଫ୍ୟାକ୍‌ଚରିଂ ଓ ସ୍ନାଇଡର ସହଭାଗିତାରେ ଇଣ୍ଡଷ୍ଟ୍ରିଆଲ ଅଟୋମେଶନ କେନ୍ଦ୍ର ପରି ଦୁଇଟି ଉତ୍କର୍ଷ କେନ୍ଦ୍ରକୁ ମଙ୍ଗଳବାର ବିଶ୍ୱଦକ୍ଷତା କେନ୍ଦ୍ରଠାରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଛାତ୍ରୀଛାତ୍ରଙ୍କୁ ବିଶ୍ୱସ୍ତରୀୟ ମାନଦଣ୍ଡ ସହିତ ସମକକ୍ଷ କରି ତାଲିମ ପ୍ରଦାନ ସହ ଶିଳ୍ପର ଚାହିଦା ଅନୁଯାୟୀ ପ୍ରସ୍ତୁତ କରାଯାଇଛି। ସେମାନେ 'ସ୍କିଲ୍-ଇନ୍-ଓଡ଼ିଶା' ବ୍ରାଣ୍ଡକୁ ବିଶ୍ୱଦରବାରରେ ପହଞ୍ଚାଇବାରେ ଆମ୍ବାସାଡ଼ର ଭାବେ କାର୍ଯ୍ୟ କରିବେ। ଏହି ବିଶ୍ୱ ଦକ୍ଷତା କେନ୍ଦ୍ରରୁ ଉତ୍ତୀର୍ଣ୍ଣ ହୋଇଥିବା ୧୦୮ ଜଣ ଛାତ୍ରୀଛାତ୍ରୀ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଆଗେଇ ନେବେ। ଏହି ଛାତ୍ରୀଛାତ୍ରମାନେ ଭବିଷ୍ୟତ ପିଢ଼ିଙ୍କ ପାଇଁ ମାର୍ଗଦର୍ଶକ ସାବ୍ୟସ୍ତ ହେବେ। ଏହି ବ୍ୟାଚ୍‌ର ୯୩ ପ୍ରତିଶତରୁ ଅଧିକ ଛାତ୍ରୀଛାତ୍ର ବହୁ ଭଲ କମ୍ପାନୀରେ ନିଯୁକ୍ତି ପାଇଛନ୍ତି। କେତେଜଣ ଛାତ୍ର ବାର୍ଷିକ ୫.୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ୟାକେଜ ପାଉଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପିନ୍ଦର ସିଂ ପୁନିଆ, ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିତା ପଣ୍ଡା ଏବଂ କର୍ପୋରେଟ ଜଗତର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ଓୟୁଏଟିରେ ଛାତ୍ରୀଛାତ୍ରଙ୍କ ପାଇଁ 'ଦୀକ୍ଷାରମ୍ଭ'

ଭୁବନେଶ୍ୱର,୨୩।୯(ସୁଚିସ୍ମିତା ସାହୁ)

ନୂତନ ଶିକ୍ଷାନୀତି-୨୦୨୦କୁ ଆଧାର କରି ଓୟୁଏଟି ଅନ୍ତର୍ଗତ କୃଷିବିଜ୍ଞାନ, ବନବିଜ୍ଞାନ, ପ୍ରାଣୀବିଜ୍ଞାନ ଓ କୃଷି ଯାନ୍ତ୍ରିକ ମହାବିଦ୍ୟାଳୟରେ 'ଦୀକ୍ଷାରମ୍ଭ' କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଶିକ୍ଷାବର୍ଷ ଆରମ୍ଭର ପ୍ରଥମ ୧୫ ଦିନରେ ଛାତ୍ରୀଛାତ୍ରଙ୍କୁ ନୂତନ ପାଠ୍ୟକ୍ରମର ଶୈକ୍ଷିକ ବିଷୟଗୁଡ଼ିକ ସହିତ ପରିଚୟ କରାଇବା ସହ ବିଭିନ୍ନ କୌଶଳଭିତ୍ତିକ ଶିକ୍ଷା ଓ ନୈତିକ ଶିକ୍ଷା ମାଧ୍ୟମରେ ବୌଦ୍ଧିକ ବିକାଶ କରିବାର ପ୍ରଚେଷ୍ଟା କରାଯାଉଛି। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଆମନ୍ତ୍ରଣ କରି ଯୋଗ, କ୍ରୀଡ଼ାଭ୍ୟାସ, ନୃତ୍ୟ, ସଙ୍ଗୀତ, ସାହିତ୍ୟ ଲିଖନ, ଚିତ୍ରାଙ୍କନ ତଥା ବିତର୍କ ଅଭ୍ୟାସ କରାଇବା ସହିତ ଧାର୍ମିକ ଉପଦେଶମାନ ଦିଆଯାଉଛି। ଏହା ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କୃଷିଭିତ୍ତିକ ଫାର୍ମ ଓ କେନ୍ଦ୍ରୀୟ କୃଷି ଗବେଷଣା କେନ୍ଦ୍ରକୁ ଭ୍ରମଣରେ ନିଆଯାଉଛି। କୃଷି ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବିଜୟ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଦୀକ୍ଷାରମ୍ଭ କାର୍ଯ୍ୟକ୍ରମ ଚାଲିଥିବାବେଳେ ପ୍ରଫେସର ରବୀନ୍ଦ୍ର କୁମାର ନାୟକ, ଡ. ରାଘବେନ୍ଦ୍ର ଦାସ ଏବଂ ଡ. ଚକ୍ରଧର ପାତ୍ର ପରିଚାଳନା କରୁଛନ୍ତି।

### ଛାତ୍ର ସଂସଦ ନିର୍ବାଚନ ତାରିଖ ତୁରନ୍ତ ଘୋଷଣା ହେଉ: ଏବିଭିପି

ଭୁବନେଶ୍ୱର,୨୩।୯(ସୁଚିସ୍ମିତା ସାହୁ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ କଲେଜଗୁଡିକରେ ଥିବା ବିଭିନ୍ନ ସମସ୍ୟାର ସମାଧାନ କରିବା ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ହୋଇଛି। ରାଜ୍ୟରେ ୫ଶହରୁ ଅଧିକ କଲେଜରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ବିରୋଧରେ ଏବିଭିପି ପକ୍ଷରୁ ଆନ୍ଦୋଳନ କରାଯିବ। ପ୍ରତ୍ୟେକ କ୍ୟାମ୍ପସ୍‌ରେ ବିଦ୍ୟାର୍ଥୀଙ୍କ ସୁରକ୍ଷା ପାଇଁ ପାଚେରିର ଆବଶ୍ୟକତା ରହିଛି। ସବୁ କଲେଜରେ କମନରୁମ୍, ଇ-ପାଠାଗାର, ଶୌଚାଳୟର ସୁବିଧା କରାଯାଉ। ପିଲାଙ୍କୁ ଠିକ ସମୟରେ ମେଧାବୃତ୍ତି ମିଳୁ ନ ଥିବାରୁ ଗରିବ ବିଦ୍ୟାର୍ଥୀମାନେ ପାଠପଢ଼ିବା ଲାଗି ହଇରାଣ ହେଉଛନ୍ତି। ସେହିପରି କଲେଜ ପରିସରରେ ସିସିଟିଭି ଲଗାଯିବା ସହିତ ତୁରନ୍ତ ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା କରାଯାଉ। ଖାଲି ପଡ଼ିଥିବା ଶିକ୍ଷକ ଏବଂ ଅଣଶିକ୍ଷକ ପଦବୀ ଯଥାଶୀଘ୍ର ପୂରଣ କରାଯାଉ। ଯଦି ତୁରନ୍ତ ଏଗୁଡ଼ିକର ସମାଧାନ ନ କରାଯିବ ତେବେ ବିଦ୍ୟାର୍ଥୀମାନେ ରାଜରାସ୍ତାକୁ ଓହ୍ଲାଇବା ସହିତ ତୀବ୍ର ଆନ୍ଦୋଳନ କରିବେ ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଦିପ୍ତିମୟୀ ପ୍ରତିହାରୀଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।

# ସୁରକ୍ଷାକର୍ମୀଙ୍କ ଡ୍ରେସ୍ କୋଡ୍ ବର୍ଜନ, ଧାରଣା

## କ୍ୟାପିଟାଲ ହସ୍ପିଟାଲରେ ଶିଶୁମୃତ୍ୟୁକୁ ନେଇ ଆକ୍ରମଣ ଘଟଣା

ଭୁବନେଶ୍ୱର,୨୩।୯(ବନ୍ଦନା ସେଠୀ)



କ୍ୟାପିଟାଲ୍ ହସ୍ପିଟାଲ ପରିସରରେ ସୁରକ୍ଷାକର୍ମୀମାନେ ଧାରଣା ଦେଇଛନ୍ତି।

କ୍ୟାପିଟାଲ ହସ୍ପିଟାଲରେ ସୋମବାର ହୋଇଥିବା ଶିଶୁମୃତ୍ୟୁ ଘଟଣାକୁ ନେଇ ମଙ୍ଗଳବାର ଶତାଧିକ ସୁରକ୍ଷାକର୍ମୀ ଧାରଣା ଦେଇଥିଲେ। ସୁରକ୍ଷାକର୍ମୀମାନେ ହସ୍ପିଟାଲ ମୁଖ୍ୟ ପ୍ରବେଶ ପଥରେ ଧାରଣାରେ ବସିବା ସହ ଡ୍ରେସକୋଡ୍‌କୁ ବର୍ଜନ କରିଥିଲେ। ସେମାନେ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ କରିଥିବା ଅଟୋ ଚାଳକ, ଅଶାଳୀନ ମନ୍ତବ୍ୟ ଦେଇଥିବା ମହିଳା ଏବଂ ଅଶ୍ଳୀଳ ଭାଷାରେ ଗାଳି କରିଥିବା ୟୁଟ୍ୟୁବର ଦୀପକ ନାୟକଙ୍କ ଗିରଫ ଦାବି କରିଥିଲେ। ଏନେଇ ସେମାନେ ପୋଲିସ, କାର୍ଯ୍ୟ କରୁଥିବା ଏଜେନ୍ସି କ୍ୟୁଏସ୍ ଏବଂ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଲିଖିତଭାବେ ଅବଗତ କରାଇଥିଲେ। ସେହିପରି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସୁରକ୍ଷାକର୍ମୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ, ପିଜିଆଇଏମ୍‌ଇଆର ଆଣ୍ଡ୍ କ୍ୟାପିଟାଲ ହସ୍ପିଟାଲରେ ସୋମବାର ସାଲିଆସାହିର ଜଣେ ୧୩ମାସର ଶିଶୁପୁତ୍ରଙ୍କ ମୃତ୍ୟୁକୁ ନେଇ କ୍ୟାପିଟାଲ ହସ୍ପିଟାଲ ଏକପ୍ରକାର ରଣକ୍ଷେତ୍ର ପାଲଟିଯାଇଥିଲା। ଏହାରି ଭିତରେ କାର୍ଯ୍ୟରତ ସୁରକ୍ଷାକର୍ମୀ ଓ ସ୍ମାର୍ଟସିଟି ଅନ୍‌ଲାଇନ ଅଟୋ ଚାଳକ ସଂଘ ମଧ୍ୟରେ ହାତାହାତି ହୋଇଥିଲା। ଏଥିରେ ଜଣେ ସୁରକ୍ଷାକର୍ମୀ ଗୁରୁତର ଆହତ ହେବା ସହିତ ଏକାଧିକ ଆହତ ହୋଇଥିଲେ। ଘଟଣାର ପ୍ରତିବାଦ କରି ଆକ୍ରମଣ କରିଥିବା ଏବଂ ଅଶାଳୀନ ମନ୍ତବ୍ୟ ଦେଇଥିବା ବ୍ୟକ୍ତିଙ୍କ ଗିରଫ ଦାବି କରିଛନ୍ତି ସୁରକ୍ଷା କର୍ମୀ। ଏନେଇ ଆହତ ହୋଇଥିବା ଜଣେ ସୁରକ୍ଷାକର୍ମୀ କହିଛନ୍ତି, ଆମେ ହେଉଛୁ ସୁରକ୍ଷାକର୍ମୀ। ସୁରକ୍ଷା ଦେବା ଆମର ପ୍ରଥମ କାମ। ଘଟଣା ଦିନ ତାହା ହିଁ କରିଥିଲୁ। ମାତ୍ର ଆମେ ଆମ କାମ କରୁଥିବାବେଳେ ଅଟୋ ଚାଳକ ଯେଭଳି ଭାବେ ବିନା କାରଣରେ ହସ୍ପିଟାଲରେ ଗୋଡ଼େଇ ଗୋଡ଼େଇ ସୁରକ୍ଷାକର୍ମୀଙ୍କୁ ପିଟିଲେ ତାହା ନିନ୍ଦନୀୟ ଘଟଣା। ଅନ୍ୟପକ୍ଷରେ ସମ୍ପୃକ୍ତ ଏଜେନ୍ସି କିମ୍ବା ହସ୍ପିଟାଲ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ମାଲେସିଆରେ ସ୍ଥାପନ ହେବ ଓଡ଼ିଶାର ବୁଦ୍ଧ ମୂର୍ତ୍ତି

ଭୁବନେଶ୍ୱର, ୨୩।୯ (ବନ୍ଦନା ସେଠୀ)



ମାଲେସିଆର କ୍ୱାଲାଲାମ୍‌ପୁରରେ ସ୍ଥାପନ ହେବ ୨୫ଟନ୍‌ର ବୁଦ୍ଧଙ୍କ ମୂର୍ତ୍ତି। ସ୍ଥାପତ୍ୟ ଶିଳ୍ପୀଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣା ଓ ଜାତୀୟ ପୁରସ୍କାରପ୍ରାପ୍ତ ରତ୍ନାକର ମହାରଣାଙ୍କ ତତ୍ତ୍ୱାବଧାନରେ ଏହି ମୂର୍ତ୍ତି ତିଆରି ହୋଇଛି। ରାଜସ୍ଥାନର ସ୍ୟାଣ୍ଡ୍‌ଷ୍ଟୋନ ୪୦ଟନ୍ ପଥରକୁ ନିହାଣରେ ମୁନରେ ଖୋଦେଇ କରି ସୁନ୍ଦର ପ୍ରତିକୃତି ନିର୍ମାଣ କରାଯାଇଛି। ଧଉଳି ପାଦଦେଶରେ କୋଣାର୍କ କଳାର ୮ଜଣ ଶିଳ୍ପୀ ୪ବର୍ଷ ଅକ୍ଳାନ୍ତ ପରିଶ୍ରମ କରି ଏହି ମୂର୍ତ୍ତି ନିର୍ମାଣ କରିଛନ୍ତି। ଏହି ମୂର୍ତ୍ତିରେ ବୁଦ୍ଧଙ୍କ ଶିଷ୍ୟ ଅବଲୋକେଶରା, ଶାରୀ ପୁତ୍ର, ମଙ୍ଗଳ ପୁତ୍ର, ସିଂହ, ହାତୀ ପୂଜାରିଣୀ ଆଦି ସ୍ଥାନ ପାଇଛନ୍ତି। ମୂର୍ତ୍ତିକୁ କଣ୍ଟେନର୍‌ରେ କୋଲକାତା ମଧ୍ୟଦେଇ ଜଳଜାହାଜ ମାଧ୍ୟମରେ ମାଲେସିଆକୁ ନିଆଯିବ। ଏନେଇ ପଦ୍ମଶ୍ରୀ ପ୍ରଭାକର କହିଛନ୍ତି, ଓଡ଼ିଶାର କଳା ନୈପୁଣ୍ୟ ବହୁ ପୁରାତନ କାଳରୁ ପ୍ରକାଶିତ ହୋଇଆସୁଛି ଏବଂ ପୃଥିବୀରେ ସୁନାମ ଓ ପ୍ରଶଂସା ପାଇପାରୁଛି। ବିଦେଶ ପାଇଁ ଏପରି ବିଶାଳ ମୂର୍ତ୍ତି ତିଆରି ହୋଇ ହୋଇପାରୁଥିବାବେଳେ ଓଡ଼ିଶାରେ ଏପରି ମୂର୍ତ୍ତି ନିର୍ମାଣ କରାଯାଇ ସ୍ଥାପନ କରାଗଲେ ରାଜ୍ୟର ସୁନାମ ବଢ଼ିବ। ଏଥିସହ ଅଧିକ ପର୍ଯ୍ୟଟକ ଆକର୍ଷିତ ହେବେ।

# ଦକ୍ଷତାଭିତ୍ତିକ ଶିକ୍ଷାଦାନ ଉପରେ ଗୁରୁତ୍ୱ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ।

## ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୩।୯(ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ୧୦୨ଟି ନୂତନ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଏବଂ ୧୭ଟି ଜିଲାର ଅତିରିକ୍ତ ଶିକ୍ଷା ଅଧିକାରୀଙ୍କୁ ନେଇ ଏକଦିବସୀୟ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ମଙ୍ଗଳବାର କୃଷି ଭବନସ୍ଥିତ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ ଯୋଗଦେଇ ଦକ୍ଷତାଭିତ୍ତିକ ଶିକ୍ଷାଦାନକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ରୋଜଗାରକ୍ଷମ ଓ ଆତ୍ମନିଯୁକ୍ତ କରିବା ପାଇଁ ସେମାନଙ୍କୁ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଶିକ୍ଷାଦାନ କରିବା ପାଇଁ ଏହି କର୍ମଶାଳା ଅନେକ ସୁଯୋଗ ଆଣିଦେବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧକ୍ଷ ମୃଣାଳକାନ୍ତି ଦାଶ ଯୋଗଦେଇ ଶିକ୍ଷାଦାନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବିରେନ୍ଦ୍ର କର୍କରା ଅଧକ୍ଷମାନଙ୍କ ସହିତ ନିଜ ଅନୁଭୂତି ବାଣ୍ଟିବା ସହ ପୂର୍ବରୁ ଉନ୍ନୀତ ଅଧକ୍ଷମାନଙ୍କ ପରାମର୍ଶ ନେବାକୁ କହିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଦିଗ୍‌ଦର୍ଶନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ ଜଣାଇଥିଲେ। ଆଞ୍ଚଳିକ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ରମେଶଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଯୁଗ୍ମନିର୍ଦ୍ଦେଶକ ସସ୍ମିତା ମାଳି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉପନିର୍ଦ୍ଦେଶକ ମଧୁସୂଦନ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଭବିଷ୍ୟନିଧି ଅବସରପ୍ରାପ୍ତ କର୍ମଚାରୀଙ୍କୁ କ୍ୟାଶ୍‌ଲେସ ସ୍ୱାସ୍ଥ୍ୟକାର୍ଡ




ଆଞ୍ଚଳିକ ଭବିଷ୍ୟନିଧି କମିଶନର-୨ ମୌସୁମୀଲତା ପାଢ଼ୀ ଜଣେ ହିତାଧିକାରୀଙ୍କୁ କ୍ୟାଶ୍‌ଲେସ୍ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୩।୯ (ବନ୍ଦନା ସେଠୀ)

ଭବିଷ୍ୟନିଧି ଅବସରପ୍ରାପ୍ତ କର୍ମଚାରୀ ସଂଘର ୨୪ତମ କାର୍ଯ୍ୟକାରିଣୀ ବୈଠକ ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାରୁ ପ୍ରାୟ ୨ଶହ ଅବସରପ୍ରାପ୍ତ କର୍ମଚାରୀ ଯୋଗଦେଇ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ବୈଠକରେ ଆଞ୍ଚଳିକ ଭବିଷ୍ୟନିଧି କମିଶନର-୨ ମୌସୁମୀଲତା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ କ୍ୟାଶ୍‌ଲେସ୍ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରିଥିଲେ। ସଂଘର ସଭାପତି ଅର୍ଜୁନ ଚରଣ ତ୍ରିପାଠୀ ଏଥିରେ ପୌରୋହିତ୍ୟ କରିଥିଲେ। କାର୍ଡ ପ୍ରଦାନ କ୍ଷେତ୍ରରେ ଭବିଷ୍ୟନିଧି କାର୍ଯ୍ୟାଳୟର ପ୍ରବର୍ତ୍ତନ ଅଧିକାରୀ ଅଲେଖ ଚନ୍ଦ୍ର ସାହୁ ଏବଂ ଲେଖା ଅଧିକାରୀ ବିଭୂଦତ୍ତ ରଥଙ୍କ ସହଯୋଗକୁ ସମସ୍ତେ ପ୍ରଶଂସା କରିଥିଲେ। କ୍ୟାଶ୍‌ଲେସ୍ ସ୍ୱାସ୍ଥ୍ୟକାର୍ଡରେ ଆଉ ଅଧିକ ହସ୍ପିଟାଲକୁ ପଞ୍ଜୀକରଣ କରିବା ପାଇଁ ସର୍ବସାଧାରଣରେ ପ୍ରସ୍ତାବ ଗୃହୀତ ହୋଇଥିଲା। ସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ଭଞ୍ଜ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଯୁଗ୍ମସମ୍ପାଦକ ଧନ୍ୟବାଦ ଦେଇଥିଲେ। ଭବିଷ୍ୟନିଧି ସଂଗଠନର ପୂର୍ବତନ ସାଧାରଣ ସମ୍ପାଦକ ହୃଷୀକେଶ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜୟ କୁମାର ମହାନ୍ତି, ଅଂଶୁଭୂଷଣ ମିଶ୍ର, ଗୋପବନ୍ଧୁ ନାୟକ, ମାୟାଧର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।




ମଦ୍ୟ ନିଶା ନିବାରଣ ଅଭିଯାନ ପକ୍ଷରୁ ମଦମୁକ୍ତ ଓଡ଼ିଶା ଦାବିରେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା। (ଫଟୋ: ମନୋରଞ୍ଜନ ମିଶ୍ର)

## ବ୍ରହ୍ମଗିରିରେ ୪ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ

ଭୁବନେଶ୍ୱର, ୨୩।୯ (ବନ୍ଦନା ସେଠୀ)

ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ନିମନ୍ତେ ୪ଟି ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ, ଗୋଟିଏ କ୍ଷୁଦ୍ର ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ ଏବଂ ଗୋଟିଏ ଏକକ/ଏକାଧିକ ଗ୍ରାମବିଶିଷ୍ଟ ପାଇପ୍ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି। ସେଥିମଧ୍ୟରୁ ଗୋଟିଏ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚୁକ୍ତିନାମା ଅନୁଯାୟୀ ନିର୍ଦ୍ଧାରିତ ସମୟସୀମା ଅତିକ୍ରାନ୍ତ ହେବାପରେ ସମ୍ପୂର୍ଣ୍ଣ ହୋଇଛି ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି। ମଙ୍ଗଳବାର ବିଧାନସଭାରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ନାଏକ ଏହା କହିଛନ୍ତି। ଅବଶିଷ୍ଟ ୩ଟି ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ, ଗୋଟିଏ କ୍ଷୁଦ୍ର ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ ତଥା ଗୋଟିଏ ଏକକ/ଏକାଧିକ ଗ୍ରାମବିଶିଷ୍ଟ ପାଇପ୍ ଜଳଯୋଗାଣ ପ୍ରକଳ୍ପର ନିର୍ମାଣକାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ଅତିକ୍ରାନ୍ତ ହେବା ସତ୍ତ୍ୱେ ଚାଲୁ ରହିଛି। ସେହିପରି ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ନିମନ୍ତେ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଲେ ଆବଶ୍ୟକତା ଅନୁଯାୟୀ ଜରିମାନା ଲାଗୁକରି ଏହାକୁ ବୃଦ୍ଧି କରାଯାଇଥାଏ। ତେବେ କାରଣ ଆଧାରରେ ସମୟସୀମା ବୃଦ୍ଧି କେତେଥର କରାଯାଇପାରିବ ସେ ଦିଗରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

# ସୌରଶକ୍ତିର ସୁବିନିଯୋଗ ଉପରେ ଗୁରୁତ୍ୱ

## ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୩।୯(ସୁଚିସ୍ମିତା ସାହୁ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଏବଂ ମାନଦଣ୍ଡ ଓ ଲେବଲିଂ ବିଷୟବସ୍ତୁରେ ସଚେତନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଇଆଇସି ମୁଖ୍ୟ ବୈଦ୍ୟୁତିକ ପରିଦର୍ଶକ (ବିଦ୍ୟୁତ) ପ୍ୟାରୀମୋହନ ମିଶ୍ର ଯୋଗଦେଇ ବିଦ୍ୟୁତ ବ୍ୟବହାରର ଅଭ୍ୟାସ ସମ୍ପର୍କରେ ଆଲୋକପାତ କରିଛନ୍ତି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଶକ୍ତି ସଂରକ୍ଷଣ ପଦକ୍ଷେପରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଛାତ୍ରୀମାନଙ୍କୁ ଆହ୍ୱାନ ଦେବା ସହିତ ସୌରଶକ୍ତିର ସୁବିନିଯୋଗ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା, ମାନକ ଓ ଲେବଲିଂ ପରି ଦୁଇଟି କାର୍ଯ୍ୟକ୍ରମ କରି ସୌରଶକ୍ତିର ସୁବିନିଯୋଗ ଏବଂ ସରକାରଙ୍କ ପ୍ରୋତ୍ସାହନ ସମ୍ପର୍କରେ ସଚେତନ କରାଯାଇଛି। କୁଳସଚିବ ମନସ୍ୱିନୀ ସାହୁ, ପ୍ରଫେସର ଅପରାଜିତା ବିଶ୍ୱାଳ, ଡ. ସନ୍ତୋଷ କୁମାର ବିଶ୍ୱାଳ, ପ୍ରଫେସର ଯମୁନା ଟୁଡୁ, ପ୍ରଫେସର ବି. ଆର୍. ଆଭା ଆୟୁଷ ପ୍ରମୁଖ ଶକ୍ତି ସରଂକ୍ଷଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଶକ୍ତି ସଂରକ୍ଷଣ ଅଡିଟ କମିଟିର ଓଆଇସି ଡ. ସନ୍ତୋଷ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟିର ସଦସ୍ୟଙ୍କ ସମେତ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ପୃଥକୀକୃତ ବର୍ଜ୍ୟ ଦେଉଥିବା ପରିବାରଙ୍କୁ ଗ୍ରୀନ୍ ଟୋକନ ଦେଲେ ସ୍ୱଚ୍ଛସାଥି

ଭୁବନେଶ୍ୱର, ୨୩।୯ (ବନ୍ଦନା ସେଠୀ)

ସ୍ୱଚ୍ଛତା ପକ୍ଷରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିଭିନ୍ନ ପ୍ରୟାସ କରାଯାଇଛି। ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇଥିବା 'ସ୍ୱଚ୍ଛତା ହିଁ ସେବା' ଅଧୀନରେ ଏବେ ବିଏମ୍‌ସି ପକ୍ଷରୁ 'ସ୍ୱଚ୍ଛ ଉତ୍ସବ' ଜାରି ରହିଛି। ଯେଉଁମାନେ ଓଦା, ଶୁଖିଲା ବର୍ଜ୍ୟ ଠିକ୍ ଭାବେ ପୃଥକ କରି ଦେଉଛନ୍ତି, ସେମାନଙ୍କୁ ଗ୍ରୀନ୍ ବା ସବୁଜ ଟୋକନ୍ ଏବଂ ଯେଉଁମାନେ ସେହି ସ୍ତରରେ ପହଞ୍ଚିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି ସେମାନଙ୍କୁ ରେଡ୍ ଟୋକନ୍ ଦିଆଯାଉଛି। ଗ୍ରୀନ ଟୋକନ୍‌ର ଅର୍ଥ ଭଲ ଏବଂ ରେଡ୍ ଟୋକନ୍ ଅର୍ଥ ବର୍ଜ୍ୟ ପୃଥକୀକରଣ କରିଦେବାରେ ଆହୁରି ସୁଧାର ଆଣିବାର ଆବଶ୍ୟକତା ରହିଛି। ଏହି କ୍ରମରେ ବୃହତ୍ତର ଗୋଷ୍ଠୀ ସହଭାଗିତା ପାଇଁ ମଙ୍ଗଳବାର କର୍ପୋରେଟରମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ୱାର୍ଡସ୍ତରରେ ଏହି ବାର୍ତ୍ତା ପ୍ରତି ଘରେ ପହଞ୍ଚାଇବା ପାଇଁ ମେୟର ସୁଲୋଚନା ଦାସ କର୍ପୋରେଟରମାନଙ୍କର ସହଯୋଗ କାମନା କରିଥିଲେ। 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅଧୀନରେ ପାଳିତ ହେଉଥିବା ସ୍ୱଚ୍ଛତା ପକ୍ଷରେ ଲୋକଙ୍କୁ ସଚେତନ କରାଇବା ପାଇଁ ୱାର୍ଡସ୍ତରରେ ଗଣସଫେଇ, ସୌନ୍ଦର୍ଯ୍ୟକରଣ ପରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସେହିପରି ସ୍ୱଚ୍ଛତା ଏବଂ ସବୁଜିମା ରକ୍ଷା ପାଇଁ ଭୁବନେଶ୍ୱରରେ ହେଉଥିବା ଉଦ୍ୟମର ସହଭାଗିତା ପାଇଁ କମିଶନର ଚଞ୍ଚଳ ରାଣା ଅନୁରୋଧ କରିଥିଲେ। ଗତବର୍ଷ ସ୍ୱଚ୍ଛତା କ୍ଷେତ୍ରରେ ବିଏମ୍‌ସି ସମଗ୍ର ଦେଶରେ ୯ମ ସ୍ଥାନରେ ରହିଛି। ଚଳିତ ବର୍ଷ ଯେପରି ୧ନଂ. ସ୍ଥାନରେ ରହିବ, ସେଥିପାଇଁ ଜନସଚେତନତା ସୃଷ୍ଟି କରିବାକୁ ବିଏମ୍‌ସି ପକ୍ଷରୁ ନୂଆ ନୂଆ ପଦ୍ଧତି ପ୍ରୟୋଗ କରାଯାଉଛି। ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଉଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ଟାଉନ୍ ପ୍ଲାନିଂ ସ୍କିମ୍‌ରେ ଚାଷଜମି, ଜଙ୍ଗଲ, ଗୋଚରକୁ ବାଦ୍ ଦିଆଯାଉ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକାମ୍ର ଜନଜାଗରଣ ମଞ୍ଚର ଦାବିପତ୍ର

ପୁରୁଣା ଭୁବନେଶ୍ୱର,୨୩।୯ (ସୁବାସ ଚନ୍ଦ୍ର ପ୍ରଧାନ)



ଏକାମ୍ର ଜନ ଜାଗରଣ ମଞ୍ଚ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

ସହର ଉପକଣ୍ଠରେ ଥିବା ଚାଷଜମି, ଜଙ୍ଗଲ, ଗୋଚର, ପାଣିନାଳ, ଦଣ୍ଡା ଇତ୍ୟାଦିକୁ ଟାଉନ ପ୍ଲାନିଂ ସ୍କିମରେ ଅନ୍ତର୍ଭୁକ୍ତ କରାଯାଇଛି। ଫଳରେ ପରିବେଶ ଏବଂ ଚାଷକ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଛି। ତେଣୁ ଏହି ସ୍କିମରୁ ଚାଷଜମି, ଜଙ୍ଗଲ, ଗୋଚର ଆଦିକୁ ବାଦ୍ ଦିଆଯାଉ ବୋଲି ଏକାମ୍ର ଜନ ଜାଗରଣ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ସୋମବାର ଏନେଇ ମଞ୍ଚ ପକ୍ଷରୁ ଦାବି ସମ୍ବଳିତ ଏକ ଅଭିଯୋଗପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ରାଜଧାନୀ ଉପକଣ୍ଠରେ ଥିବା ପାଇକରାପୁର, ନରଗୋଦା, ସହଜପୁର, ସିଜିପୁଟ, ତମାଣ୍ଡୋ ଆଦି ପଞ୍ଚାୟତ ଅଞ୍ଚଳର ୭୫୬ ଏକରରେ ସହରୀକରଣ ପାଇଁ ବିଡିଏ ନେଇଛି। ଚାଷୀଙ୍କ ଧାନଜମି ରେକର୍ଡରୁ ୪୦% ବିଡିଏ କାଟି ଦେଇଛି। ଫଳରେ ୫ବର୍ଷ ହେବ ଉକ୍ତ ଗହିରରେ ଧାନଚାଷ ହୋଇପାରୁନାହିଁ। ହିଡବାଡ଼ ସବୁ ବିଡିଏ ଭାଙ୍ଗି ଦେଇଥିବା ଯୋଗୁ ବଳକା ୬୦% ଜମି କେଉଁଠି ଅଛି ତାହା ଚାଷୀମାନେ ଜାଣିପାରୁନାହାନ୍ତି। ସେହିଭଳି ବର୍ତ୍ତମାନ ସରକାରଙ୍କ ପରିବର୍ଦ୍ଧିତ ଟିପି ସ୍କିମ ଯୋଜନାରେ ଚନ୍ଦକା ଅଭୟାରଣ୍ୟ ସୀମାକୁ ଲାଗିକରି ଥିବା ପ୍ରାୟ ୨୫ଟି ରାଜସ୍ୱ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି। ଫଳରେ ଜଙ୍ଗଲ କଡରେ ଥିବା ଗରିବ ଆଦିବାସୀଙ୍କ ଚାଷଜମିକୁ ବିଲ୍ଡରମାନେ ଶାଗମାଛ ଦରରେ କିଣିବା ଆରମ୍ଭ କରିଛନ୍ତି। ଜଙ୍ଗଲ ସୀମାବର୍ତ୍ତୀ ଏହି ରାଜସ୍ୱ ଗ୍ରାମଗୁଡ଼ିକ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଭାବେ ପରିଗଣିତ। ଏଠାରେ କୌଣସି ସହରୀକରଣ କାର୍ଯ୍ୟକ୍ରମକୁ ଅନୁମତି ଆଇନ ଦେଇନାହିଁ। ଚନ୍ଦକା ଅଭୟାରଣ୍ୟର ଉପକଣ୍ଠ ବିଞ୍ଝଗିରି ଅଞ୍ଚଳରେ କୌଣସି ନିର୍ମାଣକୁ ଅବୈଧ ଘୋଷଣା କରିଛି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ। ଉପରୋକ୍ତ ସୂଚନାକୁ ଆଧାର କରି ପୂର୍ବ ସରକାର ସମୟରେ ହୋଇଥିବା ତ୍ରୁଟିକୁ ସଂଶୋଧନ କରାଯାଉ। ଜଙ୍ଗଲ, ଚାଷଜମି ଓ ଗୋଚର ଜମିକୁ ସୁରକ୍ଷା ଦିଆଯାଇ ସହରୀକରଣ ପ୍ରକଳ୍ପ ଆଗକୁ ବଢ଼ାଯାଉ। ଏହି ଦାବିପତ୍ର ପ୍ରଦାନ ବେଳେ ମଞ୍ଚର ସଭାପତି ଭୀଷ୍ମ ନାରାୟଣ ନାୟକ, ଗଣେଶ ଚନ୍ଦ୍ର ପାଲ, ସୁଲତା ସାହାଣୀ, ଭୂପେଶ ନାୟକ, ରାଜେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୯।୨୦୨୫

| | |
|---|---|
| ୨,୫୧,୭୬୭ ଟଙ୍କା | |
| ସୁନା | ୩.୫୮୦ ଗ୍ରାମ୍ |
| ରୁପା | ୧୫୪.୧୦୦ ଗ୍ରାମ୍ |

# ୩ ହଜାରରୁ ଊର୍ଦ୍ଧ୍ୱ ଡ୍ରପ୍‌ଆଉଟ ଶିଶୁଙ୍କୁ ପ୍ରୋତ୍ସାହନ ଦିଆଯିବ

### ଜିଲାସ୍ତରୀୟ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ

ପୁରୀ, ୨୩।୯ (ଅଜିତ୍ କୁମାର ମହାନ୍ତି)




କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନୀଳମାଧବ ଭୋଇଙ୍କ ସମେତ ଅନ୍ୟ ଅଧିକାରୀମାନେ ।

ଜିଲାସ୍ତରୀୟ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ମଙ୍ଗଳବାର ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଜିଲା ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟି, ବାଲ୍ୟବିବାହ ଓ ଶିଶୁ ଶ୍ରମିକ ନିଷେଧ ଜିଲାସ୍ତରୀୟ ଟାସ୍କ ଫୋର୍ସ, ଚାଇଲ୍ଡ ହେଲ୍ପଲାଇନ ବୋର୍ଡର ସମସ୍ତ ସଦସ୍ୟ, ସଦସ୍ୟା ଓ ସମସ୍ତ ବିଭାଗର ନିମନ୍ତ୍ରିତ ପଦାଧିକାରୀ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲାପାଳ ନୀଳମାଧବ ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ।

ଶିକ୍ଷା ବିଭାଗ ଦ୍ୱାରା ଅନୁଷ୍ଠିତ 'ଆସ ସ୍କୁଲ୍ ଯିବା' କାର୍ଯ୍ୟକ୍ରମରେ ଡ୍ରପ୍‌ଆଉଟ ସର୍ଭେ ଓ ସମସ୍ତ ପିଲାଙ୍କୁ ବିଦ୍ୟାଳୟକୁ ଅଣାଯିବା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା। ଜିଲାରେ ଥିବା ମୋଟ ୩୦୦୦ରୁ ଊର୍ଦ୍ଧ୍ୱ ଡ୍ରପ୍‌ଆଉଟ ଶିଶୁଙ୍କ ମଧ୍ୟରୁ ଯେଉଁମାନେ ପିତୃମାତୃହୀନ ଓ ଏକକ ପିତାମାତା ବା ଅଭିଭାବକଙ୍କର ଶିଶୁ ହୋଇଥିବେ ଏବଂ ସେମାନେ ବିଦ୍ୟାଳୟ, ମହାବିଦ୍ୟାଳୟରେ ନିରନ୍ତର ଅଧ୍ୟୟନ କରିବେ, ସେମାନଙ୍କ ପରିବାର ଅନୁଧ୍ୟାନ କରାଯାଇ ମାର୍ଗଦର୍ଶିକା ଆଧାରରେ ଆର୍ଥିକ ପ୍ରୋତ୍ସାହନ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଜିଲାରେ ଥିବା ଔଷଧ ଦୋକାନଗୁଡ଼ିକରେ ଥିବା ରେଜିଷ୍ଟରକୁ ଡିଜିଟାଇଜେଶନ କରିବା ଓ ସିସିଟିଭି ଲଗାଇବା ସହିତ ଏଚ୍, ଏଚ୍‌ୱାନ, ଏକ୍ସ ଡ୍ରଗ୍ସଗୁଡ଼ିକର ବିକ୍ରିବଟା ମନିଟରିଂ କରାଯିବାକୁ ଡ୍ରଗ୍ସ ଇନ୍ସପେକ୍ଟରଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଜିଲାରେ ଥିବା ପ୍ରତି ବିଦ୍ୟାଳୟର ୧୦୦ ଗଜ ମଧ୍ୟରେ ମାଦକଦ୍ରବ୍ୟ ନିଷେଧ ନିମନ୍ତେ ଯୋଜନା ଓ ମ୍ୟାପିଂ କରିବା ସହିତ ବିହିତ ପଦକ୍ଷେପ ନେବ ଅବକାରୀ ବିଭାଗ। ଶିଶୁ ଶ୍ରମିକ ନିୟୋଜିତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲା ଶ୍ରମ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ତୃଣମୂଳସ୍ତରରେ ଅଙ୍ଗନୱାଡ଼ି କର୍ମୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବାଲ୍ୟ ବିବାହ ନିଷେଧ ନିମନ୍ତେ ସତର୍କ ରହିବେ ଏବଂ ପୂର୍ବରୁ ଏହାର ନିରୀକ୍ଷଣ କରି ରିପୋର୍ଟ କରିବେ। ଏହାସହିତ ନିଶାଯୁକ୍ତ ଶିଶୁମାନଙ୍କ ଥଇଥାନ ଓ ଶିଶୁ ଯତ୍ନ ଅନୁଷ୍ଠାନରେ ଥିବା ଦିବ୍ୟାଙ୍ଗ ଶିଶୁମାନଙ୍କ ପେନ୍‌ସନ, ଦିବ୍ୟାଙ୍ଗ ପ୍ରମାଣପତ୍ର ନିଶ୍ଚିତ କରିବାକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବୈଠକରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଦ୍ୟୁତିକାନ୍ତ ପ୍ରଧାନ, ଡ୍ରଗ୍ ଇନ୍ସପେକ୍ଟର ହିତେଶ କୁମାର ବେହେରା, ମହାବୀର ରୁଦ୍ର ନାରାୟଣ ସାହୁ, ଜେ ଜେ ବି ମେମ୍ବର, ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଆର୍‌ପି ଇନ୍ସପେକ୍ଟର ଉମେଶ ଚନ୍ଦ୍ର ପାତ୍ର, ସହକାରୀ ଶ୍ରମ ଅଧିକାରୀ ପଲ୍ଲବୀ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଅଧିକାରୀ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଚାଇଲ୍ଡ ହେଲ୍ପଲାଇନ୍‌ର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

# ବ୍ରହ୍ମଗିରିରେ ୪ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ

ଭୁବନେଶ୍ୱର, ୨୩।୯ (ବନ୍ଦନା ସେଠୀ)

ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ନିମନ୍ତେ ୪ଟି ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ, ଗୋଟିଏ କ୍ଷୁଦ୍ର ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ ଏବଂ ଗୋଟିଏ ଏକକ/ଏକାଧିକ ଗ୍ରାମବିଶିଷ୍ଟ ପାଇପ୍ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି। ସେଥିମଧ୍ୟରୁ ଗୋଟିଏ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚୁକ୍ତିନାମା ଅନୁଯାୟୀ ନିର୍ଦ୍ଧାରିତ ସମୟସୀମା ଅତିକ୍ରାନ୍ତ ହେବାପରେ ସମ୍ପୂର୍ଣ୍ଣ ହୋଇଛି ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି। ମଙ୍ଗଳବାର ବିଧାନସଭାରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ନାଏକ ଏହା କହିଛନ୍ତି। ଅବଶିଷ୍ଟ ୩ଟି ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ, ଗୋଟିଏ କ୍ଷୁଦ୍ର ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ ତଥା ଗୋଟିଏ ଏକକ/ଏକାଧିକ ଗ୍ରାମବିଶିଷ୍ଟ ପାଇପ୍ ଜଳଯୋଗାଣ ପ୍ରକଳ୍ପର ନିର୍ମାଣକାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ଅତିକ୍ରାନ୍ତ ହେବା ସତ୍ତ୍ୱେ ଚାଲୁ ରହିଛି। ସେହିପରି ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ନିମନ୍ତେ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଲେ ଆବଶ୍ୟକତା ଅନୁଯାୟୀ ଜରିମାନା ଲାଗୁକରି ଏହାକୁ ବୃଦ୍ଧି କରାଯାଇଥାଏ। ତେବେ କାରଣ ଆଧାରରେ ସମୟସୀମା ବୃଦ୍ଧି କେତେଥର କରାଯାଇପାରିବ ସେ ଦିଗରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

# ଦ୍ୱିତୀୟ ଦିନରେ ମିଶନ ଶକ୍ତି ମହିଳାଙ୍କ ଧାରଣା

### ବ୍ଲକ କାର୍ଯ୍ୟ ବାଧାପ୍ରାପ୍ତ

କଣାସ, ୨୩।୯ (ବିଭୂତି ଭୂଷଣ ତ୍ରିପାଠୀ)

ରାଜ୍ୟ ମିଶନ ଶକ୍ତି କର୍ମୀ ସଂଘ ଆହ୍ୱାନକ୍ରମେ କଣାସ ବ୍ଲକ ଜିପିଏଲ୍ଏଫ ମିଶନ ଶକ୍ତି କର୍ମୀ ସଂଘ ପକ୍ଷରୁ ସୋମବାର ଠାରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିବାରୁ ବ୍ଲକର ସମସ୍ତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି। କଣାସର ୨୮ ପଞ୍ଚାୟତର କର୍ମୀମାନେ ଧାରଣା ଦେଇ ବସି ରହିବା ସହିତ ସେମାନଙ୍କର ଦାବି ସମ୍ପର୍କରେ ସ୍ଲୋଗାନ୍ ଦେଇଛନ୍ତି। ପୂର୍ବରୁ ସେମାନଙ୍କୁ ସରକାର ନିର୍ଦ୍ଧାରିତ କରିଥିବା ଦରମା ନିୟମିତ ଦିଆଯାଇ ନ ଥିବାବେଳେ ୬ମାସ ହେଲାଣି ଏଥିରେ ବ୍ୟତିକ୍ରମ ଦେଖାଦେଇଛି। କର୍ମୀମାନେ ବ୍ଲକ, ଜିଲା, ରାଜ୍ୟସ୍ତରୀୟ ଅଧିକାରୀ ଓ ବିଭାଗୀ ମନ୍ତ୍ରୀଙ୍କୁ ବାରମ୍ବାର ଜଣାଇବା ପରେ କୌଣସି ସୁଫଳ ମିଳି ନ ଥିବାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବ୍ଲକକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକମାନେ ୨ଦିନ ହେଲା କୌଣସି କାର୍ଯ୍ୟ କରି ନ ପାରି ନିରାଶ ହୋଇ ଫେରିଯାଉଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କଣାସ ଥାନାଧିକାରୀ ପ୍ରଶନ୍ନ କୁମାର ନାୟକ ଓ ଅନ୍ୟ ପୋଲିସ୍ ଅଧିକାରୀମାନେ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ରହୁଛନ୍ତି।

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମହାସ୍ନାନ ନୀତି

ପୁରୀ, ୨୩।୯ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ମଙ୍ଗଳବାର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଭିତର କାଠ ନିକଟରେ ରକ୍ତଛିଟା ପଡ଼ିବା ହେତୁ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଖଟଶେଜ ଘର ମରାମତି ବେଳେ ହାତୁଡ଼ି ବେଣ୍ଟ ଖସି ପାଦ ନଖରେ ପଡ଼ି ଫାଟି ରକ୍ତ ପଡ଼ିବା ଯୋଗୁ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ସୂଚନାଯୋଗ୍ୟ, ରତ୍ନଭଣ୍ଡାରକୁ ସୁନା ଅଳଙ୍କାର ସ୍ଥାନାନ୍ତର ବେଳେ ମଙ୍ଗଳବାର ଖଟଶେଜ ଘର ମରାମତି କରାଯାଉଥିଲା। ଏହି ସମୟରେ ହାତୁଡ଼ି ବେଣ୍ଟ ଖସିଯାଇ ନଖରେ ବାଜିଥିଲା। ଫଳରେ ନଖ ଫାଟିଯାଇ ରକ୍ତ ପଡ଼ିଥିଲା। ଯାହା ଉପସ୍ଥିତ ସେବାୟତଙ୍କ ଦୃଷ୍ଟିଗୋଚର ହୋଇଥିଲା। ତୁରନ୍ତ ଶ୍ରୀମନ୍ଦିରରେ ସମସ୍ତ ନୀତି ବନ୍ଦ କରାଯାଇଥିଲା। ପରେ ଶ୍ରୀବିଗ୍ରହମାନଙ୍କର ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ଅପରାହ୍ନ ୪ଟା ୪୫ରେ ଭିତର କାଠ ଚଟାଣ ଧୁଆ ଧୋଇ ହୋଇ ଚୁନ ପାଣି ପଡ଼ିଥିଲା। ପରେ ୫ଟା୧୦ରେ ସିଂହାସନ ଧୁଆ, ୫ଟା୩୦ରେ ମହାସ୍ନାନ ଠାବ, ମହାସ୍ନାନ ପୂଜା, ମହାସ୍ନାନ ପୂଜା ଶେଷ ଏବଂ ମଇଲମ ଶେଷ ହୋଇ ପରେ ପୁନର୍ବାର ନୀତି ବଢ଼ିଥିଲା। ବଡ଼ ମହାସ୍ନାନ ପାଇଁ ପ୍ରାୟ ୧ଘଣ୍ଟା ନୀତି ବିଳମ୍ବ ହୋଇଥିଲା।

### 'ଗାନ୍ଧୀ ସ୍ମୃତି ସମ୍ମାନ' ସମାରୋହ

ପୁରୀ, ୨୩।୯ (ଅଜିତ୍ କୁମାର ମହାନ୍ତି)

ଶ୍ରୀଜିଉ ଫାଉଣ୍ଡେଶନ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୁରୀ ସଂସ୍କୃତି ଭବନ ଠାରେ ଗାନ୍ଧୀ ସ୍ମୃତି ସମ୍ମାନ ମହାସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଗାନ୍ଧୀବାଦୀ ତଥା ଲେଖକ ଗୌରାଙ୍ଗ ଚରଣ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗାନ୍ଧୀଙ୍କ ପୁରୀ ଗସ୍ତ ଓ ରହଣିକୁ ନେଇ ରୋଚକ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସୂର୍ଯ୍ୟ ରଥ, ମଧୁସୂଦନ ସିଂହାରୀ, ଚକ୍ରଧର ମହାପାତ୍ର, ରାଜେଶ ମିଶ୍ର, ବାସୁଦେବ ପତି, ବିନୋଦ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଗାନ୍ଧୀଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ପୁରୀର କିଛି ଯୁବ ପ୍ରତିଭାଙ୍କୁ ଗାନ୍ଧୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଞ୍ଜୀବ ରଥଶର୍ମା କାର୍ଯ୍ୟକ୍ରମ ପରିଚାଳନା କରି ଶେଷରେ ଧନ୍ୟବାଦ ଦେଇଥିଲେ।

### ପୁରୀ ଫଟୋ ଫ୍ରିଲାନ୍ସର କ୍ଲବର ବାର୍ଷିକୋତ୍ସବ

ପୁରୀ, ୨୩।୯ (ଅଜିତ୍ କୁମାର ମହାନ୍ତି)

ପୁରୀ ଫଟୋ ଫ୍ରିଲାନ୍ସର କ୍ଲବର ବାର୍ଷିକୋତ୍ସବ ମଙ୍ଗଳବାର ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସୋନି କମ୍ପାନୀ ପକ୍ଷରୁ ଏକ ଫଟୋ ଓ ଭିଡିଓଗ୍ରାଫି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଫଟୋଗ୍ରାଫରଙ୍କୁ ନୂତନ ଟେକ୍ନୋଲୋଜି ମାଧ୍ୟମରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଏହାର ଦ୍ୱିତୀୟ ସୋପାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସୋନିର ସିଦ୍ଧାର୍ଥ ମହାପାତ୍ର, ପୁରୀ ଫଟୋ ଆଣ୍ଡ ଭିଡିଓ ଟ୍ରେଡର୍ସ ଆସୋସିଏଶନର ସଭାପତି ରବିନାରାୟଣ ମହାନ୍ତି, ବରିଷ୍ଠ ଫଟୋଗ୍ରାଫର ମନୋରଞ୍ଜନ ରାଉତରାୟ, ବରିଷ୍ଠ ଭିଡିଓଗ୍ରାଫର ପ୍ରତାପ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଫଟୋଗ୍ରାଫି ମାଧ୍ୟମରେ ଅତୁଳନୀୟ ଅବଦାନ ପାଇଁ ରାଜେନ୍ଦ୍ର କୁମାର ମହାପାତ୍ର, ଭିଡିଓଗ୍ରାଫି ମାଧ୍ୟମରେ ଅତୁଳନୀୟ ଅବଦାନ ଲାଗି ବିଷ୍ଣୁପ୍ରସାଦ ମହାପାତ୍ରଙ୍କୁ ଆଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ରବି ନାରାୟଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ମହାପ୍ରଭୁଙ୍କୁ ୩୦ ଲକ୍ଷ ଟଙ୍କା ଦାନ କଲେ ପୂର୍ବତନ କ୍ରିକେଟର ଭେଙ୍କଟେଶ ପ୍ରସାଦ




ପୂର୍ବତନ କ୍ରିକେଟ୍‌ର ଭେଙ୍କଟେଶ ପ୍ରସାଦ ମଙ୍ଗଳବାର ଶ୍ରୀମନ୍ଦିରକୁ ୩୦ ଲକ୍ଷଟଙ୍କା ଦାନ କରୁଛନ୍ତି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

ପୁରୀ, ୨୩।୯ (ଅଜିତ୍ କୁମାର ମହାନ୍ତି)

ପୂର୍ବତନ କ୍ରିକେଟର ତଥା ଦ୍ରୁତବୋଲର ଭେଙ୍କଟେଶ ପ୍ରସାଦ ମଙ୍ଗଳବାର ପୂର୍ବାହ୍ନରେ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନକରି ଆଶିଷ ଲାଭ କରିଛନ୍ତି। ସେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ପ୍ରସାଦ ବାଇଶି ପାହାଚ ଦେଇ ଯାଇ ଶ୍ରୀବିଗ୍ରହଙ୍କର ଆଶିଷ ଲାଭ କରିଛନ୍ତି। ଶ୍ରୀମନ୍ଦିର ଭିତର ବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀ ମା' ବିମଳା, ମା' ମହାଲକ୍ଷ୍ମୀ, ବଟ ଗଣେଶଙ୍କ ସହ ଅନ୍ୟ ଦେବଦେବୀଙ୍କ ଦର୍ଶନ କରି ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରି ସେଠାରୁ ପ୍ରସ୍ଥାନ କରିଥିଲେ। ଏହି ପରିପ୍ରେକ୍ଷୀରେ ପୂର୍ବତନ କ୍ରିକେଟର ପ୍ରସାଦ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଯାଇ ମୁଖ୍ୟ ପ୍ରଶାସକଙ୍କୁ ଭେଟି ୩୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରତ୍ନଭଣ୍ଡାର ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ବରିଷ୍ଠ ସେବାୟତମାନେ ଉପସ୍ଥିତ ଥିଲେ। ସେହିପରି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ, ପତିତପାବନ ବାନା, ମହାପ୍ରଭୁଙ୍କ ସ୍ମାରକୀ ପ୍ରଦାନ କରାଯାଇଥିଲା। ମହାପ୍ରଭୁଙ୍କୁ ଦର୍ଶନ କରି ପ୍ରସାଦ ବେଶ୍ ଖୁସିବ୍ୟକ୍ତ କରିଥିଲେ।

# ପୂର୍ବତନ ବିଧାୟକ ଯୁଧିଷ୍ଠିରଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ

ପିପିଲି, ୨୩।୯ (ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ଡେଲାଙ୍ଗ–ପିପିଲି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଯୁଧିଷ୍ଠିର ସ୍ମୃତି କମିଟି ପକ୍ଷରୁ ପିପିଲି ରେଜିଷ୍ଟ୍ରି ଛକଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ତାଙ୍କ ପୁତ୍ର ପ୍ରିୟବ୍ରତ ସାମନ୍ତରାୟ, ପୁତ୍ରବଧୂ ମାମାଲି ସାମନ୍ତରାୟ, ଝିଅ ରାଖୀ ସ୍ୱାଇଁ, ଜ୍ୱାଇଁ ନୀହାର ରଞ୍ଜନ ସ୍ୱାଇଁ ସମେତ ପିପିଲି ଓ ଡେଲାଙ୍ଗ ଅଞ୍ଚଳର ଯୁଧିଷ୍ଠିରଙ୍କୁ ଭଲପାଉଥିବା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଯୁଧିଷ୍ଠିରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପିପିଲି, ମଙ୍ଗଳପୁର ଏବଂ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପିପିଲିର ବୃଦ୍ଧାଶ୍ରମଠାରେ ମଧ୍ୟ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିପିଲି ବ୍ଲକ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କଂଗ୍ରେସ ନେତା ମାନସ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ ସୁଶାନ୍ତ ମଲିକ, ନାରୀନେତ୍ରୀ ନିରୁପମା ପାତ୍ର, ବିଜୟ ଦାସ, ପ୍ରଦ୍ୟୁମ୍ନ ପରିଡ଼ା, ନରେଶ ଚନ୍ଦ୍ର ବହିଆ, ଜିତୁ ପ୍ରକାଶ ପରିଡ଼ା, ବିଷ୍ଣୁ ଦଳେଇ, ବିରଞ୍ଚି ନାରାୟଣ ମିଶ୍ର, ପ୍ରସନ୍ନ କୁମାର ମହାପାତ୍ର, କର୍ପୂର ଚନ୍ଦ୍ର ଜେନା, ଆବିଦ୍ ଉଦ୍ଦିନ ଖାଁ, ସଞ୍ଜୟ କୁମାର ଶତପଥୀ, ଚନ୍ଦନ ସେଠୀ, ଲାଲା ରାକେଶ ରାୟ, ଅନ୍ତର୍ଯାମୀ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

# ସେବା ପକ୍ଷ ଅବସରରେ ଚିତ୍ରକଳା ପ୍ରତିଯୋଗିତା



ଅତିଥିଙ୍କ ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ ।

ପୁରୀ, ୨୩।୯ (ଅଜିତ୍ କୁମାର ମହାନ୍ତି)

ସେବା ପକ୍ଷ ଅବସରରେ ପୁରୀ ଜିଲା ସଂସ୍କୃତି କାର୍ଯ୍ୟାଳୟ ଓ ଲଳିତକଳା ଏକାଡେମୀର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଏକ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। '୨୦୪୭ ବିକଶିତ ଭାରତର ପରିକଳ୍ପନା' ଶୀର୍ଷକ ଏହି ପ୍ରତିଯୋଗିତା ସଂସ୍କୃତି ଭବନସ୍ଥିତ ଲଳିତକଳା ଏକାଡେମୀ ଗ୍ୟାଲେରିରେ ଅନୁଷ୍ଠିତ ହୋଇଥିଲା। ଏହି ଚିତ୍ରକଳା ପ୍ରତିଯୋଗିତା ଓ ପ୍ରଦର୍ଶନୀକୁ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଉଦ୍‌ଘାଟନ କରିବା ସହ ପ୍ରତ୍ୟେକ କଳାକାର ନିଜର ସୃଜନଶୀଳତା ଓ ଭାବନାକୁ କାନ୍‌ଭାସ୍‌ରେ ଲିପିବଦ୍ଧ କରି ସମାଜକୁ ବାର୍ତ୍ତା ଦେଇଥାନ୍ତି ବୋଲି କହିଥିଲେ। କଳାକାର ଦ୍ୱିତୀୟ ଈଶ୍ୱର ପରି ନିଜ କଳା ମାଧ୍ୟମରେ ଯେଉଁ ସୃଷ୍ଟି କରିଥାନ୍ତି, ତାହା ତାଙ୍କୁ ପରିଚୟ ଦେଇଥାଏ। ବିକଶିତ ଭାରତ ୨୦୪୭ର ଚିତ୍ରକୁ ଅତି ଚମତ୍କାର ଭାବେ ଅଙ୍କନ କରିଥିବାରୁ ସେ ସମସ୍ତ ଚିତ୍ରଶିଳ୍ପୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ କାଶୀନାଥ ଖୁଣ୍ଟିଆ କଳାକାର ନିଜର ଚିନ୍ତା ଓ ଚେତନାକୁ ଜାଗ୍ରତ କରି ଯେଉଁ ସୃଷ୍ଟିକରେ ତାହା ଅନନ୍ୟ ବୋଲି କହିବା ସହ ଭାବନାତ୍ମକ ଚିନ୍ତନର ସୁନ୍ଦର ପ୍ରତିଫଳନ ଏହି ଚିତ୍ରକଳା ବୋଲି ସେ କହିଥିଲେ। ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ପ୍ରଦର୍ଶନୀ ଓ ପ୍ରତିଯୋଗିତାରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ, ପୁରୀ ଲଳିତକଳା ଏକାଡେମୀର ତତ୍ତ୍ୱାବଧାରକ ସତ୍ୟନାରାୟଣ ପାଢ଼ୀ ପ୍ରମୁଖ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଚିତ୍ରକଳା ପ୍ରତିଯୋଗିତାର ଶ୍ରେଷ୍ଠ ୩ କଳାକୃତି ଓ ପୂର୍ବରୁ ଅନୁଷ୍ଠିତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଚିତ୍ରକଳା ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରକୁ ପ୍ରେରଣ କରାଯିବ ବୋଲି ସଂସ୍କୃତି ଅଧିକାରୀ ସୂଚନା ଦେଇଛନ୍ତି।

# ନବରାତ୍ରର ଦ୍ୱିତୀୟ ଦିନରେ ଦୁର୍ଗା ବ୍ରହ୍ମଚାରିଣୀ ବେଶ

### ନିଶା ମଙ୍ଗଳବାରରେ ବ୍ରତଧାରୀଙ୍କ ଭିଡ଼

କାକଟପୁର/ଅସ୍ତରଙ୍ଗ, ୨୩।୯ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

କାକଟପୁର ପ୍ରାଚୀତଟ ବାସିନୀ ମା' ମଙ୍ଗଳାଙ୍କ ପୀଠରେ ଷୋଡ଼ଶ ଦିନାତ୍ମକ ପୂଜା ଚାଲିଛି। ନବରାତ୍ରର ପ୍ରଥମ ଦିନ ବିଳମ୍ବିତ ରାତ୍ରରେ ମା' ମଙ୍ଗଳାଙ୍କ ନାଲିକଲି ବେଶରେ ଦର୍ଶନ ଦେଇଥିଲେ। ପରମ୍ପରା ଅନୁସାରେ, ପ୍ରତ୍ୟହ ଭୋର ୪ଟାରୁ ସ୍ୱତନ୍ତ୍ର ପୂଜା ହୁଏ। ସୋମବାର ଠାରୁ ନବଦିନାତ୍ମକ ପୂଜା ଅବା ଗୁପ୍ତନୀତି ଆରମ୍ଭ ହୋଇଛି। ନବପତ୍ରିକା ପ୍ରଥମ ଦିନରେ ମା' ବିଳମ୍ବିତ ରାତ୍ରରେ ନାଲିକଲି ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ନବରାତ୍ରର ଦ୍ୱିତୀୟ ଦିନରେ ମା' ବିଳମ୍ବିତ ରାତିରେ ଦୁର୍ଗା ବ୍ରହ୍ମଚାରିଣୀ ବେଶରେ ଦର୍ଶନ ଦେଇଛନ୍ତି। ଏହି ଶକ୍ତି ଦ୍ୱିତୀୟ ଦିନର ଉପାସ୍ୟା 'ବ୍ରହ୍ମ'ର ଅର୍ଥ ତପସ୍ୟା ଏବଂ ଏ ଦୃଷ୍ଟିରୁ ସେ ତପସ୍ୟାରିଣୀ। ଅନ୍ୟପଟେ ମଙ୍ଗଳବାର ମା'ମଙ୍ଗଳାଙ୍କ ବାର। ଏହିଦିନ ତାଙ୍କର ଓଷା, ବ୍ରତ କରାଯାଏ। ଚୈତ୍ର ମଙ୍ଗଳବାରରେ ପଛେଇ ପୂଜା ଏହାର ନିଦର୍ଶନ। ଏହି ପୂଜା ଦିନ ବେଳା, ବିଶେଷ କରି ପୂର୍ବାହ୍ନରେ କରାଯାଏ। କିନ୍ତୁ ଆଶ୍ୱିନ ମାସ ମଙ୍ଗଳବାର ରାତିରେ ମଧ୍ୟ ମା'ଙ୍କ ପୂଜାର ବିଧାନ ଅଛି। ସେଥିପାଇଁ ତାହା ନିଶା ମଙ୍ଗଳବାର ଓଷା ଭାବରେ କଥିତ ହୁଏ। ଯାହା ଫଳରେ ମା' ମଙ୍ଗଳାଙ୍କ ଏହି ଦିନରେ ମାତୃଭକ୍ତମାନେ ନିଶା ମଙ୍ଗଳବାର ଓଷା କରିଥାନ୍ତି। ଏହି ନବ ଦିନାତ୍ମକ ପୂଜା ସମୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ।



# ଛାତ୍ର ସଂସଦ ନିର୍ବାଚନ ଦାବିରେ ଅଧ୍ୟକ୍ଷଙ୍କୁ ଘେରିଲା ଏବିଭିପି

- ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ
- ଦାବି ନ ମାନିଲେ ଆଗାମୀ ଦିନରେ ଆନ୍ଦୋଳନ ଚେତାବନୀ

ଅସ୍ତରଙ୍ଗ, ୨୩।୯ (ମମତା ଜେନା)



ଏବିଭିପିର କାର୍ଯ୍ୟକର୍ତ୍ତାମାନେ ଅଧ୍ୟକ୍ଷଙ୍କୁ ଭେଟି ଦାବିପତ୍ର ଦେଉଛନ୍ତି ।

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ମା' ମଙ୍ଗଳା ମହାବିଦ୍ୟାଳୟ କ୍ୟାମ୍ପସ୍ ୟୁନିଟ୍‌ର କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କରାଯାଇ ପରେ ଅଧ୍ୟକ୍ଷଙ୍କ ନିକଟରେ ବିଭିନ୍ନ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ମଧ୍ୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯାଉ, କ୍ୟାମ୍ପସ ପାଇଁ ଉପଯୁକ୍ତ ସୁରକ୍ଷା ଏବଂ ସମ୍ପୂର୍ଣ୍ଣ ପାଚେରି କରାଯାଉ, କଲେଜର ଉପଯୁକ୍ତ ପରିମଳକରଣ ସହିତ ଛାତ୍ରୀଛାତ୍ର ଉଭୟଙ୍କ ପାଇଁ ଶୌଚାଳୟ ଏବଂ କମନ୍‌ରୁମ୍‌ର ଆବଶ୍ୟକ, ପାଠାଗାରରେ ପର୍ଯ୍ୟାପ୍ତ ପୁସ୍ତକ ସହିତ ଇ–ଲାଇବ୍ରେରି ସ୍ଥାପନ କରାଯାଉ, ପୋଷ୍ଟ ମାଟ୍ରିକ୍ ମେଧାବୃତ୍ତି ଠିକ୍ ସମୟରେ ନ ମିଳିବା କାରଣରୁ ବହୁ ଗରିବ ବିଦ୍ୟାର୍ଥୀ କଷ୍ଟ ଅନୁଭବ କରୁଛନ୍ତି। ଏହା ଉଚିତ୍ ସମୟ ମଧ୍ୟରେ ପ୍ରଦାନ କରାଯାଉ, କଲେଜ ଛକ ନିକଟରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଥିବା ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି, ଫଳରେ ମହାବିଦ୍ୟାଳୟକୁ ଆସିବା ପାଇଁ ଛାତ୍ରୀଛାତ୍ର ତଥା କର୍ମଚାରୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖାଲି ପଡ଼ିଥିବା ଶିକ୍ଷକ ଏବଂ ଅଣଶିକ୍ଷକ ପଦବୀ ଯଥାଶୀଘ୍ର ପୂରଣ କରାଯାଉ ବୋଲି କଲେଜ ଅଧ୍ୟକ୍ଷଙ୍କ ଜରିଆରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏବିଭିପି କାକଟପୁର ନଗର ସମ୍ପାଦକ ସ୍ମୃତିରଞ୍ଜନ ସ୍ୱାଇଁ ଓ ନଗର ସହସମ୍ପାଦିକା ରଶ୍ମିତା ନାୟକ ଏବଂ କ୍ୟାମ୍ପସ୍ ୟୁନିଟ୍ ସଭାପତି, ସମ୍ପାଦକ ଓ ଛାତ୍ରୀଛାତ୍ର ଯାଇ କଲେଜ ଅଧ୍ୟକ୍ଷଙ୍କୁ ଭେଟିଥିଲେ। କଲେଜ ଅଧ୍ୟକ୍ଷ ଏହି ଦାବିପତ୍ରକୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଜରିଆରେ ଉପରିସ୍ଥ ଅଧିକାରୀଙ୍କୁ ପଠାଇବେ ବୋଲି କହିଛନ୍ତି। କ୍ୟାମ୍ପସର ଏହିସବୁ ଦାବି ଯଦି ଯଥାଶୀଘ୍ର ପୂରଣ ନ ହୁଏ, ଆଗାମୀ ଦିନରେ ଏବିଭିପି ରାଜରାସ୍ତାରେ ବିରାଟ ବଡ଼ ଆନ୍ଦୋଳନ କରିବ ବୋଲି ସମ୍ପାଦକ ସ୍ୱାଇଁ ଚେତାବନୀ ଦେଇଛନ୍ତି।

**ଭାଜପା ରାଜ୍ୟ ସଭାପତିଙ୍କୁ ଦାବିପତ୍ର ପ୍ରଦାନ**

କଟକ,(କାର୍ତ୍ତିକ ସାହୁ): ସରକାରଙ୍କ ବିଭାଗୀୟ ଯୋଜନାକୁ ବ୍ଲକଠାରୁ ସଚିବାଳୟ ପର୍ଯ୍ୟନ୍ତ ସମ୍ପନ୍ନ କରୁଥିବା ଆଉଟସୋର୍ସିଂ ଓ ଡେଲିୱେଜେସ କର୍ମଚାରୀମାନଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ, ସ୍ଥାୟୀ କର୍ମଚାରୀର ମାନ୍ୟତା, ଛଟେଇ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଓ ଛଟେଇ ପ୍ରକ୍ରିୟା ବନ୍ଦ କରାଯିବା ଆଦି ଦାବି କରାଯାଇଛି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ କଟକ ଜିଲା ଗସ୍ତ ଅବସରରେ ଏସ୍‌ସିବି ମେଡିକାଲରେ ଭେଟି ତାଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛନ୍ତି। କଟକ ଜିଲାର ଆଉଟ-ସୌରସିଂ କର୍ମଚାରୀ ସଂଘ ଜିଲା ସଭାପତି ସାରଦା ପ୍ରସନ୍ନ ଦାସ, ମହାସଚିବ ଅରୁଣ କୁମାର ସାମନ୍ତରାୟ, ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ନାୟକ, କୋଷାଧ୍ୟକ୍ଷ ପ୍ରଶାନ୍ତ ମିଶ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଷୋଳପୂଜାର ନବମ ଦିନ ବେଶ


ଷୋଡ଼ଶ ଉପଚାର ପୂଜା ଅବସରରେ ମଙ୍ଗଳବାର ମା' କଟକ ଚଣ୍ଡୀଙ୍କ ମାତଙ୍ଗୀ ବେଶ।


ମା' ଗଡ଼ଚଣ୍ଡୀଙ୍କ ବଗଳାମୁଖୀ ବେଶ।


ମା' ଝାଞ୍ଜିରୀ ମଙ୍ଗଳାଙ୍କ ଚାମୁଣ୍ଡା ବେଶ।


ମା' ବାସନ୍ତୀ ଦୁର୍ଗାଙ୍କ ସ୍କନ୍ଦମାତା ବେଶ।


ହରିପୁର ମା' ବିମଳାଙ୍କ ହରଚଣ୍ଡୀ ବେଶ।


ନବରାତ୍ର ପୂଜାରେ ବାଙ୍କୀ ମା' ଚର୍ଚ୍ଚିକାଙ୍କ ଦ୍ୱିତୀୟ ଦିନ ପୂଜାର ରାତ୍ରି ବେଶ।


ତିଗିରିଆ ନୂଆପାଟଣାସ୍ଥିତ ମା' କଳାପାଟଙ୍କ ତାରା ବେଶ।


ତିଗିରିଆ ବିନ୍ଧାଣିମା ବାଇପାସ୍‌ସ୍ଥିତ ମା' ବୁଢ଼ୀ ମଙ୍ଗଳାଙ୍କ ବଗଳାମୁଖୀ ବେଶ।


ପୀଠାପୁର ମା' ଧାକୁଲେଇଙ୍କ ବଗଳାମୁଖୀ ବେଶ।


ତିଗିରିଆ ହାଟମାଳସ୍ଥିତ ମା' ଦୁର୍ଗାଦେବୀଙ୍କର ନାରାୟଣୀ ବେଶ।


ବଡ଼ମ୍ବା ମା' ଭଟ୍ଟାରିକାଙ୍କ ଜଗଧାତ୍ରୀ ବେଶ।

## କର୍କଟ ଆକ୍ରାନ୍ତ ଶିଶୁ ରୋଗୀଙ୍କ ପାଇଁ ମନୋରଞ୍ଜନକୁ ଗୁରୁତ୍ୱ

କଟକ,୨୩।୯(ଶିଳ୍ପା ପ୍ରିୟଦର୍ଶିନୀ)

ଆଚାର୍ଯ୍ୟ ହରିହର କର୍କଟକେନ୍ଦ୍ର ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। କର୍କଟ ଆକ୍ରାନ୍ତ ଶିଶୁର ମାନସିକ ଅବସ୍ଥାକୁ ରୁଗ୍ଣ ନ କରି ଦେଉ ସେଥିପାଇଁ ଚିକିତ୍ସା ପ୍ରକୋଷ୍ଠରେ ଦେଖିବାକୁ ମିଳିବନି କର୍କଟ ସେବାର ଆନୁସଙ୍ଗିକ ଉପକରଣ। ଏହା ବଦଳରେ ଚିକିତ୍ସା ପ୍ରକୋଷ୍ଠକୁ ମନୋରଞ୍ଜନ ପରିବେଶରେ ପରିବର୍ତ୍ତନ କରାଯାଇଛି। ଏଠାରେ ବିଭିନ୍ନ ପ୍ରକାରର ଖେଳଣା ରଖାଯାଇଛି। ଏପରିକି କାନ୍ଥରେ କାର୍ଟୁନ ଚିତ୍ରଣ କରାଯିବା ସହ ଗପବହି ଯୋଗାଇ ଦିଆଯାଇଛି। କ୍ୟାରମ, ଚେସ ଆଦି ଖେଳ ଉପକରଣ ମଧ୍ୟ ଏହି ପ୍ରକୋଷ୍ଠରେ ଦେଖିବାକୁ ମିଳିଛି। ତେବେ ସ୍ୱାସ୍ଥ୍ୟ ସଚିବ ଏସ୍ ଅଶ୍ୱଥିଙ୍କ ନିର୍ଦ୍ଦେଶକ୍ରମେ ଏଏଚ୍‌ସିଆଇସିରେ ଏଭଳି ନବୀକରଣ କାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ଏହାବ୍ୟତିତ ପୂର୍ବରୁ ଏଠାରେ ୧୪ଟି ଶଯ୍ୟା ଥିଲା। ଶଯ୍ୟା ସଂଖ୍ୟା ଆଉ ୭ଟି ବୃଦ୍ଧି କରାଯାଇଛି। ଖେଳ ଉପକରଣଗୁଡ଼ିକ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି।

# ମନ୍ଦିର ଫାଟ, ଝୁଲା ପୋଲ ମରାମତିକୁ ଗୁରୁତ୍ୱ

ଖୁଣ୍ଟୁଣୀ,୨୩।୯(ସଚ୍ଚିଦାନନ୍ଦ ପଣ୍ଡା)

ଶୈବପୀଠ ବାବା ଧବଳେଶ୍ୱରଙ୍କ ପଞ୍ଚକ ଓ ବଡ଼ଓଷା ପାଇଁ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୧ଟାରେ ପ୍ରସ୍ତୁତି ବୈଠକ ଧବଳେଶ୍ୱରଙ୍କ ପୀଠ ପ୍ରାଙ୍ଗଣରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଧବଳେଶ୍ୱରଙ୍କ ବ୍ରତ ଅକ୍ଟୋବର ୮ରୁ ନଭେମ୍ବର ୫ ତାରିଖ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ। ନଭେମ୍ବର ୧ରୁ ୫ ଯାଏ ପଞ୍ଚକ ଯାତ୍ରା ହେବ। ବାବାଙ୍କ ବଡଓଷା ନଭେମ୍ବର ୩ ତାରିଖ ଓ ଗଜଭୋଗ ବିତରଣ ୪ ତାରିଖରେ ପାଳନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା କହିଛନ୍ତି। ପଞ୍ଚକ ପୂଜା ଅବସରରେ ବିଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ବାବା ଧବଳେଶ୍ୱର। ବିଶେଷ କରି ସର୍ବ ପୁରାତନ ମନ୍ଦିର ମଧ୍ୟରେ ଦୀର୍ଘ ବର୍ଷ ଧରି ଫାଟ ସୃଷ୍ଟି ହୋଇ ମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଥିବାରୁ ଏବଂ ଝୁଲାପୋଲ ମରାମତି ନେଇ ପୂଜକ ସମାଜ ଦାବିକୁ


ବାବା ଧବଳେଶ୍ୱର ପୀଠ ପ୍ରାଙ୍ଗଣରେ ଅନୁଷ୍ଠିତ ପଞ୍ଚକ ଓ ବଡ଼ଓଷା ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

**ବାବା ଧବଳେଶ୍ୱରଙ୍କ ପଞ୍ଚକ, ବଡ଼ଓଷା ନିମନ୍ତେ ପ୍ରସ୍ତୁତି ବୈଠକ**

**ନଭେମ୍ବର ୩ ବଡ଼ଓଷା, ୪ରେ ଗଜଭୋଗ ବିତରଣ**

ଉପସ୍ଥିତ ଜନସାଧାରଣ ଓ ପ୍ରଶାସନ ସମର୍ଥନ କରିଥିଲେ। ଏଥିପାଇଁ ପ୍ରଶାସନ ଅଧିକ ଗୁରୁତ୍ୱ ଦେଇ ଅତିରିକ୍ତ ଜିଲାପାଳ ମହାନ୍ତ ମନ୍ଦିର ଫାଟ ଓ ଝୁଲାପୋଲ ଅବସ୍ଥା ଏସ୍‌ଆଇଟି ଦ୍ୱାରା ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସ୍ୱାସ୍ଥ୍ୟ ଏବଂ ପରିମଳ, ସଫେଇ, ପଲିଥିନ ବ୍ୟବହାର ନିଷେଧ, ରାସ୍ତା ଘାଟ, ବୋଟ ଚଳାଚଳ, ଆଲୋକୀକରଣ, ପାନୀୟଜଳ, ପରିବହନ, ସୂଚନା କେନ୍ଦ୍ର ଓ ସୂଚନା ପ୍ରଶାରଣ, ବିଶେଷ କରି ନେଟୱାର୍କର ସୁବିଧା, ଗମନାଗମନ ଆଦି ଉପରେ ସବିଶେଷ ଆଲୋଚନା କରାଯିବା ସହ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ବିନୀତ ଭରଦ୍ୱାଜ, ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଉପଖଣ୍ଡ ଚିକିତ୍ସାଳୟ ମୁଖ୍ୟ ଡାକ୍ତର ମାନସ ରଞ୍ଜନ ପରିଜା, ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ଡାକ୍ତର ସ୍ୱାଗତ ଦାସ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଗୁରୁଡିଝାଟିଆ ଥାନା ଅଧିକାରୀ ତପନ କୁମାର ପତି, ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତି, ସମ୍ପାଦକ ନରେନ୍ଦ୍ର କୁମାର ପଣ୍ଡା, ମଞ୍ଚେଶ୍ୱର ପୂର୍ବତନ ସରପଞ୍ଚ କିରଣ ବିହାରୀ ଖଟୁଆ, ସରପଞ୍ଚ ପ୍ରତିନିଧି ପ୍ରିୟବ୍ରତ ସାହୁ, ଡ. ହରିହର ସାହୁ, ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା, ଜିଲାର ସମସ୍ତ ବିଭାଗୀୟ ମୁଖ୍ୟ ଓ ସମସ୍ତ କାରଖାନାର ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂଜକ ସମାଜ ସମ୍ପାଦକ ନରେନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ୨ ହାର୍ଡକୋକ୍ ବୋଝେଇ ଟ୍ରକ୍, ଜେସିବି ଜବତ

ମଙ୍ଗୁଳି-ଜଗତପୁର,୨୩।୯(ମାନସ ସାମଲ)

**୫ କୋଇଲା ଚୋରା ବ୍ୟବସାୟୀ ଗିରଫ**

ଦୁଇଟି ହାର୍ଡକୋକ୍ କୋଇଲା ବୋଝେଇ ଟ୍ରକ୍‌ରୁ ଚୋରି ବିକ୍ରି ଅଭିଯୋଗରେ ୫ଜଣ କୋଇଲା ଚୋରା ବ୍ୟବସାୟୀଙ୍କୁ ଟାଙ୍ଗୀ ପୋଲିସ ସୋମବାର ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଙ୍କୀ ଥାନା ଅଧୀନ କାଇମୁଣ୍ଡି ଗ୍ରାମର ପିଙ୍କୁନ ସ୍ୱାଇଁ (୨୫), ବଡମ୍ବା ଥାନା ଅଧୀନ ବେଲିଆପାଳ ଗ୍ରାମର ଜିତେନ୍ଦ୍ର ବେହେରା (୩୩), ଟାଙ୍ଗୀ ଥାନା ଅଧୀନ ତୁଳସୀପୁର ଗ୍ରାମର କାର୍ତ୍ତିକ ଚନ୍ଦ୍ର ରାଉତ (୪୬), ଯାଜପୁର ଜିଲା ବଡଚଣା ଥାନା ଅଧୀନ ଗୁଲଜନଗର ପାଟଣା ଗ୍ରାମର ପ୍ରଭାକର ଦାସ (୪୫) ଓ ନୟାଗଡ଼ ଜିଲା ଫତେଗଡ ଥାନା ନାକାଦେଁ ଗ୍ରାମର ସୀତାକାନ୍ତ ସାହୁ (୨୫)। ସେମାନଙ୍କ ନିକଟରୁ ୨ଟି ହାର୍ଡକୋକ ବୋଝେଇ ଟ୍ରକ, ଗୋଟିଏ ଜେସିବି ପୋଲିସ ଜବତ କରିଛି। ଚୋରା ହାର୍ଡକୋକ ମୂଲ୍ୟ ପାଖାପାଖି ୨ ଲକ୍ଷ ଟଙ୍କା ହେବ ବୋଲି ଟାଙ୍ଗୀ ଅଧିକାରୀ ଶିବ ପ୍ରାସାଦ ଭଦ୍ର ସୂଚନା ଦେଇଛନ୍ତି। ସୂଚନା ମୁତାବକ, ରାଜ୍ୟର ପ୍ରମୁଖ ବ୍ୟବସାୟୀକ ପ୍ରତିଷ୍ଠାନ ଭାବେ ପରିଚିତ ମଙ୍ଗୁଳି ଛକ ଏବେ ପାଲଟିଛି ଚୋରା କାରବାରର ପେଣ୍ଠସ୍ଥଳୀ। ସୋମବାର ରାତିରେ ମଙ୍ଗୁଳିସ୍ଥିତ ସାଇ କୋଲ ଡିପୋରେ ଦୁଇଟି ହାର୍ଡକୋକ ବୋଝେଇ ଟ୍ରକ୍‌ରୁ ଜେସିବିରେ କଢ଼ାଯାଇ ଓଜନ ସମାନ ପାଇଁ କୋଇଲା ଛାଇ ମିଶାଇ ୬ଜଣ ବିକ୍ରି କରିବାକୁ ଯୋଜନା କରିଥିଲେ। ଖବର ପାଇ ଟାଙ୍ଗୀ ପୋଲିସ ଚଢାଉ କରି ୫ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛି। ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।


ପୋଲିସ ଦ୍ୱାରା ଗିରଫ ହୋଇଥିବା ୫ ଅଭିଯୁକ୍ତ।

# ପାରମ୍ପରିକ ବାଦ୍ୟରେ ଭସାଣି ଶୋଭାଯାତ୍ରା



**ଧରାବତରଣ କରିବେ ମା'**

କଟକ,୨୩।୯(ଶିଳ୍ପା ପ୍ରିୟଦର୍ଶିନୀ)

### ଏକାଦଶୀରେ ସିନ୍ଦୂର ଖେଳ



" ପ୍ରତ୍ୟେକବର୍ଷ ଭଳି ଚଳିତବର୍ଷ ମଧ୍ୟ ମା'ଦୁର୍ଗାଙ୍କୁ ପୂଜା ନିଷ୍ଠାର ସହ କରାଯିବ। ବଙ୍ଗାଳୀସାହି ପୂଜା କମିଟିରେ ଏକାଦଶୀରେ ମା'ଙ୍କୁ ସିନ୍ଦୂର ଲାଗି କରାଯିବ ଏବଂ ପରେ ମହିଳାମାନେ ସିନ୍ଦୂର ଖେଳିବେ। ଏହି ପରମ୍ପରା କାହିଁ କେଉଁ ବର୍ଷରୁ ପାଳନ କରାଯାଇ ଆସୁଛି।

**ଗୋକୁଳାନନ୍ଦ ପଟ୍ଟନାୟକ, ସଭାପତି**

### ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ



" ଚଳିତବର୍ଷ ପ୍ରଶାସନର ନିୟମ ଅନୁଯାୟୀ ପୂଜା କମିଟି ପକ୍ଷରୁ ଭସାଣି ଯାତ୍ରା କରାଯିବ। ଭସାଣି ଯାତ୍ରାରେ ସାରଳା ଘଣ୍ଟବାଦ୍ୟ ସମେତ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ। ଚଳିତଥର ସାରଳା ଘଣ୍ଟବାଦ୍ୟ ଆକର୍ଷଣ ପାଲଟିବ।

**ଜୀବନ କୁମାର ମହାନ୍ତି, ସମ୍ପାଦକ**

**ବଙ୍ଗାଳୀ ସାହି ପୂଜା କମିଟି**

ମା' ଜଗଜ୍ଜନନୀଙ୍କ ଧରାବତରଣକୁ ନେଇ ଉତ୍ସବମୁଖର ଗାଁଠୁ ସହର। ମା'ଙ୍କ ଆଗମନକୁ ନେଇ ସମସ୍ତ ପୂଜା ମଣ୍ଡପରେ ପ୍ରସ୍ତୁତି ଜୋରଦାର କରାଯାଉଛି। ଏହି ପୂଜା ଦୌଡରେ ନିଜକୁ ସାମିଲ କରିଛି ବଙ୍ଗାଳୀସାହି ପୂଜା କମିଟି। ଏହି ପୂଜା କମିଟିରେ ମୋଟ ୫୬ଜଣ ସଦସ୍ୟ ରହିଛନ୍ତି। ଏଠାରେ ୧୮୭୫ରୁ ଶାରଦୀୟ ଦୁର୍ଗାପୂଜା କରାଯାଇ ଆସୁଛି। ୬ ଫୁଟ୍ ଉଚ୍ଚତା ମା'ଙ୍କ ମୂର୍ତ୍ତିକୁ କାରିଗର ମନୋଜ ମୁଦୁଲି ଓ ସାଥୀ ନିର୍ମାଣରେ ଲାଗିଛନ୍ତି। ୧୮ ଫୁଟ୍ ଉଚ୍ଚତା ଜରି ମେଢ଼କୁ କାରିଗର ଦେବରାଜ ଦାସ ନିର୍ମାଣ କରୁଛନ୍ତି। ମା'ଙ୍କ ସୁନା ଅଳଙ୍କାର ସମେତ ମା'ଦୁର୍ଗା ଓ ପାର୍ଶ୍ୱ ଦେବଦେବୀଙ୍କ ୭୦ କେଜି ଓଜନର ଅଳଙ୍କାର ରହିଛି। ପୂଜାରେ କମିଟି ପକ୍ଷରୁ ୫ ଲକ୍ଷ ଟଙ୍କା ବଜେଟ କରାଯାଇଛି। ଓଡ଼ିଆ ପରମ୍ପରା ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା କରାଯିବ। ଚଳିତବର୍ଷ କମିଟି ପକ୍ଷରୁ ସମଗ୍ର ଅଞ୍ଚଳକୁ ଆଲୋକମାଳାରେ ସଜ୍ଜାଯାଇଛି। ମହାଷଷ୍ଠୀରୁ ମା'ଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବ। ମହାଷ୍ଟମୀରେ ସନ୍ଧିପୂଜା କରାଯିବ। ଦଶମୀରେ ମା'ଙ୍କ ପାଖେ ଲଡୁଭୋଗ ଲାଗି କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ଏକାଦଶୀରେ ମା'ଙ୍କୁ ମହିଳାମାନେ ସିନ୍ଦୂର ଲାଗି କରିବା ସହ ସିନ୍ଦୂର ଖେଳି ବିଦାୟ ଦେବେ। ଭସାଣି ଯାତ୍ରାରେ ଶାରଳା ଘଣ୍ଟବାଦ୍ୟ ସମେତ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

## କାର୍ଯ୍ୟାନୁଷ୍ଠାନ ଦାବି କଲା ଜେଡିଏ

**ଭୁଲ୍ ମେଡିସିନରେ ଶିଶୁ ପୁତ୍ରର ଜୀବନ ଯିବା ଘଟଣା**

କଟକ,୨୩।୯(ଶିଳ୍ପା ପ୍ରିୟଦର୍ଶିନୀ)

ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଭୁଲ ଔଷଧରେ ଶିଶୁର ମୃତ୍ୟୁ ଘଟିଥିବା ଅଭିଯୋଗ କରି ରୋଗୀ ସମ୍ପର୍କୀୟମାନେ ଆନ୍ଦୋଳନ କରିବା ସହ ସମ୍ପୃକ୍ତ ଡାକ୍ତରଙ୍କ ଗିରଫ ଦାବି କରିଥିଲେ। ଏଥିରେ ପ୍ରାୟ ୫ଘଣ୍ଟା ଧରି ରୋଗୀ ସେବା ବ୍ୟାହତ ହୋଇଥିଲା। ଏହି ଘଟଣାକୁ ଏସସିବି ମେଡ଼ିକାଲ କଲେଜ କନିଷ୍ଠ ଡାକ୍ତର ସଂଘ (ଜେଡିଏ) ନିନ୍ଦା କରିଛି। ସଂଘ ପକ୍ଷରୁ ଶିଶୁ ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କରାଯାଇଛି । ଏଥିସହ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ଆକ୍ରମଣକୁ ଦୃଢ଼ ଭାବେ ନିନ୍ଦା କରିଛି ସଂଘ । ଏହା ଉପରେ ଉପଯୁକ୍ତ ତଦନ୍ତ କରି ସରକାର ୪୮ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବା ସହ ଏପରି ଘଟଣାର ପୁନରାବୃତ୍ତି ନ ହେବା ଏବଂ କାର୍ଯ୍ୟ କ୍ଷେତ୍ରରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସୁରକ୍ଷା ନେବା ଲାଗି ସରକାର ଆଇନ ଆଣିବାକୁ ସଂଘ ଦାବି କରିଥିବା ପ୍ରେସବିବୃତି ମାଧ୍ୟମରେ ସୂଚନା ଦିଆଯାଇଛି।

# ଆୟୁର୍ବେଦ ଜାତୀୟ ଜୀବନର ଏକ ସ୍ରୋତ

କଟକ,୨୩।୯(କାର୍ତ୍ତିକ ସାହୁ)



ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଆୟୁର୍ବେଦ ଦିବସ ଉତ୍ସବରେ ଉପସ୍ଥିତ ଅତିଥି।

**ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୁର୍ବେଦ ଦିବସ**

ଆୟୁର୍ବେଦ ହେଉଛି ଜାତୀୟ ଜୀବନର ଏକ ସ୍ରୋତ। ଆମ ଦୈନନ୍ଦିନ ଜୀବନ ସହ ଏହା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ଚିକିତ୍ସାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ଆୟୁର୍ବେଦ ଦିବସ-୨୦୨୫ରେ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏହା କହିଛନ୍ତି। ମୁଖ୍ୟ ଅତିଥି କଟକ ଇନର ହୁଇଲ କ୍ଲବ ସଭାନେତ୍ରୀ ଡ. ସୁସ୍ମିତା ମହାନ୍ତି ଓ ସମ୍ମାନିତ ଅତିଥି ଏକାଡେମିକ ଓ ରିସର୍ଚ୍ଚ ବିଭାଗ ଡିନ୍ ଡ. କେଶରୀ ସିଂହ ଆୟୁର୍ବେଦର ପ୍ରଚାର ପ୍ରସାର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ। ଆୟୁର୍ବେଦ ଫାକଲ୍ଟି ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଚଳିତବର୍ଷ ଆୟୁର୍ବେଦ ଦିବସର ଥିମ୍ ଜନସାଧାରଣ ଓ ପୃଥିବୀ ପାଇଁ ଆୟୁର୍ବେଦ ଉପରେ ସଚେତନତା, ଉଦ୍ଭିଦ ଜୀବନ ପାଇଁ ଆୟୁର୍ବେଦ, ମେଦବହୁଳତା ନିୟନ୍ତ୍ରଣ, ଆୟୁର୍ବେଦର ଡିଜିଟାଲ ରୂପାନ୍ତରଣ ଆଦି ବିଷୟ ସ୍ଥାନ ପାଇଥିଲା। ପ୍ରଫେସର ଆର୍. ଏନ୍. ଶତପଥୀ, ପ୍ରଫେସର ଦୁର୍ଗାପ୍ରସାଦ ଦାଶ, ଡ. କ୍ଷୀରାବ୍ଧୀ ତନୟା ରାଉତରାୟ, ଡ. ଶିବପ୍ରସାଦ ମହାନ୍ତି, ଡ. ଶିବକାନ୍ତ ଶର୍ମା, ଡ. ସନ୍ଧ୍ୟାରାଣୀ ଖୁଣ୍ଟିଆ, ଡ. ଦେବାଶିଷ ଶତପଥୀ, ଡ. ଲକ୍ଷ୍ମୀପ୍ରିୟା ଦେଇ, ଡ. ରମାକାନ୍ତ ରାଉତ, ଡ. ପଦ୍ମଲୋଚନ ଶଙ୍ଖୁଆ, ଡ. ନଗେନ୍ଦ୍ର ପ୍ରସାଦ, ଡ. ସଞ୍ଜୀବ କୁମାର ଦାସ, ପ୍ରଫେସର ଟି. କେ. ରାଉତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଆନ୍ତଃରାଜ୍ୟ ଗ୍ୟାଙ୍ଗର ୬ ଜଣଙ୍କୁ ୧୦ ବର୍ଷ ଲେଖାଏ ଜେଲଦଣ୍ଡ

## ପୋଲିସ ପରିଚୟ ଦେଇ ଡକାୟତି ମାମଲା

ଭୁବନେଶ୍ୱର,୨୩।୯(ସତ୍ୟଜିତ୍ ରାଉତ)

ପୋଲିସ ପରିଚୟ ଦେଇ ଭୁବନେଶ୍ୱରରେ ଡକାୟତି ମାମଲାରେ ଆନ୍ତଃରାଜ୍ୟ ଗ୍ୟାଙ୍ଗର ୬ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଦୌରାଜଜ୍ ବନ୍ଦନା କର କ୍ୟାପିଟାଲ ଥାନାର ଏକ ମାମଲାରେ ମଙ୍ଗଳବାର ଶୁଣାଣି କରି ଅଭିଯୁକ୍ତମାନଙ୍କୁ ୧୦ ବର୍ଷ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ମଧ୍ୟପ୍ରଦେଶ ଓ ଛତିଶଗଡ଼ର ସାଦିକ୍ ହୁସେନ(୫୬), ସବୀର ଅଲ୍ଲି(୩୬), ଫଜଲ୍ ଅଲ୍ଲି(୨୨), ଆବୁଜାର୍ ଅଲ୍ଲି(୨୩) ଓ ରାଜେନ୍ଦ୍ର କୁମାର କୁଶୱାଃ(୩୨)। ସମସ୍ତେ ଆଇପିସି ଦଫା ୩୯୫(ଡକାୟତି) ଅନୁଯାୟୀ ଦଣ୍ଡିତ ହୋଇଥିବାବେଳେ ୫୦ ହଜାର ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଅନ୍ୟ ଜଣେ ଅଭିଯୁକ୍ତ ଜାହିର ଅଲ୍ଲି(୩୪)ଙ୍କ ବିଚାରାଧୀନ ଅବସ୍ଥାରେ ଜେଲରେ ମୃତ୍ୟୁ ଘଟିଥିଲା। ତେବେ ଭୁବନେଶ୍ୱରର ବିଭିନ୍ନ ଥାନାରେ ସମସ୍ତଙ୍କ ନାମରେ ଥିବା ଆଉ ୧୧ଟି ମାମଲା କୋର୍ଟରେ ବିଚାରାଧୀନ ରହିଥିବା ଜଣାପଡ଼ିଛି।

ମାମଲାର ବିବରଣୀ ଅନୁଯାୟୀ, ଏହି ଡକାୟତ ଗ୍ୟାଙ୍ଗ ଗତବର୍ଷ ଭୁବନେଶ୍ୱରରେ ଆତଙ୍କ ଖେଳାଉଥିଲେ। ପୋଲିସ ପରିଚୟ ଦେଇ ଲୋକଙ୍କଠାରୁ ଟଙ୍କା, ସୁନା ଆଦି ଲୁଟ୍‌ପାଟ କରୁଥିଲେ। ପ୍ରାୟତଃ ରାସ୍ତାରେ ଏକାକୀ ଯାଉଥିବା ବ୍ୟକ୍ତି ତଥା ମହିଳାଙ୍କୁ ସେମାନେ ଟାର୍ଗେଟ କରୁଥିଲେ। ୨୦୨୪ ଫେବୃଆରୀ ୯ ସକାଳେ ସ୍କୁଲ ଭ୍ୟାନ୍ ଚାଳକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଡ୍ୟୁଟିକୁ ଯାଉଥିବାବେଳେ ୟୁନିଟ-୧ରେ ଅଭିଯୁକ୍ତମାନେ ବାଇକ୍‌ରେ ପିଛା କରି ତାଙ୍କୁ ଅଟକାଇଥିଲେ। ସେମାନେ ତାଙ୍କୁ ପୋଲିସ ପରିଚୟ ଦେଇ ଆଗ ରାସ୍ତାରେ ଲୁଟ୍‌କୁ ନେଇ ଏକ ହତ୍ୟା ହୋଇଥିବା କହିଥିଲେ। ସେ ପିନ୍ଧିଥିବା ସୁନାକୁ ଦେଇଦେବାକୁ କହିଥିଲେ। ଗୋବିନ୍ଦ ବିଶ୍ୱାସ କରି ସୁନା ସାମଗ୍ରୀ କାଢୁଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ ସହ ଅଳଙ୍କାର ଲୁଟ୍ କରି ଫେରାର ହୋଇ ଯାଇଥିଲେ। ଗୋବିନ୍ଦଙ୍କ ଏତଲାକ୍ରମେ କ୍ୟାପିଟାଲ ଥାନାରେ ଏକ ମାମଲା(ନଂ.୫୭/୨୦୨୪) ରୁଜୁ ହୋଇଥିଲା। ସେହିପରି ବନମାଳୀପୁରରେ ସୁନା ଦୋକାନୀ ବ୍ରଜ କିଶୋର ସାହୁ ଗତବର୍ଷ ଏପ୍ରିଲ ୧୯ରେ ସୁନା ଅଳଙ୍କାର କିଣିବାକୁ ୨ଲକ୍ଷ ଟଙ୍କା ଧରି ରାଜମହଲ ଛକ ପାଖକୁ ଆସିଥିଲେ। ତାଙ୍କୁ ଅଭିଯୁକ୍ତମାନେ ପୋଲିସ ପରିଚୟ ଦେଇ ବ୍ୟାଗରେ ଗଞ୍ଜେଇ ଥିବା କହି ଯାଞ୍ଚ କରିଥିଲେ। ଏହାପରେ ନାନା ଧମକ ଦେଇ ୨ ଲକ୍ଷ ଟଙ୍କା ନେଇ ବାଇକ୍ ଓ କାର୍‌ରେ ଫେରାର ହୋଇଯାଇଥିଲେ। ବ୍ରଜଙ୍କ ଏତଲାକ୍ରମେ କ୍ୟାପିଟାଲ ପୋଲିସ ମାମଲା(ନଂ.୨୨୬/୨୦୨୪) ରୁଜୁ କରିଥିଲା। ମାମଲାଦ୍ୱୟର ତଦନ୍ତ ଚାଲିଥିବାବେଳେ ଗତ ଏପ୍ରିଲ ୨୩ ତାରିଖରେ ୭ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ପରେ ମାମଲା(ନଂ.୫୭/୨୪)ରେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇଥିଲା। ଏହି ମାମଲାକୁ ଅତିରିକ୍ତ ପିପି ସାଇରଞ୍ଜନ ମହାନ୍ତିଆ ଓ ବିଶ୍ୱରଞ୍ଜନ ମହାନ୍ତି ପରିଚାଳନା କରୁଥିଲେ।

# ୫ ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ

## ଜିଆକଟା ବାଣ ବିସ୍ଫୋରଣ ଘଟଣା

ବୌଦ୍ଧ, ୨୩।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ବଜାର ନିକଟସ୍ଥ ଜିଆକଟା ଗ୍ରାମରେ ଏକ ବାଣ ଗୋଦାମରେ ଗତ ରବିବାର ବିସ୍ଫୋରଣ ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ଗୁରୁତର ହୋଇଥିଲେ। ପୋଲିସ ବିପୁଳ ପରିମାଣର ବାଣ ମଧ୍ୟ ଜବତ କରିଥିଲା। ପୋଲିସ ଘଟଣାର ଦୁଇ ଦିନ ପରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ମୁଖ୍ୟ ଅଭିଯୁକ୍ତ ପୁରୁଣାକଟକର ଆଲୋକ କାଣ୍ଡି(୫୦), କାହ୍ନୁ ପରିଡା(୨୫), ଲକ୍ଷ୍ମୀଧର ପରିଡା(୬୦), ପ୍ରଶାନ୍ତ ସାହୁ (୩୮) ଏବଂ ଜିଆକଟାର ମାଗିରାମ ବେହେରା(୬୦)। ଏହି ଘଟଣାରେ ମୋଟ୍ ୪ଟି ମାମଲା ରୁଜୁ ହୋଇଛି। ଏ ନେଇ ବୌଦ୍ଧ ଜିଲା ମୁଖ୍ୟାଳୟରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦକ୍ଷିଣାଞ୍ଚଳ ପୋଲିସ ଆଇଜି ନୀତି ଶେଖର ସୂଚନା ପ୍ରଦାନ କରିଛନ୍ତି। ଏହାପୂର୍ବରୁ ଆଇଜି ନୀତି ଶେଖର ବାଣ ବିସ୍ଫୋରଣ ହୋଇଥିବା ଜିଆକଟା ଗ୍ରାମକୁ ଯାଇ ଘଟଣାସ୍ଥଳ ବୁଲି ଦେଖିଥିଲେ। ତେବେ ଏତେ ପରିମାଣର ବାଣ ରଖି ଦୀର୍ଘଦିନ ଧରି ବ୍ୟବସାୟ ହୋଇଆସୁଥିବା ବେଳେ ସ୍ଥାନୀୟ ପୋଲିସ କିପରି କିଛି ଜାଣିପାରିଲାନି ବୋଲି ପ୍ରଶ୍ନରେ ଆଇଜି କହିଥିଲେ, ଏ ନେଇ ମଧ୍ୟ ତଦନ୍ତ ଚାଲିଛି। ଯାହାର ଦୋଷ ଥିବ ସେ ନେଇ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଶେଖର କହିଥିଲେ। ସେହିପରି ମୁଖ୍ୟ ଅଭିଯୁକ୍ତ ବାହାରକୁ ବାଣ ଯୋଗାଉଥିବା ନେଇ ମଧ୍ୟ ତଦନ୍ତ ଚାଲିଥିବା ଆଇଜି ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ବୌଦ୍ଧ ଏସ୍‌ପି ରାହୁଲ ଗୋଏଲ, ଆଇପିଏସ୍ ଶିବା ରେଡ୍ଡୀ, ଏସ୍‌ଡିପିଓ ଲରେନ୍ସ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଯୁବକଙ୍କୁ ମାଡ଼

## ଗାଈ ସହ ଅପ୍ରାକୃତ ଯୌନକ୍ରିୟା ଅଭିଯୋଗ

ବାଲେଶ୍ୱର,୨୩।୯(ବାଞ୍ଛାନିଧି ଦେ)



ବିଦ୍ୟୁତ୍ ଖୁଣ୍ଟରେ ବନ୍ଧା ହୋଇଥିବା ଯୁବକ।

ବାଲେଶ୍ୱର ସଦର ଥାନା ଅଞ୍ଚଳରେ ମଙ୍ଗଳବାର ଅମାନବୀୟ ଘଟଣା ଘଟିଛି। ନିଜର ହିତାହିତ ଜ୍ଞାନ ଭୁଲି ଜଣେ ଯୁବକ ଏକ ଗାଈ ସହ ଅପ୍ରାକୃତିକ ଯୌନକ୍ରିୟା କରିବା ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ ଲୋକେ ଉକ୍ତ ଯୁବକଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିର୍ଘୁମ ମାଡ଼ ମାରିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା ଜାରି ରଖିଛି।

ପ୍ରକାଶ ଯେ, ସଦର ଥାନା ଅଧୀନ ମେଘଡମ୍ବରୁ ଅଞ୍ଚଳରେ ଏକ ନିର୍ମାଣାଧୀନ ଏକ ଆପାର୍ଟମେଣ୍ଟରେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ୪୦ରୁ ୫୦ ଜଣ ରାଜମିସ୍ତ୍ରି ଓ ଶ୍ରମିକ କାର୍ଯ୍ୟ କରୁଛନ୍ତି। ଶ୍ରମିକମାନେ ସେଠାରେ ରହିଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଏକ ଗାଈ ସହ ଅପ୍ରାକୃତିକ ଯୌନ କ୍ରିୟା କରୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଲୋକେ ରୁଣ୍ଡ ହୋଇ ଯୁବକ ଜଣକୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିର୍ଘୁମ ମାଡ଼ ମାରିଥିଲେ। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# ଧାର ଟଙ୍କା ମାଗିବାରୁ ହତ୍ୟା, ଅଭିଯୁକ୍ତ ଗିରଫ

ସୁନ୍ଦରଗଡ,୨୩।୯(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଧରୁଆଡିହି ଥାନା ଅନ୍ତର୍ଗତ ତିଲେଇମଲଟି ଗ୍ରାମରେ ଧାର ଟଙ୍କା ମାଗିବା ଘଟଣାକୁ କେନ୍ଦ୍ରକରି ଜଣେ ପରିବା ବିକାଳି ବାନ୍ଧୁବାହାଲ ଗ୍ରାମର ସୁନୀଲ ସୁନାନୀଙ୍କୁ ସୋମବାର ରାତିରେ ହତ୍ୟା କରିବା ଘଟଣାରେ ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତହେଲେ ଗଗନ ସାଏ(୩୮)। ଏନେଇ ଧରୁଆଡିହି ପୋଲିସ ଏକ ମାମଲା ନଂ.୧୨୩/୨୫ ରୁଜୁକରି ତାଙ୍କୁ କୋର୍ଟ ଚାଲାଣ କରିଛି। ସୁନୀଲ ପରିବା ବିକ୍ରି କରି ଘରକୁ ଫେରୁଥିବାବେଳେ ବାଟରେ ଗଗନଙ୍କୁ ଧାର ଟଙ୍କା ମାଗିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଗଗନ ସୁନୀଲଙ୍କୁ ଆକ୍ରମଣ କରିଥିଲେ।

# ମାଲକାନଗିରି ଜଙ୍ଗଲରେ ମାଓବାଦୀ ଡମ୍ପ୍ ଠାବ

ମାଲକାନଗିରି,୨୩।୯
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ କୁର୍ମାନୁର ପଞ୍ଚାୟତ ଭେଜାଙ୍ଗିବାଡା ସଂରକ୍ଷିତ ଜଙ୍ଗଲରେ ଏକ ମାଓବାଦୀ ଡମ୍ପ ଠାବ କରାଯାଇଛି। ମାଟି ତଳେ ଥିବା ଏହି ଡମ୍ପରୁ ବହୁ ପରିମାଣରେ ଅସ୍ତ୍ରଶସ୍ତ୍ର, ମାଓବାଦୀ ସାମଗ୍ରୀ ଜବତ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ୧୪୨ ବିଏସ୍‌ଏଫ୍ ଓ ଡିଭିଏଫ୍ ଯବାନମାନେ ମଙ୍ଗଳବାର ସକାଳେ କୋମ୍ବିଂ ଅପରେଶନ କରିବା ସମୟରେ ଭେଜାଙ୍ଗିବାଡା ସଂରକ୍ଷିତ ଜଙ୍ଗଲର ଏକ୍କାନୁର, ଦୟାଲତଙ୍ଗ ଗ୍ରାମ ନିକଟ ଜଙ୍ଗଲର ଗୋଟିଏ ସ୍ଥାନରେ ମାଟି ତଳେ ମାଓବାଦୀ ଡମ୍ପ ଥିବା ଜାଣିବାକୁ ପାଇଥିଲେ। ଯବାନମାନେ ସେଠାରେ ମାଟି ଖୋଳି ଉକ୍ତ ଡମ୍ପକୁ ବାହାର କରିଥିଲେ। ଏହି ଡମ୍ପରେ ଦୁଇଟି ଟିଫିନ୍ ବୋମା, ଗୋଟିଏ ଗ୍ରେନେଡ୍, ୨୪ଟି ଜିଲେଟିନ ଷ୍ଟିକ୍, ୪୦ ମିଟର କୋଡେକ୍ସ ତାର, ଗୋଟିଏ ୩୬ ନମ୍ବର ଗ୍ରେନେଡ୍, ୨୨ଟି ଡିଟୋନେଟର, ୨ଟି ରିମୋଟ୍, ଗୋଟିଏ ମୋଟର, ୩ଟି ଗ୍ୟାସ୍ ସିଲିଣ୍ଡର, ୧୫ଟି ଲୁହା ପ୍ଲେଟ୍, ୫୦ଟି ଅଫୁଟା ଗୁଳି ଜବତ କରିଛନ୍ତି।



ଜବତ ଅସ୍ତ୍ରଶସ୍ତ୍ର, ମାଓବାଦୀ ସାମଗ୍ରୀ।

ପୂର୍ବରୁ ଉକ୍ତ ଅଞ୍ଚଳ ମାଓବାଦୀଙ୍କ ଆଡ୍ଡାସ୍ଥଳ ଭାବେ ପରିଚିତ ଥିବାବେଳେ କୌଣସି ଅଘଟଣ ଘଟାଇବା ଉଦ୍ଦେଶ୍ୟରେ ମାଓବାଦୀମାନେ ଏହାକୁ ଲୁଚାଇ ରଖିଥିବା ଯବାନମାନେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଥିବା ଜଣାପଡ଼ିଛି।

# ପୂର୍ବତନ ଇଓଙ୍କ ଜାମିନ ଆବେଦନ ଖାରଜ

## ପୌରପରିଷଦର ଅର୍ଥ ହେରଫେର ମାମଲା

ସମ୍ବଲପୁର,୨୩।୯(ପ୍ରମୋଦ ବହିଦାର)

ସରକାରୀ ଅର୍ଥ ହେରଫେର ମାମଲାରେ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ଦ୍ୱାରା ଗିରଫ ହୋଇ ସମ୍ବଲପୁର ନାରୀ ବନ୍ଦୀ ନିକେତନରେ ଥିବା ବେଲପାହାଡ଼ ପୌରପରିଷଦର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ(ଇଓ) ମଧୁସ୍ମିତା ସିଂଙ୍କ ଜାମିନ ଆବେଦନକୁ ମଙ୍ଗଳବାର ସମ୍ବଲପୁର ଅତିରିକ୍ତ ଜିଲା ଜଜ୍ ତଥା ଓପିଆଇଡି ସ୍ୱତନ୍ତ୍ର ବିଚାରପତି ସୁବାସ ଚନ୍ଦ୍ର ଦଳାଇ ଖାରଜ କରି ଦେଇଛନ୍ତି। ବେଲପାହାଡ଼ ପୌରପାଳିକାରେ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ସମୟରେ ପ୍ରାୟ ୪ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସରକାରୀ ପାଣ୍ଠି ହେରଫେର ଅଭିଯୋଗରେ ରାଜସ୍ୱ ବିଭାଗ ମଧୁସ୍ମିତାଙ୍କୁ ଗତ ଅଗଷ୍ଟ ୨୭ତାରିଖରେ ଚାକିରିରୁ ନିଲମ୍ବିତ କରିଥିଲା। ଏହି ସମୟରେ ସେ ମୟୂରଭଞ୍ଜ ଜାମଡ଼ା ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ଅଗଷ୍ଟ ୩୦ ତାରିଖରେ ଇଓଡବ୍ଲ୍ୟୁ ତାଙ୍କୁ ଗିରଫ କରି ସେପ୍ଟେମ୍ବର ୩ ତାରିଖରେ ସମ୍ବଲପୁର ଓପିଆଇଡି କୋର୍ଟରେ ହାଜର କରିଥିଲା।

# ସମବାୟ ସମିତିର ୧୩ ଲକ୍ଷ ହଡ଼ପ:ପୂର୍ବତନ ସମ୍ପାଦକଙ୍କୁ ଗିରଫ

ତିହିଡ଼ି,୨୩।୯(ସଞ୍ଜିତ୍ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାମନବିନ୍ଧା ସମବାୟ ସମିତିର ୧୩ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗରେ ପୂର୍ବତନ ସମ୍ପାଦକ ସୁଦର୍ଶନ ଖଟୁଆଙ୍କୁ ମଙ୍ଗଳବାର କଟକ ଭିଜିଲାନ୍ସ ଗିରଫ କରିଛି। ସୂଚନା ଅନୁଯାୟୀ, ସୁଦର୍ଶନ ୨୦୧୭ ନଭେମ୍ବର ୩ରୁ ୨୦୨୨ ଅଗଷ୍ଟ ୩ ପର୍ଯ୍ୟନ୍ତ ଏହି ସମିତିରେ ସମ୍ପାଦକ ଦାୟିତ୍ୱରେ ଥିଲେ। ଏହି ସମୟ ମଧ୍ୟରେ ସେ ସମିତିର ବ୍ୟାପକ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ସୁଦର୍ଶନ ଯାଜପୁରରେ ଥିବା ଖବର ପାଇ ଭିଜିଲାନ୍ସ ଟିମ୍ ସେଠାରେ ପହଞ୍ଚି ତାଙ୍କୁ ଗିରଫ କରିଛି।


## कार्यालय, कार्यपालन अभियंता
### खारंग जल संसाधन संभाग, बिलासपुर (छ.ग.)
### निविदा निरस्तीकरण आदेश

आदेश क्रमांक /व.ले.लि/ बिलासपुर, दिनांक ................

निविदा सूचना क्र. 07/व.ले.लि/2025-26 दिनांक 12.08.2025 निविदा सिस्टम क्र. 173541 (प्रथम आमंत्रण) खारंग जलाशय योजना के दांयी तट नहर के खैरखुण्डी माईनर आर.डी. 0 मी. 720 मी. के बीच, सरवन देवरी माईनर आर.डी. 0 मी. से 1300 मी. के बीच, लखराम माईनर आर.डी. 0 मी. से 1780 मी. के बीच, लखराम सब माईनर आर.डी. 0 मी. से 1240 मी. के बीच, सघिरी सब माईनर आर.डी. 0 मी. से 440 मी. के बीच परसदा डिस्ट्रब्यूटरी आर.डी. 0 मी. से 5710 मी. के बीच सी.सी. लाईनिंग मरम्मत/सुधार राशि रूपये 214.37 लाख को एकल निविदा होने के कारण निविदा निरस्त किया जाता है।

स्वा:/- कार्यपालन अभियंता
खारंग जल संसाधन संभाग,
बिलासपुर (छ.ग.)

विज्ञापन क्र. जी-252602796/ दिनांक 15.04.2025
G-252603649/4

GOVT. OF ODISHA No. O-810
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BHAWANIPATNA
Ph.: 06670-235504, E_Mail: serwbpt@yahoo.com
Bid Identification No.: BPT/Online-10/2025-26, Date: 17.09.2025
### NOTICE INVITING TENDERS FOR ROAD AND BRIDGE WORKS IN ODISHA NATIONAL COMPETITIVE BIDDING THROUGH e-Procurement

1. Name of the Work : Construction of Road and Bridge works under MMSY-Improvement to Existing RD Roads, MMSY-TRIP, MMSY-CUVDA and MMSY CMRL Schemes in the district Kalahandi and Nuapada.
2. No. of Works : 18 Nos.
3. Location Details : Kalahandi and Nuapada District
4. Estimated Cost : As per NIT
5. Period of Completion : As per NIT
6. Cost of Tender Paper : Rs.10,000/- per set
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of Technical Bid |
|---|---|---|---|
| From | To | | |
| 25.09.2025 11.00 A.M. | 15.10.2025 5.00 P.M. | 14.10.2025 | 16.10.2025 at 11.00 A.M. |

Further details can be seen from the website "www.tendersorissa.gov.in".
Sd./- Chief Construction Engineer
Rural Works Circle, Bhawanipatna
OIPR-25102/11/0028/2526

## ବିଜ୍ଞାପନ
### ଓଡ଼ିଶା ହିନ୍ଦୁ ଦେବୋତ୍ତର ସହକାରୀ ଆୟୁକ୍ତଙ୍କ ଅଦାଲତ, ଭୁବନେଶ୍ୱର
ଓ ଏ ନଂ. ୪/୨୦୨୫ ଧା୪୧ରା

ଶ୍ରୀ ଗୋପାଳ ଜୀୟୁ ଏବଂ ଅନ୍ୟମାନେ ...ବାଦୀ ବୃନ୍ଦ
ବନାମ
ହିନ୍ଦୁ ଜନସାଧାରଣ ଏବଂ ଅନ୍ୟମାନେ ...ପ୍ରତିବାଦୀ ବୃନ୍ଦ

ଏତଦ୍ୱାରା ସମସ୍ତ ହିନ୍ଦୁ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ପୁରୀ ଜିଲ୍ଲା, ପୁରୀ ସଦର ଥାନା, ଚକ୍ରବର୍ତ୍ତୀ ପାଟଣା ଗ୍ରାମରେ ବିଜେ ହୋଇଥିବା ଶ୍ରୀ ଗୋପାଳ ଜୀୟୁ ବା ଗୋପାଳ କୃଷ୍ଣ ଜୀୟୁ ନନ୍ଦ କିଶୋର ଦେବଙ୍କୁ ନିଜର ଘରୋଇ ଠାକୁର ବୋଲି ଦାବି କରି ଉକ୍ତ ଗ୍ରାମର ଶ୍ରୀ ଗୋବିନ୍ଦ ନାରାୟଣ ଖୁଣ୍ଟିଆ, ଶ୍ରୀ ବିରଞ୍ଚି ନାରାୟଣ ଖୁଣ୍ଟିଆ, ଉଭୟଙ୍କ ପିତା: ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ଖୁଣ୍ଟିଆ, ଗୀତାରାଣୀ ଖୁଣ୍ଟିଆ, ସ୍ୱା.: ସ୍ୱର୍ଗତ ସତ୍ୟ ନାରାୟଣ ଖୁଣ୍ଟିଆ, ଶ୍ରୀ ରାଜେନ୍ଦ୍ର ନାରାୟଣ ଖୁଣ୍ଟିଆ, ଶ୍ରୀ ବଦ୍ରି ନାରାୟଣ ଖୁଣ୍ଟିଆ, ଉଭୟଙ୍କ ପିତା: ସ୍ୱର୍ଗତ ସତ୍ୟ ନାରାୟଣ ଖୁଣ୍ଟିଆ, ଏମାନେ ସମସ୍ତେ ସା: ହରଚଣ୍ଡୀ ସାହି, ମାନ ଖୁଣ୍ଟିଆ ଲେନ, ପୋ: ମଣିକର୍ଣ୍ଣୀକା, ଥା: ପୁରୀ ଟାଉନ, ଜିଲ୍ଲା: ପୁରୀ, ଅତ୍ର ଅଦାଲତରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନର ଧା୪୧ରା ଅନୁଯାୟୀ ଉପରୋକ୍ତ ମୋକଦ୍ଦମା ଆଗତ କରିଛନ୍ତି ଏବଂ ନିମ୍ନଲିଖିତ ତଫସିଲ ବୃତ୍ତିକୁ ଦେବୋତ୍ତର ଦାନ ବୃତ୍ତି ନୁହେଁ ବୋଲି ଦାବି କରିଛନ୍ତି।

ଉକ୍ତ ମୋକଦ୍ଦମାରେ ହିନ୍ଦୁ ଜନସାଧାରଣଙ୍କ ତରଫରୁ ପ୍ରତିନିଧିତ୍ୱ କରିବା ପାଇଁ ଶ୍ରୀ ରମେଶ ପ୍ରଧାନ, ପି.: ସ୍ୱର୍ଗତ ଜଗନ୍ନାଥ ପ୍ରଧାନ, ସା: ଚକ୍ରବର୍ତ୍ତୀ ପାଟଣା, ପୋ: ଗୋପିନାଥପୁର, ଥା: ପୁରୀ ସଦର, ଜିଲ୍ଲା: ପୁରୀ ଏବଂ ଶ୍ରୀ ମୁକ୍ତିକାନ୍ତ ପଣ୍ଡା, ପିତା: ସ୍ୱର୍ଗତ ହରିହର ପଣ୍ଡା, ସରପଞ୍ଚ କାଶୀହରିପୁର ଗ୍ରାମପଞ୍ଚାୟତ, ସା: ଚାଉନକା, ପୋ: ଗୋପିନାଥପୁର, ଥା: ପୁରୀ ସଦର, ଜିଲ୍ଲା: ପୁରୀଙ୍କୁ ପକ୍ଷଭୁକ୍ତ କରିଛନ୍ତି, ଏଣୁ ଉପରୋକ୍ତ ପ୍ରତିନିଧିତ୍ୱ ଉପରେ କାହାର କୌଣସି ଦାବି ବା ଆପତ୍ତି ଥିଲେ ଆସନ୍ତା ତା୩୦।୧୦।୨୫ରିଖ ଦିବା ଘ୧୦.୩୦ଟିକାରେ ଅତ୍ର ଅଦାଲତରେ ନିଜେ ବା କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ହାଜର ହୋଇ ଆପତ୍ତି କରିପାରିବେ।

ଧାର୍ଯ୍ୟ ତାରିଖାନ୍ତେ ମୋକଦ୍ଦମା ଆଇନାନୁଯାୟୀ ବିଚାର କରାଯିବ।

ତଫସିଲ – ଏ ବୃତ୍ତି

| ମୌଜା | ଖାତା ନଂ. | ପ୍ଲଟ ନଂ. | ରକବା | କିସମ |
|---|---|---|---|---|
| ଚକ୍ରବର୍ତ୍ତୀ | ୭୬/୧୫ | ୫୪ | ଏ୦.୩୪୦୦ଡି. | ଜଳାଶୟ ଦୁଇ |
| | | ୬୦ | ଏ୦.୦୪୦୦ଡି. | ବଗାୟତ ଦୁଇ |
| | | ୭୩ | ଏ୦.୧୭୦୦ଡି. | ବଗାୟତ ଦୁଇ |
| | | ୧୦୫ | ଏ୦.୨୫୦୦ଡି. | ପତିତ ଦୁଇ |
| | ୧୫ | ୪୭ | ଏ୦.୦୭୦୦ଡି. | ବଗାୟତ ଦୁଇ |
| | | ୫୫ | ଏ୦.୪୦୦୦ଡି | ବଗାୟତ ଦୁଇ |
| | | ୫୭ | ଏ୦.୧୪୦୦ଡି. | ବଗାୟତ ଦୁଇ |
| | ୬୧ | ୪୫ | ଏ୦.୧୪୦୦ଡି. | ବଗାୟତ ଦୁଇ |
| | | ୫୬ | ଏ୦.୨୩୦୦ଡି. | ଜଳାଶୟ ଦୁଇ |
| | | ୫୮ | ଏ୧.୦୫୦୦ଡି. | ବଗାୟତ ଦୁଇ |
| | | ୪୬ | ଏ୦.୦୬୦୦ଡି. | ଘରବାରି |
| | | ୯୨ | ଏ୦.୦୧୦୦ଡି. | ପତିତ |
| ବାଟଗାଁ | ୪୫୬ | ୧୨୯୬ | ଏ୧.୩୨୦୦ଡି. | ଡାଳୁଅ ଦୁଇ |

ସମୁଦାୟ ଚାରିଗୋଟି ଖାତା, ତେରଗୋଟି ଖସଡ଼ା ଏ୪.୨୨୦୦ଡି.

ତଫସିଲ – ବି ବୃତ୍ତି

| ମୌଜା | ଖାତା ନଂ. | ପ୍ଲଟ ନଂ. | ରକବା | କିସମ |
|---|---|---|---|---|
| ଚକ୍ରବର୍ତ୍ତୀ | ୯୬ | ୭୨ | ଏ୦.୧୩୦୦ଡି. | ଦେବସ୍ଥଳୀ |

ସ୍ୱା./– Sri Rohit Ranjan Mishra
ଓଡ଼ିଶା ହିନ୍ଦୁ ଦେବୋତ୍ତର ସହକାରୀ ଆୟୁକ୍ତ, ଭୁବନେଶ୍ୱର

## OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR
No.B-539
E-mail ID : cebuildings_orissa@yahoo.co.in, cebuildings@rediffmail.com,
Tel. - (0674)-2391523
### INVITATIONS FOR BIDS (IFB)
File No.-B-II-P.A.-04/2025 Lr. No. 36387 / Bhubaneswar, the 17th Sept., 2025
Invitation for Bids
Bid Identification No. C.E.(B) - 26/2025-26

| | | | |
|---|---|---|---|
| 1 | The Chief Engineer (Buildings-I), Odisha on behalf of Governor of Odisha invites bids from reputed Indian firms/Contractor registered with the State Government and bidders of equivalent Grade / Class registered with Central Government / MES / Railways for the infrastructure works detailed in the table below on turnkey basis (i.e. Architectural planning with detailed design, vetting & execution). | | |
| 2 | Nature of Work | : | Construction of 96 Nos. E-type Flat Quarters in 4 Blocks (E1, E2, E3, E4) and 48 Nos. F-type Flat Quarters in 2 Blocks (F1, F2) in the Residential Colony of Raj Bhavan, Bhubabeswar (Stilt + 6) for 2025-26 on Turnkey Basis. |
| 3 | No. of Work | : | 01 No. |
| 4 | Bid Cost | : | ₹ 10,000/- |
| 5 | Class of Contractor | : | Super Class |
| 6 | Availability of Bid Documents in the Website | : | From dt.25.09.2025 to 05.30 P.M. of dt.16.10.2025 |
| 7 | Pre-bid meeting | : | Dt.08.10.2025 at 11.30 A.M. |
| 8 | Last date of online submission of bid | : | Dt.16.10.2025 up to 5:30 P.M. |
| 9 | Last dt. of submission of hardcopy (Cover-III) | : | Dt.23.10.2025 up to 5:30 P.M. |
| 10 | Date of Opening of Bid | : | Dt.24.10.2025 at 11:30 A.M. |
| 11 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Chief Engineer, Buildings-I,
Odisha, Bhubaneswar
OIPR-34117/11/0140/2526

## ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.ST-OT-HIRING-VEHICLE- KUR-496, ତା.16.09.2025ରିଖ

କାର୍ଯ୍ୟର ନାମ: 33 (ତେତିଶି)ମାସ ସମୟାବଧି ନିମନ୍ତେ ସିଗ୍ନାଲିଙ୍ଗ୍ ପରିସଂପତ୍ତି(Assets)ର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (Enroute Detention) କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର(ସିଗ୍ନାଲ)/ବାଲୁଗାଁ, ସିନିୟର ସେକ୍ସନ ଇଂଜିନିୟର (ସିଗ୍ନାଲ)/ବ୍ରହ୍ମପୁର ଅଧୀନରେ ସିଗ୍ନାଲିଙ୍ଗ୍ କର୍ମଚାରୀ ଏବଂ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଅହୋରାତ୍ର (Round the clock)ଚାଳକ ସହିତ TATA-207 DI କିମ୍ବା ଅନୁରୂପ ଭଳି ଦୁଇ ଗୋଟି ବହୁ-ଉପଯୋଗିତା ଗାଡ଼ି ଭଡ଼ା ସୂତ୍ରରେ ନେବା ।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 38,94,000/-, EMD (ଟଙ୍କାରେ): 77,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,540/- ।

ବିଡ୍ ଆରମ୍ଭ ହେବା ତାରିଖ: ତା.24.09.2025ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.08.10.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼
PR-623/Q/25-26

## OFFICE OF THE UTKAL BALASHRAM, KHARIAR, DIST-NUAPADA
(GOVT. RUN CHILD CARE INSTITUTION)
Advertisement No-301/UB/KRAR/NPD Date: 22.09.2025
### ADVERTISEMENT

Applications are invited from the perspective candidates for the different posts through the proforma application form which will be made available on the district website (https://nuapada.odisha.gov.in) The online submission of application shall be available on (E- Mail utkalbalashramkhariar@gmail.com) from 24.9.2025(10.00AM) to 30.09.2025 (5.00 PM). The recruitment of different posts of Child Care Institution & Specialized Adoption Agency, (SAA) Utkal Balashram, Dist-Nuapada is being done as per the Mission Vatsalya implementation guideline and resolution vide No. 10102-WCD-CW-MISC-0023-2020, Dated 15.09.2020 of Women & Child Development Department, Govt of Odisha. After submission of online application, the candidates are to submit hard copy of the same along with all required documents and testimonials through Speed post/ Registered post only addressed to Office of the Secretary Utkal Balashram, At-/ Po-Khariar, Ps-Khariar, Dist- Nuapada-766107, latest by 5.00 PM on Dt. 05 10.2025. Any application received after the due date/time shall be rejected. The posts are purely temporary, time bound and co-terminus with the scheme depending on the satisfactory performance. For detail advertisement please visit to the district website (https://nuapada.odisha.gov.in).

Sd./- CDPO Khariar-Cum-Secretary
Utkal Balashram Khariar

GOVERNMENT OF ODISHA No.O-779
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, ANGUL
E-mail : sencrwangul@yahoo.co.in, Ph. : 06764-236404
### NOTICE INVITING TENDER FOR ROAD & BRIDGE WORKS IN ODISHA
Bid Identification No. Road Online AGL-15/2025-26
No. 2704// Dt. 12.09.2025//

1. Name of the work : Road works, 2. Total No. of work : 30 Nos., 3. Estimated cost : Rs.142.23 to Rs.1412.87 Lakhs (Approx), 4. Class of Contractor : As per annexure, 5. Period of completion : As per annexure,
6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Road Online - AGL-15/2025-26 | 25.09.25 at 10.00 A.M. | 20.10.25 up to 5.00 P.M. | 18.10.25 up to 1.00 P.M. | 22.10.25 at 11.00 A.M. | Will be intimated separately |

For detailed Notice inviting Tenders, Please visit to the website www.tendersorissa.gov.in
Sd./- Chief Construction Engineer,
Rural Works Circle, Angul
OIPR-25180/11/0076/2526

GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, KHARIAR
Phone No.: 06671-224074, e-mail: eerwkhariar@gmail.com
### e-Procurement Notice
BID IDENTIFICATION No.: RWKHR-01/2025-26 (Online)

No. O-817: Bid documents consisting of Work, Estimated Cost, EMD, Cost of tender paper, class of contractor, time of completion and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the Work : Roads & Building Works
2. Total No. of Works : 16 Nos.
3. Estimated Cost : 1.68 to 6.72 lakhs
4. Period of Completion : 1 (One) Calendar Months
5. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Khariar | RWKHR-01/2025-26 (Online) | 25.09.2025 at 10.00 A.M. | 10.10.2025 Upto 5.00 P.M. | 09.10.2025 Upto 11.00 A.M. | 13.10.2025 At 11.00 A.M. |

Further details can be seen from the website www.tendersodisha.gov.in.
OIPR-25152/11/0007/2526 Sd./- Superintending Engineer, Rural Works Division, Khariar

GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
Phone - 0674-2540742, Email : se_ccrw@yahoo.co.in
No.4256/Date.19.09.2025
No.O-826
### "e" Procurement Notice for Road Works

| | | | |
|---|---|---|---|
| 1. | Name of the Work | : | Road works under Annual Maintenance Plan for 5 years Completed PMGSY Road (POST DLP) for the year 2025-26 |
| 2. | Total No. of Packages | : | 5 Nos. of Packages |
| 3. | Estimated Cost of the Package | : | Varies from Rs.111.78 lakhs to Rs.165.50 lakhs |
| 4. | Class of Contractor | : | |
| | a) Estimated cost more than Rs.20.00 lakhs up to Rs.3.00 Crores | : | B Class (of Odisha PWD) or relevant class of other licensing authorities |
| | b) Estimated cost more than Rs.1.00 Crore up to Rs.20.00 Crores | : | A Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-8 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Seeking clarification of tender | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.21 of 2025 | 25.09.2025 at 11.00 A.M. | 08.10.2025 up to 5.00 P.M. | 06.10.2025 Up to 5.00 P.M. | 09.10.2025 at 11.00 A.M. | To be intimated later on |

Further details can be seen from the website www.tendersodisha.gov.in
Sd./- Chief Construction Engineer
Central Rural Works Circle, Bhubaneswar
OIPR-25082/11/0015/2526

GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
No.4248/Date.19.09.2025
No.O-827
### "e" Procurement Notice for Road Works

| | | | |
|---|---|---|---|
| 1. | Name of the Work | : | Road works under SDMF |
| 2. | Total No. of works | : | 12 Nos. of Road works for the year 2024-25 |
| 3. | Estimated Cost of the work | : | Varies from Rs.83.20 lakh to Rs.1121.28 lakh |
| 4. | Class of Contractor | : | |
| | a) Estimated cost more than Rs.20.00 lakhs up to Rs.3.00 Crores | : | B Class (of Odisha PWD) or relevant class of other licensing authorities |
| | b) Estimated cost more than Rs.1.00 Crore up to Rs.20.00 Crores | : | A Class (of Odisha PWD) or relevant class of other licensing authorities |
| | c) Estimated cost more than Rs.6.00 Crore up to Rs.50.00 Crores | : | Special Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.20 of 2025 | 25.09.2025 at 11.00 A.M. | 08.10.2025 up to 5.00 P.M. | 09.10.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in
Sd./- Chief Construction Engineer
Central Rural Works Circle, Bhubaneswar
OIPR-25082/11/0013/2526

## OFFICE OF DISTRICT COLLECTOR, MALKANGIRI
### (EXCISE SECTION)
### NOTICE INVITING APPLICATIONS FOR SETTLEMENT OF UNSETTLED O.S. SHOP OF MALKANGIRI DISTRICT
No. 1585/2025 Date: 23.09.2025

Applications are invited for settlement of 1 Number of O.S. Shops of Malkangiri district for the year 2025-26 by way of Lottery.

The persons interested to participate may apply online in 'Form-B' through the portal "http://stateexcise.odisha.gov.in" from 24.09.2025 to 07.10.2025 (5.00 P.M.). Lottery will be held on 14.10.2025 at Zillaparishad (DRDA) Conference Hall, Malkangiri from 4.00 P.M. onwards.

The details of the shops to be settled and the terms and conditions applicable thereof are available in the said website and the notice boards of the District Excise Office, Malkangiri and Collectorate, Malkangiri.

Sd./- Collector, Malkangiri

# ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ

## ୬୩୮୭ ଅବସରପ୍ରାପ୍ତ ଶିକ୍ଷକ ନିଯୁକ୍ତି ମାମଲା



କଟକ,୨୩।୯(କାର୍ତ୍ତିକ ସାହୁ)

ବିଭିନ୍ନ ସରକାରୀ ବିଦ୍ୟାଳୟରେ ୬ହଜାର ୩୮୭ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେବାକୁ ସରକାର ନେଇଥିବା ନିଷ୍ପତ୍ତିକୁ ଚାଲେଞ୍ଜ କରି ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ହୋଇଛି। ବିଚାରପତି ଡି.କେ. ଶ୍ରୀପଦ ମାମଲାର ଶୁଣାଣି କରି ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ପ୍ରାଥମିକ ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟରେ କେତେ ଶିକ୍ଷକ ପଦବୀ ଖାଲିପଡ଼ିଛି ତାହା ଉପରେ ବିସ୍ତୃତ ତଥ୍ୟ ଦେବାକୁ ଅଦାଲତ ଆଦେଶ ଦେଇଛନ୍ତି।

ଆବେଦନକାରୀମାନେ ପିଟିଶନରେ ଦର୍ଶାଇଛନ୍ତି ଯେ, ସରକାରୀ, ଅନୁଦାନପ୍ରାପ୍ତ ବ୍ଲକଗ୍ରାଣ୍ଟ, ସଂସ୍କୃତ ଟୋଲ ଆଦି ବିଦ୍ୟାଳୟରେ ଖାଲିଥିବା ୬ ହଜାର ୩୮୭ଟି ପଦବୀ ପୂରଣ ପାଇଁ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେବାକୁ ସରକାର ଚିଠି କରିଛନ୍ତି। ବର୍ତ୍ତମାନ ଶିକ୍ଷକମାନଙ୍କ ପାଇଁ ଓଟିଇଟି ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ କରାଯାଇଛି। ଆବେଦନକାରୀଙ୍କ ଏସବୁ ଯୋଗ୍ୟତା ଥିବା ବେଳେ ସେମାନଙ୍କୁ ନିଯୁକ୍ତି ନ ଦିଆଯାଇ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଉଛି। ଅବସରପ୍ରାପ୍ତ ଶିକ୍ଷକ ଏସବୁ ଯୋଗ୍ୟତା ହାସଲ କରିନାହାନ୍ତି। ଏହି ପରିପ୍ରେକ୍ଷୀରେ ହାଇକୋର୍ଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଅଗଷ୍ଟରେ ଜାରି କରାଯାଇଥିବା ବିଜ୍ଞପ୍ତିକୁ ରଦ୍ଦ ପାଇଁ ପ୍ରାର୍ଥନା କରାଯାଇଛି। ପ୍ରତ୍ୟେକ ଜିଲା ଶିକ୍ଷାଧିକାରୀମାନେ ଉପଯୁକ୍ତ ଯୋଗ୍ୟତା ଥିବା ଆଶାୟୀ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବା ପାଇଁ ପଦକ୍ଷେପ ନେବାକୁ ଅଦାଲତ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସମୀର ଦାଶ ମାମଲା ପରିଚାଳନା କରୁଛନ୍ତି।

## ଜବାବ ଦାଖଲ ପାଇଁ ଏଜିଙ୍କୁ ନୋଟିସ

### ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ଆର୍ଥିକ କ୍ଷମତା ସଙ୍କୁଚିତ ହେବା ମାମଲା

କଟକ,୨୩।୯(କାର୍ତ୍ତିକ ସାହୁ)

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ ତୁଳନାରେ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ଆର୍ଥିକ କ୍ଷମତା ସଙ୍କୁଚିତ ହେଉଛି। ସରକାରୀ ବ୍ୟବସ୍ଥାରେ ରହିଥିବା ଦୁଇଟି ନିୟମ ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରୁଛି। ତେଣୁ ସେହି ନିୟମ ଦୁଇଟିକୁ ଅସାମ୍ବିଧାନିକ ଘୋଷଣା କରାଯିବା ନେଇ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ଆଡ଼ଭୋକେଟ ଜେନେରାଲ (ଏଜି)ଙ୍କୁ ମଙ୍ଗଳବାର ନୋଟିସ ଜାରି କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଅକ୍ଟୋବର ୧୬ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ପଞ୍ଚାୟତ ସମିତି ଆକାଉଣ୍ଟିଂ କାର୍ଯ୍ୟବିଧି ନିୟମାବଳୀ, ୨୦୦୨ର ନିୟମ ୧୬(୧) ଓ ୧୬(୨) ପାଇଁ ବିଡିଓମାନେ ସ୍ୱାଧୀନ ଆର୍ଥିକ କ୍ଷମତା ଉପଭୋଗ କରୁଛନ୍ତି। ମାତ୍ର ଏହାଦ୍ୱାରା ପଞ୍ଚାୟତ ସମିତିର କ୍ଷମତା ସଙ୍କୁଚିତ ହେଉଛି। ନିର୍ବାଚିତ ଲୋକ ପ୍ରତିନିଧିମାନେ ଲୋକଙ୍କ ପାଖରେ ସବୁ କାମ ପାଇଁ ଉତ୍ତରଦାୟୀ। ଏପରିସ୍ଥଳେ ଉପରୋକ୍ତ ନିୟମ ପାଇଁ ବିଡିଓ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ବିନା ଅନୁମୋଦନରେ ବିଲ୍ ପାସ୍ କରିପାରିବେ। ଯଦି କୌଣସି ବିଲ୍ ପାସ୍ ପ୍ରସଙ୍ଗରେ ଅଧ୍ୟକ୍ଷଙ୍କ ଦସ୍ତଖତ ମିଳିବାରେ ବିଳମ୍ବ ହୁଏ ତେବେ ଜିଲାପାଳ, ଡିଆର୍‌ଡିଏ ପିଡି ବା ଉପଜିଲାପାଳଙ୍କ ଦସ୍ତଖତ ବିଲ୍‌ରେ ନେବା ପାଇଁ ନିର୍ଦ୍ଦେଶ ଦେଇପାରିବେ। ଏଭଳି ନିୟମ ପାଇଁ ପଞ୍ଚାୟତ ସମିତିର ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ ହୋଇଛି। ସାମ୍ବିଧାନିକ ବ୍ୟବସ୍ଥାରେ ଥିବା ଏପରି ନିୟମକୁ ଅସିଦ୍ଧ ଘୋଷଣା କରାଯାଉ ବୋଲି ଆବେଦନକାରୀ ଉମେଶ ଚନ୍ଦ୍ର ବେହେରା ଆବେଦନରେ ଦର୍ଶାଇଛନ୍ତି।



ନୂତନ ପେନ୍‌ସନ ସ୍କିମ୍ ବାତିଲ, ସମସ୍ତ ବର୍ଗର ଶିକ୍ଷକ ଓ କର୍ମଚାରୀଙ୍କୁ ପୁରୁଣା ପେନ୍‌ସନ ପ୍ରଦାନ ଦାବିରେ ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା। (ଫଟୋ- ମନୋରଞ୍ଜନ ମିଶ୍ର)

# ୨୯ ଯାଏ ପ୍ରବଳ ବର୍ଷା

■ ୩ ଦିନ ପର୍ଯ୍ୟନ୍ତ ଅତିପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ
■ ୨୫ରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୨୩।୯(ବନ୍ଦନା ସେଠୀ)

ଲଗାତର ପଛକୁ ପଛ ଦୁଇଟି ଲଘୁଚାପରେ ସାରା ଓଡ଼ିଶା ଭିଜିବା ସହିତ ଏଥର ପାର୍ବଣ ବର୍ଷାରେ ଧୋଇଯିବ। ଲଘୁଚାପ ପ୍ରଭାବରେ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୨୯ ତାରିଖ ଯାଏ ପ୍ରବଳ ବର୍ଷା ଚେତାବନୀ ଦିଆଯିବା ସହ ସତର୍କତା ଜାରି କରାଯାଇଛି। ଲଘୁଚାପ ବର୍ତ୍ତମାନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ତଥା ପଶ୍ଚିମବଙ୍ଗ ସଂଲଗ୍ନ ଉତ୍ତର ଓଡ଼ିଶା ଉପକୂଳବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିଛି। ଏହା ପ୍ରଭାବରେ ଗତ ୨୪ ଘଣ୍ଟାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଛି। କୋରାପୁଟ ଜିଲାର ନନ୍ଦପୁର ଅଞ୍ଚଳରେ ସର୍ବାଧିକ ୧୦.୧ ମି.ମି ବର୍ଷା ରେକର୍ଡ କରାଯାଇଛି। ସେହିପରି ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଅତିପ୍ରବଳ ବର୍ଷା ହେବା ନେଇ ବିଭିନ୍ନ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି ହୋଇଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି।

ଏଥିସହ ଆଗାମୀ ୨୪ଘଣ୍ଟା ମଧ୍ୟରେ ଗାଙ୍ଗେୟ ଉପତ୍ୟକା ଉପରେ ସକ୍ରିୟ ଲଘୁଚାପକ୍ଷେତ୍ର ଦୁର୍ବଳ ହେବ। ଏହାପରେ ସେପ୍ଟେମ୍ବର ୨୫ ସୁଦ୍ଧା ପୂର୍ବକେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଆଉ ଏକ ନୂଆ ଲଘୁଚାପ ସୃଷ୍ଟି ହେବ। ଲଘୁଚାପ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାକୁ ଥିବାବେଳେ ପ୍ରାୟ ୨୬ ତାରିଖ ବେଳକୁ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର, ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ଅବପାତ ରୂପ ନେବ। ୨୭ତାରିଖରେ ଏହା ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବ। ଉଭୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ଚେତାବନୀ ଜାରି କରିଛି। ବୁଧବାର ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼କୁ ଅତିପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ସେହିପରି ପ୍ରବଳ ବର୍ଷା ନେଇ କେନ୍ଦୁଝର, ମୟୂରଭଞ୍ଜ, ବରଗଡ଼, ସୁବର୍ଣ୍ଣପୁର, ଦେବଗଡ଼, ବୌଦ୍ଧ ଓ ଅନୁଗୋଳ ଜିଲାକୁ ୟେଲୋ ୱାର୍ନିଂ ଥିବାବେଳେ ବାକି ସମସ୍ତ ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ୩୦ରୁ ୪୦ କି.ମି. ବେଗରେ ପବନ ନେଇ ସତର୍କତା ଜାରି କରାଯାଇଛି। ଗୁରୁବାରଠାରୁ ରବିବାର ପର୍ଯ୍ୟନ୍ତ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସମୁଦ୍ର ଅଶାନ୍ତ ରହିବା ଯୋଗୁ ଗଭୀର ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀଙ୍କୁ ଘରକୁ ଫେରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ୨୭ତାରିଖ ଯାଏ ମାଛଧରିବା ବାରଣ କରାଯାଇଛି।

# ନୂତନ ଜୀବନ ପାଇଲେ ୭ ବର୍ଷର ଶିଶୁ ଟିମାରୀ

■ ଛାତିରୁ ବାହାରିଲା ଦେଢ଼ କେଜିର ଟ୍ୟୁମର
■ ଏସ୍‌ସିବି ପ୍ଲାଷ୍ଟିକ୍ ସର୍ଜରି ବିଭାଗରେ ଜଟିଳ ଅସ୍ତ୍ରୋପଚାର ସଫଳ

କଟକ,୨୩।୯(ଶିଖା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ପ୍ଲାଷ୍ଟିକ ସର୍ଜରି ବିଭାଗରେ ଚେଷ୍ଟ ୱାଲ ଟ୍ୟୁମର ଭଳି ଏକ ଅସ୍ତ୍ରୋପଚାର ସଫଳ ହୋଇଛି। ଫଳରେ ୭ ବର୍ଷର ଶିଶୁ ଟିମାରୀ ବାରି ନୂତନ ଜୀବନ ପାଇଛନ୍ତି। ତାଙ୍କ ଡାହାଣ ପଟ ଛାତିରୁ ବାହାରିଲା ୨୦ ସେମି ଦୈର୍ଘ୍ୟ ଓ ୨୦ ସେମି ପ୍ରସ୍ଥ ପ୍ରାୟ ୧.୫ କେଜିର ଟ୍ୟୁମର। ଗତ ଶୁକ୍ରବାର ପ୍ଲାଷ୍ଟିକ ସର୍ଜରି ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ବିଶ୍ୱଜିତ ମିଶ୍ରଙ୍କ ନେତୃତ୍ୱରେ ଆନେସ୍ଥେସିଆ ବିଭାଗ ପ୍ରଫେସର ଲକ୍ଷ୍ମୀ ଦାଶଙ୍କ ସହ ୯ ଜଣିଆ


ଟିମାରୀ ବାରି ଓ ତାଙ୍କ ବାପା।

ଡାକ୍ତରୀ ଟିମ୍ ଟିମାରୀଙ୍କ ଅସ୍ତ୍ରୋପଚାର କରିଥିଲେ। ଟିମାରୀ ଏବେ ସୁସ୍ଥ ଥିବାବେଳେ ଆଉ ଦୁଇରୁ ତିନିଦିନ ମଧ୍ୟରେ ଡିସ୍‌ଚାର୍ଜ କରାଯିବ ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ଜଶିପୁର ରାଉତଳା ଗ୍ରାମର ରାମଚନ୍ଦ୍ର ବାରିରଙ୍କ ଝିଅ ଟିମାରୀଙ୍କ ପିଲାବେଳୁ ଡାହାଣ ଛାତି ପଟେ ଏକ ଆବୁ ହୋଇଥିଲା। ସମୟକ୍ରମେ ତାହା ବଢ଼ି ଏକ ମାଂସ ପେଣ୍ଡୁଳା ଆକୃତିର ହୋଇଥିଲା। ଏଭଳି ମାଂସ ପିଣ୍ଡୁଳା ଦେଖି ପରିବାର ଲୋକେ ଭୟଭୀତ ହୋଇ ଗତ କିଛି ଦିନ ତଳେ ଏସ୍‌ସିବି ମେଡିକାଲକୁ ଆଣିଥିଲେ। ସିଟି ସ୍କାନ ପରୀକ୍ଷା ରିପୋର୍ଟରୁ ଟିମାରୀଙ୍କୁ ଲାର୍ଜ କ୍ୟାଭର୍ନସ୍ ଲିମ୍ଫାନ୍‌ଜିଓମା ରୋଗ ହୋଇଥିବା ଜଣାପଡ଼ିଥିଲା। ଏହାସହ ଶିଶୁଟି ଥାଲାସିମିଆ ରୋଗରେ ମଧ୍ୟ ଆକ୍ରାନ୍ତ ଥିଲେ। ମାଂସପିଣ୍ଡୁଳା ଛାତିରୁ ମାଡି ରକ୍ତନଳୀ ସହ ସଂଯୋଗ ରହିଥିବାରୁ ଅସ୍ତ୍ରୋପଚାର ଜଟିଳ ବୋଲି ଡାକ୍ତର କହିଥିଲେ। ଗତ ୧୯ ତାରିଖରେ ପ୍ରାୟ ଦୁଇରୁ ତିନିଘଣ୍ଟା ଧରି ଅସ୍ତ୍ରୋପଚାର କରାଯାଇଥିଲା। ଏ ନେଇ ପ୍ରଫେସର ଡାକ୍ତର ବିଶ୍ୱଜିତ କହିଛନ୍ତି, ଏହା ବହୁ ଜଟିଳ ଅସ୍ତ୍ରୋପଚାର ଥିଲା। ଏହି ଟ୍ୟୁମର ବିଶେଷକରି ଗଳାରେ ହୋଇଥାଏ। ଛାତିରେ ହେବାରୁ ଏହା ବହୁ ଜଟିଳ ରହିଥିଲା। ଏଭଳି ଅସ୍ତ୍ରୋପଚାର ଏସ୍‌ସିବିରେ ପ୍ରଥମ କରି କରାଯାଇଛି। ଅସ୍ତ୍ରୋପଚାର ପରେ ଶିଶୁ ସମ୍ପୂର୍ଣ୍ଣ ସୁସ୍ଥ ରହିଛି ଏବଂ ଖୁବଶୀଘ୍ର ଡିସ୍‌ଚାର୍ଜ କରାଯିବ। ଏଭଳି ବିପଦରୁ ଝିଅକୁ ବଞ୍ଚାଇଥିବାରୁ ଏସ୍‌ସିବି ଡାକ୍ତରଙ୍କୁ ଟିମାରୀଙ୍କ ବାପା ରାମଚନ୍ଦ୍ର ବାରି ଧନ୍ୟବାଦ ଜଣାଇଛନ୍ତି।

# ୪୮୮ ବର୍ଗ ଶିକ୍ଷକ ଓ କର୍ମଚାରୀ ସଂଘ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୨୩।୯(ସୁଚିସ୍ମିତା ସାହୁ)

ଚାକିରି ସର୍ତ୍ତାବଳୀ ଓ ପେନ୍‌ସନ ଦାବି ନେଇ ନିଖିଳ ଓଡ଼ିଶା ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ (୪୮୮ ବର୍ଗ) ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ମଙ୍ଗଳବାରଠାରୁ ସ୍ଥଗିତ ରହିଛି। ସଂଘର ୩ ଦଫା ଦାବି ଖୁବଶୀଘ୍ର ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଉଚ୍ଚଶିକ୍ଷା ସଚିବଙ୍କ ସହ ଆଲୋଚନା ସଫଳ ହୋଇଥିବା ସଂଘ ସଭାପତି ମାନସ ପୁରୋହିତ ସୂଚନା ଦେଇଛନ୍ତି। ଯଦି ଆସନ୍ତା ୨ ମାସ ମଧ୍ୟରେ ସରକାର ଦାବି ପୂରଣ ନ କରନ୍ତି ତାହେଲେ କାର୍ଯ୍ୟ ବନ୍ଦ ସହିତ ରାଜରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ପୁରୋହିତ ପ୍ରକାଶ କରିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅନୁରୂପ


@ ରାମଚନ୍ଦ୍ର


@ ଶ୍ରୀଧର


@ ବାପୁ


@ ସୁଶୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୩ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଛପାହେବ ପ୍ରଶ୍ନପତ୍ର

### ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ ଏସ୍‌ଓପି ଜାରି

ଭୁବନେଶ୍ୱର,୨୩।୯(ସୁଚିସ୍ମିତା ସାହୁ)

ରାଜ୍ୟ ସରକାରଙ୍କ ସ୍ତରରେ ହେଉଥିବା ନିଯୁକ୍ତି ପରୀକ୍ଷାଗୁଡ଼ିକର ପରିଚାଳନାରେ ଅନିୟମିତତା ଏବଂ ବିଭ୍ରାଟ ରୋକିବା ପାଇଁ ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନୂତନ ଏସ୍‌ଓପି ଜାରି କରାଯାଇଛି। ଅଫ୍‌ଲାଇନ ପରୀକ୍ଷା ପାଇଁ ୩ଜଣ ବରିଷ୍ଠ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶ୍ନପତ୍ର ଛପାହେବ। ଜଣେ ବରିଷ୍ଠ ଓଏଏସ୍ ଅଧିକାରୀ, ଜଣେ ବରିଷ୍ଠ ପୋଲିସ ଅଧିକାରୀ ଏବଂ ପରୀକ୍ଷା ହେଉଥିବା ସମ୍ପୃକ୍ତ ବିଭାଗର ଜଣେ ବରିଷ୍ଠ ଅଧିକାରୀ କମିଟିରେ ସଦସ୍ୟ ରହିବେ। ପୋଲିସ ନିଯୁକ୍ତି ସଂକ୍ରାନ୍ତୀୟ ପରୀକ୍ଷା ପରିଚାଳନା ପାଇଁ ଜଣେ ଆଇଜି ର୍‍ୟାଙ୍କର ଅଧିକାରୀ କମିଟିରେ ରହିବେ।

ନୂଆ ମାର୍ଗଦର୍ଶିକା ଅନୁଯାୟୀ, ପ୍ରଥମ ଥର ପାଇଁ ଓଏମ୍‌ଆର୍ ଶିଟ୍‌ରେ ପରୀକ୍ଷାର୍ଥୀଙ୍କ ରୋଲ ନମ୍ବର, ପରୀକ୍ଷା ବିଷୟର କୋଡ୍ ଓ ପରୀକ୍ଷା ତାରିଖ ଲେଖା ପୂର୍ବରୁ ହିଁ ରହିବ। ପ୍ରଶ୍ନପତ୍ର ପ୍ୟାକେଟରେ ହିଁ ଓଏମ୍‌ଆର୍ ଶିଟ୍ ରହିବ। ବାହାର କମ୍ପାନୀର କର୍ମଚାରୀଙ୍କୁ ଆଣି ପରୀକ୍ଷା କାର୍ଯ୍ୟରେ ନିୟୋଜିତ ଲାଗି ଅନୁମତି ମିଳିବ ନାହିଁ। ସେହିପରି ଅନ୍‌ଲାଇନ ପରୀକ୍ଷା ପାଇଁ ବାଇଓମେଟ୍ରିକ ମାଧ୍ୟମରେ ପରିଚୟପତ୍ର ଯାଞ୍ଚ କରାଯିବ। ପରୀକ୍ଷା ସମୟରେ କମ୍ପ୍ୟୁଟରଗୁଡ଼ିକରେ ଯେପରି ସବୁ ତଥ୍ୟ ଠିକ ଭାବେ ରହିପାରିବ, ସେଥିପ୍ରତି ଗୁରୁତ୍ୱ ଦିଆଯିବ। କପି ରୋକିବାକୁ ପ୍ରଶ୍ନପତ୍ର କ୍ରମିକ ନମ୍ବରରେ ଅଦଳବଦଳ କରାଯିବ। କୃତ୍ରିମ ବୁଦ୍ଧିମତା (ଏଆଇ) ମାଧ୍ୟମରେ ପରୀକ୍ଷାର୍ଥୀଙ୍କ ଉପରେ ନଜର ରଖାଯିବ। ପରୀକ୍ଷା କେନ୍ଦ୍ରର ଉପଯୁକ୍ତ ସ୍ଥାନରେ ସିସିଟିଭି ଲାଗିବ। ସିସିଟିଭିକୁ ପୋଲିସ ଅଧିକାରୀଙ୍କ ଟିମ୍ ଯାଞ୍ଚ କରିବ। କୌଣସି ଘଟଣାର ଅଡିଟ କରିବା ପାଇଁ ଓକାକ/ଏନ୍‌ଆଇସିକୁ ଲାଇଭ ଭିଡିଓ ଦେବାର ବ୍ୟବସ୍ଥା କରାଯିବ। ଉଭୟ ଅନ୍‌ଲାଇନ ଏବଂ ଅଫଲାଇନ ପରୀକ୍ଷାକୁ ସରକାରୀ ଶିକ୍ଷାନୁଷ୍ଠାନରେ କରିବାକୁ ପ୍ରାଥମିକତା ଦେବାକୁ ଏସ୍‌ଓପିରେ କୁହାଯାଇଛି।

# ସରକାର ନିଦ୍ରାରେ, ଚାଷୀ ରାସ୍ତାରେ: କଂଗ୍ରେସ

## ସାର ଅଭାବ ନେଇ କିଷାନ କଂଗ୍ରେସର ବିଧାନସଭା ଘେରାଉ

ଭୁବନେଶ୍ୱର,୨୩।୯ (ରବିନାରାୟଣ ଜେନା)

ସାରା ରାଜ୍ୟରେ ସାର ଅଭାବ ଯୋଗୁ ଚାଷୀ ଏବେ ରାସ୍ତାରେ ଚିତ୍କାର କରୁଛନ୍ତି। ହେଲେ ସାର କଳାବଜାର ଲୁଚାଛପାରେ ଚାଲିଛି। ବେପାରୀମାନେ ସାର ଚୋରା କାରବାର କରି ମାଲାମାଲ ହେଉଛନ୍ତି, ସରକାର ନିଘୋଡ଼ ନିଦ୍ରାରେ ଶୋଇଛନ୍ତି ବୋଲି କିଷାନ କଂଗ୍ରେସ ପକ୍ଷରୁ ମଙ୍ଗଳବାର ବିଧାନସଭା ଘେରାଉ ବେଳେ କୁହାଯାଇଛି।

କିଷାନ କଂଗ୍ରେସ ରାଜ୍ୟ ସଭାପତି ଅଭୟ ସାହୁ କହିଛନ୍ତି, ସାର ଅଭାବ ଯୋଗୁ ଚାଷୀ ହତାଶ ଓ ଆତଙ୍କିତ ହୋଇପଡ଼ିଲେଣି। ସରକାରଙ୍କ ସାର ବିତରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଚାଷୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବେଳେ ସରକାର ଚାଷୀଙ୍କ ସମସ୍ୟା ପ୍ରତି ମୋଟେ କର୍ଣ୍ଣପାତ କରୁ ନାହାନ୍ତି।

ସେ ଆହୁରି କହିଥିଲେ, ସରକାର କହୁଛନ୍ତି ଯେ ଲକ୍ଷ ଲକ୍ଷ ଟଙ୍କାର ସାର ଗଚ୍ଛିତ ଅଛି। କିନ୍ତୁ ଏପଟେ ଚାଷୀଙ୍କୁ ମିଳୁନାହିଁ। ସାର ପାଇଁ ଚାଷୀ ଦିନ ଦିନ ରାତି ରାତି ଅଧିଆ ପଡ଼ୁଛି। ରୁଆ ବେଉଷଣ ସମୟ ଏବଂ ଯେତେବେଳେ ଯେଉଁ ସାର ଆବଶ୍ୟକ ସେତେବେଳେ ଚାଷୀଙ୍କୁ ତାହା ନ ମିଳିବା ଅତ୍ୟନ୍ତ ଦୁଃଖଦାୟକ। ଯଦି ସରକାର ଚାଷୀଙ୍କ ନ୍ୟାଯ୍ୟ ଦାବି ପୂରଣ ନ କରନ୍ତି ତେବେ ଆନ୍ଦୋଳନ ଗ୍ରାମାଭିମୁଖୀ ହେବ ଓ କ୍ଷତିଗ୍ରସ୍ତ ଚାଷୀଙ୍କ ନେତୃତ୍ୱ କିଷାନ କଂଗ୍ରେସ ନେଇ ଗାଁଗଣ୍ଡାରେ ବ୍ୟାପକ ଆନ୍ଦୋଳନ କରିବ ବୋଲି ଅଭୟ କହିଛନ୍ତି। ସୂଚନାଯୋଗ୍ୟ, କିଷାନ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ ବେଳେ ପୋଲିସ ସେମାନଙ୍କୁ ବାଧାଦେବାରେ କିଛି ସମୟ ପାଇଁ ପୋଲିସ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ଠେଲାପେଲା ପରିସ୍ଥିତି ଉପୁଜିଥିଲା। ପରେ ପୋଲିସ ଆଇନଶୃଙ୍ଖଳା ରକ୍ଷା କରିବାକୁ ଯାଇ ଅଭୟଙ୍କ ସମେତ ଉପସଭାପତି ଅରୁଣ ଜେନା, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ସମ୍ପାଦକ ରଜନୀକାନ୍ତ ସାମଲ ପ୍ରମୁଖଙ୍କୁ ଗିରଫ କରିଥିଲା।



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ପ୍ରଦେଶ କିଷାନ କଂଗ୍ରେସ କମିଟି ପକ୍ଷରୁ ଶୋଭାଯାତ୍ରା। (ଫଟୋ- ମନୋରଞ୍ଜନ ମିଶ୍ର)

# ସିସିଟିଭି ସର୍ଭେଲାନ୍ସରେ ରହିବ ଶିଳ୍ପାଞ୍ଚଳ

## ଶିଳ୍ପାଞ୍ଚଳ ସୁରକ୍ଷା ସମୀକ୍ଷା ବୈଠକ

ଖୋର୍ଦ୍ଧା, ୨୩ା୯ (ପ୍ରଭାତ ପାଣିଗ୍ରାହୀ)


ଶିଳ୍ପାଞ୍ଚଳ ସୁରକ୍ଷା ସମୀକ୍ଷା ବୈଠକରେ ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ପୋଲିସ ଅଧିକାରୀମାନେ।

ରାଜ୍ୟର ବିକାଶରେ ଶିଳ୍ପସଂସ୍ଥାର ପ୍ରମୁଖ ଭୂମିକା ରହିଛି। ତେଣୁ ଶିଳ୍ପସଂସ୍ଥାର ସୁରକ୍ଷାକୁ ଖୋର୍ଦ୍ଧା ପୋଲିସ ପକ୍ଷରୁ ପ୍ରାଥମିକତା ଦିଆଯାଇଛି। ବରୁଣେଇ ଶିଳ୍ପାଞ୍ଚଳ ସିସିଟିଭି ସର୍ଭେଲାନ୍ସରେ ରହିବ । ଏନେଇ ପୋଲିସ ପକ୍ଷରୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଜିଲା ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଆପ୍ ପ୍ରସ୍ତୁତ କରାଯିବ। ଏହି ଆପ୍ ସମସ୍ତ ଶିଳ୍ପସଂସ୍ଥା ଉପରେ ନଜର ରଖିବ। କୌଣସି ସ୍ଥାନରେ କିଛି ଅଘଟଣ, ସମସ୍ୟା ସୃଷ୍ଟି ହେଲେ ଆପ୍‌ରେ ଭିଡିଓ, ଅଭିଯୋଗ ଅପଲୋଡ୍ କରିବା ମାତ୍ରକେ ତ୍ୱରିତ ସେବା ଯୋଗାଇ ଦିଆଯିବ। ଶିଳ୍ପ ସଂସ୍ଥାଗୁଡିକ ଯେଭଳି ନିର୍ଭୟରେ କାର୍ଯ୍ୟନିର୍ବାହ କରିବେ, ସେଥିଲାଗି ଗୁରୁତ୍ୱ ଦିଆଯାଉଛି। ଶିଳ୍ପାଞ୍ଚଳକୁ ନିଶାମୁକ୍ତ, ଅପରାଧମୁକ୍ତ ଅଞ୍ଚଳ କରାଯିବ। ଏହି ଅଞ୍ଚଳକୁ ଜିରୋ ଟଲେରାନ୍ସ (ଶୂନ ଅପରାଧ) ଅଞ୍ଚଳ କରାଯିବା ଲକ୍ଷ୍ୟ ରହିଛି। ଏଣିକି ଶିଳ୍ପାଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରାଯିବ ବୋଲି ମଙ୍ଗଳବାର ଜିଲା ଆରକ୍ଷୀ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିଳ୍ପାଞ୍ଚଳ ସୁରକ୍ଷା ସମୀକ୍ଷା ବୈଠକରେ ଯୋଗଦେଇ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ବିବେକାନନ୍ଦ ଶର୍ମା ଏହା କହିଛନ୍ତି।

ଏସ୍‌ପି ଶିଳ୍ପାଞ୍ଚଳରେ କାର୍ଯ୍ୟରତ କର୍ମଚାରୀଙ୍କ ସୁରକ୍ଷା, ଆପରାଧିକ ଗତିବିଧି ସମୀକ୍ଷା କରିଥିଲେ। ରାତିରେ କର୍ମଚାରୀ କାମ ସାରି ଫେରିବା ବେଳେ ଦୁର୍ବୃତ୍ତମାନେ ବାଟରେ ନାହିଁ ନ ଥିବା ହଇରାଣ କରୁଛନ୍ତି। ଶିଳ୍ପାଞ୍ଚଳରେ ଘଟୁଥିବା ଆପରାଧିକ ଘଟଣା ସମ୍ପର୍କରେ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷକରି ଶିଳ୍ପାଞ୍ଚଳରେ ଦାଦାବଟି, ଲୁଟ, ବେଆଇନ ପାର୍କିଂ, ଟିକସ ଆଦାୟ ଉପରେ ଏକାଧିକ ସଂସ୍ଥା ପ୍ରତିନିଧି ପ୍ରକାଶ କରିଥିବା ବେଳେ ରାତିରେ ପାଟ୍ରୋଲିଂ କଡ଼ାକଡ଼ି ପାଇଁ ଦାବି କରିଥିଲେ। ଏନେଇ ଏସ୍‌ପି ଶର୍ମା କହିଥିଲେ ଯେ, ଶିଳ୍ପସଂସ୍ଥାଗୁଡିକ ସୁରକ୍ଷା ଦୃଷ୍ଟିରୁ ନିଜ ପରିସର ବ୍ୟତୀତ ଚାରିପଟେ ସିସିଟିଭି ଖଞ୍ଜନ୍ତୁ। ଶିଳ୍ପ ଅନୁଷ୍ଠାନ ଚାରିପଟ ପାଚେରି ନିର୍ମାଣ, ଆଲୋକୀକରଣ ଉପରେ ଗୁରୁତ୍ୱ ଦିଅନ୍ତୁ। ଶିଳ୍ପସଂସ୍ଥାକୁ କିଏ ଆସୁଛି ଯାଉଛି, କଞ୍ଚାମାଲ ସାମଗ୍ରୀ, ତାହାର ସମ୍ପୂର୍ଣ୍ଣ ରେକର୍ଡ ରଖିବା ସହ କର୍ମଚାରୀଙ୍କ ଡକ୍ୟୁମେଣ୍ଟେଶନ, ସିକ୍ୟୁରିଟିଗାର୍ଡମାନଙ୍କ ପୋଲିସ ଭେରିଫିକେଶନ କରନ୍ତୁ। କୌଣସି ସମସ୍ୟା, ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଲେ ଶିଳ୍ପାଂଚଳ ପୋଲିସକୁ ଜଣାନ୍ତୁ କିମ୍ବା ୧୧୨କୁ କଲ୍ କଲେ ତୁରନ୍ତ ସହଯୋଗ ମିଳିବ। ଶିଳ୍ପାନୁଷ୍ଠାନ ପରିସରରେ ମକ୍‌ଡ୍ରିଲ ନିଶ୍ଚିତ କରନ୍ତୁ। ଖୋର୍ଦ୍ଧା ପୋଲିସ ପକ୍ଷରୁ ଆମ ପୋଲିସ କାର୍ଯ୍ୟକ୍ରମ ଜାରି ରହିଛି। ଆଗକୁ ଶିଳ୍ପସଂସ୍ଥା ଗୁଡିକୁ ନେଇ ଏହି କାର୍ଯ୍ୟକ୍ରମ କରାଯିବ। କୌଣସି ଆବଶ୍ୟକତା ପଡିଲେ ପୋଲିସର ସହାୟତା ନିଅନ୍ତୁ। ଶିଳ୍ପସଂସ୍ଥା ଏବଂ ପୋଲିସ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ, ସମନ୍ୱୟ ଏବଂ ସହଭାଗିତା ରହିଲେ ଶିଳ୍ପାଞ୍ଚଳ ଅପରାଧମୁକ୍ତ ହୋଇପାରିବ ବୋଲି ଏସ୍‌ପି ଶର୍ମା କହିଛନ୍ତି। ଏହି ବୈଠକରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି, ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ଶିଳ୍ପାଞ୍ଚଳ ନୂତନ ଥାନା ଅଧିକାରୀ ଉମେଶ ସାହୁ, ଏସ୍‌ଆଇ ବାସୁଦେବ ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ବର୍ଷାରେ ଉପୁଡ଼ିଲା ଗଛ, ଯାତାୟାତ ବ୍ୟାହତ


ଅଗ୍ନିଶମ କର୍ମଚାରୀ ରାସ୍ତାରେ ପଡ଼ିଥିବା ଗଛ କାଟି ସଫା କରୁଛନ୍ତି।

ବାଲୁଗାଁ, ୨୩ା୯ (ସଂଗ୍ରାମ ପାଇକରାୟ)

ଲଘୁଚାପଜନିତ ବର୍ଷା ଯୋଗୁ ମଙ୍ଗଳବାର ଅପରାହ୍ନରେ ଏକ ଗଛ ଉପୁଡ଼ି ବାଲୁଗାଁ ବଜାରସ୍ଥିତ ଗାନ୍ଧୀ ଛକଠାରୁ ଚିଲିକା କୂଳକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ପଡିଯାଇଥିଲା। ଫଳରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପାର୍ଶ୍ୱରେ ଥିବା ୩ଟି ବିଦ୍ୟୁତ୍ ଖୁଣ୍ଟ ସମେତ ତାର ଛିଣ୍ଡି ଯାଇ ରାସ୍ତାରେ ବିପଦସଙ୍କୁଳ ଅବସ୍ଥାରେ ପଡିବା ଦ୍ୱାରା ଯାତାୟାତ ଠପ୍ ହୋଇଯାଇଥିଲା । ଖବରପାଇ ବାଲୁଗାଁ ନଗର ମଣ୍ଡଳ ଭାଜପା ସଭାପତି ସନ୍ତୋଷ ପାଇକରାୟ ପହଞ୍ଚି ବିଦ୍ୟୁତ୍ ବିଭାଗ ଏବଂ ଅଗ୍ନିଶମ ବାହିନୀକୁ ଘଟଣା ସମ୍ପର୍କରେ ଖବର ଦେବା ପରେ ବିଦ୍ୟୁତ୍ ସରବରାହ ବନ୍ଦ କରାଯାଇଥିଲା। ବାଲୁଗାଁ ଅଗ୍ନିଶମ ବାହିନୀ ପହଞ୍ଚି ଗଛ କାଟି ରାସ୍ତା ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ଦକ୍ଷତାଭିତ୍ତିକ ଶିକ୍ଷାଦାନ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୩ା୯ (ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ୧୦୨ଟି ନୂତନ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଏବଂ ୧୭ଟି ଜିଲାର ଅତିରିକ୍ତ ଶିକ୍ଷା ଅଧିକାରୀଙ୍କୁ ନେଇ ଏକଦିବସୀୟ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ମଙ୍ଗଳବାର କୃଷି ଭବନସ୍ଥିତ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ ଯୋଗଦେଇ ଦକ୍ଷତାଭିତ୍ତିକ ଶିକ୍ଷାଦାନକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ରୋଜଗାରକ୍ଷମ ଓ ଆତ୍ମନିଯୁକ୍ତ କରିବା ପାଇଁ ସେମାନଙ୍କୁ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଶିକ୍ଷାଦାନ କରିବା ପାଇଁ ଏହି କର୍ମଶାଳା ଅନେକ ସୁଯୋଗ ଆଣିଦେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାଶ ଯୋଗଦେଇ ଶିକ୍ଷାଦାନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବିରେନ୍ଦ୍ର କର୍କେରା ଅଧ୍ୟକ୍ଷମାନଙ୍କ ସହିତ ନିଜ ଅନୁଭୂତି ବାଣ୍ଟିବା ସହ ପୂର୍ବରୁ ଉନ୍ନୀତ ଅଧ୍ୟକ୍ଷମାନଙ୍କ ପରାମର୍ଶ ନେବାକୁ କହିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଦିଗ୍‌ଦର୍ଶନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ ଜଣାଇଥିଲେ। ଆଞ୍ଚଳିକ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ରମେଶଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଯୁଗ୍ମନିର୍ଦ୍ଦେଶକ ସସ୍ମିତା ମାଳି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉପନିର୍ଦ୍ଦେଶକ ମଧୁସୂଦନ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ସମ୍ବର୍ଦ୍ଧିତ ହେବେ ୩୨ ପଞ୍ଚାୟତର ୪୫ ବ୍ୟକ୍ତିତ୍ୱ


ବୈଠକରେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ।

ଟାଙ୍ଗୀ, ୨୩ା୯ (ରଘୁନାଥ ସାହୁ)

### ବରିଷ୍ଠ ନାଗରିକ ମଞ୍ଚ ସମ୍ବର୍ଦ୍ଧନା ସମାରୋହ ପ୍ରସ୍ତୁତି ବୈଠକ

ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ତୃତୀୟ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଆସନ୍ତା ଅକ୍ଟୋବର ୪ରେ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ବଳରାମ ଦେବ ମନ୍ଦିରଠାରେ ମଞ୍ଚ ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଟାଙ୍ଗୀ ମା' ରତ୍ନମାଳୀ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ। ଟାଙ୍ଗୀ ବ୍ଲକର ୧୭ ପଞ୍ଚାୟତ, ରଣପୁର ବ୍ଲକର ୯ ପଞ୍ଚାୟତ ଏବଂ ଚିଲିକା ବ୍ଲକର ୬ ପଞ୍ଚାୟତରୁ ଜଣେ ଲେଖାଏ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସମସ୍ତ ପଞ୍ଚାୟତ କମିଟିର କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯିବ ବୋଲି ସମ୍ପାଦକ ବିଜୟ କୁମାର ରାଉତ କହିଛନ୍ତି। ଅତିଥିଭାବେ ମନ୍ତ୍ରୀ, ବିଧାୟକ, ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର କର୍ମକର୍ତ୍ତା ଯୋଗ ଦେବେ ବୋଲି ନିଷ୍ପତ୍ତି ହୋଇଛି। ଉପସଭାପତି ସୁରେନ୍ଦ୍ର ରାଉତ, ସହ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ, ଉପଦେଷ୍ଟା ରଘୁନାଥ ସାହୁ କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ସଫଳତା ପାଇଁ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ କୋଷାଧ୍ୟକ୍ଷ ଉମେଶ ପ୍ରସାଦ ଧଳ, କାର୍ଯ୍ୟନିର୍ବାହୀ ସଦସ୍ୟ ଗୋଦାବରୀଶ ସାହୁ, ରମେଶ ଚନ୍ଦ୍ର ରାଉତ, ମନୋଜ କୁମାର ପାତ୍ର, ଦିଲୀପ କୁମାର ନାଥ, ପ୍ରଶାନ୍ତ କୁମାର ଶ୍ରୀଚନ୍ଦନ, ଅମୂଲ୍ୟ ଚନ୍ଦ୍ର ପାତ୍ର, ତାରା ପ୍ରସାଦ ପଟ୍ଟନାୟକ, ଲିଙ୍ଗରାଜ ସାହୁ, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, ପ୍ରଭାକର ବିଶ୍ୱାଳ, ଲକ୍ଷ୍ମୀଧର ପାଇକରାୟ, ବାଳକୃଷ୍ଣ ମିଶ୍ର, ଘନଶ୍ୟାମ ମହାନ୍ତି, ଅଧିକାରୀ ସୁବୁଦ୍ଧି, ସାରଙ୍ଗଧର ପାଲଟାସିଂ, ଦୁର୍ଗା ଚରଣ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଚ୍ଛେନ୍ଦ ଜୟସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଭର ରେଞ୍ଜରଙ୍କ ଦ୍ୱାରା ବସ୍ତ୍ର ସଂଗ୍ରହ ଅଭିଯାନ

ବାଣପୁର, ୨୩ା୯ (ଦିଲୀପ କୁମାର ସ୍ୱାଇଁ)

ବାଣପୁରସ୍ଥିତ ଗୋଦାବରୀଶ ମହାବିଦ୍ୟାଳୟରେ ମଙ୍ଗଳବାର ପୂର୍ବତନ ଅଧ୍ୟକ୍ଷ ବିନାୟକ ହୋତା, ବର୍ତ୍ତମାନର ଅଧ୍ୟକ୍ଷ ଡ. ସୁର ପ୍ରତାପ ନରେନ୍ଦ୍ରସିଂ ବର୍ମାଙ୍କ ଦ୍ୱାରା ବସ୍ତ୍ର ସଂଗ୍ରହ ଅଭିଯାନ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ରୋଭର, ରେଞ୍ଜରମାନେ ଅନୁଷ୍ଠାନ କର୍ମଚାରୀଙ୍କଠାରୁ ବ୍ୟବହୃତ ପରିଷ୍କାର ବସ୍ତ୍ର ଏବଂ ନୂତନ ବସ୍ତ୍ର ସଂଗ୍ରହ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ଅଭିଯାନ ଏକ ମାସ ପର୍ଯ୍ୟନ୍ତ ଚାଲିବ। ପରବର୍ତ୍ତୀ ପର୍ଯ୍ୟାୟରେ ସଂଗୃହୀତ ବସ୍ତ୍ର ମାଳ ଅଞ୍ଚଳର ବିଭିନ୍ନ ଗ୍ରାମରେ ବାସ କରୁଥିବା ଲୋକମାନଙ୍କୁ ପ୍ରଦାନ କରାଯିବ। ଏହି ଅଭିଯାନରେ ସଞ୍ଚାଳକ ଭାବେ ରୋଭର ଲିଡର ଆଦିତ୍ୟ ସାରଥି ବେଦମାତା ଓ ରେଞ୍ଜର ଲିଡର ଉତ୍କଳିକା ପାଢ଼ୀ ଦାୟିତ୍ୱ ନେଇଛନ୍ତି। ମହାବିଦ୍ୟାଳୟର ଯୁକ୍ତ୨ ଅଧ୍ୟକ୍ଷ ଅର୍ଚ୍ଚନା ତ୍ରିପାଠୀ, ଅଧ୍ୟାପକ ଜୟନ୍ତ ବିହାରୀ, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପଲାଇ, ସତ୍ୟାନନ୍ଦ ମହାରଣା, ଗୁରୁ କିଶୋର ନାୟକ, ନୟନା ପ୍ରଧାନ, ରୋଭର ଶ୍ରୀତୁଷାରକାନ୍ତ, ରେଞ୍ଜର ଶର୍ମିଷ୍ଠାଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ମିଳୁନି ସାର, ଚିନ୍ତାରେ କ୍ଷୁଦ୍ରଚାଷୀ

ନିରାକାରପୁର, ୨୩ା୯ (ମାନସ ଚନ୍ଦ୍ର ପଟ୍ଟନାୟକ)

ଚାଷୀଙ୍କ ପିଛା ଛାଡୁନି ସମସ୍ୟା। ମୌସୁମୀ ଆଗମନ ପରେ ଖରିଫ ଧାନଚାଷ କରିଛନ୍ତି ଚାଷୀ। ସାର ଯୋଗାଣରେ ବ୍ୟାପକ ଅବ୍ୟବସ୍ଥା, କଳାବଜାର ଏବଂ ବଜାରରେ ସାର ମିଳୁ ନ ଥିବାରୁ ଟାଙ୍ଗୀ ବ୍ଲକ ଅଞ୍ଚଳର ଚାଷୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ଖରିଫ ଧାନଚାଷ ପୂର୍ବରୁ ସମବାୟ ସମିତିରେ ପଞ୍ଜୀକରଣ କରିଥିବା ଚାଷୀଙ୍କୁ ସରକାର ସାର ଯୋଗାଇ ଦେଉଥିବା ବେଳେ କ୍ଷୁଦ୍ର ଚାଷୀମାନେ ଏହି ସାର ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ କ୍ଷୁଦ୍ର ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ଏନେଇ କ୍ଷୁଦ୍ରଚାଷୀ ପ୍ରଦୀପ ବେହେରା କହିଛନ୍ତି ଯେ, ସମବାୟ ସମିତିକୁ ସାର ପାଇଁ ଗଲେ ଫେରାଇ ଦେଉଛନ୍ତି। ଯେଉଁମାନେ ମଣ୍ଡିରେ ଧାନ ଦେବା ପାଇଁ ପଞ୍ଜୀକରଣ କରିଛନ୍ତି, ସେମାନେ କେବଳ ସାର ପାଇବେ ବୋଲି କହୁଛନ୍ତି। ଯଦି ସାର ନ ମିଳେ, ଆସନ୍ତା ବର୍ଷଠାରୁ ଆଉ ଚାଷ କରିବି ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏନେଇ କାଶିପୁର ସମବାୟ ସମିତିର ସଭାପତି ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି ଯେ, ଯେଉଁମାନେ ରେଜିଷ୍ଟର ମେମ୍ବର ସେମାନଙ୍କୁ ଆଗ ସାର ଦିଆଯିବ। ଯାହା ବଳିବ ଅନ୍ୟମାନଙ୍କୁ ୭କେଜି ୫୦୦ ଲେଖାଏ ସାର ଦିଆଯିବ ବୋଲି ଜିଲା ପ୍ରଶାସନର ନିର୍ଦ୍ଦେଶ ରହିଛି। ଏ ସମ୍ପର୍କରେ ଏଆରସିଏସ୍ ଭଗମତ ମାରାଣ୍ଡି କହିଛନ୍ତି ଯେ, ସମସ୍ତ ଚାଷୀ ସାର ପାଇବେ। ଯେଉଁମାନେ ପ୍ରଥମ ଥର ପାଇପାହାନ୍ତି, ଏବେ ଗୋଟେ ଲାଟ୍ ଯାଉଛି ସେଥିରେ ସମସ୍ତେ ପାଇବେ ବୋଲି କହିଛନ୍ତି।

## ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ



ଟାଙ୍ଗୀ, ୨୩ା୯ (ରଘୁନାଥ ସାହୁ)

ଜରିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା. ସଂଗ୍ରାମ କେଶରୀ ସାହୁ ଯୋଗଦେଇ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ନାରୀ ସୁସ୍ଥ ରହିଲେ ପରିବାର ସଶକ୍ତ ହୋଇପାରିବ ବୋଲି ଉପସ୍ଥିତ ଡାକ୍ତରମାନେ ମନ୍ତବ୍ୟ ରଖିଥିଲେ। ଜରିପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ମଧୁସ୍ମିତା ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ନିବେଶ ନାଁରେ ୨୩.୬୦ ଲକ୍ଷ ଠକେଇ, ରାଜସ୍ଥାନରୁ ଠକ ଦମ୍ପତି ଗିରଫ

ଭୁବନେଶ୍ୱର, ୨୩ା୯ (ସତ୍ୟଜିତ୍ ରାଉତ)

ନିବେଶ ନାଁରେ ୨୩.୬୦ ଲକ୍ଷ ଠକେଇ ମାମଲାରେ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଠକ ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ ରାଜସ୍ଥାନ ଶ୍ରୀଗଙ୍ଗାନଗର ସଦର ଥାନା ଅଞ୍ଚଳର ଭନ୍‌ୱାର ଭାରତ ସିଂ (୪୧) ଓ ସ୍ତ୍ରୀ ପ୍ରିୟଙ୍କା (୩୭)। ମଙ୍ଗଳବାର କୋର୍ଟ ଚାଲାଣ ପରେ ଅଭିଯୁକ୍ତ ଦମ୍ପତିଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟଙ୍କଠାରୁ ବିଭିନ୍ନ ବ୍ୟାଙ୍କର ପାସ୍‌ବୁକ ଓ ମୋବାଇଲ ଜବତ କରି ପୋଲିସ ତଦନ୍ତ ଜାରି ରଖିଛି।

ଅଭିଯୋଗକାରୀ ସତ୍ୟ ସୁଜିତ ମିଶ୍ର ଖଣ୍ଡଗିରି ଥାନା ଅନ୍ତର୍ଗତ ଏକ ଆପାର୍ଟମେଣ୍ଟରେ ରୁହନ୍ତି। ୨୦୨୨ ଜୁନ୍ ମାସରେ ସେ ଅଭିଯୁକ୍ତଙ୍କ ସହ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍ ଜରିଆରେ ପରିଚିତ ହୋଇଥିଲେ। ଅଭିଯୁକ୍ତ ଭନ୍‌ୱାର ଭାରତ ନିଜକୁ କ୍ରିପ୍ଟୋ କମୋଡିଟି ଆଣ୍ଡ ଷ୍ଟକ୍‌ର ଟ୍ରେଡର ଭାବେ ପରିଚୟ ଦେଇଥିଲେ। ଏଥିସହ ସେଥିରେ ଟଙ୍କା ନିବେଶ କରି ଅଧିକରୁ ଅଧିକ ଲାଭାଂଶ ପାଇବା ପାଇଁ ସତ୍ୟଙ୍କୁ ପ୍ରବର୍ତ୍ତାଇଥିଲେ। ଅଭିଯୁକ୍ତଙ୍କୁ ବିଶ୍ୱାସ କରି ସୁଜିତ୍ ପ୍ରଥମେ ଆକାଉଣ୍ଟ ହୋଲ୍ଡିଂ ଚାର୍ଜ ବାବଦକୁ ୬୦ହଜାର ଟଙ୍କା ଦେଇଥିଲେ। ପରେ ବିଭିନ୍ନ ସମୟରେ ଅଭିଯୁକ୍ତଙ୍କ ବିଭିନ୍ନ ଆକାଉଣ୍ଟକୁ ମୋଟ ୨୩ ଲକ୍ଷ ଟଙ୍କା ପଠାଇଥିଲେ। କିନ୍ତୁ ପରେ ସେ କୌଣସି ଲାଭାଂଶ କିମ୍ବା ଦେଇଥିବା ଟଙ୍କା ଫେରି ପାଇ ନ ଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ଏନେଇ ସୁଜିତ ଥାନାରେ ଏତଲା ଦେଇଥିଲେ। ପୋଲିସ ୨୦୨୪ ଜାନୁଆରୀ ୧୮ରେ ମାମଲା (ନଂ.୧୯/୨୦୨୪) ରୁଜୁ କରି ତଦନ୍ତ କରିଥିଲା।

## ପେଟ୍ରୋଲ ପମ୍ପରେ ଯୋଗାଣ ବିଭାଗର ଚଢ଼ାଉ


ନୂଆଗାଁସ୍ଥିତ ଲିଙ୍ଗରାଜ ପେଟ୍ରୋଲ ପମ୍ପ ଉପରେ ଜିଲା ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି।

ଭୁବନେଶ୍ୱର, ୨୩ା୯ (ସତ୍ୟଜିତ୍ ରାଉତ)

### ଅପମିଶ୍ରିତ ତୈଳ ବିକ୍ରି ଅଭିଯୋଗ

ଅପମିଶ୍ରିତ ତୈଳ ବିକ୍ରିକୁ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସକ୍ରିୟ ହୋଇଛି। ନୂଆଗାଁସ୍ଥିତ ଲିଙ୍ଗରାଜ ପେଟ୍ରୋଲ ପମ୍ପ ଉପରେ ମଙ୍ଗଳବାର ଜିଲା ଯୋଗାଣ ବିଭାଗର ସ୍କ୍ୱାର୍ଡ ଚଢ଼ାଉ କରିଛି। ଯାଞ୍ଚ ବେଳେ ଅଧିକାରୀମାନେ ଡିଜେଲ ମାନରେ କିଛି ତ୍ରୁଟି ପରିଲକ୍ଷିତ କରିଥିଲେ। ଏହାର ନମୁନା ସଂଗ୍ରହ କରାଯାଇ ଫୋରେନ୍‌ସିକ୍ ଲାବୋରେଟୋରିକୁ ପଠାଯାଇଛି। ପମ୍ପରେ ଏକାଧିକ ଅନିୟମିତତା ଦେଖିବାକୁ ମିଳିଥିବା ବିଭାଗ ପକ୍ଷରୁ କୁହାଯାଇଛି। ସେଠାରେ ଥିବା ନିଆଁ ଲିଭା ଯନ୍ତ୍ରର ନବୀକରଣ ନ ହେବା, ସ୍ୟାଣ୍ଡ ବକେଟ୍‌ରେ ବାଲି ନ ରହିବା, ଶୌଚାଳୟ କାର୍ଯ୍ୟକ୍ଷମ ନ ଥିବା ଏବଂ ଆନୁସଙ୍ଗିକ ବ୍ୟବସ୍ଥା ଆଦିରେ ତ୍ରୁଟି ଥିବା ଦେଖିବାକୁ ମିଳିଥିଲା। ଏନେଇ ପମ୍ପର ମାଲିକ ବିଚିତ୍ର ଭୋଳଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏସମ୍ବନ୍ଧୀୟ ତଥ୍ୟ ଜିଲା ଉପରିସ୍ଥ ଅଧିକାରୀ ତଥା ଅଏଲ୍ ମାର୍କେଟିଂ କମ୍ପାନୀର ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଯିବ ବୋଲି ଯୋଗାଣ ବିଭାଗର ଅଧିକାରୀମାନେ କହିଛନ୍ତି। ବିଭିନ୍ନ ସ୍ଥାନରୁ ଆସୁଥିବା ଅଭିଯୋଗକୁ ଭିତ୍ତି କରି ମାପ, ଓଜନ ତଥା ମାନରେ ତ୍ରୁଟି ସୁଧାରିବାକୁ ଜିଲା ଯୋଗାଣ ବିଭାଗ ଆଗକୁ ଏଭଳି ଚଢ଼ାଉ କରିବା ବୋଲି କୁହାଯାଇଛି। ଏହି ଚଢ଼ାଉରେ ଜିଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ର, ବିଏମ୍‌ସି ଅତିରିକ୍ତ ଯୋଗାଣ ଅଧିକାରୀ ରୋହିତ କୁମାର ଦାସ, ଭୁବନେଶ୍ୱର ଉପଖଣ୍ଡର ସହାୟକ ଯୋଗାଣ ଅଧିକାରୀ ସୁନିତା ବେହେରା, ଭୁବନେଶ୍ୱର ବ୍ଲକ ଯୋଗାଣ ନୀରିକ୍ଷକ ସୌମେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## 'ନିଶାମୁକ୍ତ ଓଡ଼ିଶା ପାଇଁ ମିଳିତ ଉଦ୍ୟମ ଆବଶ୍ୟକ'


ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅଧିକାରୀମାନେ।

ଭୁବନେଶ୍ୱର, ୨୩ା୯ (ସୁଚିସ୍ମିତା ସାହୁ)

### ୨ରୁ ସ୍ୱତନ୍ତ୍ର ନିଶା ନିବାରଣ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ

ରାଜ୍ୟରେ ବେଆଇନ ନିଶା କାରବାର ଓ ସେବନ ହେଉଥିବାରୁ ବହୁ ଧନଜୀବନ ହାନି ହେଉଛି। ନିଶା ମଣିଷକୁ ବିପଥଗାମୀ କରାଇବା ସହ ଶରୀରକୁ କ୍ଷତି ପହଞ୍ଚାଉଛି ଏବଂ ମୃତ୍ୟୁର କାରଣ ପାଲଟୁଛି। ତେଣୁ ବେଆଇନ ନିଶାମୁକ୍ତ ଓଡ଼ିଶା କରିବା ସହିତ ଆଜିର ଯୁବପିଢ଼ି ତଥା ସବୁବର୍ଗର ଲୋକଙ୍କୁ ବଞ୍ଚାଇବା ଲାଗି ଆମ ସମସ୍ତଙ୍କୁ ମିଳିତ ଉଦ୍ୟମ କରିବାକୁ ପଡ଼ିବ। ବିଶେଷକରି ପରିବାର, ସ୍କୁଲ-କଲେଜ ତଥା ଗ୍ରାମାଞ୍ଚଳରେ ନିଶା ସେବନର ଅପକାରିତା ବିଷୟରେ ସଚେତନତା ସୃଷ୍ଟି ହେବା ଆବଶ୍ୟକ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଅକ୍ଟୋବର ୨ରୁ ଆରମ୍ଭ ହେବାକୁ ଥିବା ସ୍ୱତନ୍ତ୍ର ସଚେତନତା ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ତଥା 'ଆମ ସଂକଳ୍ପ – ନିଶା ନୁହେଁ ଜୀବନ' ଏବଂ 'ନିଶାମୁକ୍ତ ଭୁବନେଶ୍ୱର'ର ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନ ମନ୍ତ୍ରୀ ଅଧ୍ୟକ୍ଷତା କରି ଏହା କହିଛନ୍ତି।

ଏକ ମାସ ଧରି ଏହି ସଚେତନତା କାର୍ଯ୍ୟକ୍ରମ ଓ ଚଢ଼ାଉ ଅଭିଯାନ ଚାଲିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସଚେତନତା ଶୋଭାଯାତ୍ରା ଏବଂ ମାରାଥନ ଆୟୋଜନ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଜଙ୍ଗଲ ବିଭାଗ ପକ୍ଷରୁ ଗଞ୍ଜେଇ ତଥା ଅଫିମ ଚାଷ ନଷ୍ଟକୁ ବ୍ୟାପକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସଂସ୍କୃତି ବିଭାଗ ଓ ମିଶନ ଶକ୍ତି ପକ୍ଷରୁ ପଥପ୍ରାନ୍ତ ନାଟକ ଓ ସଚେତନତା କାର୍ଯ୍ୟକ୍ରମ କରାଯିବ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବା ଶିବିର, ସଚେତନତା କର୍ମଶାଳା ସହ ସଡ଼କ ସୁରକ୍ଷାର ବାର୍ତ୍ତା ପ୍ରଚାର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, କମିଶନର ପି. ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଶାସନ ସଚିବ ଅର୍ଚ୍ଚନା ଦାସପଟ୍ଟନାୟକ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୋଲିସ କର୍ମଚାରୀଙ୍କୁ ଆକ୍ରମଣ, ଜଣେ ଗିରଫ

ବାଣପୁର, ୨୩।୯ (ଦିଲୀପ କୁମାର ସ୍ୱାଇଁ)

ପୋଲିସ କର୍ମଚାରୀଙ୍କୁ ଗାଳିଗୁଲଜ ସହ ଆକ୍ରମଣ କରିବା ଅଭିଯୋଗରେ ମଙ୍ଗଳବାର ବାଣପୁର ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଭୁଷାପଡା ଗ୍ରାମର ସଞ୍ଜୟ ବିଶ୍ୱାଳ(୪୫)। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ମୁତାବକ, କିଛିଦିନ ହେବ ବାଣପୁର ଅଞ୍ଚଳରେ ବିଭିନ୍ନ ସମବାୟ ସମିତି ମାଧ୍ୟମରେ ଚାଷୀମାନଙ୍କୁ ସାର ବିକ୍ରି କରାଯାଉଛି। ତେବେ ଚାଷୀଙ୍କ ସଂଖ୍ୟା ଅନୁସାରେ କମ୍ ପରିମାଣର ସାର ଯୋଗାଣ ହେଉଥିବାରୁ ବିଭିନ୍ନ ସ୍ଥାନରେ ଅସନ୍ତୋଷ ଦେଖାଦେଉଛି। ମଙ୍ଗଳବାର ଡୁମୁରାପୁଟ ସମବାୟ ସମିତିରେ ସାର ବିକ୍ରି ବେଳେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ବଚସା ଓ ଗାଳିଗୁଲଜ ହେବାରୁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ମୁତୟନ ପୋଲିସ କର୍ମଚାରୀ ଶୃଙ୍ଖଳା ରକ୍ଷା କରିବା ପାଇଁ ତାଗିଦା କରିବାରୁ ସଞ୍ଜୟ ସେମାନଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ସଞ୍ଜୟଙ୍କୁ ଗିରଫ କରିଥିଲା।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ବାଲିଅନ୍ତା, ୨୩। ୯ (ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର ବଇଁଚୁଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣୀ ସମ୍ବନ୍ଧୀୟ ପଲ୍ଲୀରୁ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଡିଓ ରଶ୍ମିତା ନାଥ, ତହସିଲଦାର ଲିଲନ ସାହୁ, ସରପଞ୍ଚ ରଶ୍ମିତା ସାହୁ, ଜିଲାପରିଷଦ ସଭ୍ୟ ମହେଶ୍ୱର ଦାସ, ସମିତି ସଭ୍ୟ ଫଣୀଭୂଷଣ ବାରିକ ଓ ଏମ୍‌ପିଙ୍କ ପ୍ରତିନିଧି ଭାବେ ବିଜୟ କୁମାର ମହାରଣା ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ପଞ୍ଚାୟତର ୮୩ ଜଣ ହିତାଧିକାରୀଙ୍କଠାରୁ ଭତ୍ତା, ରାଶନ କାର୍ଡ, ଗ୍ରାମୀଣ ବାସଗୃହ, ଚିକିତ୍ସା ପାଇଁ ଆର୍ଥିକ ସହାୟତା ଓ ଅନ୍ୟାନ୍ୟ ବିଷୟ ଉପରେ ଲିଖିତ ଆକାରରେ ଅଭିଯୋଗ ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ଅପରାଜିତା ସ୍ୱାଇଁ, ଅତିରିକ୍ତ ଶ୍ରମ ଅଧିକାରୀ ଦେବଶ୍ରୀ ବେହେରା, ଯୋଗାଣ ଅଧିକାରୀ ଶ୍ରଦ୍ଧାଞ୍ଜଳି ସେଠୀ, ବ୍ଲକ ସୋସିଆଲ ସିକ୍ୟୁରିଟି ଅଫିସର ପୂଜାରାଣୀ ବରାଳ, ସିଡିପିଓ ଖୋଲନା ସାହୁ, ସମବାୟ ବିଭାଗର ଏରିଆ ଅଫିସର ଅମିୟ କୁମାର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଗ୍ରାମୀଣ ବାସଗୃହ, ମହିଳା ଓ ଶିଶୁ ବିକାଶ, ଜିଲା ଶିଳ୍ପ କେନ୍ଦ୍ର, ମିଶନ ବାତ୍ସଲ୍ୟ, ଉଦ୍ୟାନ କୃଷି, କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇ ଲୋକମାନଙ୍କୁ ଆବଶ୍ୟକ ପରାମର୍ଶ ଓ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ, ପଞ୍ଚାୟତ ଅଧିକାରୀ ଓ ୱାର୍ଡ଼ର ସଭ୍ୟାସଭ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଅପମିଶ୍ରଣ: ପେଟ୍ରୋଲ ପମ୍ପ୍‌ରେ ଚଢ଼ାଉ

## ଯାଞ୍ଚ କଲା ଯୋଗାଣ ବିଭାଗର ସ୍କ୍ୱାଡ୍

ଭୁବନେଶ୍ୱର, ୨୩।୯ (ସତ୍ୟଜିତ୍ ରାଉତ)

ଅପମିଶ୍ରିତ ତୈଳ ବିକ୍ରିକୁ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସକ୍ରୀୟ ହୋଇଛି। ନୂଆଗାଁସ୍ଥିତ ଲିଙ୍ଗରାଜ ପେଟ୍ରୋଲ ପମ୍ପ ଉପରେ ମଙ୍ଗଳବାର ଜିଲା ଯୋଗାଣ ବିଭାଗର ସ୍କ୍ୱାଡ୍ ଚଢ଼ାଉ କରିଛି। ଯାଞ୍ଚ ବେଳେ ଅଧିକାରୀମାନେ ଡିଜେଲ ମାନରେ କିଛି ତ୍ରୁଟି ପରିଲକ୍ଷିତ କରିଥିଲେ। ଏହାର ନମୁନା ସଂଗ୍ରହ କରାଯାଇ ଫରେନ୍‌ସିକ୍ ଲାବୋରେଟୋରିକୁ ପଠାଯାଇଛି।

ପମ୍ପରେ ଏକାଧିକ ଅନିୟମିତତା ଦେଖିବାକୁ ମିଳିଥିବା ବିଭାଗ ପକ୍ଷରୁ କୁହାଯାଇଛି। ସେଠାରେ ଥିବା ନିଆଁ ଲିଭା ଯନ୍ତ୍ରର ନବୀକରଣ ନ ହେବା, ସ୍ୟାଣ୍ଡ ବକେଟ୍‌ରେ ବାଲି ନ ରହିବା, ଶୌଚାଳୟ କାର୍ଯ୍ୟକ୍ଷମ ନ ଥିବା ଏବଂ



ଲିଙ୍ଗରାଜ ପେଟ୍ରୋଲ ପମ୍ପ ଉପରେ ଯୋଗାଣ ବିଭାଗର ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଉଛି।

ଆନୁଷଙ୍ଗିକ ବ୍ୟବସ୍ଥା ଆଦିରେ ତ୍ରୁଟି ଥିବା ଦେଖିବାକୁ ମିଳିଥିଲା। ଏନେଇ ପମ୍ପର ମାଲିକ ବିଚିତ୍ର ଭୋଳଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏସମ୍ବନ୍ଧୀୟ ତଥ୍ୟ ଜିଲା ଉପରିସ୍ଥ ଅଧିକାରୀ ତଥା ଅଏଲ୍ ମାର୍କେଟିଂ କମ୍ପାନୀର ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଯିବ ବୋଲି ଯୋଗାଣ ବିଭାଗର ଅଧିକାରୀମାନେ କହିଛନ୍ତି। ବିଭିନ୍ନ ସ୍ଥାନରୁ ଆସୁଥିବା ଅଭିଯୋଗକୁ ଭିତ୍ତି କରି ମାପ, ଓଜନ ତଥା ମାନରେ ତ୍ରୁଟି ସୁଧାରିବାକୁ ଜିଲା ଯୋଗାଣ ବିଭାଗ ଆଗକୁ ଏଭଳି ଚଢ଼ାଉ କରିବ ବୋଲି କୁହାଯାଇଛି।

ଏହି ଚଢ଼ାଉରେ ଜିଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ର, ବିଏମ୍‌ସି ଅତିରିକ୍ତ ଯୋଗାଣ ଅଧିକାରୀ ରୋହିତ କୁମାର ଦାସ, ଭୁବନେଶ୍ୱର ଉପଖଣ୍ଡର ସହାୟକ ଯୋଗାଣ ଅଧିକାରୀ ସୁନିତା ବେହେରା, ଭୁବନେଶ୍ୱର ବ୍ଲକ ଯୋଗାଣ ନିରୀକ୍ଷକ ସୌମେନ୍ଦ୍ର ମହାନ୍ତି ପ୍ରମୁଖ ସାମିଲ ଥିଲେ।

# ଅଙ୍କୁରା ହସ୍ପିଟାଲରେ ମାଗଣା ଜେନେଟିକ୍ ପରାମର୍ଶ, ବିରଳ ରୋଗ କ୍ଲିନିକ





ଭୁବନେଶ୍ୱର, ୨୩।୯ (ଅନୁରାଧା ମହାରଣା)

ଆୟୁ ସ୍ୱାସ୍ଥ୍ୟ ଏବଂ ଗବେଷଣା ଫାଉଣ୍ଡେଶନ ସହିତ ମିଳିତ ଭାବେ ମହିଳା ଓ ଶିଶୁଙ୍କ ପାଇଁ ବାପୁଜୀନଗରସ୍ଥିତ ଅଙ୍କୁରା ହସ୍ପିଟାଲରେ ମାଗଣା ଜେନେଟିକ ପରାମର୍ଶ ଓ ବିରଳ ରୋଗ କ୍ଲିନିକ ଆରମ୍ଭ ହୋଇଛି। ଏହି ଅଗ୍ରଣୀ ପଦକ୍ଷେପ ଆନୁବଂଶିକ ବିକାର ଓ ବିରଳ ରୋଗ ଦ୍ୱାରା ପ୍ରଭାବିତ ପରିବାରଗୁଡ଼ିକୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବା ଲକ୍ଷ୍ୟ ରଖିଛି, ଯେଉଁମାନଙ୍କ ମଧ୍ୟରୁ ଅନେକ ସମୟୋଚିତ ନିର୍ଣ୍ଣୟ ଏବଂ ସୁଲଭ ଯତ୍ନ ପାଇବାରେ ଚ୍ୟାଲେଞ୍ଜର ସମ୍ମୁଖୀନ ହୁଅନ୍ତି। ଓଡ଼ିଶା ଏବଂ ପୂର୍ବଭାରତରେ ଏହି ପ୍ରକାରର ପ୍ରଥମ କ୍ଲିନିକ।

ସୂଚନାଥାଉକି, ଆୟୁ ଫାଉଣ୍ଡେଶନ ହେଉଛି ସ୍ୱାସ୍ଥ୍ୟ, ଆଶା ଏବଂ ପ୍ରତ୍ୟେକ ମହିଳା ଓ ଶିଶୁଙ୍କ ସଶକ୍ତୀକରଣ ପାଇଁ ପ୍ରତିବଦ୍ଧ ଏକ ଅଣଲାଭକାରୀ ସଂଗଠନ। ଏହାର କାର୍ଯ୍ୟକ୍ରମଗୁଡ଼ିକ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, କିଶୋର କଲ୍ୟାଣ, ମା'ମାନଙ୍କ ପାଇଁ ଡିଜିଟାଲ ସାକ୍ଷରତା ଏବଂ ସାମୁଦାୟିକ ସ୍ୱାସ୍ଥ୍ୟ ପ୍ରାଧିକରଣକୁ ବ୍ୟାପ୍ତ, ଯାହାର ଲକ୍ଷ୍ୟ ଅନୁନ୍ନତ ଜନସଂଖ୍ୟା ପର୍ଯ୍ୟନ୍ତ ପହଞ୍ଚିବା ଉପରେ ରହିଛି। ଭୌଗୋଳିକ କିମ୍ବା ସାମାଜିକ–ଆର୍ଥିକ ପ୍ରତିବନ୍ଧକ ଯୋଗୁ କୌଣସି ମହିଳା କିମ୍ବା ଶିଶୁ ଯେପରି ପଛରେ ନ ପଡ଼ନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଏହି ଫାଉଣ୍ଡେଶନ କାର୍ଯ୍ୟ କରେ।

# ଜୟବାବା ଅଟୋମୋବାଇଲ୍ସରେ ରେକର୍ଡସଂଖ୍ୟକ ସେଲ୍





ଭୁବନେଶ୍ୱର, ୨୩।୯ (ଅନୁରାଧା ମହାରଣା)

ଭାରତସରକାରଙ୍କ ଜିଏସ୍‌ଟି ୨.୦ ସଂସ୍କାର ଲାଗୁ ହେବା ସହ ଅଟୋମୋବାଇଲ କ୍ଷେତ୍ରରେ ନୂଆ ଯୁଗର ଆରମ୍ଭ ହୋଇଛି। ଭୁବନେଶ୍ୱର ଲୁଇସ୍‌ରୋଡ୍‌ସ୍ଥିତ ଜୟବାବା ଅଟୋମୋବାଇଲ୍‌ସ ରୟାଲ ଏନ୍‌ଫିଲ୍ଡ ଶୋ'ରୁମ୍‌ରେ ରେକର୍ଡସଂଖ୍ୟକ ସେଲ୍ ହୋଇଛି। ସେପ୍ଟେମ୍ବର ୨୨ରୁ ଲାଗୁ ହୋଇଥିବା ଏହି ନୂଆ କର ବ୍ୟବସ୍ଥା ଅଧୀନରେ ଏକ ଦିନରେ ୧୦୨ଟି ବାଇକ ବିକ୍ରି ହୋଇ ଏକ ରେକର୍ଡ ସୃଷ୍ଟି କରିଛି। ଏହା ସଂସ୍ଥାର ଇତିହାସରେ ସବୁଠାରୁ ବେଶି ଏକଦିନର ବିକ୍ରି ରେକର୍ଡ।

ଶୋ'ରୁମ୍ ମାଲିକ ମାଧବ ଲୋଧା ଏବଂ ହର୍ଷିତ ଲୋଧା ଏହି ଅବସରରେ କହିଛନ୍ତି, ଜିଏସ୍‌ଟି ୨.୦ ଗ୍ରାହକଙ୍କ ମୁହଁରେ ହସ ଆଣିଛି। ବୁଲେଟ, ଯାହା ପୂର୍ବରୁ ଅନେକଙ୍କ ପାଇଁ ଅପ୍ରାପ୍ୟ ସ୍ୱପ୍ନର ବାଇକ ଥିଲା, ଏବେ ସେମାନେ ସହଜରେ ପାଇପାରୁଛନ୍ତି। ସୂଚନାଥାଉକି, ଜିଏସ୍‌ଟି ହ୍ରାସ ପରେ ରୟାଲ ଏନ୍‌ଫିଲ୍ଡ ୩୫୦ ସିସି ପର୍ଯ୍ୟନ୍ତ ମଡେଲଗୁଡ଼ିକରେ ଜିଏସ୍‌ଟି ୨୮ରୁ ୧୮% ହ୍ରାସ ପାଇଛି, ଯାହା ସାଧାରଣ ଗ୍ରାହକଙ୍କ ପାଇଁ ସୁବିଧା। ଏହି ରେକର୍ଡ ବିକ୍ରି ଜିଏସ୍‌ଟି ୨.୦ର ପ୍ରଭାବକୁ ସ୍ପଷ୍ଟ ଭାବେ ଦର୍ଶାଉଛି। ସେପ୍ଟେମ୍ବର ୨୨ରୁ ଲାଗୁହୋଇ କାର ଓ ବାଇକ୍ ଭଳି ଅଟୋମୋବାଇଲ ପ୍ରସ୍ତୁତିକୁ ଅଧିକ ସୁଲଭ କରିଛି।



ସୂଚନା ଭବନରେ ମଙ୍ଗଳବାର ସଙ୍ଗୀତ ଉପାସନା ପକ୍ଷରୁ ଆୟୋଜିତ ସ୍ୱରାଞ୍ଜଳି କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରାଯାଉଛି।

### କୂଅରୁ ପାଣି ନେବାକୁ ମନା, ଥାନାରେ ଅଭିଯୋଗ

ବାରଙ୍ଗ, ୨୩।୯ (ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅନ୍ତର୍ଗତ ପାଟପୁର ଗ୍ରାମରେ ଥିବା ଏକ ସରକାରୀ କୂଅରୁ ପାଣି ନେବାକୁ ମନା କରିବାରୁ ମଙ୍ଗଳବାର ଗ୍ରାମବାସୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ପାଟପୁର ଗ୍ରାମର ଭାଗବତ ଗୃହ ନିକଟ ରାସ୍ତାକଡ଼ରେ ସରକାରୀ ଅନୁଦାନରେ ଗୋଟିଏ କୂଅ ଖୋଳା ଯାଇଥିଲା। ଏହିଠାରୁ ଗ୍ରାମବାସୀ ନିଜର ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ପାଣି ନେଉଥିଲେ। ମାତ୍ର ଗ୍ରାମର ୨ଜଣ ବ୍ୟକ୍ତି ଏହାକୁ ବିରୋଧ କରିଥିଲେ। କୂଅ ଥିବା ସ୍ଥାନ ସରକାରୀ ନୁହେଁ ବରଂ ତାଙ୍କର ନିଜ ଜାଗା ବୋଲି ଦାବି କରିଥିଲେ। ଏପରିକି ପାଣି ନେବାକୁ ଆସୁଥିବା ଗ୍ରାମବାସୀଙ୍କୁ ବାରଣ କରିଥିଲେ। ଏନେଇ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ପରେ ପୋଲିସ ଉଭୟ ପକ୍ଷଙ୍କୁ ଡାକି ପଚରାଉଚରା କରିବା ସହ ତଦନ୍ତ ଆରମ୍ଭ କରିଛି।

### ବେଆଇନ ବାଣ ଗୋଦାମରେ ଚଢ଼ାଉ

୧୦ଲକ୍ଷ ଟଙ୍କାର କଞ୍ଚାମାଲ ଜବତ, ଜଣେ ଗିରଫ

ବ୍ରାହ୍ମଣଝରିଲୋ, ୨୩।୯

କଟକ ସଦର ଥାନା ଅନ୍ତର୍ଗତ ଭାଣପୁରରେ ମଙ୍ଗଳବାର ରାତିରେ ବେଆଇନ ବାଣ ଗୋଦାମ ଉପରେ ଚଢ଼ାଉ ହୋଇଛି। ଏହି ଚଢ଼ାଉରେ ପୋଲିସ ପ୍ରାୟ ୧୦ ଲକ୍ଷ ଟଙ୍କାର ବାଣ ପ୍ରସ୍ତୁତି ପାଇଁ ରହିଥିବା କଞ୍ଚାମାଲ ଜବତ କରିଛି। ଏଥିସହିତ ସାଧୁ ଚରଣ ପରିଡ଼ା ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଆଗକୁ ଦଶହରା ଏବଂ ଦୀପାବଳି ଆସୁଥିବାରୁ ବିଭିନ୍ନ ସ୍ଥାନରେ ବେଆଇନ ବାଣ ତିଆରି ହେଉଥିବା ଅଭିଯୋଗ ହେଉଛି। ଭାଣପୁରରେ ବେଆଇନ ବାଣ ପ୍ରସ୍ତୁତ ନେଇ ସୂଚନା ପାଇ ଜୋନ୍-୪ ଏସିପି ଶଶିକାନ୍ତ ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ଗୋଦାମ ଉପରେ ଚଢ଼ାଉ କରିଥିଲା। ବେଆଇନ ବାଣ ପ୍ରସ୍ତୁତ କରୁଥିବା ଅସାଧୁ ବ୍ୟକ୍ତି ସୁଧୁରି ଯାଆନ୍ତୁ, ନଚେତ୍ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସିପି ରାଉତ କହିଛନ୍ତି।

# ଜିଏସ୍‌ଟି ସଂସ୍କାର ଜନତାଙ୍କୁ ଦୀପାବଳି ଉପହାର: ଯୋଗୀ



ଗୋରଖପୁରରେ ସଚେତନତା ଶୋଭାଯାତ୍ରାରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ।

ଭୁବନେଶ୍ୱର, ୨୩।୯ (ଅନୁରାଧା ମହାରଣା)

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସମ୍ପ୍ରତି ଘୋଷିତ ଜିଏସ୍‌ଟି ସଂସ୍କାରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପକ୍ଷରୁ ଦେଶବାସୀଙ୍କୁ ଦୀପାବଳି ଉପହାର ବୋଲି କହିଛନ୍ତି। ସୋମବାର ଗୋରଖପୁରରେ ଜିଏସ୍‌ଟି ସଂସ୍କାର ସମ୍ପର୍କିତ ଜନସଚେତନତା ଶୋଭାଯାତ୍ରାରେ ଯୋଗଦେଇ ଯୋଗୀ କହିଛନ୍ତି, ଏହି ସଂସ୍କାର ଜନତାଙ୍କ କ୍ରୟ ଶକ୍ତି ବୃଦ୍ଧି, ଚାହିଦା ବୃଦ୍ଧି ଏବଂ ରୋଜଗାର ସୃଷ୍ଟିକୁ ପ୍ରୋତ୍ସାହିତ କରିବ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନିର୍ଦ୍ଦେଶରେ ଶାରଦୀୟ ନବରାତ୍ରିର ପ୍ରଥମ ଦିନରୁ ଏହି ପରିବର୍ତ୍ତନ କାର୍ଯ୍ୟକାରୀ ହୋଇଛି। ଅର୍ଥନୈତିକ ଚକ୍ରକୁ ବ୍ୟାଖ୍ୟା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଜିଏସ୍‌ଟି ହ୍ରାସ କ୍ରୟ ଶକ୍ତି ବୃଦ୍ଧି କରିବ, ଯାହା ଚାହିଦା ବଢ଼ାଇବ। ଚାହିଦା ବୃଦ୍ଧି ଉପଯୋଗ ବଢ଼ାଇବ, ଉପଯୋଗ ଉତ୍ପାଦନକୁ ଉତ୍ସାହିତ କରିବ ଓ ଉଚ୍ଚ ଉତ୍ପାଦନ ନୂଆ ରୋଜଗାର ସୁଯୋଗ ସୃଷ୍ଟି କରିବ। ଏହାକୁ ଏଯାବତ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିଏସ୍‌ଟି ସଂସ୍କାର ବୋଲି କହିବା ସହ ଅନେକ ଦ୍ରବ୍ୟ ଓ ସେବା ଉପରେ ଟିକସ ୫% ବା ଶୂନ କରାଯାଇଛି। ଜୀବନ ରକ୍ଷାକାରୀ ଔଷଧ ସଂପୂର୍ଣ୍ଣ ଟିକସମୁକ୍ତ ହୋଇଥିବା ବେଳେ ଅନ୍ୟ ଅତ୍ୟାବଶ୍ୟକ ଔଷଧ ଉପରେ ଟିକସ ୫%କୁ ହ୍ରାସ ପାଇଛି। କୃଷି ଉପକରଣ ଉପରେ ଜିଏସ୍‌ଟି ୫% ବା ଶୂନ ଏବଂ ଶିକ୍ଷା ସାମଗ୍ରୀ ଉପରେ ଟିକସ ୧୨% ରୁ ଶୂନ୍ୟକୁ ହ୍ରାସ କରାଯାଇଛି। ଜିଏସ୍‌ଟି ଏକ, କିନ୍ତୁ ଏହାର ଲାଭ ଅନେକ। ଏହା ଅର୍ଥନୀତିକୁ ଶକ୍ତିଶାଳୀ କରିବ, ବଜାରକୁ ବିସ୍ତାର କରିବ ଏବଂ ପ୍ରତ୍ୟେକ ଘରେ ସମୃଦ୍ଧି ଆଣିବ। ଅଧିକ କ୍ରୟଶକ୍ତି ସହ ଜନତା ଉତ୍ସାହ ଓ ଆନନ୍ଦରେ ଉତ୍ସବ ପାଳନ କରିବେ। ସେ ଏହି ଜିଏସ୍‌ଟି ସଂସ୍କାର ପାଇଁ ପ୍ରଧାନମନ୍ତ୍ରୀ ମୋଦି ଓ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ନିବେଶ ନାଁରେ ୨୩.୬୦ ଲକ୍ଷ ଠକେଇ, ରାଜସ୍ଥାନରୁ ଠକ ଦମ୍ପତି ଗିରଫ

ଭୁବନେଶ୍ୱର, ୨୩।୯ (ସତ୍ୟଜିତ୍ ରାଉତ)

ନିବେଶ ନାଁରେ ୨୩.୬୦ ଲକ୍ଷ ଟଙ୍କା ଠକେଇ ମାମଲାରେ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଠକ ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ ରାଜସ୍ଥାନ ଶ୍ରୀଗଙ୍ଗାନଗର ସଦର ଥାନା ଅଞ୍ଚଳର ଭନ୍‌ୱାର ଭାରତ ସିଂ (୪୧) ଓ ସ୍ତ୍ରୀ ପ୍ରିୟଙ୍କା (୩୭)। ମଙ୍ଗଳବାର କୋର୍ଟ ଚାଲାଣ ପରେ ଅଭିଯୁକ୍ତ ଦମ୍ପତିଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟଙ୍କଠାରୁ ବିଭିନ୍ନ ବ୍ୟାଙ୍କର ପାସ୍‌ବୁକ ଓ ମୋବାଇଲ ଜବତ କରି ପୋଲିସ ତଦନ୍ତ ଜାରି ରଖିଛି।

ଅଭିଯୋଗକାରୀ ସତ୍ୟ ସୁଜିତ ମିଶ୍ର ଖଣ୍ଡଗିରି ଥାନା ଅନ୍ତର୍ଗତ ଏକ ଆପାର୍ଟମେଣ୍ଟରେ ରୁହନ୍ତି। ୨୦୨୨ ଜୁନ୍‌ରେ ସେ ଅଭିଯୁକ୍ତଙ୍କ ସହ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍ ଜରିଆରେ ପରିଚିତ ହୋଇଥିଲେ। ଅଭିଯୁକ୍ତ ଭନ୍‌ୱାର ଭାରତ ନିଜକୁ କ୍ରିପ୍ଟୋ କମୋଡିଟି ଆଣ୍ଡ ଷ୍ଟକ୍‌ର ଟ୍ରେଡର ଭାବେ ପରିଚୟ ଦେଇଥିଲେ। ଏଥିସହ ସେଥିରେ ଟଙ୍କା ନିବେଶ କରି ଅଧିକରୁ ଅଧିକ ଲାଭାଂଶ ପାଇବା ପାଇଁ ସତ୍ୟଙ୍କୁ ପ୍ରବର୍ତ୍ତାଇଥିଲେ। ଅଭିଯୁକ୍ତଙ୍କୁ ବିଶ୍ୱାସ କରି ସୁଜିତ୍ ପ୍ରଥମେ ଆକାଉଣ୍ଟ ହୋଲ୍ଡିଂ ଚାର୍ଜ ବାବଦକୁ ୬୦ହଜାର ଟଙ୍କା ଦେଇଥିଲେ। ପରେ ବିଭିନ୍ନ ସମୟରେ ଅଭିଯୁକ୍ତଙ୍କ ବିଭିନ୍ନ ଆକାଉଣ୍ଟକୁ ମୋଟ ୨୩ ଲକ୍ଷ ଟଙ୍କା ପଠାଇଥିଲେ। କିନ୍ତୁ ପରେ ସେ କୌଣସି ଲାଭାଂଶ କିମ୍ବା ଦେଇଥିବା ଟଙ୍କା ଫେରି ପାଇ ନ ଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ଏନେଇ ସୁଜିତ ଥାନାରେ ଏତଲା ଦେଇଥିଲେ। ପୋଲିସ ୨୦୨୪ ଜାନୁଆରୀ ୧୮ରେ ମାମଲା (ନଂ.୧୯/୨୦୨୪) ରୁଜୁ କରି ତଦନ୍ତ କରିଥିଲା।





ଶାନ୍ତିଶୃଙ୍ଖଳାର ସହ ଦୁର୍ଗାପୂଜା ପାଳନ ଉପଲକ୍ଷେ ମଙ୍ଗଳବାର ବୁଦ୍ଧମନ୍ଦିରଠାରେ ଭୁବନେଶ୍ୱର ଶାନ୍ତିକମିଟି ବୈଠକରେ ବିଧାୟକ ବାବୁ ସିଂଙ୍କ ସହ ଅତିଥି ଓ କମିଟିର ସଦସ୍ୟ।

# 'ନିଶାମୁକ୍ତ ଓଡ଼ିଶା ପାଇଁ ମିଳିତ ଉଦ୍ୟମ ଆବଶ୍ୟକ'



ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅଧିକାରୀବୃନ୍ଦ।

## ୨ରୁ ସ୍ୱତନ୍ତ୍ର ନିଶା ନିବାରଣ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ

ଭୁବନେଶ୍ୱର, ୨୩।୯ (ସୁଚିସ୍ମିତା ସାହୁ)

ରାଜ୍ୟରେ ବେଆଇନ ନିଶା କାରବାର ଓ ସେବନ ହେଉଥିବାରୁ ବହୁ ଧନଜୀବନ ହାନି ହେଉଛି। ନିଶା ମଣିଷକୁ ବିପଥଗାମୀ କରାଇବା ସହ ଶରୀରକୁ କ୍ଷତି ପହଞ୍ଚାଉଛି ଏବଂ ମୃତ୍ୟୁର କାରଣ ପାଲଟୁଛି। ତେଣୁ ବେଆଇନ ନିଶାମୁକ୍ତ ଓଡ଼ିଶା କରିବା ସହିତ ଆଜିର ଯୁବପିଢ଼ି ତଥା ସବୁବର୍ଗର ଲୋକଙ୍କୁ ବଞ୍ଚାଇବା ଲାଗି ଆମ ସମସ୍ତଙ୍କୁ ମିଳିତ ଉଦ୍ୟମ କରିବାକୁ ପଡ଼ିବ। ବିଶେଷକରି ପରିବାର, ସ୍କୁଲ-କଲେଜ ତଥା ଗ୍ରାମାଞ୍ଚଳରେ ନିଶା ସେବନର ଅପକାରିତା ବିଷୟରେ ସଚେତନତା ସୃଷ୍ଟି ହେବା ଆବଶ୍ୟକ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଅକ୍ଟୋବର ୨ରୁ ଆରମ୍ଭ ହେବାକୁ ଥିବା ସ୍ୱତନ୍ତ୍ର ସଚେତନତା ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ତଥା 'ଆମ ସଂକଳ୍ପ – ନିଶା ନୁହେଁ ଜୀବନ' ଏବଂ 'ନିଶାମୁକ୍ତ ଭୁବନେଶ୍ୱର'ର ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନ ମନ୍ତ୍ରୀ ଅଧ୍ୟକ୍ଷତା କରି ଏହା କହିଛନ୍ତି।

ଏକ ମାସ ଧରି ଏହି ସଚେତନତା କାର୍ଯ୍ୟକ୍ରମ ଓ ଚଢ଼ାଉ ଅଭିଯାନ ଚାଲିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସଚେତନତା ଶୋଭାଯାତ୍ରା ଏବଂ ମାରାଥନ ଆୟୋଜନ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଜଙ୍ଗଲ ବିଭାଗ ପକ୍ଷରୁ ଗଞ୍ଜେଇ ତଥା ଅଫିମ ଚାଷ ନଷ୍ଟକୁ ବ୍ୟାପକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସଂସ୍କୃତି ବିଭାଗ ଓ ମିଶନ ଶକ୍ତି ପକ୍ଷରୁ ପଥପ୍ରାନ୍ତ ନାଟକ ଓ ସଚେତନତା କାର୍ଯ୍ୟକ୍ରମ କରାଯିବ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବା ଶିବିର, ସଚେତନତା କର୍ମଶାଳା ସହ ସଡ଼କ ସୁରକ୍ଷାର ବାର୍ତ୍ତା ପ୍ରଚାର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, କମିଶନର ପି. ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଶାସନ ସଚିବ ଅର୍ଚ୍ଚନା ଦାସପଟ୍ଟନାୟକ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୫୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ

**ସାଲେପୁର,୨୩।୯(ଅରବିନ୍ଦ ଭୂୟାଁ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ଅକ୍ଟୋବର ୨ ପର୍ଯ୍ୟନ୍ତ ହେଉଥିବା ସେବାପକ୍ଷ ପାଳନ ଜାରି ରହିଛି। ଏହି ଅବସରରେ ସାଲେପୁର ଅନ୍ତର୍ଗତ ରାମେଶ୍ୱର ମଣ୍ଡଳ ଅଧୀନ ମହଣ ପଞ୍ଚାୟତ ପୁରୁଣା ଖେଳ ପଡିଆ ପାର୍ଶ୍ୱରେ ଏକ୍ ପେଡ୍ ମା' କେ ନାମ୍ ଜରିଆରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ୫୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଛି। ମନୋଜ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ସାଲେପୁର ଭାଜପା ନେତା ହିମାଂଶୁ ମହାନ୍ତି ଯୋଗଦେଇ ବୃକ୍ଷ ହି ଜୀବନ, ପ୍ରତ୍ୟେକ ଲୋକ କିଛି ଗଛ ଲଗାଇବା ସହିତ ଏହାର ରକ୍ଷଣାବେକ୍ଷଣ କରିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସଂଗଠକ ସନାତନ ଦାଶ, ପ୍ରକାଶକ ତଥା କବି ଚନ୍ଦ୍ରମଣି ଭୂୟାଁ, ଶାସ୍ତ୍ରୀ ବାହାଦୁର ପ୍ରଧାନ, ଇତିଶ୍ରୀ ମିଶ୍ର, ତୁଳସୀ ରାଣୀ ଦାସ, ପୂର୍ବତନ ସରପଞ୍ଚ ସୁକାନ୍ତ ବେହେରା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ପୁରୁଷ, ମହିଳାକର୍ମୀମାନେ ଏକାଠି ହୋଇ ଚାରା ଲଗାଇ ଥିଲେ। କାର୍ଯ୍ୟକ୍ରମକୁ ରିତେଶ ଦାସ, କାର୍ତ୍ତିକ ବେହେରା, ରାଜୀବ ଦ୍ୱିବେଦୀ, ବିଜୟ ମହାନ୍ତି, ଅରୁଣ ଲେଙ୍କା, ସୁକାନ୍ତ ଷଡ଼ଙ୍ଗୀ, ଅନ୍ତର୍ଯ୍ୟାମୀ ସାହୁ, ଅଜୟ ସ୍ୱାଇଁ, ନବଘନ ନନ୍ଦ, ଏସ୍‌କେ ଶିକନ୍ଦର, ଶଶିକାନ୍ତ ମହାନ୍ତି, ରେଣୁବାଳା ରାଉତ, ପୁଷ୍ପଲତା ଦତ୍ତ, ମଧୁସ୍ମିତା ମହାନ୍ତି, ଲକ୍ଷ୍ମୀପ୍ରିୟା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

### ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକ

**ଆଠଗଡ,୨୩।୯(ସତ୍ୟପ୍ରସାଦ ରଥ):** ଆଠଗଡ ଏନ୍‌ଏସି ଅନ୍ତର୍ଗତ ବୀର କିଶୋରପୁର ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ଧରଣୀଧର ସାହୁ(୭୪)ଙ୍କ ମଙ୍ଗଳବାର ହୃଦଘାତରେ ପରଲୋକ ଘଟିଛି। ସ୍ୱର୍ଗତ ସାହୁ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ସେ ହୃଦଘାତରେ ଆକ୍ରାନ୍ତ ହୋଇଥିଲେ। ପରିବାର ପକ୍ଷରୁ ସାହୁଙ୍କୁ ଆଠଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସାହୁଙ୍କ ୩ପୁଅ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଖବରପାଇ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାମାଜିକ କର୍ମୀ ଲକ୍ଷ୍ମୀ ନାରାୟଣ ଭଞ୍ଜ, ସୁଧାକର ସାହୁ ପ୍ରମୁଖ ପହଞ୍ଚି ସାହୁଙ୍କ ଶେଷ ଦର୍ଶନ କରିଥିଲେ। ପୈତୃକ ଗ୍ରାମ ଜାଗିଆପଡାଠାରେ ସାହୁଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ସଞ୍ଜୟ ମୁଖାଗ୍ନି ଦେଇଛନ୍ତି। ତାଙ୍କ ପରଲୋକରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଗାଡ଼ି ଧକ୍କାରେ ଶାଳିଆପତନୀ ମୃତ

**ତ୍ରିଶୂଳିଆ, ୨୩।୯(ତୁଷାର କାନ୍ତ ବେହେରା):** ବାରଙ୍ଗ ଥାନା ଅନ୍ତର୍ଗତ ରେଲୱେ ଷ୍ଟେଶନ ନିକଟବର୍ତ୍ତୀ ମା' କନକ ଦୁର୍ଗା ମନ୍ଦିର ସମ୍ମୁଖ ରାସ୍ତାରେ ଗାଡି ଧକ୍କାରେ ଏକ ଶାଳିଆପତନୀର ମୃତ୍ୟୁ ଘଟିଛି। ଏହାର ବୟସ ଏକ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ବିଶ୍ୱ ବନ୍ୟପ୍ରାଣୀ ଧାରା ୧ ଅନୁଯାୟୀ ଏହି ପ୍ରଜାତିର ଶାଳିଆପତନୀ ସଂରକ୍ଷିତ ପ୍ରାଣୀ ତାଲିକାଭୁକ୍ତ ବୋଲି ସୂଚନା ମିଳିଛି।

# ପ୍ରଶାସନ ପକ୍ଷରୁ ଲାଗିଥିବା କଟକଣାକୁ ବିରୋଧ

- ବାଲିଯାତ୍ରା ଉପରପଡ଼ିଆରେ କରିବା ସହ ବିଭିନ୍ନ ସମସ୍ୟା ସମାଧାନ ଦାବି
- ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲା ସୁଭାଷ ସଙ୍ଗଠନ

**କଟକ,୨୩।୯(ଶିଳ୍ପା ପ୍ରିୟଦର୍ଶିନୀ)**



ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ସୁଭାଷ ସଙ୍ଗଠନ ସଦସ୍ୟବୃନ୍ଦ।

କଟକର ଐତିହ୍ୟ, ସନାତନ ଧର୍ମ, ସଂସ୍କୃତି ଓ ପରମ୍ପରାକୁ କ୍ଷୁର୍ଣ୍ଣ କରି ପୂଜାପାର୍ବଣ ସମୟରେ ପ୍ରଶାସନ ପକ୍ଷରୁ ଲଗାଯାଇଥିବା କଟକଣାକୁ ବିରୋଧ କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସୁଭାଷ ସଙ୍ଗଠନ ପକ୍ଷରୁ କଟକ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ସହରର ବିଭିନ୍ନ ଆବର୍ଜନା ପାଣି ନଦୀରେ ମିଶୁଥିବାବେଳେ ପ୍ରଶାସନର କୌଣସି କଟକଣା ଦେଖିବାକୁ ମିଳୁନାହିଁ। ମାତ୍ର କଟକର ଐତିହ୍ୟ, ସନାତନ ଧର୍ମ, ସଂସ୍କୃତି ଓ ପରମ୍ପରାକୁ ପୂଜା ପାର୍ବଣ ସମୟରେ ବିଭିନ୍ନ କଟକଣା ଲଗାଇ ଯେଉଁଭଳି ଭାବେ ସଙ୍କୁଚିତ କରିବାକୁ ଯୋଜନା କରାଯାଉଛି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କେଉଁ ଆବାହମାନକାଳରୁ ମୃଣ୍ମୟ ପ୍ରତିମୂର୍ତ୍ତିକୁ ନଦୀରେ ବିସର୍ଜନ କରିବାର ପରମ୍ପରା ରହି ଆସିଥିବାବେଳେ କଟକଣାର ଆଳ ଦେଖାଇ ଗତ କିଛିବର୍ଷ ହେବ ପ୍ରଶାସନ ପକ୍ଷରୁ ନଦୀକୂଳରେ ଏକ କୃତ୍ରିମ ପୋଖରୀ ତିଆରି କରି ସେଠାରେ ନିତୀନିୟମକୁ ଉଲ୍ଲଂଘନ କରି ମା'ଙ୍କ ବିସର୍ଜନ କରାଯାଉଛି। ଯାହାଦ୍ୱାରା ସହରବାସୀଙ୍କ ଧାର୍ମିକ ଭାବନାକୁ କୁଠାରଘାତ ପହଞ୍ଚାଇଛି। ସେହିପରି ଦଶହରା ପର୍ବରେ ସହରରେ ସାଜସଜ୍ଜା ଓ ତୋରଣ ପାଇଁ କଟକ ସହର ପ୍ରସିଦ୍ଧ। ମାତ୍ର ଦୁଃଖ ଓ ପରିତାପର ବିଷୟ ପ୍ରଶାସନ ପକ୍ଷରୁ ଏହା ଉପରେ ମଧ କଟକଣା ଲଗାଯାଉଛି। ଅନ୍ୟପଟେ ଐତିହାସିକ ବାଲିଯାତ୍ରା କଟକ ଆୟୋଜନ ନେଇ ମଧ୍ୟ ପ୍ରଶାସନ ଚକ୍ରାନ୍ତ କରି ସଙ୍କୁଚିତ କରିବାରେ ଲାଗିଛନ୍ତି। ଏପରିକି ଉପରବାଲିଯାତ୍ରା ପଡିଆ ବଦଳରେ କେବଳ ତଳ ପଡିଆରେ କରିବା ଘଟଣା କଟକବାସୀଙ୍କ ଭାବାବେଗକୁ ଆଘାତ ଦେଇଛି। ପ୍ରସଶାନ ପକ୍ଷରୁ ଏହି ନିଷ୍ପତ୍ତିକୁ ପୁନର୍ବିଚାର କରାଯାଇ ବିଭିନ୍ନ ଆଳ ଦେଖାଇ ଜୋରଜବରଦସ୍ତ ନିଷ୍ପତ୍ତି ଲଦି ଦିଆଯାଏ, ତେବେ ଆଗାମୀ ଦିନରେ ଏହା ଏକ ଜନଆନ୍ଦୋଳନର ରୂପ ନେବ। ଏଥିପାଇଁ କେବଳ ପ୍ରଶାସନ ହିଁ ସମ୍ପୂର୍ଣ୍ଣ ଦାୟୀ ରହିବ ବୋଲି ଉଲ୍ଲେଖ କରାଯାଇଛି। କାର୍ଯ୍ୟକ୍ରମରେ ସଙ୍ଗଠନ ସଭାପତି ଜ୍ଞାନରଞ୍ଜନ ଦାସ, ସାଧାରଣ ସମ୍ପାଦକ ସୁରେଶ ମହାନ୍ତି, ବାପୁଜୀ କର, ସଞ୍ଜିବ ସାହୁ, ରାକେଶ ବସ୍ତିଆ, ଲୋପାମୁଦ୍ରା ଷଡ଼ଙ୍ଗୀ, ସୁଜାତା ଭରଦ୍ୱାଜ, ଦିବାକର ସାହୁ, ସଞ୍ଜୀବ ଶୁକ୍ଳ, ସନତ ମହାର ପ୍ରମୁଖ ଉପସ୍ଥିତ ଥିଲେ।



ଆଇଟିଇପି ଲାଗୁ କରିବା ଆଳରେ ବି.ଏଡ୍ ପାଠ୍ୟକ୍ରମରେ ଘରୋଇକରଣ ପ୍ରକ୍ରିୟା ପ୍ରତିବାଦରେ ମଙ୍ଗଳବାର ଏଆଇଏସ୍‌ଇସି ପକ୍ଷରୁ ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆସିଥିବା ପ୍ରତିନିଧିମଣ୍ଡଳୀ। (ଫଟୋ: ରାଜକିଶୋର ମହାନ୍ତି)

# ୧୦ ଲକ୍ଷ ଟଙ୍କାର କଞ୍ଚାମାଲ ଜବତ, ଜଣେ ଗିରଫ

**ବ୍ରାହ୍ମଣଝରିଲୋ,୨୩।୯:** କଟକ ସଦର ଥାନା ଅନ୍ତର୍ଗତ ଭାଣପୁରରେ ମଙ୍ଗଳବାର ରାତିରେ ବେଆଇନ ବାଣ ଗୋଦାମ ଉପରେ ଚଢାଉ ହୋଇଛି। ଏହି ଚଢ଼ାଉରେ ପୋଲିସ ପ୍ରାୟ ୧୦ ଲକ୍ଷ ଟଙ୍କାର ବାଣ ପ୍ରସ୍ତୁତି ପାଇଁ ରହିଥିବା କଞ୍ଚାମାଲ ଜବତ କରିଛି। ଏଥିସହିତ ସାଧୁ ଚରଣ ପରିଡ଼ା ନାମକ ଜଣେ ବ୍ୟକ୍ତିଙ୍କୁ ଗରିଫ କରାଯାଇଛି। ଆଗକୁ ଦଶହରା ଏବଂ ଦୀପାବଳି ଆସୁଥିବାରୁ ବିଭିନ୍ନ ସ୍ଥାନରେ ବେଆଇନ ବାଣ ତିଆରି ହେଉଥିବା ଅଭିଯୋଗ ହେଉଛି।

### ଭାଣପୁରରେ ବେଆଇନ ବାଣ ଗୋଦାମରେ ଚଢ଼ାଉ

ଭାଣପୁରରେ ବେଆଇନ ବାଣ ପ୍ରସ୍ତୁତ ନେଇ ସୂଚନା ପାଇ ଜୋନ୍-୪ ଏସିପି ଶଶିକାନ୍ତ ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ଗୋଦାମ ଉପରେ ଚଢ଼ାଉ କରିଥିଲା। ବେଆଇନ ବାଣ ପ୍ରସ୍ତୁତ କରୁଥିବା ଅସାଧୁ ବ୍ୟକ୍ତି ସୁଧୁରି ଯାଆନ୍ତୁ, ନଚେତ୍ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସିପି ରାଉତ କହିଛନ୍ତି।


ଜବତ ବାଣ ତିଆରି କଞ୍ଚାମାଲ।

# କଟକ ଇଲେକ୍ଟ୍ରିକାଲ ଟ୍ରେଡର୍ସ ଆସୋସିଏଶନ୍‌ର ବାର୍ଷିକ ଉତ୍ସବ

**କଟକ,୨୩।୯(କାର୍ତ୍ତିକ ସାହୁ)** କଟକ ଇଲେକ୍ଟ୍ରିକାଲ ଟ୍ରେଡର୍ସ ଆସୋସିଏଶନ୍‌ର ୨୮ତମ ବାର୍ଷିକ ଉତ୍ସବ ଶାରଳା ଭବନଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଆସୋସିଏଶନ୍ ସଭାପତି ରାଜକୁମାର ଖେମକା, ଉପସଭାପତି ନକୁଳ ସାହୁ, ସଚିବ ଦେବବ୍ରତ ପଲ୍ଲେ, କୋଷାଧକ୍ଷ ପଙ୍କଜ ଗିରି ଏବଂ ମୁଖ୍ୟ ଅତିଥି କେଇଆଇ ଇଣ୍ଡଷ୍ଟ୍ରିଜ ଲିମିଟେଡର ମହାପ୍ରବନ୍ଧକ (ପୂର୍ବ) ବବି ରଞ୍ଜନ ତ୍ରିପାଠୀ ମଞ୍ଚାସୀନ ଥିଲେ। ସତ୍ୟନାରାୟଣ ଗୋଏଲ, ଶୈଳେଶ ବର୍ମା ଏବଂ ଜଗବନ୍ଧୁ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଗଠନର ସମସ୍ତ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ସହିତ ଅନ୍ୟ କମ୍ପାନୀର ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସଙ୍ଗଠନ ସମ୍ପାଦକ ଦେବବ୍ରତ ପଲ୍ଲେ କୃତଜ୍ଞତା ଜ୍ଞାପନ କରିଥିଲେ। ପୀତବାସ ସାହୁ, ସଞ୍ଜୟ ସେଠିଆ, ଜୟ ଅଗ୍ରୱାଲ, ମହାବୀର ପାରିକ, କୈଳାସ ସାହୁ, ରାଜେନ୍ଦ୍ର ନନ୍ଦୀ, ବିନୟ ମନ୍ତ୍ରୀ, ବିଜୟ କୃଷ୍ଣ ଆଚାର୍ଯ୍ୟ, ମୋହନଲାଲ ଶର୍ମା, ଅଶୋକ ରଞ୍ଜନ ଦେ, ସୌରଭ ପଲ୍ଲେ, ସୁଭାଷ ପାରିକ, ଶଙ୍କରଲାଲ ପାରିକ, ଲଳିତ ପଟୋଡିଆ, ପ୍ରଦୀପ ଅଗ୍ରୱାଲ ଏବଂ କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଇଲେକ୍ଟ୍ରିକାଲ ଟ୍ରେଡର୍ସ ଆସୋସିଏଶନ୍‌ର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

# ଅବକାରୀ ଚଢ଼ାଉ ୨୭୧୫ ଲିଟର ମଦ ଜବତ, ୨୮ ହଜାର ଲିଟର ପୋଚ ନଷ୍ଟ

**ଟିଗିରିଆ,୨୩।୯(ଜାଫର ଖାଁ):** ଟିଗିରିଆ ଥାନା ଅନ୍ତର୍ଗତ ଭୀରୁଡ଼ା ପଞ୍ଚାୟତ ପଣସ ପଟଣାଠାରେ ବେଆଇନ ଦେଶୀ ମଦ ରନ୍ଧା ପ୍ରତିଷ୍ଠାନ ଉପରେ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ହୋଇଛି। ଏହି ସମୟରେ ୨୭୧୫ ଲିଟର ବେଆଇନ ଦେଶୀ ମଦ ଜବତ କରାଯାଇଛି। ଏଥିସହ ୨୮୮୮୦ ଲିଟର ଗୁଡ ପୋଚ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଏନେଇ ମୋଟ ୮ଟି ମାମଲା ରୁଜୁ ହୋଇଥିବା ବେଳେ କାହା କୁ ଗିରଫ କରାଯାଇନାହିଁ।

କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଓ ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ଆଠଗଡ ଉପ ଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ଆଠଗଡ ଅବକାରୀ ଉପଅଧୀକ୍ଷକ ସିଏଚ ତିରୁପଥୀ, ତିଗିରିଆ ତହସିଲଦାର ଅକ୍ଷୟ କୁମାର ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଢ଼ାଉ କରାଯାଇଥିଲ। ଏଥିସହିତ ଦେଶୀ ମଦ ରାନ୍ଧିବା ପାଇଁ ବ୍ୟବହୃତ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଚୁଲା ଭାଟି ଜେସିବି ଲଗେଇ ନଷ୍ଟ କରି ଦିଆଯାଇଛି। ଏହି ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ, ଜିଲ୍ଲା ଅବକାରୀ ବିଭାଗ ମୋବାଇଲ ୟୁନିଟ୍ ନିରୀକ୍ଷକ ଅଭିରାମ ସାହୁ, ତିଗିରିଆ ବନପାଳ ପ୍ରଶାନ୍ତ କୁମାର ପରିଡା, ଆଠଗଡ ଅବକାରୀ ଉପନିରୀକ୍ଷକ ଅରୁଣ ଭୋଇ, ବାଙ୍କୀ ଅବକାରୀ ଉପନିରୀକ୍ଷକ ସୌମ୍ୟରଞ୍ଜନ ମାଝୀ, କଟକ-୨ ଅବକାରୀ ଉପ ନିରୀକ୍ଷକ ଅଜିତ ପାତ୍ରଙ୍କ ସମେତ ଅନ୍ୟାନ୍ୟ ଅବକାରୀ, ପୋଲିସ ଓ ବନ ବିଭାଗର କର୍ମୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

# 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ

**ଚୌଦ୍ୱାର,୨୩।୯(ଆଶୁତୋଷ ଦାସ )** ଚୌଦ୍ୱାର ସହରରେ ପ୍ରଧାନମନ୍ତ୍ରୀଙ୍କ 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ ମାଧ୍ୟମରେ ବୁଧବାର ଏକ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ଜିଲା ପବ୍ଲିକ୍ ହେଲ୍‌ଥ ଅଫିସର ଡ. ଗୋଲକ ବିହାରୀ ପତି, ଜିଲା ଡାଟା ମ୍ୟାନେଜର ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସହକାରୀ ପ୍ରୋଗ୍ରାମ ମ୍ୟାନେଜର ମନୋରଞ୍ଜନ ଦାସ, ରଞ୍ଜିତ କୁମାର ପାଣିଗ୍ରାହୀ, ତନୁରେଖା ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ ମାଧ୍ୟମରେ ମହିଳାମାନଙ୍କ ସ୍ୱାସ୍ଥ୍ୟରକ୍ଷା ସହିତ ସେମାନଙ୍କୁ ସଶକ୍ତ କରିବାର ପ୍ରୟାସ ଅଭିଯାନକୁ ସଫଳ କରିବା ପାଇଁ ଅନୁରୋଧ କରିଥିଲେ। ଆସନ୍ତା ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲୁ ରହିବ ବୋଲି ଡିପିଏମ୍ ଡ. ପତି ସୂଚନା ଦେଇଥିଲେ। କଟକ ଏସ୍‌ସିବି ମେଡ଼ିକାଲ କଲେଜ ଶିଶୁରୋଗ, ଶଲ୍ୟ, ଚକ୍ଷୁ, କର୍ଣ୍ଣ, ନାଶା ଗଳା, ଭେଷଜ, ସ୍ତ୍ରୀ ରୋଗ, ଦନ୍ତ ଆଦି ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଶିବିରରେ ଯୋଗଦେଇ ପୌରପାଳିକାର ୧୯ଟି ୱାର୍ଡ଼ରୁ ଆସିଥିବା ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଗୀମାନଙ୍କୁ ମଗଣାରେ ଔଷଧ ବିତରଣ କରାଯାଇଥିଲା। ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସକ ଡା. ରବୀନ୍ଦ୍ର ମହାପାତ୍ର , ଟିପିଏମ୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ଏସ୍.କେ.ସିଂ ଓ ସାଇ ସଙ୍ଗଠନର ମ୍ୟାନେଜିଂ ଡାଇରେକ୍ଟର ପ୍ରଦୀପ୍ତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଉଭୟ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମକର୍ତ୍ତା ଓ ସାଇ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।


ଚୌଦ୍ୱାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# କୂଅରୁ ପାଣି ନେବାକୁ ମନା, ଥାନାରେ ଅଭିଯୋଗ

**ବାରଙ୍ଗ, ୨୩।୯(ଲିଙ୍ଗରାଜ ରାଉତ):** ବାରଙ୍ଗ ଥାନା ଅନ୍ତର୍ଗତ ପାଟପୁର ଗ୍ରାମରେ ଥିବା ଏକ ସରକାରୀ କୂଅରୁ ପାଣି ନେବାକୁ ମନା କରିବାରୁ ମଙ୍ଗଳବାର ଗ୍ରାମବାସୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ପାଟପୁର ଗ୍ରାମର ଭାଗବତ ଗୃହ ନିକଟ ରାସ୍ତାକଡ଼ରେ ସରକାରୀ ଅନୁଦାନରେ ଗୋଟିଏ କୂଅ ଖୋଳା ଯାଇଥିଲା। ଏହିଠାରୁ ଗ୍ରାମବାସୀ ନିଜର ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ପାଣି ନେଉଥିଲେ। ମାତ୍ର ଗ୍ରାମର ୨ଜଣ ବ୍ୟକ୍ତି ଏହାକୁ ବିରୋଧ କରିଥିଲେ। କୂଅ ଥିବା ସ୍ଥାନ ସରକାରୀ ନୁହେଁ ବରଂ ତାଙ୍କର ନିଜ ଜାଗା ବୋଲି ଦାବି କରିଥିଲେ। ଏପରିକି ପାଣି ନେବାକୁ ଆସୁଥିବା ଗ୍ରାମବାସୀଙ୍କୁ ବାରଣ କରିଥିଲେ। ଏନେଇ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ପରେ ପୋଲିସ ଉଭୟ ପକ୍ଷଙ୍କୁ ଡାକି ପଚରାଉଚରା କରିବା ସହ ତଦନ୍ତ ଆରମ୍ଭ କରିଛି।

# ଶାନ୍ତିଶୃଙ୍ଖଳାରେ ମା'ଙ୍କ ଦର୍ଶନକୁ ଗୁରୁତ୍ୱ

### ଦଶହରା, କୁମାର ପୂର୍ଣ୍ଣିମା ପାଳନ ନିମନ୍ତେ ବୈଠକ

**ବାଙ୍କୀ,୨୩।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ଇଷ୍ଟଦେବୀ ମା'ଚର୍ଚ୍ଚିକାଙ୍କ ପୀଠରେ ପୋଲିସ ଓ ମନ୍ଦିର ପରିଚାଳନା କମିଟି ମଧ୍ୟରେ ଦଶହରା ଓ କୁମାର ପୂର୍ଣ୍ଣିମା ଉତ୍ସବ ଶାନ୍ତିଶୃଙ୍ଖଳା ସହ ପାଳନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମନ୍ଦିର ପରିଚାଳନା କମିଟିର ସଭାପତି ସନ୍ତୋଷ କୁମାର ରଣା ସଭାପତିତ୍ୱ କରିଥିଲେ। ବିଶେଷ କରି ମହାଷ୍ଟମୀଠାରୁ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ କିପରି ମନ୍ଦିରରେ ବୈଦିକ ରୀତିନୀତି ଅନୁସାରେ ପୂଜା, ଶାନ୍ତିଶୃଙ୍ଖଳା ସହ ମା'ଙ୍କ ଦର୍ଶନ, ଗାଡିଗୁଡିର ପାର୍କିଂ ବ୍ୟବସ୍ଥା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ବାଳକୃଷ୍ଣ କଅଁର, ଥାନା ଅଧିକାରୀ ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ, ମନ୍ଦିର ପରିଚାନଳା କମିଟି ସମ୍ପାଦକ ନୀଳମଣି ମହାପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର, ବିଦ୍ୟାଧର ରଣା, ବିଜୟ ରଣା, ସୁଶାନ୍ତ ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ଅମରନାଥ ରଣା, କାଳିଆ ରଣା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।


ଆଲୋଚନା ବୈଠକରେ ଯୋଗଦେଇଥିବା ପୋଲିସ ଅଧିକାରୀ ଓ ମନ୍ଦିର ପୂଜା କମିଟି ସଦସ୍ୟମାନେ।

# ଦିବ୍ୟାଙ୍ଗ ହେଲେ ବି ଅକ୍ଷମ ମଣିନାହାନ୍ତି ନିବାସ

### ତାଳବସ୍ତର ଧରିତ୍ରୀ କାଗଜ ବିତରକ

**ବାଙ୍କୀ , ୨୩।୯( ଶୁଭେନ୍ଦୁ ମହାପାତ୍ର):** ବାଙ୍କୀ ଡମପଡା ବ୍ଲକ ଅନ୍ତର୍ଗତ ଦୁଲଣାପୁର ଗ୍ରାମ ବାରବାଟୀ ସାହିର ଉପେନ୍ଦ୍ର ସିଠଙ୍କ ବଡ଼ ପୁଅ ନିବାସ ସିଠ ଜଣେ ଦିବ୍ୟାଙ୍ଗ। ଦଶମ ପାସ କରିଥିବା ନିବାସ ୧୭ ବର୍ଷର ହୋଇଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ନିଜର ଗୋଟେ ଗୋଡ଼ ଅଣ୍ଟାଠାରୁ ସମ୍ପୂର୍ଣ୍ଣ ହରେଇଥିଲେ। ସେବେଠୁ ସେ ପାଇଥିବା ଆଶାବାଡ଼ିର ସହାୟ ନ ନେଇ ଖଣ୍ଡେ ବାଉଁଶ ଠେଙ୍ଗା ସାହାଯ୍ୟରେ ସାଇକେଲ ଚଲେଇ ନିଜର ଦୈନନ୍ଦିନ କାମ କରିପାରୁଛନ୍ତି। ସାରା ଜୀବନ ଅବିବାହିତ ରହି ଆଦିବାସୀ, ଦଳିତ ଏବଂ ଦିବ୍ୟାଙ୍ଗ ଲୋକମାନଙ୍କ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ରହି ସେବା ମଧ କରୁଛନ୍ତି। ମା'ବାପାଙ୍କର ବଡ଼ ପୁଅ ହୋଇ ଦିବ୍ୟାଙ୍ଗ ହୋଇଥିଲେ ବି ତାଙ୍କ ମନରେ କୌଣସି ଅବସୋସ ନାହିଁ। ରାଶନ ଚାଉଳ ଏବଂ ୧୨୦୦ ଟଙ୍କା ଭତ୍ତାରେ ବହୁ କଷ୍ଟରେ ଜୀବନ ନିର୍ବାହ କରୁଥିବା ନିବାସ ଆଜକୁ ୪ ରୁ ୫ ବର୍ଷ ହେବ 'ଧରିତ୍ରୀ' କାଗଜର ତାଳବସ୍ତ ଦୁଲଣାପୁର ପଞ୍ଚାୟତରେ ହକର ଭାବେ କାମ କରୁଛନ୍ତି। ପେପର ବାଣ୍ଟି ଟଙ୍କା ରୋଜଗାର କରି ନିଜ କର୍ତ୍ତବ୍ୟ ନିର୍ବାହ କରିପାରୁଛନ୍ତି। ଅନ୍ୟ ଖବରକାଗଜ ବିକ୍ରେତାମାନଙ୍କ ଠାରୁ ବହୁତ ସକାଳୁ ଯାଇ ଗ୍ରାହକମାନଙ୍କ ଘରେ ପେପର ପକାଉଛନ୍ତି, ସେଥିପାଇଁ ନିୟମିତ ପାଠକମାନେ ବହୁତ ଖୁସିବ୍ୟକ୍ତ କରୁଥିବା ନିବାସ କହିଛନ୍ତି। ନୂଆ ସରକାର ଆସିବା ପରେ ନିବାସଙ୍କୁ ମାତ୍ର ଗୋଟେ ମାସ ବର୍ଦ୍ଧିତ ୩୫୦୦/- ଭତ୍ତା ମିଳିଥିଲା। ପରେ ପୂର୍ବଭଳି ୧୨୦୦ ଟଙ୍କା ଭତ୍ତା ମିଳୁଛି। ଏନେଇ ନିବାସ ଦୁଃଖ ପ୍ରକାଶ କରିଛନ୍ତି। ଯଦିଓ ତାଙ୍କର ୮୦% ଭିନ୍ନକ୍ଷମ ପ୍ରମାଣ ପତ୍ର ରହିଛି ତାହା ଡିଜିଟାଲ ହୋଇ ନ ଥିବାରୁ ପୂର୍ଣ୍ଣକାଳୀନ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଦିବ୍ୟାଙ୍ଗ ହୋଇବି ନିବାସ ହକର ଭାବେ କାମ କରି ଅନ୍ୟ ଯୁବପିଢ଼ିଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି। ଅନ୍ୟପଟେ ସରକାର ଭିନ୍ନକ୍ଷମ, ଅସହାୟ ଓ ଦିନ ମଜୁରିଆ ପରିବାରଙ୍କ ପାଇଁ ସରକାରୀ ଆବାସ ଯୋଗାଇ ଦେଉଥିବା ବେଳେ ଅଦ୍ୟାବଧି ସେ ସରକାରୀ ଆବାସ ଯୋଜନାରୁ ବଞ୍ଚିତ ଥିବା କହିଛନ୍ତି। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ତାଳବସ୍ତରେ ଆୟୋଜିତ ଏକ କ୍ରୀଡା ପ୍ରତିଯୋଗିତାରେ ଯୋଗଦେଇ ନିଜ ତରଫରୁ ଏକ କୃତ୍ରିମ ଗୋଡ଼ ଦେବାର ବନ୍ଦୋବସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ନିବାସ କହିଛନ୍ତି। ଖରା ବର୍ଷାରେ ପେପର ବାଣ୍ଟୁଥିବାରୁ ତାଳବସ୍ତ ଅଞ୍ଚଳର ଯୁବସାମାଜିକ କର୍ମୀ ତଥା ଶ୍ରୀରାମ କମିଟି ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ ଦିବ୍ୟାଙ୍ଗ ନିବାସଙ୍କୁ ଏକ ଛତା ଏବଂ ରେନ୍‌କୋର୍ଟ ପ୍ରଦାନ କରିଛନ୍ତି। ନିବାସ ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ଅନ୍ୟ ଉପରେ ନିର୍ଭରଶୀଳ ନ ହୋଇ କିମ୍ବା ପରିବାର ଲୋକଙ୍କ ଉପରେ ବୋଝ ନ ହୋଇ ନିଜ କର୍ତ୍ତବ୍ୟ କରି ଜୀବିକା ନିର୍ବାହ କରୁଥିବାରୁ ସମସ୍ତଙ୍କ ନିକଟରେ ପ୍ରଶଂସାର ପାତ୍ର ହୋଇଛନ୍ତି।


ଦିବ୍ୟାଙ୍ଗ ନିବାସ ସିଠ ଜଣକୁ ଧରିତ୍ରୀ ଖବରକାଗଜ ଦେଉଛନ୍ତି।

**ସଂକ୍ଷେପରେ**

## ପାଠ୍ୟ ଉପକରଣ ବଣ୍ଟନ

ସାକ୍ଷୀଗୋପାଳ, ୨୩।୯ (ଭରତ ରାଉତ)

ସତ୍ୟବାଦୀ ବକୁଳବନ ମହୋତ୍ସବ କମିଟି ପକ୍ଷରୁ ଅଲଗୁମ ପଞ୍ଚାୟତର ଖଣ୍ଡାୟତସାହି ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପାଠ୍ୟୋପକରଣ ବଣ୍ଟନ କରାଯାଇଛି। ଏଥିରେ ମହୋତ୍ସବ କମିଟି ସଭାପତି ସଚ୍ଚିକାନ୍ତ ବିଶ୍ୱାଳ, ସାମାଜିକ କର୍ମୀ କଳ୍ପନା ନାୟକ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ବରାଳ ଓ ଶିକ୍ଷୟିତ୍ରୀ ସୁଜାତା ଦେବୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ପାଠପଢ଼ି ଭଲ ମଣିଷ ହେବାପାଇଁ କମିଟି ସଭାପତି ବିଶ୍ୱାଳ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବକୁଳବନ ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ମହତ୍ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ବରାଳ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ଧିରଞ୍ଜନ ବିଶାଳ, ପଟ୍ଟଚିତ୍ର ଶିଳ୍ପୀ ସଞ୍ଜୟ କୁମାର ପାତ୍ର, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସର୍ମିଷ୍ଠା ପଲେଇ ପ୍ରମୁଖ ଯୋଗ ଦେଇଥିଲେ। ବକୁଳବନ ମହୋତ୍ସବ କମିଟି ସମ୍ପାଦକ ଯଯାତି କେଶରୀ ରାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ।

## ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ଦେଖିଲେଖ' ପ୍ରତିଯୋଗିତା

ପୁରୀ, ୨୩।୯ (ଅଜିତ୍ କୁମାର ମହାନ୍ତି)

ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଖିଲେଖ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ଶର୍ମିଷ୍ଠା ବରାଳଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଷଷ୍ଠଶ୍ରେଣୀର ଭାଗ୍ୟଶ୍ରୀ ବେହେରା, ସ୍ୱର୍ଣ୍ଣମୟୀ ପଣ୍ଡା, ଶ୍ରୀୟା ଓଝା, ୭ମ ଶ୍ରେଣୀର ଆଦ୍ୟାଶା ସାହୁ, ଆଲିଆ ପ୍ରିୟଦର୍ଶିନୀ, ସାଇସ୍ମୃତି ସ୍ୱାଇଁ, ୮ମ ଶ୍ରେଣୀର ସୌମ୍ୟା ସାହୁ, ଲକ୍ଷ୍ମୀପ୍ରିୟା ମୁଦୁଲି, କାବେରୀ ମହାପାତ୍ର, ୯ମ ଶ୍ରେଣୀର ସ୍ୱପ୍ନା ଭୋଇ, ରାଣୀ ବେଜ, ଶୁଭଶ୍ରୀ ମହାପାତ୍ର, ୧୦ମ ଶ୍ରେଣୀର ଶୁଭଶ୍ରୀ ପୃଷ୍ଟି, ସୋନାଲି ବେହେରା, ମୋନାଲିସା ବାରିକ ଯଥାକ୍ରମେ ୧ମ, ୨ୟ ଏବଂ ୩ୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ରେଣୁକା ମିଶ୍ର ଯୋଗଦେଇଥିଲେ। ସମ୍ପାଦକ ବିପିନ ବିହାରୀ ଦଳାଇ ଲେଖିବା ଶୈଳୀ ବିଷୟରେ ଛାତ୍ରୀଛାତ୍ରଙ୍କୁ ଜଣାଇଥିଲେ। ମନସ୍ୱିନୀ ମିଶ୍ର, ସୁଜାତା ଧଳ, ମାହେସ୍ମିତା ପ୍ରଧାନ ଏବଂ କୋକିଳ ସେଠୀ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ବଜାର, ପାକ୍ସରେ ସାର ଅଭାବ

### ସମିତିକୁ ପର୍ଯ୍ୟାପ୍ତ ଯୋଗାଣ ହେଉନି, ହୋ-ହଲ୍ଲା କରୁଛନ୍ତି ଚାଷୀ

କାକଟପୁର/ଅସ୍ତରଙ୍ଗ, ୨୩।୯ (ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଏବେ ସାର ସଙ୍କଟ ଉତ୍କଟ ରୂପ ନେଇଛି। ବଜାରକୁ ଯୋଗାଣ ବନ୍ଦ କରାଯାଇଥିବାରୁ ବଜାରରେ ସାର ନାହିଁ। ଗୋଟିଏ ଭରସା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)। ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୧୦ଟି ପାକ୍ସ ଥିବାବେଳେ କେବଳ କେନ୍ଦ୍ରାପଟି ସମବାୟର ଲାଇସେନ୍ସ ଠିକ୍ ଥିବାବେଳେ ସାର ଯୋଗାଣ ପର୍ଯ୍ୟାପ୍ତ ହେଉ ନ ଥିବାରୁ ଚାଷୀ ସାର ପାଉନାହିଁ। ୪ଟି ପର୍ଯ୍ୟାୟ ମଧ୍ୟରୁ ପ୍ରଥମ ପର୍ଯ୍ୟାୟ ୧୨୦ ବସ୍ତା, ଦ୍ୱିତୀୟ ପର୍ଯ୍ୟାୟ ୧୩୦ ବସ୍ତା, ତୃତୀୟ ପର୍ଯ୍ୟାୟ ୧୭୦ ବସ୍ତା ଓ ଚତୁର୍ଥ ପର୍ଯ୍ୟାୟରେ ୨୪୨ ବସ୍ତା ସାର ଆସିଥିବା ବେଳେ ଶେଷଦିନରେ ୩୭୪ ବସ୍ତା ଷ୍ଟକ୍ ଥିବାରୁ ମଙ୍ଗଳବାର ତାହା ଶେଷ ହୋଇଯାଇଛି। ଥରେ ସାର ଆସି ପହଞ୍ଚିଲେ ପାକ୍ସରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟିହେଉଛି। ପର୍ଯ୍ୟାୟ ଅନୁସାରେ ସାର ଆସୁଥିବା ବେଳେ ଏହା ନେବାକୁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ହଜାର ହଜାର ଚାଷୀ ରାତି ୩ଟାରୁ ଧାଡ଼ିରେ ଠିଆ ହେଉଛନ୍ତି। ପର୍ଯ୍ୟାପ୍ତ ସାର ଆସୁ ନ ଥିବାରୁ ପ୍ରଶାସନ ନିରୁପାୟ ହୋଇପଡ଼ିଛି।

ମାର୍କଫେଡ୍ ଜରିଆରେ ପାକ୍ସକୁ ସାର ଯୋଗାଣ କରାଯାଉଥିବା ବେଳେ ହୋଲ୍‌ସେଲ୍ ଜରିଆରେ ବଜାରକୁ ସାର ଆସିଥାଏ। ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପାକ୍ସକୁ ଠିକ୍ ଭାବେ ସାର ଆସୁ ନ ଥିବାରୁ ଚାଷୀ ବଜାରରୁ କିଣୁଥିଲେ। ମାତ୍ର ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଗୋଟିଏ ପାକ୍ସକୁ ସ୍ୱଳ୍ପ ପରିମାଣର ସାର ଆସୁଥିବା ବେଳେ ଅନ୍ୟ ୯ଟି ପାକ୍ସର ଲାଇସେନ୍ସ ନ ଥିବାରୁ ସେଗୁଡ଼ିକ ସାର ଉଠାଉନାହାନ୍ତି। ଫଳରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଶତାଧିକ ଚାଷୀ ୟୁରିଆ ସାର ଅସ୍ତରଙ୍ଗ ବଜାର ସମେତ ଗ୍ରାମାଞ୍ଚଳରେ ଥିବା ଡିଲର୍ ପଏଣ୍ଟଗୁଡ଼ିକଠାରୁ ୨ ଗୁଣା ଚଢ଼ାଦରରେ କିଣୁଛନ୍ତି। ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପାକ୍ସ ଉପରେ କେନ୍ଦ୍ରାପଟି, ସରିପୁର ଓ ମାଣ୍ଡୁକି ଅଞ୍ଚଳର ପାଖାପାଖି ୩୮୭ ଚାଷୀ ପଞ୍ଜୀକୃତ ଥିବାବେଳେ କିନ୍ତୁ ବଜାରରେ ସାର ମିଳୁ ନ ଥିବାରୁ ପାକ୍ସକୁ ଆସିଥିବା ଜାଣି ସୋମବାର ରାତି ୩ଟାରୁ ଶତାଧିକ ଚାଷୀ କେନ୍ଦ୍ରାପଟି ପାକ୍ସ ସାମ୍ନାରେ ଭିଡ଼ ଜମାଇଥିଲେ। ଫଳରେ ଭିଡ଼ ନିୟନ୍ତ୍ରଣ ପାଇଁ କାକଟପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ପାକ୍ସକୁ ପର୍ଯ୍ୟାପ୍ତ ପର ସାର ଆସୁ ନ ଥିବାରୁ ଆବଶ୍ୟକ ମୁତାବକ ଯୋଗାଇ ଦିଆଯାଇପାରୁନି। ମିଳିଥିବା ତଥ୍ୟ ଅନୁସାରେ, ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୬ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ଧାନଚାଷ ହୋଇଛି। ସେହି ଅନୁସାରେ ସାର ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ମିଳୁନାହିଁ। ଅନ୍ୟପଟେ ୧୦ଟି ପାକ୍ସ ମଧ୍ୟରୁ ଗୋଟିଏ ପାକ୍ସ ସାର ଆଣୁଥିବାରୁ ସମସ୍ୟା ସୃଷ୍ଟିହେଉଛି। ମଙ୍ଗଳବାର ଅପରାହ୍ନରେ ଅସ୍ତରଙ୍ଗ ବିଡିଓ କେନ୍ଦ୍ରାପଟି ପାକ୍ସରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଉଚିତ ସମୟ ମଧ୍ୟରେ ନ ମିଳିଲେ ଏଥର ଚାଷ ପ୍ରଭାବିତ ହେବ, ଏଥିପାଇଁ ସରକାର ଓ ପ୍ରଶାସନ ଦାୟୀ ରହିବେ ବୋଲି ଅଭିଯୋଗ କରି ଚାଷୀମାନେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

## ପ୍ରୋତ୍ସାହନ ପରିବର୍ତ୍ତେ ନିର୍ଦ୍ଦିଷ୍ଟ ପାରିଶ୍ରମିକ ଦିଆଯାଉ




ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ସିଏସ୍‌ଏସ୍ ଗଣଧାରଣାରେ ବସିଛନ୍ତି।

### ବ୍ଲକ ସମ୍ମୁଖରେ ଗଣଧାରଣା ଦେଲେ ଶତାଧିକ ସିଏସ୍‌ଏସ୍

ନିମାପଡ଼ା, ୨୩।୯ (ବିଚିତ୍ରାନନ୍ଦ ସାହୁ)

ମିଶନ ଶକ୍ତି ବିଭାଗର କମ୍ୟୁନିଟି ସପୋର୍ଟ ଷ୍ଟାଫ୍(ସିଏସ୍‌ଏସ୍)ମାନଙ୍କର ପ୍ରୋତ୍ସାହନ ରାଶି ପରିବର୍ତ୍ତେ ନିର୍ଦ୍ଦିଷ୍ଟ ପାରିଶ୍ରମିକ ପ୍ରଦାନ ଦାବିରେ ଶତାଧିକ ସିଏସ୍‌ଏସ୍ କର୍ମୀ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଥିଲେ। ଏହି ଅବସରରେ ସିଏସ୍‌ଏସ୍‌ର ନେତୃବୃନ୍ଦମାନେ ପୂର୍ବରୁ ବିଡିଓଙ୍କୁ ଓ ସୋମବାର ଅତିରିକ୍ତ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସିଆର୍‌ପି ଲଳିତା ବେହେରା, ରାଧାରାଣୀ ଜେନା, ନିରୁପମା ଛାଟୋଇ, କୁନି ମଲ୍ଲିକ, ସବିତା କାନୁନ୍‌ଗୋ, ମିନତି ପ୍ରଧାନ, ବିଜୟଲକ୍ଷ୍ମୀ ମଲ୍ଲିକ, ପ୍ରାଣୀମିତ୍ର କାଳନ୍ଦୀ ବେହେରା, ବିପିନ ବେହେରା, କୃଷିମିତ୍ର ପ୍ରମୋଦ ଦଳାଇ, କୈଳାସ ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ଏହି ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ଓ ଆଗକୁ ଆହୁରି ତୀବ୍ରତର ହେବ ବୋଲି ଆନ୍ଦୋଳନରତ ସିଏସ୍‌ଏସ୍‌ର ନେତୃବୃନ୍ଦମାନେ କହିଛନ୍ତି।

# ସମାଜ ପାଇଁ ରକ୍ତର ଆବଶ୍ୟକତା ଯଥେଷ୍ଟ



ଅତିଥିମାନେ ରକ୍ତଦାତାଙ୍କୁ ପ୍ରୋତ୍ସାହିତ କରୁଛନ୍ତି ।

### ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ରକ୍ତଦାନ ଶିବିର

ଗୋପ, ୨୩।୯ (ଭାରତୀ ଭୂଷଣ ଉପାଧ୍ୟାୟ)

ସମାଜ ଲାଗି ରକ୍ତର ଆବଶ୍ୟକତା ଥିବାବେଳେ ରକ୍ତଦାନ ଏକ ମହତ୍ କାର୍ଯ୍ୟ। ଗୋପ ଡାକ୍ତରଖାନା ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଯୋଜନାରେ ଆୟୋଜିତ ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରିଣୀ ଡ. ଜସ୍ମିନୀ ଆଫ୍ରୋଜ ଯୋଗଦେଇ ରକ୍ତଦାତାଙ୍କୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ଆଫ୍ରୋଜ ଉଦ୍‌ଘାଟନ କରିବା ପରେ ରକ୍ତଦାତାଙ୍କ ସହିତ ସ୍ୱାସ୍ଥ୍ୟ କେନ୍ଦ୍ରର କେତେଜଣ ସ୍ୱାସ୍ଥ୍ୟ କର୍ମଚାରୀ ରକ୍ତଦାନ କରିଥିଲେ। ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାରାରୋପଣ ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ରହିଥିବା ୩୭ଟି ଉପ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବେଳେ ମଙ୍ଗଳବାର ଏହି ରକ୍ତଦାନ ସହିତ ଚକ୍ଷୁ ବିଭାଗ, ପ୍ରସୂତୀ ବିଭାଗ, ଦନ୍ତ ବିଭାଗ, ଭେଷଜ ବିଭାଗ ସହିତ ଅନ୍ୟାନ୍ୟ ବିଭାଗରେ ଶତାଧିକ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବା ସହିତ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ରକ୍ତଦାନ ଶିବିରରେ ୧୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଜିଲା ଅତିରିକ୍ତ ଚିକିତ୍ସାଧିକାରୀ ଡ. ଲଲାଟେନ୍ଦୁ ମିଶ୍ରଙ୍କ ସହିତ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଏହି ଯୋଜନାର ସଫଳ ରୂପାୟନ ଉପରେ ସନ୍ତୋଷ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ଶେଷ ଭାଗରେ ରକ୍ତଦାତାଙ୍କୁ ସାର୍ଟିଫିକେଟ୍ ଦିଆଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କୃତିବିଭା ମହାନ୍ତି, ସୁଶାନ୍ତ କୁମାର ରାଉତ, ପ୍ରଫୁଲ୍ଲ କୁମାର ପଣ୍ଡା, ମନୋରଞ୍ଜନ ମହାନ୍ତି, ରାଜେଶ ପାଇକରାୟ ପ୍ରମୁଖ ପରିଚାଳନା କରିଥିଲେ।

## ଅନାବନା ଦଳରେ ଭର୍ତ୍ତି ନାଳ: ପାଣି ନିଷ୍କାସନ ହେଉନି

ଯୋଗେଶ୍ୱରପୁର, ୨୩।୯ (ରଶ୍ମିରଞ୍ଜନ ସାହୁ)

ପ୍ରାଚୀ ଡିଭିଜନ ଅଧୀନ ବିଶୁଲିପଡ଼ାଠାରୁ ବଣହରା ଓଟାଙ୍ଗ ଦେଇ କାଦୁଆ ନଦୀରେ ମିଶିଥିବା ସଫେଇ ନାଳ ଖନନ ହେଉନାହିଁ। ତେଣୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଚାଷଜମିରେ ମାଡ଼ୁଥିବାରୁ ପନିପରିବା ଓ ଧାନଚାଷ ନଷ୍ଟ ହେଉଛି। ନାଳଟି ୧୦ କିମି ଲମ୍ବ ହୋଇଥିବାବେଳେ ଅନାବନା ଦଳ ମାଡ଼ିଗଲାଣି। ନଦୀକୁ ପାଣି ନିଷ୍କାସନ ହୋଇପାରୁନାହିଁ। କେତେକ ସ୍ଥାନରେ



ଲୋକେ ପାଣି ଅଟକାଇ ମାଛ ଧରିଥାନ୍ତି। ବନ୍ଧ ଧୀରେ ଧୀରେ କ୍ଷୟ ହେବାରେ ଲାଗିଛି। ୧୦ବର୍ଷ ତଳେ ଉକ୍ତ ନାଳଟି ସଫା କରାଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ଏବେ ଜରାଜୀର୍ଣ୍ଣ ହୋଇପଡ଼ିଛି। ଏଦିଗରେ ପ୍ରାଚୀ ଡିଭିଜନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବ୍ରହ୍ମଗିରିରେ କାନାଡ଼ା ବ୍ୟାଙ୍କ ଶାଖା ଉଦ୍‌ଘାଟିତ




ଉଦ୍‌ଘାଟନୀ ଉତ୍ସବରେ କାନାଡ଼ା ବ୍ୟାଙ୍କର ପୂର୍ବତନ ନିର୍ଦ୍ଦେଶକ ଦିବାକର ପ୍ରସାଦ ହରିଚନ୍ଦନ ଓ ଅନ୍ୟ ଅଧିକାରୀମାନେ ।

ବ୍ରହ୍ମଗିରି, ୨୩।୯ (ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରିରେ କାନାଡ଼ା ବ୍ୟାଙ୍କର ଏକ ଶାଖା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଶାଖା ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କାନାଡ଼ା ବ୍ୟାଙ୍କର ପୂର୍ବତନ ନିର୍ଦ୍ଦେଶକ ଦିବାକର ପ୍ରସାଦ ହରିଚନ୍ଦନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଉକ୍ତ ବ୍ୟାଙ୍କର ଜେନେରାଲ ମ୍ୟାନେଜର ସୁମନ ଚକ୍ରବର୍ତ୍ତୀ, ପୂର୍ବତନ ଭାରତୀୟ କ୍ରିକେଟିଅର ଭେଙ୍କଟ ପ୍ରସାଦ, ଡେପୁଟି ଜେନେରାଲ ମ୍ୟାନେଜର ଶରତ ଚନ୍ଦ୍ର ଭୋଇ, ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ରିତା ଦାଶ ଏବଂ ବ୍ରହ୍ମଗିରି ଶାଖା ମ୍ୟାନେଜର ଅବିନାଶ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ବ୍ୟାଙ୍କ ଓଡ଼ିଶାରେ ୨୮୧ଟି ଶାଖା ଖୋଲିବା ସହିତ ଗ୍ରାହକଙ୍କ ବିଶ୍ୱସ୍ତ ହୋଇପାରିଛି। ଉଦ୍‌ଘାଟନୀ ଉତ୍ସବରେ ବ୍ରହ୍ମଗିରି ଅଞ୍ଚଳର ବହୁ ବୁଦ୍ଧିଜୀବୀ, ବ୍ୟବସାୟୀ ଓ ବିଭିନ୍ନ ବର୍ଗର ଲୋକମାନେ ଯୋଗଦେଇଥିଲେ।

## କର୍ଣ୍ଣାଟକରେ ପହଞ୍ଚିଲା ଓଡ଼ିଶା ଦଳ




ଝାଡେଶ୍ୱରୀ କ୍ଲବ ପକ୍ଷରୁ କର୍ଣ୍ଣାଟକରେ ହେବାକୁ ଥିବା ଜୁନିୟର ନ୍ୟାଶନାଲ ଥ୍ରୋ ବଲ୍ ଚାମ୍ପିୟନଶିପରେ ଭାଗ ନେବାକୁ ଯାଉଥିବା ଖେଳାଳିମାନେ ।

### ୩୫ତମ ଜୁନିୟର ନ୍ୟାଶନାଲ ଥ୍ରୋ ବଲ୍ ଚାମ୍ପିୟନଶିପ୍

ପୁରୀ, ୨୩।୯ (ଅଜିତ୍ କୁମାର ମହାନ୍ତି)

ଚଳିତ ମାସ ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକର ବେଙ୍ଗାଲୁରୁସ୍ଥିତ ନାଳନ୍ଦା ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ୩୫ତମ ଜୁନିୟର ନ୍ୟାଶନାଲ ଥ୍ରୋ ବଲ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ଅନ୍ୟାନ୍ୟ ରାଜ୍ୟ ସହ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିବେ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଉଭୟ ଦଳ ବେଙ୍ଗାଲୁରୁଠାରେ ପହଞ୍ଚିଛନ୍ତି। ମହିଳା ଦଳର କୋଚ୍ ପ୍ରିୟଙ୍କା ବିଶ୍ୱାଳ ଓ ମ୍ୟାନେଜର ସୁଧାସିନ୍ଧୁ ସାହୁ ଓ ପୁରୁଷ ଦଳର କୋଚ୍ ଭାବେ ସୁଶାନ୍ତ ଦାସ ଓ ମ୍ୟାନେଜର ଦୀପ୍ତିରଞ୍ଜନ ସାମନ୍ତରାୟଙ୍କ ସମେତ ଉଭୟ ପୁରୁଷ ଓ ମହିଳା ଦଳର ୨୪ ଜଣ ଖେଳାଳି ଏଥିରେ ଭାଗ ନେଇଛନ୍ତି। ଏ ନେଇ ସେମାନଙ୍କୁ ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ ପକ୍ଷରୁ ଓଡ଼ିଶା ଥ୍ରୋ ବଲ୍ ସଭାପତି ଭୂପିନ୍ଦର ସିଂ, ସମ୍ପାଦକ ଜିତେନ୍ଦ୍ର ନାଥ ଦାସ ଓ ସହସମ୍ପାଦକ ଯଶୋବନ୍ତ ପରମଗୁରୁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସେମାନଙ୍କ ଯାତ୍ରା କିପରି ସଫଳ ହେବ ସେନେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ରତ୍ନ ଅଳଙ୍କାର ସ୍ଥାନାନ୍ତରରେ ସାମିଲ ହେଲେନି ସୁଦର୍ଶନ

### ନ ଯିବା ସମ୍ପର୍କରେ ବୈଠକରେ ଜଣାଇବେ

ପୁରୀ, ୨୩।୯ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ମଙ୍ଗଳବାର ଶ୍ରୀମନ୍ଦିର ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯାଇଛି। ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ରତ୍ନଭଣ୍ଡାର ଅଳଙ୍କାର ସ୍ଥାନାନ୍ତର କରାଯାଇଛି। ସ୍ଥାନାନ୍ତର ସମୟରେ ପ୍ରାଧିକୃତ ସଦସ୍ୟ, ୧୧ ଜଣିଆ କମିଟି ସହ ରତ୍ନ ତଦାରଖ କମିଟିର ୨ ସଦସ୍ୟ ଉପସ୍ଥିତ ରହିବା ନେଇ ନିଷ୍ପତ୍ତି ହୋଇଥିଲା। ତେଣୁ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ଏବଂ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ନାମ ରହିଥିଲା। ସ୍ଥାନାନ୍ତର ପ୍ରକ୍ରିୟାରେ ପଟ୍ଟନାୟକ ସାମିଲ୍ ହୋଇ ନ ଥିବା ଦେଖିବାକୁ ମିଳିଥିଲା। ଫଳରେ ତାଙ୍କ ସ୍ଥାନରେ କମିଟିର ଅନ୍ୟଜଣେ ସଦସ୍ୟଙ୍କୁ ସାମିଲ କରାଯାଇଥିଲା।

ଏନେଇ ପଟ୍ଟନାୟକ କହିଛନ୍ତି, କମିଟି ପକ୍ଷରୁ ଡକାଯାଇଥିଲା, କିନ୍ତୁ ଯାହା କିଛି ରହିଛି ସେ ତାକୁ ପ୍ରପର୍ ଫୋରମ୍‌ରେ କହିବେ। ତେଣୁ କମିଟିର ଯେବେ ବୈଠକ ଅନୁଷ୍ଠିତ ହେବ ସେ ସମୟରେ ତାଙ୍କ କଥା କମିଟି ସମ୍ମୁଖରେ ଉପସ୍ଥାପନ କରିବେ।

## ପୋଲିସ ସମ୍ମୁଖରେ ବେକ କାଟି ଆତ୍ମହତ୍ୟା ଉଦ୍ୟମ

### ୧୦ ଘଣ୍ଟା ପରେ ବନ୍ଦ କୋଠରିରୁ ଯୁବକ ଉଦ୍ଧାର

ଗୋପ, ୨୩।୯ (ଭାରତୀ ଭୂଷଣ ଉପାଧ୍ୟାୟ)

ଦୀର୍ଘ ୧୦ ଘଣ୍ଟା ଧରି ଏକ କୋଠରି ମଧ୍ୟରେ ରହିଥିବା ଯୁବକଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଗୋପ ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ଯୁବକ ଜଣଙ୍କ ଉଦ୍ଧାର ହେବା ସମୟରେ ପୋଲିସ ସମ୍ମୁଖରେ ବେକ କାଟି ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ଯୁବକଙ୍କୁ ଉଦ୍ଧାର କରାଯାଇ ଗୁରୁତର ଅବସ୍ଥାରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇ ଭୁବନେଶ୍ୱର ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଯୁବକ ଜଣଙ୍କ ଗୋପ ଥାନା ଅନ୍ତର୍ଗତ ବୀରତୁଙ୍ଗ ପଞ୍ଚାୟତ ଅଧୀନ ନାହିଟି ଗ୍ରାମର ଶଶିକାନ୍ତ ପ୍ରଧାନ (୩୫)। ଯୁବକ ଜଣଙ୍କୁ ଉଦ୍ଧାର କରାଯିବା ବେଳେ ଆଗ୍ନିକ ତୋଫାନ ଦାସଙ୍କ ସହିତ ସେହି ଗ୍ରାମର ଜଣେ ଯୁବକ ଆହତ ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, କୌଣସି ଏକ ଘଟଣାକୁ ନେଇ ମଙ୍ଗଳବାର ଯୁବକ ଜଣଙ୍କ ତାଙ୍କ ବଡ଼ବାପାଙ୍କ ଘରେ ପଶି ଭିତରପଟୁ ଦୁଆର ଦେଇଥିଲେ। ଗ୍ରାମର କେତେଜଣ ଯୁବକ ଓ ପରିବାର ସଦସ୍ୟମାନେ ଯେତେପ୍ରକାର ବୁଝାଶୁଝା କରିଥିଲେ ମଧ୍ୟ ଯୁବକ ଜଣଙ୍କ ଦୁଆର ଖୋଲି ନ ଥିଲେ। ଶେଷରେ ନିରାଶହୋଇ ସନ୍ଧ୍ୟାରେ ପୋଲିସ ଓ ଅଗ୍ନିଶମ ବିଭାଗର ସହାୟତା ନେଇଥିଲେ ଗ୍ରାମବାସୀ। ଖବରପାଇ ପୋଲିସ ସହ ଅଗ୍ନିଶମ କର୍ମଚାରୀ ଓ ଅଧିକାରୀମାନେ ଗାଁରେ ପହଞ୍ଚି ଉକ୍ତ ଯୁବକଙ୍କୁ ଡାକିଥିଲେ ମଧ୍ୟ ସେ ଶୁଣି ନ ଥିଲା। ଦୁଆର ଭାଙ୍ଗିବା ସମୟରେ ଯୁବକ ଜଣଙ୍କ ଘର ମଧ୍ୟରେ ଥିବା ସମସ୍ତ ଆସବାବପତ୍ର ଭାଙ୍ଗିବା ସହିତ ଡ୍ରେସିଂ ଟେବୁଲ୍‌ର କାଚ ଦ୍ୱାରା ବେକ କାଟି ଦେଇଥିଲେ। ସେ ବିବାହିତ ବୋଲି ଜଣାପଡ଼ିଛି। କେଉଁ କାରଣରୁ ଏପରି ଘଟଣା ଘଟିଛି, ତାହା ଜଣାପଡ଼ି ନାହିଁ। ଏହି ଘଟଣାକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି ବୋଲି ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ କହିଛନ୍ତି।

## ବିଭୂତି ବାଟିକାରୁ ସଂଗ୍ରହ ହେଲା ମାଟି

ସାକ୍ଷୀଗୋପାଳ, ୨୩।୯ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ଆଶ୍ୱିନ ଶୁକ୍ଳପକ୍ଷ ଦିତୀୟା ତିଥି ମଙ୍ଗଳବାର ଶ୍ରୀ ଶ୍ରୀ ବରାଳ ବାଲୁଙ୍କେଶ୍ୱର ଦେବଙ୍କ ବିଭୂତି ବାଟିକାରୁ ମାଟି ସଂଗ୍ରହ କରାଯାଇଛି। ସଂଗୃହିତ ମାଟିରେ ବିଭୂତି ପ୍ରସ୍ତୁତ କରିବାପରେ ପରମ୍ପରା କ୍ରମେ ଶାରଦୀୟ ପୂଜାରେ ବାବା ବରାଳ ବାଲୁଙ୍କେଶ୍ୱର ବିଭୂତି ମଣ୍ଡିତ ହେବେ। ମାଟି ସଂଗ୍ରହ ପାଇଁ ମଙ୍ଗଳବାର ସକାଳ ୫ଟାରେ ଶ୍ରୀଜିଉଙ୍କ ଦାରା ଉନ୍ମୋଚନ, ମଙ୍ଗଳ ଆଳତି, ବେଶ ମଇଲମ, ଅବକାଶ , ବେଶ ପରେ ୬ଟାରେ ସୂର୍ଯ୍ୟ ପୂଜା ଓ ୬ଟା ୩୦ରେ ବଲ୍ଲଭ ନୀତି ଅନୁଷ୍ଠିତ ହୋଇଥିଲା। ଅମୃତ ବେଳା ସକାଳ ୭ଟା ୩୦ରେ ମନ୍ଦିର ବେଢ଼ାରେ ସମସ୍ତ ସେବାୟତ ମା' ଦୁର୍ଗାଙ୍କ ପାଖରେ ଅଧିଆପଡ଼ି ଶ୍ରୀଜିଉଙ୍କର ପଞ୍ଜିକାର ମନ୍ତ୍ର ଉଚ୍ଚାରଣ କରି ମା' ଦୁର୍ଗାଙ୍କ ଠାରୁ ଆଜ୍ଞାମାଳ ନେଇ ବିଭୂତି ବାଟିକା ଅଭିମୁଖେ ଯାତ୍ରା କରିଥିଲେ। ଢୋଲ, ମହୁରୀ, ଘଣ୍ଟ, କାହାଳୀ, ଛତ୍ରି ଓ ତ୍ରାସ ନେଇ ସମସ୍ତ ସେବାୟତ ଗୋଟିଏ ଗୋଟିଏ ଟୋକେଇ ଓ ଖଣ୍ଡେ ଶାବଳ, ଖଣତି ଧରି ବିଭୂତି ଖନନ ପାଇଁ ଯାତ୍ରା କରିଥିଲେ। ବିଭୂତି ବାଟିକାସ୍ଥିତ ବରଗଛ ଚତୁର୍ପାର୍ଶ୍ୱ ପରିକ୍ରମା କରିବାପରେ ସେବାୟତମାନେ ମାଟି ସଂଗ୍ରହ କରି ମନ୍ଦିରକୁ ଫେରିଥିଲେ। ମନ୍ଦିର ବେଢ଼ାରେ ମାଟି ଶୁଖାଇ ଗୁଣ୍ଡ କରିବା ପରେ କର୍ପୂର, କେଶର, ଜାଇଫଳ ଆଦି ଗୁଣ୍ଡ ମିଶାଇ ବିଭୂତି ପ୍ରସ୍ତୁତ କରାଯିବ। ମହାଷ୍ଟମୀ ତିଥିରେ ବିଭୂତି ପୂଜା କରାଯାଇ ଦଶହରା ଅବସରରେ ବାବା ବାଲୁଙ୍କେଶ୍ୱରଙ୍କୁ ବିଭୂତି ଲାଗି କରାଯିବାର ବିଧି ରହିଆସିଛି ବୋଲି ବରାଳ ବାଲୁଙ୍କେଶ୍ୱର ମନ୍ଦିର ସେବାୟତ ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ର କହିଛନ୍ତି। ବିଭିନ୍ନ ଦୁରାରୋଗ ପୀଡ଼ା ଲାଘବ ନିମନ୍ତେ ଠାକୁରଙ୍କ ପ୍ରସାଦ ଭାବରେ ଶ୍ରଦ୍ଧାଳୁମାନଙ୍କୁ ବିଭୂତି ପ୍ରଦାନ କରାଯାଇଥାଏ।



ମାଟି ଅନୁକୁଳ ପାଇଁ ଯାଉଛି ।

## ଯୁବ ଡାକ୍ତରମାନେ ଅଧିକରୁ ଅଧିକ ଗବେଷଣା କରନ୍ତୁ

### ୧୦ମ ଜାତୀୟ ଆୟୁର୍ବେଦ ଦିବସ ପାଳିତ

ପୁରୀ, ୨୩।୯ (ଅଜିତ୍ କୁମାର ମହାନ୍ତି)

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ୧୦ମ ଜାତୀୟ ଆୟୁର୍ବେଦ ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ଡା. କ୍ଷମାମୟୀ ପ୍ରିୟଦର୍ଶିନୀ ଜଟି, ଡା. ସ୍ୱର୍ଣ୍ଣକାନ୍ତ ଜେନା, ଡା. ବିଜୟଶ୍ରୀ ଶତପଥୀ ଓ ଡା. ସତ୍ୟଜିତ ବେହେରା ପ୍ରମୁଖ ଯୋଗଦେଇ ଚିକିତ୍ସା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ପ୍ରେରଣାଦାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଯୁବ ଡାକ୍ତରମାନଙ୍କୁ ଅଧିକରୁ ଅଧିକ ଗବେଷଣା କରିବାକୁ ପ୍ରେରିତ କରିଥିଲେ। ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ, ଚମତ୍କାର ପ୍ରଦର୍ଶନୀ ସମସ୍ତଙ୍କୁ ଆକର୍ଷିତ କରିଥିଲା। ଏହି ଅବସରରେ ଆୟୁର୍ବେଦ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକମାନେ ଅଧ୍ୟକ୍ଷ ଡା. ବିପିନ ବିହାରୀ ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ବିଶାଳ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ରାଲି କଲେଜ ପରିସରରୁ ବାହାରି ମେଡିକାଲ୍ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଡାକ୍ତର ସୋନାଲିକା ଜେନା ଓ ଡାକ୍ତର ସନ୍ଧ୍ୟାରାଣୀ ବେହେରା ମଞ୍ଚ ପରିଚାଳନା କରିଥିଲେ। ଦୀର୍ଘ ୭ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମର ନୋଡାଲ ଅଫିସର ଡା. ଭାରତୀଲତା ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। 'ଜନସ୍ୱାସ୍ଥ୍ୟ ଓ ପୃଥିବୀର ସ୍ଥାୟୀ ସୁସ୍ଥତା'କୁ କେନ୍ଦ୍ର କରିଥିବା ୧୦ମ ଜାତୀୟ ଆୟୁର୍ବେଦ ଦିବସ, ଆମ ପ୍ରାଚୀନ ପରମ୍ପରାକୁ ସ୍ମରଣ କରିଥିଲେ।




ଆୟୁର୍ବେଦ ଦିବସ କାର୍ଯ୍ୟକ୍ରମରେ ଅତିଥିମାନେ ଏକ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ।

## ଦିଲ୍ଲୀରେ ଆଜି



ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଭେଟେରାନ୍ ମାଲୟାଲମ ଅଭିନେତା ମୋହନଲାଲଙ୍କୁ ଦାଦାସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ କରୁଛନ୍ତି। (ଫଟୋ-ଚମନ ଗୌତମ)

# ହନୁମାନଙ୍କୁ ମିଛ ହିନ୍ଦୁ ଦେବତା କହି ବିବାଦରେ ଆମେରିକା ନେତା

**ହ୍ୟୁଷ୍ଟନ୍,୨୩।୯(ପି.ଟି.)**

ଆମେରିକାର ଜଣେ ରିପବ୍ଲିକାନ୍ ନେତା ଭଗବାନ ହନୁମାନଙ୍କୁ ହିନ୍ଦୁମାନଙ୍କ ମିଛ ଦେବତା ବୋଲି କହି ବିବାଦ ସୃଷ୍ଟି କରିଛନ୍ତି। ଏଥିସହିତ ଆମେରିକା ଏକ ଖ୍ରୀଷ୍ଟିଆନ୍ ରାଷ୍ଟ୍ର ବୋଲି ସେ ଘୋଷଣା କରିଛନ୍ତି। ତାଙ୍କର ଏଭଳି ମନ୍ତବ୍ୟକୁ ବିଭିନ୍ନ ସମ୍ପ୍ରଦାୟ ଏବଂ ଇଣ୍ଟରନେଟ୍ ୟୁଜରମାନେ କଡ଼ା ସମାଲୋଚନା କରିଛନ୍ତି। ରିପବ୍ଲିକାନ୍ ନେତା ଆଲେକ୍‌ଜାଣ୍ଡାର ଡୁନ୍‌କାନ୍ ଟେକ୍ସାସରେ ଥିବା ହନୁମାନଙ୍କ ୯୦ ଫୁଟ୍ ଉଚ୍ଚ ପ୍ରତିମୂର୍ତ୍ତିର ଭିଡିଓକୁ ଗତ ସପ୍ତାହରେ ସୋସିଆଲ ମିଡିଆରେ ଶେୟାର କରିଥିଲେ। ସେ ଲେଖିଥିଲେ, ଟେକ୍ସାସରେ ଆମେ ଏକ ମିଛ ହିନ୍ଦୁ ଦେବତାଙ୍କ ମିଛ ପ୍ରତିମୂର୍ତ୍ତିକୁ ଅନୁମତି ଦେଉଛେ କାହିଁକି? ତାଙ୍କର ଏଭଳି ମନ୍ତବ୍ୟର ଦୃଢ଼ ଜବାବ ଦେଇଛି ହିନ୍ଦୁ ଆମେରିକାନ୍ ଫାଉଣ୍ଡେଶନ (ଏଚ୍ଏଏଫ୍)। ଟେକ୍ସାସ୍‌ର ରିପବ୍ଲିକାନ୍ ସିନେଟ୍ ପ୍ରାର୍ଥୀ ହିନ୍ଦୁ ବିରୋଧୀ ଘୃଣା ପ୍ରସାର କରୁଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏଚ୍ଏଏଫ୍ ଦାବି କରିଛି। ଦଳୀୟ ଗାଇଡ୍‌ଲାଇନର ଉଲ୍ଲଂଘନ କରିଥିବା ନେତାଙ୍କୁ ଶୃଙ୍ଖଳିତ କରିବାକୁ ହିନ୍ଦୁ ସଂଗଠନ ରିପବ୍ଲିକାନ୍ ପାର୍ଟିକୁ କହିଛି।



ଆଲେକ୍‌ଜାଣ୍ଡାର ଡୁନ୍‌କାନ୍

ଷ୍ଟାଚ୍ୟୁ ଅଫ୍ ୟୁନିୟନ ଭାବେ ଜଣାଶୁଣା ହନୁମାନ ପ୍ରତିମୂର୍ତ୍ତି ସୁଗାର ଲ୍ୟାଣ୍ଡସ୍ଥିତ ଶ୍ରୀଅଷ୍ଟଲକ୍ଷ୍ମୀ ମନ୍ଦିରରେ ଅବସ୍ଥିତ। ଏହା ଉତ୍ତର ଆମେରିକାର ସର୍ବୋଚ୍ଚ ହନୁମାନ ପ୍ରତିମୂର୍ତ୍ତି। ଇଣ୍ଟରନେଟ୍ ୟୁଜର ଡୁନ୍‌କାନ୍‌ଙ୍କ ମନ୍ତବ୍ୟକୁ ସମାଲୋଚନା କରି ଲେଖିଛନ୍ତି, ଆପଣ ହିନ୍ଦୁ ନୁହନ୍ତି ଅର୍ଥ ନୁହେଁ ଏହାକୁ ମିଛ ବୋଲି କହିବେ। ପୃଥିବୀକୁ ଯିଶୁ ଆସିବାର ୨୦୦୦ ବର୍ଷ ପୂର୍ବରୁ ବେଦ ଲେଖାଯାଇଥିଲା। ତେଣୁ ପୂର୍ବରୁ ଲୋକଙ୍କୁ ପ୍ରଭାବିତ କରିଥିବା ଧର୍ମର ସମ୍ମାନ କରାଯିବା ଆବଶ୍ୟକ। ହନୁମାନ ପ୍ରତିମୂର୍ତ୍ତି କାହାକୁ ଧର୍ମ ଗ୍ରହଣ କରିବା ପାଇଁ ବାଧ୍ୟ କରୁନାହିଁ ବୋଲି ଅନ୍ୟ ଜଣେ ଲେଖିଛନ୍ତି। ଆମେରିକା ଖ୍ରୀଷ୍ଟିଆନ୍‌ବହୁଳ ହୋଇପାରେ, କିନ୍ତୁ ଅନ୍ୟ ଧର୍ମକୁ ଅନୁମତି ନ ଦେବାକୁ କହିବା ଧର୍ମତନ୍ତ୍ରକୁ ସମର୍ଥନ, ଯାହା ଆମେରିକା ମୂଲ୍ୟବୋଧର ବିରୋଧୀ ବୋଲି ଅନ୍ୟଜଣେ ଲେଖିଛନ୍ତି।

## ମୋଲ୍‌ଡୋଭା ଦଖଲ ପାଇଁ ପ୍ରସ୍ତୁତ ହେଉଛି ନାଟୋ ସେନା

### ରୁଷିଆର ସୂଚନା

**ମସ୍କୋ,୨୩।୯**

କ୍ଷୁଦ୍ର ଦେଶ ମୋଲଡୋଭାକୁ ଦଖଲ କରିବା ପାଇଁ ୟୁରୋପ ପ୍ରସ୍ତୁତ ହେଉଛି। ନାଟୋ ସେନାର ପ୍ରଥମ ଗ୍ରୁପ୍ ୟୁକ୍ରେନ୍‌ର ଓଡେଶାରେ ପହଞ୍ଚିଥିବା ରୁଷିଆ ବିଦେଶୀ ଗୋଇନ୍ଦା ସେବା (ଏସ୍‌ଭିଆର୍)ର ସୂଚନା ଆଧାରରେ ସ୍ଥାନୀୟ ନ୍ୟୁଜ୍ ଏଜେନ୍ସି ସ୍ପୁଟ୍‌ନିକ୍ ମଙ୍ଗଳବାର ଖବର ପ୍ରକାଶ କରିଛି। ପୂର୍ବତନ ସୋଭିଏଟ୍ ୟୁରୋପୀୟ ରାଷ୍ଟ୍ର ମୋଲଡୋଭାରେ ମସ୍କୋ ଜନବିଦ୍ରୋହ କରାଇବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏହି ଘଟଣା ସହ ସମ୍ପୃକ୍ତି ଅଭିଯୋଗରେ ମୋଲଡୋଭା କର୍ତ୍ତୃପକ୍ଷ ୭୪ ଜଣଙ୍କୁ ଗିରଫ କରିଛନ୍ତି। ୨୮ରେ ମୋଲଡୋଭାରେ ନିର୍ବାଚନ ହେବାକୁ ଥିବାବେଳେ, ରୁଷିଆ ସମର୍ଥିତ ଦଳ ଓ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଭୋଟକୁ ହାଇଜାକ୍ କରିବାକୁ ଉଦ୍ୟମ ଚଳାଇଥିବା ଅଭିଯୋଗ ହୋଇଛି।

# ପ୍ରବଳ ବର୍ଷାରୁ କୋଲକାତାରେ ଅଚଳାବସ୍ଥା

### ୧୦ ମୃତ, ୧୦୦ ବିମାନ ଉଡ଼ାଣ ପ୍ରଭାବିତ

**କୋଲକାତା,୨୩।୯(ପି.ଟି.)**

ଦୁର୍ଗାପୂଜା ପୂର୍ବରୁ କୋଲକାତାରେ ପ୍ରବଳ ବର୍ଷା ଯୋଗୁ ମଙ୍ଗଳବାର ମହାନଗରର ସ୍ୱାଭାବିକ ଜୀବନଯାତ୍ରା ଅଚଳ ହୋଇପଡ଼ିଛି। ରାତି ତମାମ ବର୍ଷା ଲାଗିରହିବା ଫଳରେ ସହରର ଅନେକ ଅଞ୍ଚଳ ଜଳମଗ୍ନ ହୋଇଥିବାବେଳେ ବର୍ଷାଜନିତ ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ବର୍ଷା ଲାଗିରହିବା ସହ ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇଥିବାରୁ ଗାଡ଼ିମୋଟର, ରେଳ ଚଳାଚଳ ପ୍ରଭାବିତ ହୋଇଛି। ଶତାଧିକ ବିମାନ ଉଡ଼ାଣ ବାଧାପ୍ରାପ୍ତ ହୋଇଛି। ୬୨ଟି ବିମାନ ବାତିଲ ହୋଇଥିବାବେଳେ ୪୨ଟିର ଉଡ଼ାଣ ବିଳମ୍ବିତ ହୋଇଛି।

୪ ଦଶନ୍ଧି ମଧ୍ୟରେ ଏହା ସବୁଠାରୁ ଅଧିକ ବର୍ଷା ବୋଲି କୁହାଯାଉଛି। ୨୪ ଘଣ୍ଟା ମଧ୍ୟରେ କୋଲକାତାରେ ୨୫୧.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହାକି ୧୯୮୬ ପରେ ସର୍ବାଧିକ। ଗୋଟିଏ ଦିନରେ ଏତେ ପରିମାଣରେ



ବର୍ଷା ହେବା ଗତ ୧୩୭ ବର୍ଷ ମଧ୍ୟରେ ଷଷ୍ଠ ଘଟଣା। ଏହା ପୂର୍ବରୁ ୧୯୭୮ରେ ଦିନକରେ ୩୬୯.୬ ମିଲିମିଟର ବର୍ଷା ହୋଇଥିବାବେଳେ ୧୮୮୮ରେ ୨୫୩ ମି.ମି. ଏବଂ ୧୯୮୬ରେ ୨୫୯.୫ ମି.ମି. ବର୍ଷା ହୋଇଥିଲା। ବର୍ଷା ଯୋଗୁ ବେନିଆପୁକୁର, କାଲିକାପୁର, ନେତାଜୀ ନଗର, ଗରିଆହାଟ, ଏକବଲପୁର, ବେହଲା ଏବଂ ହରିଦେବପୁରରେ ବିଦ୍ୟୁତ୍ ଆଘାତରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା କୋଲକାତା ପୋଲିସ କହିଛି। ବର୍ଷା ଯୋଗୁ ଦକ୍ଷିଣ କୋଲକାତାର ଗାରିଆ ଏବଂ ଯୋଧପୁର ପାର୍କ ଜଳାର୍ଣ୍ଣବ ହୋଇଛି। ଲୋକଙ୍କ ଘରେ ଆଣ୍ଠୁଏରୁ ଅଣ୍ଟାଏ ଉଚ୍ଚତାର ପାଣି ପଶିଛି। ଲୋକମାନେ ସେମାନଙ୍କ ଆସବାବପତ୍ର ଉପର ମହଲାକୁ ଉଠାଇ ନେଇଥିବାବେଳେ ଗରିଆହାଟ, କଲେଜ ଷ୍ଟ୍ରିଟ୍‌ରେ ବହି ଦୋକାନ, ଲୁଗା ଦୋକାନ ଓ ଇଲେକ୍ଟ୍ରୋନିକ୍ ଦୋକାନର ସାମଗ୍ରୀଗୁଡ଼ିକ ପାଣିରେ ନଷ୍ଟ ହୋଇଯାଇଛି। କାର, ମୋଟରସାଇକେଲ ପାଣିରେ ବୁଡ଼ିରହିଥିବାବେଳେ ଅନେକ ବସ୍ ରାସ୍ତା ମଝିରେ ଅଚଳ ହୋଇଯାଇଛି। ବଙ୍ଗୋପସାଗରରେ ଲଘୁଚାପ ଯୋଗୁ ପ୍ରବଳ ବର୍ଷା ହୋଇଥିବାବେଳେ ଆଗକୁ ମଧ୍ୟ ବର୍ଷା ଲାଗିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଦୁର୍ଗାପୂଜା ମାତ୍ର ୫ ଦିନ ବାକିଥିବାବେଳେ ପୂଜା ମଣ୍ଡପଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। କୋଲକାତାର ପୂଜା ପେଣ୍ଡାଲଗୁଡ଼ିକ ଦେଶ ବିଦେଶରୁ ବହୁ ଲୋକଙ୍କୁ ଆକର୍ଷିତ କରିଥାଏ। ମାସାଧିକ କାଳ ଧରି କାରିଗରମାନେ ପୂଜା ପେଣ୍ଡାଲ ପ୍ରସ୍ତୁତ କରିଥିବାବେଳେ ଶେଷ ପର୍ଯ୍ୟାୟରେ ପ୍ରବଳ ବର୍ଷା ଯୋଗୁ ସେଗୁଡ଼ିକ ପ୍ରଭାବିତ ହୋଇଛି।

ବର୍ଷାବିପ୍ରାତକୁ ନେଇ ସୋସିଆଲ ମିଡିଆରେ ରାଜନୈତିକ କାଦୁଅଫିଙ୍ଗା ଆରମ୍ଭ ହୋଇଯାଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଭଳି ବର୍ଷାକୁ ଅଭୂତପୂର୍ବ କହିବା ସହ ସହରରେ ବନ୍ୟା ସ୍ଥିତି ପାଇଁ ଫରକ୍କା ବ୍ୟାରେଜର ନିମ୍ନମାନର ଜଳ ନିଷ୍କାସନ ବ୍ୟବସ୍ଥାକୁ ଦାୟୀ କରିଛନ୍ତି। ସେହିପରି ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟଣାରେ ସେ ଘରୋଇ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ସିଇଏସ୍‌ସିକୁ ଦୋଷ ଦେଇଛନ୍ତି। ଏଥିସହିତ ଲୋକମାନଙ୍କୁ ଘରେ ରହିବାକୁ ମମତା ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟ ବିରୋଧୀ ଦଳ ଭାଜପା ରାଜ୍ୟ ସରକାର ଓ କୋଲକାତା ପୌର ନିଗମଙ୍କୁ ଟାର୍ଗେଟ କରିଛି। ବିରୋଧୀ ଦଳ ପକ୍ଷରୁ ସୋସିଆଲ ମିଡିଆରେ କୋଲକାତାର ଜଳାର୍ଣ୍ଣବ ରାସ୍ତାଗୁଡ଼ିକର ଫଟୋ ଓ ଭିଡିଓ ପୋଷ୍ଟ କରାଯାଇଛି। ଟିଏମ୍‌ସି ନିୟନ୍ତ୍ରଣରେ ଥିବା ପୌର ନିଗମ ଦୁର୍ନୀତିରେ ବୁଡ଼ି ରହିଥିବାବେଳେ ଲୋକଙ୍କ ପାଇଁ ଦୁର୍ଦ୍ଦଶା ଡାକି ଆଣିଥିବା ଭାଜପା କହିଛି। ଅନ୍ୟପକ୍ଷରେ ଭାଜପା ଘୃଣା ପ୍ରସାର କରାଇବାକୁ ଲୋକଙ୍କ ଯନ୍ତ୍ରଣାକୁ ଅସ୍ତ୍ର କରୁଥିବା ଟିଏମ୍‌ସି ଅଭିଯୋଗ କରିଛି।

## ଭୋଟ ଚୋରି ବଢ଼ାଇଛି ବେକାରି ସମସ୍ୟା: ରାହୁଲ

**ନୂଆଦିଲ୍ଲୀ, ୨୩।୯**

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ଯୁବପିଢ଼ିଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ଯୁବକଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଥିବା ମୋଦି ନିଜ ଜନ୍ମଦିନର ଭବ୍ୟ ଆୟୋଜନରେ ବ୍ୟସ୍ତ ଥିବା କହି ସେ ବର୍ଷିଛନ୍ତି। ରାହୁଲ ବେକାରିକୁ ଭୋଟ ଚୋରି ସହ ଯୋଡ଼ି କହିଛନ୍ତି। ସ୍ୱାଧୀନ ଭାରତର ଇତିହାସରେ ଭୋଟ ଚୋରି ସବୁଠାରୁ ବଡ଼ ସଙ୍କଟ। ବେକାରି ସବୁଠାରୁ ବଡ଼ ସମସ୍ୟା ହୋଇଥିବାବେଳେ ଭୋଟ ଚୋରି ସହ ଏହାର ସିଧାସଳଖ ସମ୍ପର୍କ ରହିଛି। ଜନତାଙ୍କ ବିଶ୍ୱାସ ଜିତି ନୁହେଁ ଭୋଟ ଚୋରିକରି ଆସିଥିବା ସରକାର ଯୁବପିଢ଼ିଙ୍କୁ ନିଯୁକ୍ତି ଯୋଗାଇବା କିମ୍ବା ସେମାନଙ୍କ ସ୍ୱପ୍ନକୁ ସୁରକ୍ଷା ଦେବା ଉପରେ ପ୍ରାଥମିକତା ଦେଇ ନ ଥାଏ। ଗତ ୪୫ ବର୍ଷ ମଧ୍ୟରେ ବେକାରି ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ନିଯୁକ୍ତି ପରୀକ୍ଷାରେ ଭ୍ରଷ୍ଟାଚାର ହେଉଥିବା ରାହୁଲ କହିଛନ୍ତି।

# 'ଭାରତ-ପାକ୍ ଯୁଦ୍ଧ ବନ୍ଦ କରାଇଛି'

### ଜାତିସଂଘରେ କହିଲେ ଟ୍ରମ୍ପ୍

**ଜାତିସଂଘ,୨୩।୯(ପି.ଟି.)**

ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବନ୍ଦ କରାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଙ୍ଗଳବାର ପୁଣିଥରେ ଦାବି ଦୋହରାଇଛନ୍ତି। ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ୮୦ତମ ଅଧିବେଶନରେ ବିଶ୍ୱନେତାମାନଙ୍କୁ ଉଦ୍‌ବୋଧନ ଦେଇ ଟ୍ରମ୍ପ୍ କହିଛନ୍ତି, ଭାରତ-ପାକିସ୍ତାନ ଯୁଦ୍ଧ ସମେତ ୭ଟି ଯୁଦ୍ଧକୁ ବନ୍ଦ କରାଇଲିଣି। ୨ଟି ଯୁଦ୍ଧ ୩୧ ବର୍ଷ ହେଲା ଚାଲିଥିଲାବେଳେ ଗୋଟିଏ ୩୬ ବର୍ଷ ଓ ଗୋଟିଏ ୨୮ ବର୍ଷ ହେଲା ଲାଗିରହିଥିଲା। ସେହି ଯୁଦ୍ଧ କାମ୍ବୋଡ଼ିଆ-ଥାଇଲାଣ୍ଡ, କୋସୋଭୋ-ସର୍ବିୟା, କଙ୍ଗୋ-ରୁଆଣ୍ଡା ମଧ୍ୟରେ ଚାଲିଥିଲା। ଏଥିସହିତ ଭାରତ-ପାକିସ୍ତାନ, ଇସ୍ରାଏଲ୍-ଇରାନ, ଇଜିପ୍ଟ-ଇଥିଓପିଆ ଏବଂ ଆର୍ମେନିଆ-ଆଜରବୈଜାନ ଯୁଦ୍ଧକୁ ଅଟକାଇଥିବା ଟ୍ରମ୍ପ୍ ଦାବି କରିଛନ୍ତି। ଗତ ମେ'ରେ ଭାରତ ଓ ପାକିସ୍ତାନ ମଧ୍ୟରେ ୪ ଦିନର ସଂଘର୍ଷ ପରେ ଉଭୟ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଥିବା ମେ' ୧୦ରେ ଟ୍ରମ୍ପ୍ ଘୋଷଣା କରିଥିଲେ। ୱାଶିଂଟନ ମଧ୍ୟସ୍ଥତାରେ ଦୀର୍ଘ ରାତି ଆଲୋଚନା ହୋଇଥିଲା। ଏହି ଯୁଦ୍ଧ ବନ୍ଦ କରିଥିବା ନେଇ ଟ୍ରମ୍ପ୍ ପାଖାପାଖି ୫୦ ଥର ଦାବି କଲେଣି।

ଚାଇନା ଓ ଭାରତ ମସ୍କୋରୁ ତୈଳ କିଣା ଜାରି ରଖି ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପାଇଁ ପାଣ୍ଠି ଯୋଗାଇ ଦେଉଥିବା ଟ୍ରମ୍ପ୍ କହିଛନ୍ତି। ରୁଷିଆରୁ ତୈଳ କିଣୁଥିବାରୁ ନୂଆଦିଲ୍ଲୀ ଉପରେ ଟ୍ରମ୍ପ୍ ପ୍ରଶାସନ ଦଣ୍ଡସ୍ୱରୂପ ଅତିରିକ୍ତ ୨୫ ପ୍ରତିଶତ ଟାରିଫ୍ ଲଗାଇଛି। ଫଳରେ ଭାରତରୁ ଆମେରିକା ଆମଦାନୀ କରୁଥିବା ସାମଗ୍ରୀ ଉପରେ ଶୁଳ୍କ ପରିମାଣ ୫୦ ପ୍ରତିଶତ ହୋଇଛି।

# ଟ୍ରମ୍ପଙ୍କ କାରକୁ ବାଟ ଛାଡ଼ିଦେବା ପାଇଁ ମାକ୍ରଁଙ୍କୁ ଅଟକାଇଲା ନ୍ୟୁୟର୍କ ପୋଲିସ

**ନ୍ୟୁୟର୍କ,୨୩।୯**

ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ ସୋମବାର ରାତିରେ ଜାତିସଂଘ ସାଧାରଣ ସଭାରେ ଏକ ଲମ୍ବା ଭାଷଣ ଦେବା ପରେ ଦୂତାବାସକୁ ଫେରୁଥିବାବେଳେ ନ୍ୟୁୟର୍କ ପୋଲିସ ତାଙ୍କୁ ଅଟକାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗାଡ଼ି ସମୂହ ସେହି ରାସ୍ତା ଦେଇ ଅତିକ୍ରମ କରିବାକୁ ଥିବାରୁ ମାକ୍ରଁଙ୍କ ଗାଡ଼ିକୁ ଅଟକାଯାଇଥିଲା। ଟ୍ରମ୍ପଙ୍କ ପାଇଁ ସବୁ ରାସ୍ତା ବନ୍ଦ କରାଯାଇଥିବାରୁ ଫ୍ରାନ୍ସ ରାଷ୍ଟ୍ରପତିଙ୍କୁ ରାସ୍ତାରେ ଦୀର୍ଘ ସମୟ



ଅଟକି ରହିବାକୁ ପଡ଼ିଥିଲା। ଏଥିରେ ବିଚଳିତ ହୋଇ ସେ କାର୍ ବାହାରକୁ

### ଚାଲି କରି ଗଲେ

ଆସି ରାସ୍ତା ଅବରୋଧର କାରଣ ସମ୍ପର୍କରେ ପୋଲିସକୁ ପଚାରିଥିଲେ। ଏହି ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଜଣେ ପୋଲିସ ଅଧିକାରୀ କହିଥିଲେ, ମୁଁ ଦୁଃଖିତ ମିଷ୍ଟର ପ୍ରେସିଡେଣ୍ଟ। ଏବେ ସବୁ ରାସ୍ତା ବନ୍ଦ ରହିଛି। କାରଣ ଟ୍ରମ୍ପଙ୍କ ମୋଟରକେଡ୍ ଏବେ ଅତିକ୍ରମ କରିବାର ଅଛି। ପରେ ମାକ୍ରଁ ରାସ୍ତାରେ ଛିଡ଼ା ହୋଇ ଟ୍ରମ୍ପଙ୍କୁ ଫୋନ୍ କରି ରାସ୍ତା ଖୋଲିଦେବାକୁ କହିଥିଲେ। ସବୁ ବନ୍ଦ ଥିବାରୁ ସେ ରାସ୍ତାରେ ଛିଡ଼ାହୋଇଥିବା ମାକ୍ରଁ ଟ୍ରମ୍ପଙ୍କୁ କହୁଥିବା ଶୁଣାଯାଇଥିଲା। ଏହି ସମୟରେ ଟ୍ରମ୍ପଙ୍କ ଗାଡ଼ି ସମୂହ ଅତିକ୍ରମ କରିଥିଲା ଓ ରାସ୍ତାକୁ କେବଳ ପଥଚାରୀଙ୍କ ପାଇଁ ଖୋଲିଦିଆଯାଇଥିଲା। ଫଳରେ ମାକ୍ରଁ କାରକୁ ନ ଯାଇ ଚାଲିଚାଲି ଯାଇଥିଲେ ଯାହା ନ୍ୟୁୟର୍କ ଲୋକମାନଙ୍କ ପାଇଁ ଏକ ବିରଳ ଦୃଶ୍ୟ ଥିଲା। ବାଟରେ ଲୋକମାନେ ତାଙ୍କ ସହ ସେଲ୍‌ଫି ଓ ଫଟୋ ନେଇଥିଲେ। ଏପରିକି ଜଣେ ବ୍ୟକ୍ତି ମାକ୍ରଁଙ୍କ କପାଳରେ ଚୁମ୍ବନ ଦେଇଥିଲେ।

# ତଳମୁହାଁ ଟଙ୍କା, ସାମଗ୍ରୀ ମହଙ୍ଗା

**ଆ**ମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ଏଚ୍-୧ବି ଭିଜା ଶୁଳ୍କରେ ୧ ଲକ୍ଷ ଡଲାର ବୃଦ୍ଧି ମଧ୍ୟରେ ମଙ୍ଗଳବାର ଆମେରିକାୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ସର୍ବକାଳୀନ ସ୍ତରକୁ ହ୍ରାସ ପାଇଛି। ଟଙ୍କା ୪୭ ପଇସା ହ୍ରାସ ପାଇଁ ୧ ଡଲାର ତୁଳନାରେ ୮୮ ଟଙ୍କା ୭୫ ପଇସାରେ ପହଞ୍ଚିଛି। ବିଶେଷଜ୍ଞଙ୍କ ଅନୁଯାୟୀ, ଏଚ୍ -୧ ବି ଭିଜା ଶୁଳ୍କରେ ବୃଦ୍ଧି ଯୋଗୁ ଭାରତୀୟ ଆଇଟି କ୍ଷେତ୍ରରୁ ପଠାଯାଉଥିବା ଟଙ୍କା ଓ ସମ୍ଭାବ୍ୟ ଇକ୍ୟୁଟି ବିକ୍ରୟକୁ ନେଇ ଚିନ୍ତା ବଢ଼ିଛି। ଚଳିତବର୍ଷ ବିଦେଶୀ ନିବେଶ ଦୁର୍ବଳ ଥିବା ବେଳେ ଏଚ୍-୧ବି ଭିଜା ଶୁଳ୍କରେ



ବୃଦ୍ଧି ଭାରତୀୟ ମୁଦ୍ରାକୁ ଦ୍ୱିଗୁଣିତ ଭାବେ ଆଘାତ ଦେଇଥିବା ବିଶେଷଜ୍ଞମାନେ କହିଛନ୍ତି। ସେହିପରି ଟ୍ରମ୍ପଙ୍କ ବିଭିନ୍ନ ନୂତନ ନୀତି ଟଙ୍କା ଉପରେ ଭାରି ପଡୁଥିବା ନେଇ ମୁଦ୍ରା ବିଶେଷଜ୍ଞମାନେ କହିଛନ୍ତି। ଭାରତୀୟ ସାମଗ୍ରୀ ଉପରେ ଆମେରିକାର ୫୦% ଟାରିଫ୍ ଭାରତୀୟ ମୁଦ୍ରା ବଜାର ଏବଂ ପୁଞ୍ଜି ବଜାର ପାଇଁ ଅନିଶ୍ଚିତତା ବଢ଼ାଇଛି। ଏପରି ପଦକ୍ଷେପ ଭାରତୀୟ ରପ୍ତାନୀ ସାମଗ୍ରୀର ମୂଲ୍ୟକୁ ହ୍ରାସ କରିବା ସହ ଡଲାର ତୁଳନାରେ ଟଙ୍କାର ମୂଲ୍ୟକୁ କମାଉଛି। ଚଳିତ ବର୍ଷର ପ୍ରାରମ୍ଭରୁ ବର୍ତ୍ତମାନ ସୁଦ୍ଧା ଟଙ୍କା ୩.୫%ରୁ ଅଧିକ ଦୁର୍ବଳ ହୋଇଛି। ଗତ ଜାନୁଆରୀ ୧ରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୮୫.୨୨ ରହିଥିବାବେଳେ ଏବେ ଏହା ସର୍ବକାଳୀନ ୮୮.୭୫ ସ୍ତରରେ ପହଞ୍ଚିଛି।

## ମୁଦ୍ରା ଦୁର୍ବଳତାରୁ ବଜାର ଅସ୍ଥିର

ବିଶେଷଜ୍ଞମାନଙ୍କ ମତରେ, ଟଙ୍କାର ମୂଲ୍ୟ ହ୍ରାସ ଦ୍ୱାରା ଭାରତ ଆମଦାନୀ କରୁଥିବା ବିଭିନ୍ନ ସାମଗ୍ରୀ ମହଙ୍ଗା ହେଉଛି। ଡଲାର ତୁଳନାରେ ଟଙ୍କା ଖସିବା ଦ୍ୱାରା ବିଦେଶରେ ପଢ଼ିବା ଏବଂ ଭ୍ରମଣ କରିବା ମଧ୍ୟ ମହଙ୍ଗା ହେଉଛି। ବିଦେଶରେ ରହିବା, ଖାଇବା ସମେତ ଅନ୍ୟାନ୍ୟ ଜିନିଷ ମହଙ୍ଗା ହୋଇଛି। ଭାରତ ଅଶୋଧିତ ତୈଳ ଭଳି ପ୍ରମୁଖ ସାମଗ୍ରୀ ଆମଦାନୀ କରୁଥିବାରୁ ଦୁର୍ବଳ ଟଙ୍କା ଯୋଗୁ ଏହାର ଦାମ ବଢ଼ିବ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି। ଫଳରେ ପରିବହନ ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ ଖର୍ଚ୍ଚ ବଢ଼ିବ। ସେହିପରି ଦୁର୍ବଳ ଟଙ୍କା ବଜାର ପାଇଁ କ୍ଷତିକାରକ। ଏହା କର୍ପୋରେଟ ଲାଭ ପରିମାଣକୁ



ସଙ୍କୁଚିତ କରିବା ସହ ଗ୍ରାହକଙ୍କ କ୍ରୟ ଶକ୍ତିକୁ ହ୍ରାସ କରିଥାଏ। ବିଦେଶୀ ମୁଦ୍ରାରେ ଋଣ ନେଇଥିବା ଭାରତୀୟ କମ୍ପାନୀଗୁଡ଼ିକୁ ଋଣ ପରିଶୋଧ ପାଇଁ ଅଧିକ ଟଙ୍କା ଦେବାକୁ ପଡ଼ଥାଏ, ଯାହା ସେମାନଙ୍କର ଷ୍ଟକ୍ ମୂଲ୍ୟକୁ ନକାରାତ୍ମକ ଭାବେ ପ୍ରଭାବିତ କରେ। ସେହିପରି ଦୁର୍ବଳ ଟଙ୍କା ବିଦେଶୀ ନିବେଶକୁ କମାଇଥାଏ। ସେହିପରି ଏହାର ପ୍ରଭାବରେ ମୁଦ୍ରାସ୍ଫୀତି ବଢ଼ିବା ସହ ଦେଶର ସାମଗ୍ରିକ ଅର୍ଥନୈତିକ ସ୍ଥିରତା ଉପରେ ବିପଦ ଆସିପାରେ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି।

# ବିବାଦ ପରେ ରାମଲୀଳାରୁ ହଟିଲେ ପୁନମ୍ ପାଣ୍ଡେ



ନୂଆଦିଲ୍ଲୀ,୨୩।୯

ଦଶହରା ଅବସରରେ ଦିଲ୍ଲୀର ଲାଲକିଲ୍ଲା ମଇଦାନରେ ହେବାକୁ ଥିବା ପ୍ରସିଦ୍ଧ ଲବକୁଶ୍ ରାମଲୀଳାରେ ମନ୍ଦୋଦରୀ ଚରିତ୍ର ପାଇଁ ଅଭିନେତ୍ରୀ ପୁନମ୍ ପାଣ୍ଡେଙ୍କୁ ଚୟନ କରାଯାଇଥିଲା। ତେବେ ଏହାକୁ ଜୋରଦାର ବିରୋଧ କରାଯିବାରୁ ଲବକୁଶ ରାମଲୀଳା କମିଟି ପକ୍ଷରୁ ମଙ୍ଗଳବାର ପୁନମ୍ଙ୍କୁ ରାମଲୀଳାରୁ ହଟାଇ ଦିଆଯାଇଛି। ପୁନମ୍ଙ୍କ ବଦଳରେ ଆଉଜଣେ କଳାକାର ମନ୍ଦୋଦରୀଙ୍କ ଭୂମିକା ନିଭାଇବେ ବୋଲି କମିଟି ଅଧ୍ୟକ୍ଷ ଅର୍ଜୁନ କୁମାର ସୂଚନା ଦେଇଛନ୍ତି। ପୁନମ୍ ରାମଲୀଳାରେ ମନ୍ଦୋଦରୀ ଚରିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି ଶୁଣାପଡ଼ିବା ପରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍ପି)ଠାରୁ ଆରମ୍ଭ କରି ସାଧୁସନ୍ଥ ଓ ଧର୍ମଗୁରୁମାନେ ଏହାକୁ ବିରୋଧ କରିଥିଲେ। ରାମଲୀଳା କେବଳ ଏକ ନାଟ୍ୟ ପ୍ରଦର୍ଶନ ନୁହେଁ ବରଂ ଏହା ଭାରତୀୟ ସମାଜ ଏବଂ ସଂସ୍କୃତିର ଜୀବନ୍ତ ଅଂଶ ବୋଲି କହି ପୁନମ୍ଙ୍କୁ ଏଥିରୁ ହଟାଇବାକୁ ଦାବିକରି ଭିଏଚ୍ପି ପକ୍ଷରୁ ଲବକୁଶ ରାମଲୀଳା କମିଟିକୁ ଚିଠି ଲେଖାଯାଇଥିଲା। ସାଧାରଣତଃ ସୋସିଆଲ ମିଡିଆରେ ପୁନମ୍ ନିଜ ଫଟୋ ଏବଂ ଭିଡିଓକୁ ନେଇ ବିବାଦରେ ରହୁଥିବାବେଳେ ତାଙ୍କୁ ରାମଲୀଳାରେ ସାମିଲ କରିବା ଅନୁଚିତ ବୋଲି ଭିଏଚ୍ପି କହିଥିଲା। କମିଟିର ଅଧ୍ୟକ୍ଷ ଅର୍ଜୁନ କହିଛନ୍ତି, ପ୍ରତି ଥର ଲବକୁଶ ରାମଲୀଳା କମିଟି ଦ୍ୱାରା ଆୟୋଜିତ ରାମଲୀଳାରେ ଫିଲ୍ମ କଳାକାରମାନଙ୍କୁ ଅଭିନୟ କରିବାର ସୁଯୋଗ ଦିଆଯାଇଥାଏ। ଚଳିତଥର ଏହି ରାମଲୀଳାରେ ଅଭିନେତା ତଥା ଭାଜପା ଏମ୍ପି ମନୋଜ ତିୱାରି ପର୍ଶୁରାମଙ୍କ ଚରିତ୍ର ନିଭାଉଛନ୍ତି।

# ଦୁର୍ନୀତି ମାମଲାରେ ଚାଇନା ପ୍ରତିରକ୍ଷା ବୈଜ୍ଞାନିକ ଗିରଫ

ବେଜିଂ,୨୩।୯(ପି.ଟି.)

ଅସ୍ତ୍ର ନିର୍ମାଣ ପାଇଁ ସେମିକଣ୍ଡକ୍ଟର ଚିପ୍ସ ବିକାଶ କରିଥିବା ଆମେରିକାର ପ୍ରତିରକ୍ଷା ବୈଜ୍ଞାନିକ ୟୁ ଫିଙ୍କୁ ଦୁର୍ନୀତି ମାମଲାରେ ଗିରଫ କରାଯାଇଥିବା ତାଙ୍କ କମ୍ପାନୀ ଝେଜିଆଙ୍ଗ ଗ୍ରେଟ୍ ମାଇକ୍ରୋୱେଭ୍ ଟେକ୍ନୋଲୋଜି ପକ୍ଷରୁ କୁହାଯାଇଛି। ହୁଆଙ୍ଗଶିର ସୁପରଭାଇଜରି କମିଶନ ତାଙ୍କୁ ଅଟକ ରଖିଛନ୍ତି। ୟୁ ଝେଜିଆଙ୍ଗ ୟୁନିଭର୍ସିଟିର ସ୍କୁଲ ଅଫ୍ ଏରୋନଟିକ୍ସ ଆଣ୍ଡ ଆଷ୍ଟ୍ରୋନଟିକ୍ସର ପ୍ରଫେସର ଅଛନ୍ତି। ମାଇକ୍ରୋୱେଭ୍ ଏବଂ ମିଲିମିଟର-ୱେଭ୍ ରେଡିଓ ଫ୍ରିକ୍ୱେନ୍ସି ପ୍ରଯୁକ୍ତିରେ ସେ ଜଣେ ବିଶେଷଜ୍ଞ।

# ଗୋମାଂସ ଥିବା ଟ୍ରକ୍କୁ ଜାଳିଦେଲେ

ବେଲଗାଭୀ,୨୩।୯

କର୍ଣାଟକର ବେଲଗାଭୀ ଜିଲାରେ କାଗୱାଡ଼ ବ୍ଲକସ୍ଥିତ ଏନାପୁରା ଗ୍ରାମରେ ସ୍ଥାନୀୟ ଗୋ ରକ୍ଷକମାନେ ଗୋମାଂସ ନେଇ ଯାଉଥିବା ଏକ ଟ୍ରକ୍କୁ ଜାଳି ଦେଇଛନ୍ତି। କୁଡାଚିକୁରୁ କାଲା ବର୍ଗିକୁ ଗୋମାଂସ ନେଇ ଯାଉଥିବା ଉକ୍ତ ଟ୍ରକ୍କୁ ଏନାପୁରସ୍ଥିତ ସିଦ୍ଧେଶ୍ୱର ମନ୍ଦିର ନିକଟରେ କେତେଜଣ ଗୋ-ରକ୍ଷକ ଅଟକାଇଥିଲେ। ସେମାନେ ଟ୍ରକ୍ ମଧ୍ୟରୁ ୫ ଟନ୍ରୁ ଅଧିକ ଗୋମାଂସ ପାଇଥିଲେ। ଫଳରେ ତତ୍କ୍ଷଣାତ ସେମାନେ ଉକ୍ତ ଟ୍ରକ୍ରେ ନିଆଁ ଲଗାଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ କାଗୱାଡ୍ ଥାନା ପୋଲିସ ମଙ୍ଗଳବାର ଏହି ମାମଲାରେ ୩ ଜଣଙ୍କୁ ଗିରଫ କରିଛି। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

ଡିଜିଟାଲ ଆରେଷ୍ଟରେ ୩୫ ଦିନ

# ଲୁଟିନେଲେ ୨୩ କୋଟି

ନୂଆଦିଲ୍ଲୀ,୨୩।୯

ଦିଲ୍ଲୀର ଜଣେ ଅବସରପ୍ରାପ୍ତ ବ୍ୟାଙ୍କର ଜାଲ୍ 'ଡିଜିଟାଲ ଆରେଷ୍ଟ'ରେ ୨୩ କୋଟି ଟଙ୍କା ହରାଇଛନ୍ତି। ୭୮ ବର୍ଷୀୟ ନରେଶ ମାଲହୋତ୍ରାଙ୍କୁ ଡିଜିଟାଲ ଆରେଷ୍ଟ ନାମରେ ତାଙ୍କ ଦିଲ୍ଲୀ ବାସଭବନରେ ଅଗଷ୍ଟ ୧ରୁ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ଅଟକ ରଖାଯାଇଥିଲା। ତାଙ୍କୁ ନିଜ ଆକାଉଣ୍ଟରୁ ସାଇବର ଅପରାଧୀଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରିବା ପାଇଁ କେବଳ ବ୍ୟାଙ୍କକୁ ଛଡ଼ାଯାଉଥିଲା। ନରେଶ ୩ଟି ବ୍ୟାଙ୍କରେ ଥିବା ତାଙ୍କ ଆକାଉଣ୍ଟରୁ ୨୦ ଥରରେ ଜୀବନର ସମସ୍ତ ସଞ୍ଚୟ ରାଶି ଅପରାଧୀଙ୍କ ଆକାଉଣ୍ଟକୁ ପଠାଇଦେଇଥିଲେ।

ସାଇବର ଅପରାଧୀମାନେ ନିଜକୁ ଆଇନ ପ୍ରବର୍ତ୍ତନକାରୀ ଅଫିସର ଓ ଟେଲିକମ୍ ଅପରେଟରଙ୍କ ପ୍ରତିନିଧି ପରିଚୟ ଦେଇ ନରେଶଙ୍କ ଆଧାର ତଥ୍ୟ ଓ ଲ୍ୟାଣ୍ଡଲାଇନ୍ ନମ୍ବରକୁ ଜାଲିଆତି କରାଯାଇ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ କାର୍ଯ୍ୟରେ ବ୍ୟବହାର କରାଯାଉଥିବା କହିଥିଲେ। ଯାଞ୍ଚ ପ୍ରକ୍ରିୟା ପାଇଁ ତାଙ୍କୁ ସମ୍ପତ୍ତିର ନଗଦୀକରଣ କରି ଟଙ୍କା ପଠାଇବାକୁ କୁହାଯାଇଥିଲା। ପୁଲ୍ୱାମା ସହ ଜଡ଼ିତ ୧,୩୦୦ କୋଟି ଟଙ୍କାର ଟେରର ଫଣ୍ଡିଂରେ ତାଙ୍କ ଆକାଉଣ୍ଟ ଲିଙ୍କ୍ ଥିବା ଜଣେ ମହିଳା ନିଜକୁ ଏୟାରଟେଲ୍ ପ୍ରତିନିଧି ପରିଚୟ ଦେଇ କହିଥିଲେ। ତଦନ୍ତ ପ୍ରକ୍ରିୟା ଜାରି ରହିଥିବାରୁ ନରେଶଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଆଇନରେ ଗିରଫ କରାଯିବ ବୋଲି କୁହାଯାଇଥିଲା। ଅପରାଧୀ ନିଜକୁ ମୁମ୍ବାଇର ପୋଲିସ ଅଫିସର ପରିଚୟ ଦେଇ ତାଙ୍କୁ ଭିଡିଓ କଲ୍ରେ ସାମିଲ ହୋଇ ତଦନ୍ତ ପ୍ରକ୍ରିୟାରେ ଭାଗନେବାକୁ କହିଥିଲେ। ପରେ ସେମାନେ ନରେଶଙ୍କୁ ବ୍ୟକ୍ତିଗତ ତଥ୍ୟ ସହ ବ୍ୟାଙ୍କ ଆକାଉଣ୍ଟ, ସ୍ଥାୟୀ ଜମା, ଷ୍ଟକ୍ ଓ ଲକର ଆଦି ଆର୍ଥିକ କାରବାରର ସବିଶେଷ ତଥ୍ୟ ଶେୟାର କରିବାକୁ କହିଥିଲେ। ତାଙ୍କ ନାମରେ ଚାର୍ଜଶିଟ୍ ଓ ଗିରଫ



ନରେଶ ମାଲହୋତ୍ରା

ପରୱାନାର ଜାଲ୍ ଦସ୍ତାବିଜ ତାଙ୍କ ପାଖକୁ ପଠାଯାଇଥିଲା। ତଥ୍ୟ ପ୍ରଘଟ ନ କରିବା ଓ ଜାମିନ କରାଇଦେବାର ପ୍ରତିଶ୍ରୁତି ଦେଇ ଅପରାଧୀମାନେ ତାଙ୍କଠାରୁ ଟଙ୍କା ଲୁଟି ଚାଲିଥିଲେ। ପ୍ରଥମେ ଅଗଷ୍ଟ ୪ରେ ନରେଶ ତାଙ୍କ ଷ୍ଟକ୍ ନିବେଶ ଉଠାଇ ଅପରାଧୀଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ୧୨.୮୪ କୋଟି ଟଙ୍କା ପଠାଇଥିଲେ। ଏହା ପୂର୍ବରୁ ସେ ୧୪ ଲକ୍ଷ ଟଙ୍କା ନିଜ ବ୍ୟାଙ୍କ ଆକାଉଣ୍ଟରୁ ପଠାଇଥିଲେ। ପରେ ଆଉ ୯.୯୦ କୋଟି ଟଙ୍କା ଏକାଧିକ ଥରରେ ସାଇବର ଅପରାଧୀଙ୍କ ଆକାଉଣ୍ଟକୁ ପଠାଯାଇଥିଲା। ସେପ୍ଟେମ୍ବର ସୁଦ୍ଧା ନରେଶ ମୋଟ ୨୨.୯୨ କୋଟି ଟଙ୍କା ପଠାଇଥିଲେ। ସେପ୍ଟେମ୍ବର ୪ରେ ଅନ୍ୟ ଜଣେ ବ୍ୟକ୍ତି ନିଜକୁ ଇଡି ଅଫିସର ପରିଚୟ ଦେଇ ନରେଶଙ୍କୁ କଲ୍ କରିଥିଲେ। ତାଙ୍କ ମାମଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ପଠାଯାଇଥିବା ସେ କହିଥିଲେ। ଟଙ୍କା ଫେରିପାଇବାକୁ ହେଲେ ତାଙ୍କୁ ରିଜର୍ଭ ବ୍ୟାଙ୍କରେ ୫ କୋଟି ଜମା କରିବାକୁ ପଡ଼ିବ ବୋଲି କୁହାଯାଇଥିଲା। କୋଲକାତାର ଏକ କମ୍ପାନୀ ଆକାଉଣ୍ଟକୁ ଟଙ୍କା ପଠାଇବାକୁ ସେ ପରାମର୍ଶ ଦେବାରୁ ନରେଶ ମନା କରିଥିଲେ। ପରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ସ୍ୱାକ୍ଷର ଥିବା ଏକ କୋର୍ଟ ଅର୍ଡର ତାଙ୍କ ପାଖକୁ ଆସିଥିଲା ଓ କମ୍ପାନୀକୁ ଟଙ୍କା ପଠାଇବାକୁ କୁହାଯାଇଥିଲା। ନରେଶ ୫ କୋଟି ଟଙ୍କାର ଡ୍ରାଫ୍ଟ ସହ ସୁପ୍ରିମକୋର୍ଟରେ ହାଜର ହେବେ ବୋଲି କହିବା ସହ ଘଟଣା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ।

# ଏଚ୍-୧ବି ଲଟେରି ବ୍ୟବସ୍ଥା ହଟିପାରେ

ୱାଶିଂଟନ,୨୩।୯

ଏଚ୍-୧ ବି ଭିଜା ନିୟମରେ ସଂଶୋଧନ କରିବାକୁ ଆମେରିକା ଏକ ପ୍ରସ୍ତାବ ଆଣିଛି। ହୋମ୍ଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ ପକ୍ଷରୁ ଅଣାଯାଇଥିବା ନୂଆ ପ୍ରସ୍ତାବରେ ଏଚ୍-୧ବି ଭିଜା ପ୍ରୋଗ୍ରାମ ପାଇଁ ରହିଥିବା ଲଟେରି ବ୍ୟବସ୍ଥାକୁ ହଟାଇ ଦିଆଯିବା ସହ ଚୟନ ପ୍ରକ୍ରିୟାକୁ କଡ଼ାକଡ଼ି କରାଯିବ। ଫଳରେ ଉଚ୍ଚ ଦକ୍ଷତାସମ୍ପନ୍ନ ଏବଂ ଉଚ୍ଚ ବେତନଯୁକ୍ତ ବିଦେଶୀଙ୍କୁ ଏଚ୍-୧ବି ଭିଜା ମିଳିପାରିବ। ଗତ ସପ୍ତାହରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୂଆ ଏଚ୍-୧ବି ଭିଜା ଆବେଦନକାରୀଙ୍କ ପାଇଁ ଦେୟ ୧ ଲକ୍ଷ ଡଲାରକୁ ବୃଦ୍ଧି କରିଥିଲେ।

# ଜେଲରୁ ମୁକୁଳିଲେ ଆଜମ

ସୀତାପୁର,୨୩।୯

ସମାଜବାଦୀ ପାର୍ଟି (ଏସ୍ପି)ର ବରିଷ୍ଠ ନେତା ଆଜମ ଖାନ୍ (୭୭) ୨୩ ମାସ ପରେ ସୀତାପୁର ଜେଲରୁ ମୁକୁଳିଛନ୍ତି। ସେ ଏକାଧିକ ମାମଲାରେ ଅଭିଯୁକ୍ତ ଥାଇ ଜେଲରେ ସଜା କାଟୁଥିଲେ। ପୂର୍ବରୁ କିଛି ମାମଲାରେ ଆଜମଙ୍କୁ ଜାମିନ ମିଳିସାରିଥିବା ବେଳେ ଗତ ସେପ୍ଟେମ୍ବର ୧୮ରେ ଆହ୍ଲାବାଦ ହାଇକୋର୍ଟ ତାଙ୍କୁ ବାକି ମାମଲାଗୁଡ଼ିକରୁ ଜାମିନ ପ୍ରଦାନ କରିଥିଲେ। ଏହାପରେ ସେ ଜେଲରୁ ମୁକୁଳିବା ସ୍ପଷ୍ଟ ହୋଇଥିଲା। ମଙ୍ଗଳବାର ୨ ଘଣ୍ଟାର ଆଇନଗତ ପ୍ରକ୍ରିୟା ଶେଷ



ଆଜମ ଖାନ୍

ହେବା ପରେ ସେ ଜେଲରୁ ମୁକୁଳିଛନ୍ତି। ଜେଲରୁ ବାହାରି ଆଜମ ପୁଅ ଅଦୀମ ଆଜମ ଖାନ୍ ଏବଂ ସମର୍ଥକଙ୍କ ସହ ଏକ ବିରାଟ ରାଲିରେ ଯୋଗଦେଇଥିଲେ।

**Block Development Office, Lakhanpur**

**Tender Call Notice**

No.3284 Date : 22.09.2025

**No.i-137** : The Block Development Officer, Lakhanpur invites percentage rate basis Tender for **1. Construction of Kalyan Mandap at Lakhyaghar Ganda Samaj, Katatikra, Tilia GP, 2. Development of ECO Park at Rampaluga, 3. Construction of PACS Office Building at Charpalli, Charpalli GP of Lakhanpur Block**. The sale of bid documents starts from **Dt.23.09.2025 to Dt.16.10.2025** during the office hour and receipt of the bid documents starts from **Dt.23.09.2025 to Dt.17.10.2025 up to 5.00 P.M.** on all working days in the office of the Block Development Officer, Lakhanpur. The bid will be opened on **Dt.18.10.2025 at 11.00 A.M.** Intending Class-B, Class-C and Class-D contractors may visit district website of Jharsuguda www.jharsuguda.odisha.gov.in for detail information.

Sd./- Block Development Officer, Lakhanpur

OIPR-19143/11/0008/2526

**COLLEGE OF AGRICULTURE**
**ODISHA UNIVERSITY OF AGRICULTURE & TECHNOLOGY, BHUBANESWAR - 751003**

No. 5528/CA Date: 22.09.2025

**WALK-IN-INTERVIEW**

No. KK-244: Walk-in-Interview for engagement of man power services (SRF & YPs) to be engaged on contractual basis at the NABL Laboratory "Establishment of NABL Accredited Laboratories for Organic Certification under OUAT" at Central Instrumentation Facility (CIF), OUAT, Bhubaneswar is scheduled to be held on **04.10.2025 at 11.00 A.M.**

The details about educational qualifications, experience and other criteria for the position are available at **www.ouat.ac.in**.

Sd./- Dean-cum-Chairman, PMT

OIPR-01036/11/0084/2526

**GOVERNMENT OF ODISHA** No.A-647
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**RENGALI LEFT BANK CANAL DIVISION**

At/P.O. - Kamakhyanagar, Dist. : Dhenkal, Odisha, PIN-759018
Ph. no. : 06769-270771, Email ID - eerlbcdivision@gmail.com

**e-PROCUREMENT NOTICE No.RLBCD-P-04/2025-26**

| | | |
|---|---|---|
| 1 | Category of Work | "Civil Construction Works" |
| 2 | Total No. of Works | **02 (Two) Nos of work** |
| 3 | Estimated Cost | **Varies From Rs.5.05 Lakhs to Rs.5.00 Lakhs** |
| 4 | Period of Completion | **30 Days** |
| 5 | Class of Contractor | **"C" & "D"** or equivalent grade/class |
| 6 | Cost of Bid Document / Mode of Payment | **Rs. 4,000/-** (Non-Refundable) / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | **Varies From Rs. 5,050/- to Rs.5,000/-** Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details : | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding | **25.09.2025 from 10.00 Hours to 14.10.2025 up to 17.00 Hours.** |
| | (iii) Date, time & venue of Bid Opening (Online) | **On Dt.15.10.2025 at 11.00 Hours** in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | **On Dt.29.10.2025 at 11.00 Hours (Tentative)** in the O/o the Superintending Engineer, Rengali Left Bank Canal Division, Kamakhyanagar. |

*Further details can be seen from the Government of Odisha website https://tendersodisha.gov.in

Sd./- Superintending Engineer
R.L.B. Canal Division
Kamakhyanagar

OIPR-32298/11/0031/2526

//1B//
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, ANANDAPUR**

**e-Procurement Notice**

Bid Identification No.11_/MIDA/2025-26
e-mail ID: mianandapur@yahoo.co.in

No.A-638:The Superintending Engineer, Minor Irrigation Division, Anandapur on behalf of the Governor of Odisha invites online percentage rate tender through "e" Procurement for the works as detailed in the Annexure to this bid notice.

| | |
|---|---|
| Name of the Work: | Civil works in different Blocks of Keonjhar District under the Imp to CD & MIPSP for the year 2025-26 |
| No.of Works: | 21 (Twenty One) Nos. only |
| Estimated Cost: | **Varies from 6.61 lakhs to 33.61 lakhs** (Approximately) |
| Cost of Tender Paper: | **4000/- & 6000/- (Non-refundable)** |
| Period of Completion: | **3 (Three) & 4 (Four) Calendar months** |
| Availability of bid documents for sale and receipt through online | From dt.26.09.2025, 10.00 AM to dt.10.10.2025, upto 5.00 P.M. |
| Last date/time of receipt of bids in the portal | 10.10.2025 (5.00 PM) |
| Date of Technical bid opening through online | On dt.13.10.2025 at 10.00 AM in the Office of the S.E., M.I. Division, Anandapur |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess Compatible Digital Signature Certificate (DSC). |
| **The detail tender call notice can also be seen in the DOWR website http:/dowrorissa.gov.in.** | |
| **Name & Address of the OIT:** | Superintending Engineer, Minor Irrigation Division, Anandapur, At/Po/ District- Keonjhar Email ID: mianandapur@yahoo.co.in |
| **Further details can be seen from the e-Procurement market place http://tendersorissa.gov.in** | |

Sd./- Superintending Engineer
M.I.Division, Anandapur

OIPR-32108/11/0040/2526

**DISTRICT PROJECT OFFICE, SAMAGRA SHIKSHA, DHENKANAL**

Phone & Fax : 95-6762-223175/227082, E-mail : dpcdhenkssa@opepa.nic.in
No. : 1715/ dtd : 23.09.2025

**NOTICE INVITING TENDER (NIT)**

**No.n-165** : Sealed tenders are invited from the reputed & credible manufactures/suppliers supply of "Equipment's, TLMs and Furniture" for 09 no's Saksham Resource Centre at PM SHRI Schools of Dhenkanal District in two bid systems (technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Procurement of different equipment's, TLMs & Furniture for SRC | Rs.1000/- | Rs.70000/- | 14.10.2025 at 2.00 PM | 15.10.2025 at 11.30 AM |

The detailed BID document is available in the website www.dhenkanal.odisha.gov.in & www.osepa.odisha.gov.in. Interested and eligible manufactures/Suppliers may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

By orders of Collector-cum-Chairperson
DEO-cum-DPC,
Samagra Shiksha, Dhenkanal

OIPR-27210/11/0004/2526

**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**

E-Mail ID: acephcbam@gmail.com

NATIONAL COMPETITIVE BIDDING THROUGH e-Procurement

No.C-1148: **Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs.in Lakhs) | Period of Completion | Availability of Bid document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| | | | | | From | To | |
| 1 | Laying of CWRM, distribution pipeline with automation of WTP and other ancillary works, Chikiti NAC under state plan | Identification No. ACEPHCBAM 11/2025-26 Dt.20.09.2025 | 192.07 | 6 (Six) Calendar Months | 11.00 Hrs. of 26.09.2025 | 17.30 Hrs. of 16.10.2025 | Chief Engineer, P.H. Circle, Berhampur |

**The technical bid shall be opened on dt.18.10.2025 at 12.30 P.M.**
**Further details can be seen from the e-Procurement portal http://tendersodisha.gov.in.**

OIPR-13004/11/0028/2526 Sd./- CHIEF ENGINEER (PH)

**WATCO** No. C-1162
**OFFICE OF THE GENERAL MANAGER**
**WATCO DIVISION-II, BHUBANESWAR**

Near Rajiv Bhawan, Unit - V, Bhubaneswar - 751001, Odisha, India
Telefax: +91-674-2390322, E-mail: gmdivtwowatco@gmail.com

NATIONAL COMPETITIVE BIDDING THROUGH e-PROCUREMENT
INVITATION FOR BIDS (IFB)
Dtd. 22.09.2025

| | |
|---|---|
| 01. Name of the Work | Provision for Sewerage disposal system from Toilet Blocks, Craft Pavilion, Lingaraj Plaza & Y Junction etc. at different locations under Ekamra Projects, BBSR |
| 02. Estimate Cost | Rs.69.38 lakhs |
| 03. Period of Completion | 02 (Two) Months |
| 04. Class of Contractor | B Class |
| 05. Date & time of availability of bid document in the portal | From 11.00 A.M. of Dt.25.09.25 to 5.00 P.M. of 15.10.2025 |
| 06. Last date/time of receipt of bids in the portal | 5.00 P.M. of 15.10.2025 |
| 07. Last date & time of seeking clarification | 5.00 P.M. of 04.10.2025 |
| 08. Date & time of opening of bids | At 12.30 P.M. of 16.10.2025 |
| 09. Name and address of the Officer Inviting Bid | General Manager, WATCO Division - II, BBSR |

Further details can be seen from the e-Procurement portal "https://www.tendersorissa.gov.in".

Sd./- General Manager
WATCO Division-II, Bhubaneswar

OIPR-13089/11/0029/2526

**WORKS DEPARTMENT** No. B-542
**OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE**

e-mail: seec_bls@rediffmail.com

Government of Odisha "e" Procurement Notice
Bid Identification No. CCEEC-06/2025-26

No. 4242 Dt.18.09.25

| | |
|---|---|
| Nature of Work | Drain & Road Works |
| Number of Works | 02 Nos. Drain, 4 Nos. Road |
| Amount put to Tender | Rs.113.76 Lakh to 456.59 lakh |
| Class of Contractor | "B" & "A" Class |
| Date & Time of availability of bid document in the portal | Dt.25.09.2025 at 10.00 A.M. |
| Last date/time of receipt of bid in the portal | Dt.09.10.2025 upto 05.00 P.M. |
| Date of Opening of Bid | Dt.10.10.2025 at 11.00 A.M. |
| Name and Address of the Office Inviting Bid | Chief Construction Engineer, Eastern Circle (R&B), Balasore |

The bidders have to participate in ONLINE bidding only. Further details can be seen from the e-procurement portal **"http//tendersodisha.gov.in"**. All future corrigendum will be available on ONLINE mode only.

Sd./- Chief Construction Engineer
Eastern Circle (R&B), Balasore

OIPR-34026/11/0017/2526

**OFFICE OF THE MEDICAL OFFICER I/C, CHC, LAXMIPUR, KORAPUT**
**BLOCK PROGRAMME MANAGEMENT UNIT**
**NATIONAL HEALTH MISSION**

E-mail : nhm.laxmipur2023@gmail.com

Notice No. : 629/BPMU/NHM/2025 Date : 20.09.2025

**NOTICE FOR HIRING TENDER OF VEHICLE FOR BPMU, CHC, LAXMIPUR**

**No.E-403** : Sealed proposals as per the prescribed RFP document are invited from interested eligible bidders (Private individuals / Tour operators / Travel Agency / Society / Firm) for hiring of vehicles (2-MHT) at CHC, Laxmipur on a monthly basis for implementation of the National Health Mission Programmes,Under CHC, Laxmipur,. The eligibility criteria, the terms of reference and the formats for submission of bid are set forth in the RFP document, which can be available in BPMU CHC, Laxmipur during the office hour as well as the same can be downloaded from district website (www.koraput.nic.in). Interested bidders fulfilling the eligibility criteria may submit their proposals with EMD & documents as per RFP. The bidders have to submit their proposals with all required documents should reach O/o Medical Officer, Incharge CHC, Laxmipur, At-Laxmipur, Po-Laxmipur, Dist- Koraput on or before 20-10-2025 by Registered Post or Speed Post or Courier. The technical & financial bid shall be opened in presence of the bidders on 23-10-2025 at 11 AM at the Office Chamber, Medical Officer I/C, CHC Laxmipur, Koraput. The undersigned reserves the right to reject any or all the proposals without assigning any reason thereof.

Sd./- Medical Officer I/C
CHC, Laxmipur

OIPR-10191/11/0003/2526

**Government of Odisha** No.O-836
**"e" Procurement Notice**
Letter No.3804, Dated 22.09.2025
Bid Identification No.TENDER ONLINE SNPR-02 OF 2025-26

1. Name of the work: Building Works as per DTCN available in the website www.tendersodisha.gov.in
2. Total No. of Work: 9 (Nine) Nos.
3. Approximate Estimated Cost : Vary from Rs.20.67 lakh to Rs.68.60 Lakh
4. Period of Completion: 06 (Six) to 9 (Nine) Calendar Months
5. Period and time of availability of bid document in the portal for bidding : 25.09.2025 at 11.00 AM to 04.10.2025 upto 5.00 PM.
6. Date and Time of Opening of Tender: 06.10.2025 at 11.00 AM (Technical Bid) & (Financial Bid will be intimated later on)
7. Name and address of the Officer inviting Bid : S.E.R.W. Division., Sonepur.

(1) Other details can be seen from detailed notice, (2) Inviting tenders,available in website www.tendersodishagov.in, (3) Corrigendum if any shall only be published in the website: www.tenderodisha.gov.in.

Sd./- Executive Engineer
Rural Works Division, Sonepur

OIPR-25054/11/0035/2526

GOVERNMENT OF ODISHA No.b-20
**Office of the Chief Construction Engineer**
**Southern N.H. Circle, Berhampur**

Email - senhsouthbam@gmail.com

INVITATION FOR BIDS
Bid Identification No. 07/CCE NH, South of 2025-26
(e-Procurement Notice)

Bid Identification No.07/CCE NH SOUTH of 2025-26 No. 3471 / Dated : 20.09.2025

1) The **Chief Construction Engineer, Southern N.H. Circle, Berhampur** on behalf of Governor of Odisha invites **percentage rate bid** in double cover system in **ONLINE MODE** from eligible contractors for construction of Building works as detailed in the table below.
2) Nature of work : Building Works
3) No. of work : 1 No.
4) Tender Cost : Rs.10,000/-
5) Class of Contractor : 'A' Class & 'B' Class
6) Availability of Bid document in the : 11 AM 27.09.2025 TO 5.30 PM of 16.10.2025
7) Date of Opening of Bid : 17.10.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any Corrigendum/Addendum/Cancellation of will be displayed in the e-tender website only.

Sd./- Chief Construction Engineer
Southern NH Circle, Berhampur

OIPR-34148/11/0019/2526

**COLLEGE OF FORESTRY**
**ODISHA UNIVERSITY OF AGRICULTURE AND TECHNOLOGY**

**INDICATIVE ADVERTISEMENT**

**No.KK-245:**A Walk-in-Interview for the post of one (1 No.) of Project Assistant of OUAT-SRS project "**Screening Superior Genotypes and Genetic Diversity of Pterocarpus marsupium Roxb. in Odisha**" will be held on 09.10.2025 at 11.00 AM in the Committee Room of Directorate of Research, OUAT, Bhubaneswar. The engagement is purely contractual and for one year with consolidated emoluments of Rs.15,000/- per month. No. House Rent Allowances will be paid. The details of the eligibility, age limit, terms of engagement and other information are available in the OUAT website: **www.ouat.ac.in.**

Sd./-
Project Investigator

OIPR-01036/11/0085/2526

GOVERNMENT OF ODISHA No. C-1152
**OFFICE OF THE ADDITIONAL CHIEF ENGINEER**
**PUBLIC HEALTH DIVISION, BHAWANIPATNA**

Parmanandpur, Railway Station Road, Bhawanipatna,
Dist.: Kalahandi, PIN - 766002, e-mail: eephbhpt@gmail.com

NATIONAL COMPETITIVE BIDDING THROUGH e-Procurement
Identification No. ACEPH-BHPT-35 of 2025-26 / Dt.20.09.2025

**e-Procurement Notice**

| | |
|---|---|
| 01. Name of the Work | 1 No. Work |
| 02. Type of Bid | Double Bid System |
| 03. Approx. Estimated Cost | Rs.211.43 Lakh |
| 04. Period of Completion | 02 (Two) Calendar Months |
| 05. Date & time of availability of bid document in the portal | From 11.00 A.M. of Dt.26.09.2025 to 5.00 P.M. of 10.10.2025 |
| 06. Last date/time of receipt of bids in the portal | 5.00 P.M. of 10.10.2025 |
| 07. Date & time of opening of Technical Bids | At 11.30 A.M. of 13.10.2025 |
| 08. Name and address of the Officer Inviting Bid | Additional Chief Engineer, P.H. Division, Bhawanipatna, Railway Station Road, At/P.O.: Parmanandpur, 766002, Dist.: Kalahandi |

Further details can be seen from the website **http://tenders.ori.nic.in** or **www.tendersorissa.gov.in**.

Sd./- Additional Chief Engineer
P.H. Division, Bhawanipatna

OIPR-13059/11/0052/2526

**WORKS DEPARTMENT** No.B-561
**OFFICE OF THE SUPERINTENDING ENGINEER, RAIRANGPUR (R&B), DIVISION**

e-mail : eerbrairangpur@yahoo.co.in
Government of Odisha "e" Procurement Notice
**Bid Identification No. SE 27 OF 2025-26**

| | |
|---|---|
| 1. Nature of work | **Building Work** |
| 2. Number of works | **04 (Four) Nos.** |
| 3. Amount put to Tender | **Rs.85,38,800.00 to 26,60,700.00** |
| 4. Class of Contractor | **B Class for Sl. No-1 to 3 and C & B Class for Sl No-4** |
| 5. Date & Time of availability of bid document in the portal | **Dt.25.09.2025 at 10.00 AM** |
| 6. Last Date / Time of receipt of bid in the portal | **Dt.06.10.2025 up to 04.00 PM** |
| 7. Date of opening of bid | **Dt.08.10.2025 at 11.00 AM** |
| 8. Name & address of the Office inviting bid | **Superintending Engineer, Rairangpur (R&B) Division** |

9. The bidders have to participate in **ONLINE** bidding only. Further details can be seen from the e-procurement portal **"http//tendersodisha.gov.in"**. All future corrigendum will be available on ONLINE mode only.

Sd./- Superintending Engineer
Rairangpur (R&B) Division

OIPR-34041/11/0016/2526

## ଜାଣି ରଖନ୍ତୁ



ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ । ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ। ଏକ ମାସ ଅନ୍ତରରେ କପର ଅକ୍ସିକ୍ଲୋରାଇଡ୍ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ୦.୫% ବୋର୍ଡାକ୍ସ ମିକ୍ସଚରକୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇପାରିବ । ପିଜୁଳି ଓ ଲେମ୍ବୁରପାଣି କୁଆଁ ସବୁ କାଟିଦିଅନ୍ତୁ। ଅମୃତଭଣ୍ଡା ଗଛର ମୂଳଶଢ଼ା ରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ । ରୋଗଣା ଗଛକୁ ବାହାର କରିଦିଅନ୍ତୁ । ମେଟାଲାକ୍ସିଲ୍ + ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ୧ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛ ମୂଳରେ ମାଟି ଭିଜା କରନ୍ତୁ।

## ପନିପରିବା ଚାଷ



ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ୍ ବିହନ ଦରକାର ହୁଏ। ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨-୩ ଟି ଆଖିଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ। ସହଳ କିସମ ଫୁଲକୋବିରେ ଶଁବାଳୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଡିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା- ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହକରି ତଳି ପକାନ୍ତୁ।

# ରାଶି ଚାଷ: କେତୋଟି ଜାଣିବା କଥା



ଡ. ପରେଶ କୁମାର ପଣ୍ଡା

ଆମ ରାଜ୍ୟରେ ରାଶି ଏପରି ଏକ ଫସଲ, ଯାହା ଯେକୌଣସି ଚାଷ ପରେ ଓ ଯେକୌଣସି ମୃତ୍ତିକାରେ ଚାଷ କରାଯାଇପାରେ। ଏହା ଖୁବ୍ କମ୍ ଜଳରେ ଚାଷ ହୋଇପାରୁଥିବା ଫସଲ। ରାଶି ହେଉଛି ଚିନାବାଦାମ ପରେ ଚାଷ ହେଉଥିବା ଦ୍ୱିତୀୟ ମୁଖ୍ୟ ତୈଳବୀଜ। ରାଶିରେ ଶତକଡ଼ା ୪୫-୫୩ ଭାଗ ତେଲ ଓ ୧୮-୨୦ ଭାଗ ପୁଷ୍ଟିସାର ରହିଛି। ଏହାର ତେଲକୁ ଉଭୟ ଲଗାଇବା ଏବଂ ଖାଇବାରେ ବ୍ୟବହାର କରାଯାଏ।

ଓଡ଼ିଶାରେ ରାଶିର ଅମଳ ହେକ୍ଟର ପ୍ରତି ହାରାହାରି ପ୍ରାୟ ୫୦୦ କି.ଗ୍ରା. ରହିଛି। ଏତେ କମ୍ ଆୟର କାରଣ ହେଲା-(୧) ଅତି ନିମ୍ନମାନର ଜମିରେ ଚାଷ, (୨) ବିନା ଖତ, ସାର ପ୍ରୟୋଗରେ ଚାଷ, (୩) ଅଧିକ ଅମଳକ୍ଷମ କିସମ ବ୍ୟବହାର ନ କରିବା ଏବଂ (୪) ଯଥାବିଧି ଚାଷ ପ୍ରଣାଳୀ ଅବଲମ୍ବନ ନ କରିବା ଇତ୍ୟାଦି। ତେଣୁ ଅଧିକ ଅମଳ ପାଇବା ପାଇଁ ପ୍ରମାଣିତ ବିହନ ବ୍ୟବହାରକରି ଉପଯୁକ୍ତ ଚାଷ ପ୍ରଣାଳୀ ଅବଲମ୍ବନ କରିବା ଆବଶ୍ୟକ।

**କିସମ,ମୃତ୍ତିକା ଓ ଜଳବାୟୁ**

ନିଗିଡ଼ା ଡିପ ବା ମଝିଆଳୀ ବାଲିଆ ଦୋରସା ଓ ହାଲୁକା ମାଟି ରାଶି ଚାଷ ପାଇଁ ଉପଯୁକ୍ତ। ଲୁଣି, କ୍ଷାରୀ ଅମ୍ଳୀୟ ଓ ଅତି ମଟାଳ ବା ପାଣି ଜମି ରହୁଥିବା ମାଟିରେ ରାଶି ଭଲ ଚାଷ ହୋଇ ନ ଥାଏ। ଏହି ଫସଲ ଓଡ଼ିଶାର ଉପକୂଳବର୍ତ୍ତୀ ସମତଳ ଭୂମିଠାରୁ ପାହାଡ଼ିଆ ଅତି ଉଚ୍ଚ ଜମିରେ ମଧ୍ୟ ଚାଷ କରାଯାଇଥାଏ। ଅତିକମ୍ ବୃଷ୍ଟିପାତ ଅଞ୍ଚଳରେ ଏହି ଚାଷ କରାଯାଇପାରେ। ସବୁବେଳେ ଜଳୀୟାଂଶ ରହୁଥିବା ବାଲିଆ ଦୋରସା ମାଟିରେ ରାଶି ଚାଷ ଭଲ ହୁଏ।

ବର୍ଷାଦିନେ ଉଚ୍ଚ ଜମିରେ ଓ ଖରାଦିନେ ଜଳସେଚିତ ଜମିରେ ରାଶି ଚାଷ କରାଯାଏ। ବର୍ଷାଋତୁରେ ଜୁନ୍ ମଧ୍ୟଭାଗରୁ ଜୁଲାଇ ମଧ୍ୟଭାଗ, ଶୀତ ଋତୁରେ ସେପ୍ଟେମ୍ବରଠାରୁ ଅକ୍ଟୋବର ଏବଂ ଗ୍ରୀଷ୍ମଋତୁରେ ଫେବୃଆରୀରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ରାଶି ବୁଣାଯାଏ। ରାଶିକୁ ପ୍ରାକ୍ ରବି ବା ରବି ଫସଲ ହିସାବରେ ନିପାଣିଆ ଚାଷ ମଧ କରାଯାଏ। ଏଥିପାଇଁ ବର୍ଷାଋତୁ ପ୍ରାରମ୍ଭରୁ ଖରାଟିଆ ବର୍ଷାର ସୁଯୋଗ ନେଇ ଜମିକୁ ୨-୩ ଓଡ଼ ଭଲ ଭାବେ ଚାଷକରି ମାଟିକୁ ଗୁଣ୍ଡକରି ଦିଆଯାଏ। ଗୁଣ୍ଡଚାଷ ଜମିରେ ଏକର ପ୍ରତି ଶେଷ ଓଡ଼ ଚାଷ ସମୟରେ ୨୦ କୁଇଣ୍ଟାଲ ଖତ ପ୍ରୟୋଗ କରାଯାଏ। ଜମିକୁ ସମତଳ ରଖିବା ନିହାତି ଦରକାର।

ବିଜ୍ଞପିତ ହୋଇଥିବା ଅଧିକ ଅମଳକ୍ଷମ, ଉନ୍ନତ କିସମ ମଧ୍ୟରେ ଉମା, ପ୍ରାଚୀ, ଶୁଭ୍ରା, ସମରକ (୭୫ ଦିନିଆ), କଳିକା, କନକ, ଉଷା, ଜି.ଟି.-୧, ନିର୍ମଳା, ଅମ୍ରିତ (୮୦-୮୫ ଦିନିଆ), ବିନାୟକ, କ୍ରିଷ୍ଣା, ଜି.ଟି.-୧୦, ପ୍ରଗତି, ସ୍ମାରକ (୯୦ ଦିନିଆ), ଗୌରୀ ଓ ପ୍ରତାପ (୧୦୦ ଦିନିଆ)। ସବୁ କିସମ ବର୍ଷାଦିନେ ଚାଷ ହୋଇଥାଏ। ବିନାୟକ, କଳିକା, କନକ, ଉମା (ଖରାଟିଆ ଚାଷ ପାଇଁ ଉପଯୁକ୍ତ), କ୍ରିଷ୍ଣା ଓ ଅନ୍ୟ କିସମଗୁଡ଼ିକ ଶୀତଦିନେ ଚାଷ ହୋଇଥାଏ। କ୍ରିଷ୍ଣା, ପ୍ରାଚୀ, ଅମ୍ରିତ, ସ୍ମାରକ ଓ ଜି.ଟି.-୧୦ କିସମ ମଞ୍ଜି କଳା, ପ୍ରତାପ, ନିର୍ମଳା, ଶୁଭ୍ରା, ଜି.ଟି.-୧ ଓ ଜି.ଟି.-୨ କିସମ ମଞ୍ଜି ଧଳା କିମ୍ବା ଧୂସରିଆ ରଙ୍ଗର।

"ରାଶି ଫସଲ ବଢ଼ିବା ସମୟରେ ଉଷ୍ମ ଜଳବାୟୁ ରାଶି ଉତ୍ପାଦନ ପାଇଁ ଭଲ। ଗଛର ବୃଦ୍ଧି ଓ ଫଳ ଭଲ ହୁଏ। ଉତ୍ତାପ କମ୍ ରହିଲେ ଫୁଲ ଝରିପଡ଼େ, ନଚେତ୍ ଫୁଲ ବନ୍ଧ୍ୟା ହୋଇଯାଏ। ଜମିରେ ପାଣି ଜମି ରହିଲେ ବା କ୍ରମାଗତ ପାଗ ଓଦାଳିଆ ରହିଲେ କିମ୍ବା କୁହୁଡ଼ି ହେଲେ ଫସଲ ଭଲ ହୋଇ ନ ଥାଏ। ଏସବୁ ଦୃଷ୍ଟିରୁ ଉପଯୁକ୍ତ ବିହନ କିସମ ବାଛିବା ଓ ବୁଣିବା ସମୟ ଠିକ୍ କରିବାକୁ ହୋଇଥାଏ। ଏ ସବୁ ଦୃଷ୍ଟିରୁ ଉପଯୁକ୍ତ ବିହନ କିସମ ବାଛିବା ଓ ବୁଣିବା ସମୟ ଠିକ୍ କରିବାକୁ ହୋଇଥାଏ। ଆଳୁ ପରେ ସେହି ଜମିରେ ବିନା ଖତସାରରେ ରାଶି ଚାଷ କରାଯାଇପାରେ ଓ ସେଥିରୁ ଭଲ ଅମଳ ମଧ ହୋଇଥାଏ।"



**ବିହନ ବୁଣା ଓ ଖତସାର**

ଧାଡ଼ିବୁଣା ପାଇଁ ଖରିଫ ଋତୁରେ ଏକର ପ୍ରତି ୩ କି.ଗ୍ରା. ଏବଂ ରବି ତଥା ଗ୍ରୀଷ୍ମଋତୁରେ ୨ କି.ଗ୍ରା. ବିହନ ଦରକାର ପଡ଼ିଥାଏ। କାରଣ ଏହି ମଞ୍ଜିର ଗଜାହେବା ଶକ୍ତି ମଝି ଓ ଉପର ଅଂଶରେ ଥିବା ମଞ୍ଜି ଅପେକ୍ଷା ଅଧିକ ରହିଥାଏ। ପ୍ରତି କିଲୋଗ୍ରାମ ବିହନ ପାଇଁ ୨.୫ ଗ୍ରାମ ମାନ୍‌କୋଜେବ୍ ୭୫ ପ୍ରତିଶତ ଡବ୍ଲ୍ୟୁପି/ଟେବୁକୋନାଜୋଲ ୨ ପ୍ରତିଶିତ ଡିଏସ୍‌କୁ ଗୋଳାଇ ବିହନ ବିଶୋଧନ କରିବା ଆବଶ୍ୟକ।

ରାଶି ଫସଲ ବଢ଼ିବା ସମୟରେ ଉଷ୍ମ ଜଳବାୟୁ ରାଶି ଉତ୍ପାଦନ ପାଇଁ ଭଲ। ଗଛର ବୃଦ୍ଧି ଓ ଫଳ ଭଲ ହୁଏ। ଉତ୍ତାପ କମ୍ ରହିଲେ ଫୁଲ ଝରିପଡ଼େ, ନଚେତ୍ ଫୁଲ ବନ୍ଧ୍ୟାହୋଇଯାଏ। ଜମିରେ ପାଣି ଜମି ରହିଲେ ବା କ୍ରମାଗତ ପାଗ ଓଦାଳିଆ ରହିଲେ କିମ୍ବା କୁହୁଡ଼ି ହେଲେ ଫସଲ ଭଲ ହୋଇ ନ ଥାଏ। ଏସବୁ ଦୃଷ୍ଟିରୁ ଉପଯୁକ୍ତ ବିହନ କିସମ ବାଛିବା ଓ ବୁଣିବା ସମୟ ଠିକ୍ କରିବାକୁ ହୋଇଥାଏ। ଏସବୁ ଦୃଷ୍ଟିରୁ ଉପଯୁକ୍ତ ବିହନ କିସମ ବାଛିବା ଓ ବୁଣିବା ସମୟ ଠିକ୍ କରିବାକୁ ହୋଇଥାଏ। ଆଳୁ ପରେ ସେହି ଜମିରେ ବିନା ଖତସାରରେ ରାଶି ଚାଷ କରାଯାଇପାରେ ଓ ସେଥିରୁ ଭଲ ଅମଳ ମଧ ହୋଇଥାଏ। ମଞ୍ଜିଗୁଡ଼ିକ ଛୋଟ ଛୋଟ ଓ ହାଲୁକା ହୋଇଥିବାରୁ ଏହାକୁ ସମ ପରିମାଣରେ ଶୁଖିଲା ବାଲିରେ ମିଶାଇ ଧାଡ଼ିରେ ୨-୩ ସେ.ମି. ଗଭୀରରେ ବୁଣିବା ଦରକାର। ଧାଡ଼ି ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନ ରଖାଯାଏ। ଗଛ ପତଳା ରହିଲେ ଶାଖା ଅଧିକ ଆସିଥାଏ। ଧାଡ଼ି ବୁଣା, ଅନ୍ତଃଚାଷ ଓ ଅନାବନା ଘାସ ଦମନ ସହଜ ହୋଇଥାଏ। ଜମିରେ ବତର ଥିଲେ ଭଲ ଗଜା ହୁଏ। ତେଣୁ ଖରାଟିଆ ରାଶି ବୁଣିବା ପୂର୍ବରୁ ସାଧାରଣ ଭାବେ ପାଣି ମଡ଼ାଇ ଜମିର ବତର ଅଣାଯାଏ। ରାଶି ଫସଲ ଅଧିକ ଖାଦ୍ୟସାର ଦରକାର କରେ। ତେଣୁ ଏକର ପ୍ରତି ୨୦ କୁଇଣ୍ଟାଲ ଖତ ସହ ରାସାୟନିକ ସାର ପ୍ରୟୋଗ କରିବା ନିତାନ୍ତ ଜରୁରୀ। ରାଶି ଫସଲ ଏକର ପ୍ରତି ୧୨ କି.ଗ୍ରା. ଯବକ୍ଷାରଜାନ, ୮ କି.ଗ୍ରା. ଫସ୍‌ଫରସ୍ ଓ ୮ କି.ଗ୍ରା. ପଟାସ (ଅର୍ଥାତ୍ ଡି.ଏ.ପି. ୧୮ କି.ଗ୍ରା., ୟୁରିଆ ୨୦ କି.ଗ୍ରା. ଓ ପଟାସ ୧୩ କି.ଗ୍ରା.) ସାର ଦରକାର କରେ। ଅଧା ଯବକ୍ଷାରଜାନ (୬ କି.ଗ୍ରା. ସହ ସମସ୍ତ ୮ କି.ଗ୍ରା. ଫସ୍‌ଫରସ୍ ଓ ୮ କି.ଗ୍ରା. ପଟାସ୍ ବିହନ ବୁଣିବା ପୂର୍ବରୁ ଜମିରେ ପ୍ରୟୋଗ କରିବା ଉଚିତ। ଏଥିସହ ମୂଳ ସାର ଭାବେ ଜିଙ୍କ୍ ସଲ୍‌ଫେଟ୍ (୨୧ ପ୍ରତିଶତ ଦସ୍ତା)ର ୫ କି.ଗ୍ରା. ଏକର ପ୍ରତି ପ୍ରୟୋଗ କଲେ ଭଲ। ସାରକୁ ସିଆର୍‌ରେ ପ୍ରୟୋଗକରି ଭଲ ଭାବରେ ମାଟିରେ ମିଶାଇ ଦେଇ ଧାଡ଼ିରେ ବିହନ ବୁଣିବା ଦ୍ୱାରା ସାରର ଭଲ ବିନିଯୋଗ ହୋଇଥାଏ। ଅବଶିଷ୍ଟ ଅଧା ଯବକ୍ଷାରଜାନ (୬ କି.ଗ୍ରା.) ଅର୍ଥାତ୍ ୟୁରିଆ ୧୩ କି.ଗ୍ରା.କୁ ଗଛ ୩ ସପ୍ତାହର ହୋଇଗଲେ କୋଡ଼ାଖୁସାକରି ପ୍ରୟୋଗ କରାଯାଏ। (କ୍ରମଶଃ...)

-ଜିଲା କୃଷି ଅଧିକାରୀ, ସାକ୍ଷୀଗୋପାଳ
ମୋ :୯୪୩୭୧୧୨୭୦୪

## ଅଳ୍ପରେ...



➤ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଟିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।



➤ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।

➤ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

➤ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସାକରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ ।

➤ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସାକରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍ଡା ସାଇହାଲୋଥ୍ରିନ୍ (୨.୫ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।



## ଧାନଚାଷରେ ରୋଗପୋକ ଦମନ

ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ % ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । ଏହାଛଡ଼ା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ବା ଫ୍ଲୁବେଣ୍ଡିଆମାଇଡ୍ ଏକର ପ୍ରତି ୨୦୦ ଗ୍ରାମ୍ ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। କାହାଳିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍‌ସି କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ । ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ । ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼େଇବା ପର୍ଯ୍ୟନ୍ତ ଜମିରେ ୫ x ୨ ସେ.ମି. ଠିଆପାଣି ରଖିବାକୁ ଚେଷ୍ଟା କରନ୍ତୁ। ଲେଡ଼ାପୋକ ଦମନ ପାଇଁ ଲାମ୍ଡା-ସାଇହାଲୋଥ୍ରୀନ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍‌ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟାବେଳେ ସିଞ୍ଚନ କରନ୍ତୁ । ଏହାଛଡ଼ା ଆକ୍ରାନ୍ତ ବିଲ ଚାରିପଟେ ଗୁଣ୍ଡ କୀଟନାଶକ ପକାଇ ବିଷ ବଳୟ ତିଆରି କରନ୍ତୁ।



# ଗୋବନ୍ଧ୍ୟା ନିରାକରଣ



(ଶେଷ ଭାଗ)

**ବୈଜ୍ଞାନିକ ପ୍ରଣାଳୀରେ ବନ୍ଧ୍ୟାଦୋଷ ନିରାକରଣ :** ଗୋବନ୍ଧ୍ୟା ନିରାକରଣ ପାଇଁ ପ୍ରଥମେ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶକରି ଗାଈମାନଙ୍କର ଶରୀର ଓ ଜନନେନ୍ଦ୍ରିୟ ପ୍ରଣାଳୀର ପ୍ରତ୍ୟେକ ଅଂଶ ପରୀକ୍ଷା କରି ବନ୍ଧ୍ୟାଦୋଷର ଠିକ୍ କାରଣ ନିର୍ଣ୍ଣୟ କରିବା ଉଚିତ । ଏହାର କାରଣ ନିର୍ଣ୍ଣୟ କଲା ପରେ ନିମ୍ନଲିଖିତ ପଦକ୍ଷେପ ନିଆଯିବା ଆବଶ୍ୟକ ।

**ସୁଷମ ଗୋଖାଦ୍ୟ :** ସାଧାରଣତଃ ମାଈ ବାଛୁରୀଟି ଜନ୍ମହେବା ୨/୩ ମାସ ପରଠାରୁ ତା'ର ଶରୀର ଗଠନ ପାଇଁ ଉତ୍ତମ ସୁଷମ ଗୋଖାଦ୍ୟ ଯୋଗାଇଦେବା ଉଚିତ । ଏହି ସୁଷମ ଗୋଖାଦ୍ୟରେ ଉପଯୁକ୍ତ ପରିମାଣର ଖାଦ୍ୟପ୍ରାଣ ବା ଭିଟାମିନ୍ 'କ', 'ଖ', 'ଘ', 'ଙ' ଓ ଧାତବ ଲବଣ (କ୍ୟାଲ୍‌ସିୟମ, ଫସ୍‌ଫରସ୍, କୋବାଲ୍ଟ, କପର, ଆଇରନ , ମାଙ୍ଗାନିଜ) ଇତ୍ୟାଦି ରହିବା ଦରକାର । ଏଥି ସଙ୍ଗେ ସଙ୍ଗେ ସବୁଜ ଘାସ ଦିନକୁ ଅନ୍ୟୂନଃ ୫ କେ.ଜି. ଦେବା ଆବଶ୍ୟକ। ସବୁଜ ଘାସରେ ଶ୍ୱେତସାର ବା ଶସ୍ୟଜାତୀୟ ଏବଂ ପୁଷ୍ଟିସାର ବା ଛୁଇଁଜାତୀୟ ଘାସର ମିଶ୍ରିତ ଆନୁପାତିକ ହାର ୩ :୧ ହେବା ଦରକାର । ସୁଷମ ଖାଦ୍ୟର ଉପାଦାନଗୁଡ଼ିକ ହେଲା - ମକା/କୋଳଥ:୫୦%,ବାଦାମ ପିଡ଼ିଆ :୨୫%, କୁଣ୍ଡା ବା ଚୋକଡ଼ : ୨୩%, ଧାତବଲବଣ : ୧%, ଲୁଣ: ୧% (ମୋଟ: ୧୦୦%)

**ଖାଦ୍ୟର ପରିମାଣ**

➤ଗାଈର ବଞ୍ଚିବା ପାଇଁ ଦାନାର ପରିମାଣ = ୫୦୦ ଗ୍ରାମ୍ / ପ୍ରତି ୫୦ କେ.ଜି. ଶାରୀରିକ ଓଜନ । ଗାଈ କ୍ଷୀର ଦେବାପାଇଁ ଦାନା = ୪୦୦ ଗ୍ରାମ୍ /ପ୍ରତି ଲିଟର କ୍ଷୀର ପିଛା ।

➤ଗାଈର ଗର୍ଭଧାରଣ ପାଇଁ ଦାନା = ପ୍ରଥମ ୬ମାସ - ୫୦୦ଗ୍ରାମ୍ / ପ୍ରତି ଗାଈ ପିଛା, ୭ମାସରୁ ୯ମାସ = ଏକ କେ.ଜି. ପ୍ରତି ଗାଈ ପିଛା । ନଡ଼ା ବା କୁଟାରେ ସମୁଦାୟ ହଜମ ହେଉଥିବା ଶ୍ୱେତସାର ପରିମାଣ ୩୮-୪୦ ପ୍ରତିଶତ ଥାଏ । ସେହିପରି ନଡ଼ାରେ ସମୁଦାୟ ହଜମ ହେଉଥିବା ପୁଷ୍ଟିସାର ପରିମାଣ ୦.୫ ପ୍ରତିଶତ ଥାଏ। ଗାଈର କେବଳ ପେଟ ଭରିବା ସହ ଶକ୍ତି ପାଇଁ ନଡ଼ା ଖାଇବାକୁ ଦିଆଯାଏ। କିନ୍ତୁ ନଡ଼ାରେ ଥିବା ଆକ୍‌ଜାଲିକ୍ ଅମ୍ଳ ଗାଈର ଦେହରେ ଥିବା କ୍ୟାଲ୍‌ସିୟମ୍ ସହ ମିଶି ରାସାୟନିକ ପ୍ରକ୍ରିୟାରେ କ୍ୟାଲ୍‌ସିୟମ ଆକ୍‌ଜାଲେଟ୍‌ରେ ପରିଣତ ହୋଇ ଝାଡ଼ାହୋଇ ବାହାରି ଆସେ । ଫଳରେ କେବଳ ନଡ଼ା ଗାଈକୁ ଖୁଆଇଲେ ଗାଈ ବା ଛଡ଼ାର ଶରୀର କ୍ୟାଲ୍‌ସିୟମ୍‌ର ଅଭାବ ଯୋଗୁ ଦୁର୍ବଳ ହୋଇପଡ଼େ ଏବଂ ଗରମକୁ ଆସେ ନାହିଁ । ତେଣୁ ନଡ଼ାକୁ ଛୋଟ ଛୋଟ କରି କାଟି ଧୋଇକରି ଗାଈକୁ ଖାଇବାକୁ ଦେଲେ ଗାଈ କ୍ୟାଲ୍‌ସିୟମ୍ ଅଭାବ ରୋଗ କମିଯାଏ ।

**ଉପଯୁକ୍ତ ଚିକିତ୍ସା ଓ ପ୍ରତିଷେଧକ ବ୍ୟବସ୍ଥା :** ପ୍ରତି ୨ମାସ ବ୍ୟବଧାନରେ ଥରେ ଗାଈର ଗୋବର ପରୀକ୍ଷାକରି କୃମିଜନିତ ରୋଗର ଚିକିତ୍ସା କରିବା ନିତାନ୍ତ ଦରକାର । ଜନନେନ୍ଦ୍ରିୟ ପ୍ରଣାଳୀରେ ବିଭିନ୍ନ ଅଂଶ ପରୀକ୍ଷାକରି ଜୀବାଣୁଜନିତ ରୋଗ ଦ୍ୱାରା ଯଦି ବନ୍ଧ୍ୟାଦୋଷ ହୋଇଥାଏ, ତା'ର ଉପଯୁକ୍ତ ଚିକିତ୍ସା କରିବା ନିହାତି ଦରକାର । ବିଭିନ୍ନ ସଂକ୍ରାମକ ରୋଗ ଯଥା-ସାହାଣା, ବଜବଜିଆ, ଫାଟୁଆ, ପ୍ଳିହାରୋଗ, ଗୋବସନ୍ତ ଇତ୍ୟାଦିର ଉପଯୁକ୍ତ ସମୟରେ ପ୍ରତିଷେଧକ ବ୍ୟବସ୍ଥା କରିବା ଆବଶ୍ୟକ ।

**ଗୋବନ୍ଧ୍ୟା ନିରାକରଣ ପାଇଁ ବିଭିନ୍ନ ପଦକ୍ଷେପ**

➤ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଓ ବିଭାଗୀୟ କର୍ମକର୍ତ୍ତାମାନଙ୍କ ଦ୍ୱାରା ଚାଷୀମାନଙ୍କୁ ଗାଈ ବା ଛଡ଼ାର ଖାଦ୍ୟପେୟ, ପ୍ରତିଷେଧକ ବ୍ୟବସ୍ଥା, ଲାଳନପାଳନ, ଘାସଚାଷ ଇତ୍ୟାଦି ବିଭିନ୍ନ ପ୍ରକାର ତାଲିମ ପ୍ରଦାନ କରିବା । ଏହାବ୍ୟତୀତ ସବୁଜ ଘାସ ଚାଷପାଇଁ ଖରିଫ୍ ଓ ରବିଋତୁରେ ବିଭିନ୍ନ ପ୍ରକାର ଘାସମଞ୍ଜି ଯଥା - ବରଗୁଡ଼ି, ଏମ୍‌ପିଚେରି, ବର୍‌ସିମ, ଓଟ୍, ମକା ପ୍ରଭୃତି ଘାସମଞ୍ଜି ପ୍ରାଣୀ ଚିକିତ୍ସାଳୟ, ପ୍ରାଣୀଧନ ସହାୟକ କେନ୍ଦ୍ର ଓ ଦୁଗ୍ଧ ସମବାୟ ସମିତି ମାଧ୍ୟମରେ ଯୋଗାଇ ଦେବା।

➤କ୍ଷୁଦ୍ର ଓ ନାମମାତ୍ର ଚାଷୀ, କୃଷିଶ୍ରମିକ ପ୍ରମୁଖଙ୍କ ପାଇଁ ସଙ୍କର ଜାତୀୟ ମାଈ ବାଛୁରୀ ପାଳନ ନିମନ୍ତେ ୪ମାସଠାରୁ ୩୨ ମାସ ପର୍ଯ୍ୟନ୍ତ କିମ୍ବା ବାଛୁରୀ ଜନ୍ମ କଲା ପର୍ଯ୍ୟନ୍ତ ସରକାରଙ୍କ ତରଫରୁ ସବ୍‌ସିଡି ହାରରେ ସୁଷମ ଗୋଖାଦ୍ୟ ଯୋଗାଇଦେବା । ଅନ୍ୟପକ୍ଷରେ ଉଭୟ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଓମ୍‌ଫେଡ୍ ତରଫରୁ ବିଭିନ୍ନ ଦୁଗ୍ଧ ସମବାୟ ସମିତି ଓ ପ୍ରାଣୀଧନ ସହାୟକ କେନ୍ଦ୍ର ତଥା ଗ୍ରାମାଞ୍ଚଳରେ ବିଭାଗୀୟ ପ୍ରାଣୀ ଚିକିତ୍ସକ ଓ ବିଶେଷଜ୍ଞମାନଙ୍କ ଦ୍ୱାରା ଭ୍ରାମ୍ୟମାଣ ଚିକିତ୍ସା ସେବା ସହ ଗୋବନ୍ଧ୍ୟା ନିରାକରଣ ପାଇଁ ଶିବିରମାନ ଆୟୋଜନ କରିବା ।

➤ଗରମ ଆସୁଥିବା ଗାଈକୁ କୃତ୍ରିମ ପ୍ରଜନନ ପାଇଁ ସମସ୍ତ ପଦକ୍ଷେପ ପ୍ରାଣି ସମ୍ପଦ ବିଭାଗ ତରଫରୁ ନିଆଯାଇଅଛି ।

**-ଡା. ବୀରକିଶୋର ପରିଡ଼ା,**
ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

# ଜିଏସ୍‌ଟି ସଂସ୍କାର: ଅଟୋ ଶିଳ୍ପରେ ଅଭିବୃଦ୍ଧି ଆଶା

ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ସଂସ୍କାର ଦେଶରେ ଗାଡ଼ି ଚାହିଦା ବୃଦ୍ଧି ସହ ଅଟୋ ଶିଳ୍ପକୁ ଉତ୍ସାହିତ କରିବ ବୋଲି ଆଶା କରାଯାଉଛି। ଏପରି କି ଅଟୋ ଶିଳ୍ପ ସହ ଜଡ଼ିତ ଟାୟାର, ବ୍ୟାଟେରି, ଗ୍ଲାସ୍, ଷ୍ଟିଲ୍, ପ୍ଲାଷ୍ଟିକ ଓ ଇଲେକ୍ଟ୍ରୋନିକ୍ସ ଭଳି ସାମଗ୍ରୀର ଶିଳ୍ପଗୁଡ଼ିକ ମଧ ଲାଭାନ୍ୱିତ ହେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। ନୂଆ ବ୍ୟବସ୍ଥାରେ ବାଇକ (୩୫୦ ସିସି ପର୍ଯ୍ୟନ୍ତ), କାର୍ (୧୫୦୦ ସିସି ପର୍ଯ୍ୟନ୍ତ), ଟ୍ରାକ୍ଟର (୧୮୦୦ ସିସି ପର୍ଯ୍ୟନ୍ତ) ଏବଂ ଅଟୋ ପାର୍ଟସ ଉପରେ ଟିକସ ୨୮%ରୁ ୧୮%କୁ ହ୍ରାସ କରାଯାଇଛି। ଗାଡ଼ି ଚାହିଦା ବୃଦ୍ଧି ହେଲେ ଡିଲରଶିପ, ପରିବହନ, ଲଜିଷ୍ଟିକ୍ସ ଓ କମ୍ପୋନେଣ୍ଟ ଏମ୍‌ଏସ୍‌ଏମ୍‌ଇରେ ନୂଆ ନିଯୁକ୍ତି ସୃଷ୍ଟି ହେବ। ଡ୍ରାଇଭର, ମେକାନିକ ଓ ଛୋଟ ସର୍ଭିସ ଗ୍ୟାରେଜ ଭଳି ଅଣସଂଗଠିତ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିଙ୍କ ରୋଜଗାର ବୃଦ୍ଧି ପାଇବ। ବାଇକ୍ ମୂଲ୍ୟ ହ୍ରାସ ହେବା ଦ୍ୱାରା ଏହା ଯୁବକ, ପେସାଦାର ଓ ନିମ୍ନ-ମଧମ ବର୍ଗର ଲୋକଙ୍କୁ ସୁହାଇବ। ପାର୍ବଣ ସମୟରେ ଜିଏସ୍‌ଟିରେ ସଂସ୍କାର ଅଣାଯାଇଥିବାରୁ ଓଡ଼ିଶାରେ ଗାଡ଼ି ବଜାରର କ'ଣ ସ୍ଥିତି ରହିଛି ସେନେଇ ପ୍ରମୁଖ କମ୍ପାନୀର ମାଲିକ, ଅଧିକୃତ ବିକ୍ରେତା ଏବଂ ବିଶେଷଜ୍ଞମାନଙ୍କ ମତକୁ ନେଇ ଧରିତ୍ରୀ ସ୍ୱତନ୍ତ୍ର ଉପସ୍ଥାପନା...





ନୂଆ ଜିଏସ୍‌ଟି ହ୍ରାସ ଘୋଷଣା ପରେ ୧୦୦-୧୨୫ ସିସି କମ୍ୟୁଟର ଟୁ-ହୁଇଲର ଓ ଛୋଟ ହ୍ୟାଚବ୍ୟାକ କାରର ଚାହିଦା ଓ ବିକ୍ରି ବଢ଼ିବ। ଏଗୁଡ଼ିକ ମଧମ ବର୍ଗ ପାଇଁ ଅଧିକ ସୁଲଭ ହେବ। ୩୫୦ ସିସିରୁ ଅଧିକ ମୋଟରସାଇକେଲ ଓ ୧୫୦୦ ସିସିରୁ ଅଧିକ ଏସୟୁଭିରେ ମଧ ଜିଏସ୍‌ଟି ହ୍ରାସ ହେତୁ ଚାହିଦା ବଢ଼ିବ। ନୂଆ ଜିଏସଟି ହାର ଲାଗୁ ହେବା ଆଗର ପୁରୁଣା ଷ୍ଟକ ଅଧିକ ଟିକସ ହାରରେ କିଣା ଯାଇଥିବା ହେତୁ ଯଦି ଓଇଏମ (କମ୍ପାନୀ) କ୍ରେଡିଟ ନୋଟ କିମ୍ବା ରିହାତି ନ ଦିଅନ୍ତି ଡିଲରମାନେ କ୍ଷତିରେ ପଡ଼ିବା ସମ୍ଭାବନା ରହିଛି। ଚଳିତ ବର୍ଷ ପାର୍ବଣ ସମୟ ପାଇଁ ବୁକିଂ ୨୦-୨୫% ବୃଦ୍ଧି ପାଇଛି। ଜିଏସ୍‌ଟି ହ୍ରାସ ଗ୍ରାହକଙ୍କୁ ନିଶ୍ଚିତ ଭାବେ ଲାଭ ଦେବ। ଏଣ୍ଟ୍ରି-ଲେଭେଲ ଟୁ-ହୁଇଲରରେ ୨,୦୦୦-୫,୦୦୦ ଟଙ୍କା ଓ ଏସୟୁଭି କିମ୍ବା ପ୍ରିମିୟମ ମୋଟରସାଇକେଲରେ ୨୦,୦୦୦-୫୦,୦୦୦ ଟଙ୍କା କିମ୍ବା ଅଧିକ ଲାଭ ହୋଇପାରେ।

**- ପ୍ରଦୀପ ଅଗ୍ରୱାଲ, କୋଷାଧକ୍ଷ, ଫାଡା(ଇଣ୍ଡିଆ)**



ଜିଏସ୍‌ଟି କମିବା ପରେ ହ୍ୟାଚବ୍ୟାକ ଓ କମ୍ପାକ୍ଟ ଏସୟୁଭି ସହ ସାଧାରଣ କାରର ଚାହିଦା ବଢ଼ିବ। ମିଡ-ସାଇଜ ସେଡାନ ଓ ଏସ୍‌ୟୁଭି ମଧ କମ୍ ମୂଲ୍ୟ ଯୋଗୁ ଅଧିକ ବିକ୍ରି ହେବ। ଜିଏସ୍‌ଟି କମିବା ଦ୍ୱାରା ଗାଡ଼ିର ମୂଲ୍ୟ କମୁଥିବାରୁ ଏହା ସବୁ ଶ୍ରେଣୀର ଗାଡ଼ିକୁ ଆକର୍ଷିତ କରୁଛି। ନୂଆ ଜିଏସ୍‌ଟି ହାର ଏବେଠାରୁ ଲାଗୁ ହେବ। ଯଦି କମ୍ପାନୀମାନେ ସାହାଯ୍ୟ ନ କରନ୍ତି ତେବେ ପୁରୁଣା ଷ୍ଟକ୍ ଥିବା ଡିଲରମାନେ ଅଧିକ ଟିକସ ଦେଇ କିଣିଥିବା ଗାଡ଼ି ବିକ୍ରି କରିବାରେ କିଛି କ୍ଷତି ସହିପାରନ୍ତି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ପାର୍ବଣ ସମୟରେ ବୁକିଂ ବଢ଼ିଛି। ଏସ୍‌ୟୁଭି ଓ ଇଲେକ୍ଟ୍ରିକ ଗାଡ଼ିରେ ଏହି ଚାହିଦା ଦେଖାଯାଉଛି। ସାଧାରଣ ଗାଡ଼ି କ୍ଷେତ୍ରରେ କମ୍ ମୂଲ୍ୟରେ କିଣିବା ଓ ଲୋନ ପାଇବା ଗ୍ରାହକଙ୍କ ପାଇଁ ସହଜ ହେବ। ବଡ଼ ଗାଡ଼ିରେ ଗ୍ରାହକଙ୍କ ଅଧିକ ସଞ୍ଚୟ ହେବ।

**- ଆଦର୍ଶ ଧାୱନ, ନିର୍ଦ୍ଦେଶକ, ସେଣ୍ଟ୍ରାଲ ଗ୍ରୁପ**



ଜିଏସ୍‌ଟି ହ୍ରାସ ଟୁ-ହୁଇଲର ଶିଳ୍ପ ପାଇଁ ଏକ ବରଦାନ। ଜାସ୍ ହୋଣ୍ଡା ଡିଲରଶିପରେ ଏହା ଉତ୍ସାହ ବଢ଼ାଇଛି। ହୋଣ୍ଡା ଗାଡ଼ିରେ ୫,୮୩୭ରୁ ୧୩,୯୭୮ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ହ୍ରାସ ହୋଇଛି। ୧୫୦-୨୫୦ ସିସିର ଯୁବ-ଆକର୍ଷିତ ମୋଟରସାଇକେଲ ଓ ପ୍ରିମିୟମ ବାଇକରେ ମଧ ଚାହିଦା ବଢ଼ିବ। ନୂଆ ଜିଏସଟି ଲାଗୁ ହେବା ପରେ ପୁରୁଣା ଷ୍ଟକ୍‌ରେ ଉଚ୍ଚ ଟ୍ୟାକ୍ସ ଇନ୍‌ପୁଟ କ୍ରେଡିଟ ମାଧମରେ ସମନ୍ୱୟ ହେବ, ତେଣୁ ଡିଲରମାନେ କ୍ଷତିରେ ପଡ଼ିବେ ନାହିଁ। ଏଚ୍‌ଏମ୍‌ଏସଆଇ ଡିଲରଙ୍କୁ ସମର୍ଥନ କରି ଏହି ପରିବର୍ତ୍ତନକୁ ସହଜ କରିଛି। ନବରାତ୍ର-ଦୀପାବଳିରେ ଗତ ବର୍ଷ ତୁଳନାରେ ୧୫% ଅଧିକ ବିକ୍ରି ହେବ। ଗ୍ରାହକମାନେ ୫,୮୩୭ରୁ ୧୩,୯୭୮ ଟଙ୍କା ପର୍ଯ୍ୟନ୍ତ କମ୍ ଅନ୍-ରୋଡ ମୂଲ୍ୟରେ ଲାଭାନ୍ୱିତ ହେବେ। ଏହା ଗ୍ରାମାଞ୍ଚଳ ଓ ଛୋଟ ସହରର ପ୍ରଥମ ଗ୍ରାହକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଜାସ ହୋଣ୍ଡା ଏହି ଫେଷ୍ଟିଭ ସିଜନରେ ସିଲ୍କ ଉପହାର, ସ୍କ୍ରାଚ କାର୍ଡ ଓ ଲକି ଡ୍ର ମାଧମରେ ଅତିରିକ୍ତ ପୁରସ୍କାର ଦେଉଛି।

**- ସମଶେର ସିଂ ହୁରା, ସିଇଓ, ଜାସ୍ ହୋଣ୍ଡା, ସମ୍ବଲପୁର ତଥା ଭାଇସ୍ ଚେୟାର ପର୍ସନ୍, ଟୁ ହ୍ୱିଲର୍ ଭର୍ଟିକାଲ୍ ଫାଡ଼ା(ଇଣ୍ଡିଆ)**



ସେପ୍ଟେମ୍ବର ୨୨ରୁ ଲାଗୁ ହୋଇଥିବା ଜିଏସଟି ୨.୦ ଭାରତରେ ଅଟୋମୋବାଇଲ ଉପରେ କର ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆଣିଛି। ଏହା ଦାମ ଉପରେ ପ୍ରଭାବ ପକାଇଛି ଓ ଗ୍ରାହକଙ୍କ ଚାହିଦା ବଢ଼ାଇଛି। ଅନେକ ଲୋକପ୍ରିୟ ମଡେଲଗୁଡ଼ିକୁ ଆହୁରି ଶସ୍ତା କରିଛି। ମାତ୍ର ୩୫୦ ସିସି ଓ ତା'ଠାରୁ ଅଧିକ ମଡେଲର ଦାମ ବଢ଼ିଛି। ଭାରତୀୟ ବଜାରରେ ଅଧିକାଂଶ ଦୁଇ ଚକିଆ ଗାଡ଼ି ୩୫୦ ସିସିରୁ କମ ହୋଇଥାଏ, ତେଣୁ ସାଧାରଣ ଲୋକଙ୍କ ପାଇଁ ଏହି ଜିଏସଟି ହ୍ରାସ ବହୁତ ଲାଭଦାୟକ। ସରକାରୀ ନିର୍ଦ୍ଦେଶ ଅନୁସାରେ ଜିଏସଟି ୨.୦ ସୁଚାରୁ ରୂପେ ଲାଗୁ ହୋଇଛି ଓ ଗ୍ରାହକମାନେ ଦାମ ହ୍ରାସର ଫାଇଦା ଉଠାଉଛନ୍ତି। ନବରାତ୍ରୀରେ ଗ୍ରାହକମାନେ ସାଧାରଣତଃ ବ୍ରାଣ୍ଡ ପକ୍ଷରୁ ସ୍ୱତନ୍ତ୍ର ଅଫର ଅପେକ୍ଷା କରନ୍ତି, ଏଥର ସେମାନଙ୍କ ପାଇଁ ସବୁଠାରୁ ବଡ଼ ଅଫର ହେଉଛି ଦାମ ହ୍ରାସ। ଏହି ଜିଏସଟି ହ୍ରାସ ଭାରତୀୟ ଅର୍ଥନୀତିକୁ ସୁଧାରିବ ଓ ଅଟୋମୋବାଇଲ କ୍ଷେତ୍ରକୁ ଆଗେଇ ନେବ। ଡିଲରସିପରେ ଥିବା ପୁରୁଣା ଷ୍ଟକ, ଯାହା ଉଚ୍ଚ ଜିଏସଟିରେ କିଣା ହୋଇଥିଲା, ତାହାର ଇନପୁଟ ଆଗାମୀ ମାସରେ ସମନ୍ୱୟ କରାଯିବ, ତେଣୁ ଡିଲରମାନଙ୍କୁ ବଡ଼ କ୍ଷତି ହେବ ନାହିଁ। ଏହି ସଂସ୍କାର ପାଇଁ ମୁଁ ଭାରତ ସରକାରଙ୍କୁ ଧନ୍ୟବାଦ ଦେଉଛି, ଯାହା ଭାରତକୁ ଆଗାମୀ ସ୍ତରକୁ ନେବ।

**- ପ୍ରମୋଦ ପାତ୍ର, ମ୍ୟାନେଜିଂ ଡାଇରେକ୍ଟର, ଥ୍ରୀ ଏସ୍ ଅଟୋମୋଟିଭ୍ ପ୍ରାଇଭେଟ୍ ଲିମିଟେଡ୍**



ଦୁଇ ଚକିଆ ଗାଡ଼ି ବର୍ଗରେ ଇକୋନୋମିକ ଓ ଏକ୍ଜିକ୍ୟୁଟିଭ ରେଞ୍ଜର ଚାହିଦା ବହୁତ ବଢ଼ୁଛି। ଜିଏସ୍‌ଟି ହ୍ରାସ ହେଲେ ଗାଡ଼ି ବିକ୍ରି ଉପରେ ବହୁତ ଭଲ ପ୍ରଭାବ ପଡ଼ିବ, ଲୋକେ ଅଧିକ କିଣିବେ। ସରକାର ସ୍ପଷ୍ଟ କରିଛନ୍ତି ଯେ ଏହି ଲାଭ ଗ୍ରାହକଙ୍କୁ ମିଳିବା ଦରକାର। ମାତ୍ର ଜିଏସ୍‌ଟିର ଇନ୍‌ପୁଟ ଓ ଆଉଟପୁଟ ହିସାବ କରିବାକୁ ଡିଲରମାନଙ୍କୁ ବେଶି ସମୟ ଲାଗିବ। ଏବେ ଗ୍ରାହକଙ୍କ ଗାଡି ମଡେଲ, ଦାମ ରିହାତି ବିଷୟରେ ଅଧିକ ପଚରାଉଚୁରା କରୁଛନ୍ତି। ଏଥିରୁ ଜଣାପଡୁଛି ଗାଡ଼ି ପ୍ରତି ଲୋକଙ୍କ ଆଗ୍ରହ ବଢ଼ୁଛି। ନିଶ୍ଚିତ ଭାବେ ଯାନ କିଣୁଥିବା ଗ୍ରାହକମାନେ ଏହି ଜିଏସଟି ହ୍ରାସରୁ ବହୁତ ଲାଭ ପାଇବେ।

**- ଅଶୋକ ମନ୍ଦୋଥିଆ, ପରିଚାଳନା ନିର୍ଦ୍ଦେଶକ, ପାର୍ବତୀ ମୋଟର୍ସ, ଅନୁଗୋଳ**



ଜିଏସ୍‌ଟି ହ୍ରାସ ଅଟୋମୋବାଇଲ ସେକ୍ଟରରେ ବଡ଼ ଲାଭ ଦେବ, ବିଶେଷତଃ ଛୋଟ ଓ ମଧମ ଆକାରର ଗାଡ଼ି ଯେପରି ହ୍ୟାଚବ୍ୟାକ, ଏଣ୍ଟ୍ରି-ଲେଭେଲ ସେଡାନ ଓ କମ୍ପାକ୍ଟ ଏସୟୁଭିରେ ଚାହିଦା ବୃଦ୍ଧି ପାଇବ। ବଡ଼ ଏସୟୁଭି ଓ ଲଗ୍‌ଜୁରି ଗାଡ଼ିରେ ମଧ ଲାଭ ମିଳିବ, କିନ୍ତୁ ମାସ୍ ମାର୍କେଟରେ ମୂଲ୍ୟ ହ୍ରାସ ଅଧିକ ପ୍ରଭାବଶାଳୀ ହେବ। ନୂଆ ଜିଏସ୍‌ଟି ନିର୍ଦ୍ଦିଷ୍ଟ ତାରିଖ ପରେ ଇନ୍‌ଭଏସ୍‌ରେ ଲାଗୁ ହେବ। ପୁରୁଣା ଷ୍ଟକ୍ ଥିବା ଗାଡ଼ିରେ ଡିଲରମାନେ ଗ୍ରାହକଙ୍କ କମ୍ ମୂଲ୍ୟ ଦାବିରେ କ୍ଷତି ଭୋଗିପାରନ୍ତି। ତେବେ ଓଇଏମ ସମର୍ଥନ ଓ ପ୍ରମୋଶନାଲ ଯୋଜନା ଏହାର ମୁକାବିଲା କରିବାରେ ସହାୟକ ହେବ। ନବରାତ୍ର-ଦୀପାବଳି ୨୦୨୫ରେ କମ୍ପାକ୍ଟ ଏସୟୁଭି ଓ ହ୍ୟାଚବ୍ୟାକରେ ୨୦୨୪ ତୁଳନାରେ ଦୁଇ ଅଙ୍କରେ ବୃଦ୍ଧି ପାଉଛି।

**- ଆଦିତ୍ୟ ପାତ୍ର, ପରିଚାଳନା ନିର୍ଦ୍ଦେଶକ, ଆଦିତ୍ୟ ଗ୍ରୁପ**



ଜିଏସ୍‌ଟି ହ୍ରାସ ଅଟୋମୋବାଇଲ ସେକ୍ଟର, ବିଶେଷକରି ସୁଜୁକି ଟୁ-ହୁଇଲର ଡିଲରଶିପ (ଭୁବନେଶ୍ୱର) ପାଇଁ ଏକ ବଡ଼ ଉତ୍ସାହ ଦେଇଛି। ଏହା ଯୋଗୁ ଗାଡ଼ି ଚାହିଦା ବଢ଼ିଛି। ଆକ୍ସେସ ୧୨୫ ଓ ବର୍ଗମ୍ୟାନ ଷ୍ଟ୍ରିଟ ପରି କମ୍ୟୁଟର ସ୍କୁଟର ଏବଂ ଗିକ୍ସର ୨୫୦, ଭି-ଷ୍ଟ୍ରମ ଏସଏକ୍ସ ପରି ପ୍ରିମିୟମ ମୋଟରସାଇକେଲର ବିକ୍ରି ବୃଦ୍ଧି ପାଇବ। ୧୦୦ସିସି-୧୫୦ସିସି ଗାଡ଼ିରେ ମୂଲ୍ୟ ହ୍ରାସ ସବୁଠୁ ଅଧିକ ଲାଭ ଦେବ। ସରକାରଙ୍କ ନିୟମ ଅନୁଯାୟୀ, ନୂଆ ଜିଏସଟି ନିର୍ଦ୍ଦିଷ୍ଟ ତାରିଖ ପରେ ଇନ୍‌ଭଏସରେ ଲାଗୁ ହେବ, କିନ୍ତୁ ଗ୍ରାହକମାନେ ପୁରୁଣା ଷ୍ଟକରେ ମଧ କମ୍ ଜିଏସ୍‌ଟି ଆଶା କରୁଛନ୍ତି। ଯଦି ନିର୍ମାତାଙ୍କଠାରୁ ସମର୍ଥନ ନ ମିଳେ ଏହା ଡିଲରଙ୍କ ପାଇଁ କ୍ଷତିର ଆଶଙ୍କା ସୃଷ୍ଟି କରୁଛି,। ନବରାତ୍ର-ଦୀପାବଳି ୨୦୨୫ରେ ଗ୍ରାହକଙ୍କ ଆଗମନ ଓ ଚାହିଦା ୨୦୨୪ ତୁଳନାରେ ବୃଦ୍ଧି ପାଇଛି। କମ୍ ଜିଏସଟି ମୂଲ୍ୟ ହ୍ରାସ କରି ମଧମ ବର୍ଗ ଓ ନୂଆ ଗ୍ରାହକଙ୍କ ପାଇଁ ଗାଡ଼ି ଅଧିକ ସୁଲଭ କରୁଛି। ନିର୍ମାତାଙ୍କ ସମର୍ଥନ ମିଳିଲେ ଏହି ଜିଏସ୍‌ଟି ହ୍ରାସ ଗ୍ରାହକ ଓ ଡିଲରଙ୍କ ପାଇଁ ଦୀର୍ଘକାଳୀନ ଲାଭଦାୟକ ହେବ।

**- ଦିବିଜ ବୁଦ୍ଧରାଜ, ନିର୍ଦ୍ଦେଶକ, ନାରାୟଣୀ ମୋଟର୍ସ, ଭୁବନେଶ୍ୱର**



ଜିଏସଟି ୨.୦ ଅଟୋମୋବାଇଲ ଶିଳ୍ପରେ ବ୍ୟବସାୟ ପରିଚାଳନାକୁ ବଦଳାଇ ଦେଇଛି। ଏକ ଦେଶ ଏକ କର ବ୍ୟବସ୍ଥା ସରଳ ଓ ପାରଦର୍ଶୀ ହୋଇଥିବାରୁ, ଛୋଟ କାର୍ ଉପରେ କମ କର ନୂଆ ଗ୍ରାହକଙ୍କୁ ଆକର୍ଷିତ କରୁଛି। ଇନପୁଟ ଟ୍ୟାକ୍ସ କ୍ରେଡିଟ ମାଧମରେ ଉନ୍ନତ ମୂଲ୍ୟ ନିର୍ଦ୍ଧାରଣ ସମ୍ଭବ ହୋଇଛି । ତଥାପି, ଲଗ୍ଜରୀ କାର ଓ ଏସୟୁଭି ଉପରେ ଉଚ୍ଚ କର, ହାର ପରିବର୍ତ୍ତନ ପରେ ଷ୍ଟକ ଲିକ୍ୱିଡେସନରେ ଅସୁବିଧା, ଯନ୍ତ୍ରାଂଶ ଶ୍ରେଣୀକରଣରେ ଦ୍ୱନ୍ଦ୍ୱ ଏବଂ ଷ୍ଟକରେ ଥିବା ସେସ ରିକଭରି ପାଇଁ ସରକାରଙ୍କ ଠାରୁ ସ୍ପଷ୍ଟ ରୋଡମ୍ୟାପର ଅଭାବ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଜିଏସଟି କାର୍‌କୁ ଅଧିକ ସୁଲଭ ଓ ବ୍ୟବସାୟକୁ ସରଳ କରିଛି। ମାତ୍ର ପ୍ରିମିୟମ ସେଗମେଣ୍ଟ ପାଇଁ ନ୍ୟାୟୋଚିତ କର ବ୍ୟବସ୍ଥା ଆହୁରି ବୃଦ୍ଧିକୁ ତ୍ୱରାନ୍ୱିତ କରିପାରିବ। ଡିଲର ଭାବେ ଗ୍ରାହକଙ୍କୁ ସର୍ବୋତ୍ତମ ଲାଭ ଓ ମୂଲ୍ୟ ପ୍ରଦାନ କରିବା ଆମର ଲକ୍ଷ୍ୟ ରହିଛି।

**- ଇଂ. ମନୋଜ କୁମାର ସାହୁ, ଫାଉଣ୍ଡର ଓ ଡାଇରେକ୍ଟର, ଡିଅନ ଅଟୋମୋଟିଭ**

ଜିଏସ୍‌ଟି ହ୍ରାସ ଯୋଗୁ ସମସ୍ତ ଶ୍ରେଣୀରେ ପ୍ରଭାବ ପଡ଼ିବ, କିନ୍ତୁ ଏଣ୍ଟ୍ରି ସେଗମେଣ୍ଟ ବାହନରେ ଅଧିକ ପ୍ରଭାବ ପଡ଼ିବ, କାରଣ ଏହା ବହୁତ ମହଙ୍ଗା ହୋଇଯାଇଥିଲା। ଜିଏସଟି କମିବା ଦ୍ୱାରା ଏହା ୬,୦୦୦ ରୁ ୭,୦୦୦ ଟଙ୍କା ଶସ୍ତା ହେବ, ଯାହା ସାଧାରଣ ଲୋକଙ୍କ ପାଇଁ ଲାଭଦାୟକ ହେବ। ଆମେ ଏହି ପଦକ୍ଷେପକୁ ସମର୍ଥନ କରୁଛୁ ଏବଂ ଜିଏସ୍‌ଟି ହ୍ରାସର ପୂରା ଲାଭ ଗ୍ରାହକଙ୍କୁ ଦେବୁ। ଡିଲରଶିପ ସ୍ତରରେ କିଛି ଚ୍ୟାଲେଞ୍ଜ ରହିବ, କିନ୍ତୁ ବଡ଼ ଉଦ୍ଦେଶ୍ୟ ପାଇଁ ଆମେ ଏହାକୁ ସାମ୍ନା କରିବୁ। ମୂଲ୍ୟ ହ୍ରାସ ଯୋଗୁ ଭଲ ଚାହିଦା ଦେଖୁଛୁ। ନିଶ୍ଚିତ ଭାବେ, ଉତ୍ପାଦକଙ୍କଠାରୁ ଡିଲର ପର୍ଯ୍ୟନ୍ତ ସମସ୍ତେ ଜିଏସଟି ହ୍ରାସର ୧୦୦% ଲାଭ ଗ୍ରାହକଙ୍କୁ ଦେବାକୁ ପ୍ରସ୍ତୁତ।



**- ଅଜିତ ଜୈନ, ମ୍ୟାନେଜିଂ ପାର୍ଟନର, ଅଜିତ ମୋଟର୍ସ, ରାୟଗଡ଼ା**



ଜିଏସ୍‌ଟି ହ୍ରାସ ଘୋଷଣା ପରେ ଏଚ୍‌ଏଫ୍ ଡିଲକ୍ସ ଓ ସ୍ପ୍ଲେଣ୍ଡର ପ୍ଲସ୍ ପରି ଏଣ୍ଟ୍ରି-ଲେଭେଲ ଓ କମ୍ୟୁଟର ମୋଟରସାଇକେଲର ଚାହିଦା ଓ ବିକ୍ରି ବୃଦ୍ଧି ପାଇବ। ଏହି ମଡେଲଗୁଡ଼ିକ ଗ୍ରାମାଞ୍ଚଳ ଓ ଅର୍ଦ୍ଧ-ସହରୀ ବଜାରରେ ଜନପ୍ରିୟ ଏବଂ କମ୍ ମୂଲ୍ୟ ଏହାକୁ ଆହୁରି ଆକର୍ଷଣୀୟ କରିବ। ୩୫୦ ସିସିରୁ କମ୍ ଇଞ୍ଜିନ ଥିବା ଟୁ-ହୁଇଲର (ହିରୋର ଅଧିକାଂଶ ମଡେଲ) ମୂଲ୍ୟରେ ଉଲ୍ଲେଖନୀୟ ହ୍ରାସ ଗ୍ରାହକଙ୍କ ଧରେ ଆଗ୍ରହ ବଢ଼ାଇଛି। ନୂଆ ଜିଏସ୍‌ଟି ତୁରନ୍ତ ଲାଗୁ ହୋଇଥିବାଲେ ପୁରୁଣା ଉଚ୍ଚ ଟ୍ୟାକ୍ସ ହାରରେ କିଣା ଷ୍ଟକ୍ ଥିବା ଗାଡ଼ିରେ ଡିଲରମାନେ ଇନପୁଟ ଟ୍ୟାକ୍ସ ସମନ୍ୱୟ ସମସ୍ୟା ଭୋଗିପାରନ୍ତି, ଯାହା ସମୟ କ୍ରମେ ସମାଧାନ ହେବ। ନବରାତ୍ର-ଦୀପାବଳିରେ ଗ୍ରାହକଙ୍କ ଆଗ୍ରହ ଓ ବୁକିଂ ୨୦୨୪ ତୁଳନାରେ ୧୫-୨୦% ବୃଦ୍ଧି ପାଇବ। ଜିଏସଟି ହ୍ରାସ ଗ୍ରାହକଙ୍କୁ କମ୍ ଅନ୍-ରୋଡ ମୂଲ୍ୟ ମାଧମରେ ଲାଭ ଦେବ।

**- ଅମନ ଖୁରାନା, ମ୍ୟାନେଜିଂ ପାର୍ଟନର, ସୁପ୍ରିମ ସେଲ୍ସ, ଜୟପୁର**



ଦୁଇ ଚକିଆ ବାଇକ ବଜାର ଜିଏସ୍‌ଟି ୨.୦ ସଂସ୍କାରରୁ ବହୁତ ଲାଭ ପାଇବ। ୩୫୦ ସିସିରୁ କମ୍ ବାଇକ ଓ ସ୍କୁଟରରେ ଗ୍ରାହକ ପ୍ରାୟ ୮,୦୦୦ ଟଙ୍କା ବଞ୍ଚାଇବେ, ଯାହାକି ୨-୩ ଇଏମଆଇ ସହ ସମାନ। ଏହା ଗ୍ରାମାଞ୍ଚଳ ତଥା ଛୋଟ ସହରରେ ଚାହିଦା ବଢ଼ାଇବ। ୩୫୦ ସିସି ଉପରେ ଜିଏସ୍‌ଟି ୨୮%ରୁ ୪୦% ହେବା ଦ୍ୱାରା ବର୍ତ୍ତମାନ ୧% କିନ୍ତୁ ଦ୍ରୁତ ବଢୁଥିବା ପ୍ରିମିୟମ ବାଇକ ବଜାର ମନ୍ଥର ହୋଇପାରେ। ଏହି ଶ୍ରେଣୀରେ ବଜାଜ-ଟ୍ରାଏମ୍ଫ, ବଜାଜ-କେଟିଏମ ଓ ହିରୋ-ହାର୍ଲି ଆଦିର ବ୍ୟବସାୟ ପ୍ରଭାବିତ କରିପାରେ। ଡିଲରମାନେ ଓଇଏମ ଠାରୁ ୨୮%ରେ ବିଲ କରି ୧୮%ରେ ବିକ୍ରି କରୁଛନ୍ତି, ତେଣୁ ଏ କ୍ଷେତ୍ରରେ ଆଇଟିସି ଅଫସେଟ ସ୍ପଷ୍ଟତା ଆବଶ୍ୟକ। ଚାରି ଚକିଆ ବାହନରେ କମ୍ପେନସେସନ ସେସ୍ ହଟାଇବା ଦ୍ୱାରା ଡିଲରଙ୍କ ଉପରେ ୨,୫୦୦ କୋଟି ଟଙ୍କାର ପ୍ରଭାବ ପଡ଼ିପାରେ।

**- ନେମାନି ଚୈତନ୍ୟ, ଆଇଭିଏ ମୋଟର୍ସ, ଜୟପୁର**



ଅଟୋମୋବାଇଲ ଶିଳ୍ପରେ ବିକ୍ରି ମନ୍ଥର ହେଉଥିବା ସମୟରେ ସଂଶୋଧିତ ଜିଏସ୍‌ଟି ହାର ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଅଗଷ୍ଟରେ ଗାଡ଼ି ବିକ୍ରି ଭଲ ହୋଇନଥିଲା। ପାନ୍-ଇଣ୍ଡିଆ ରେଜିଷ୍ଟ୍ରେଶନ ୧% ଓ ଓଡ଼ିଶାରେ ୬% ବୃଦ୍ଧି ପାଇଛି। ଛୋଟ ଗାଡ଼ି (୧୫୦୦ ସିସିରୁ କମ୍ ଓ ୪ ମିଟରରୁ କମ୍) ଜିଏସ୍‌ଟି ହ୍ରାସରୁ ସବୁଠୁ ଅଧିକ ଲାଭ ପାଇବ। ଲଗଜୁରି ଗାଡ଼ି (୧୫୦୦ ସିସି ଓ ୪ ମିଟର ଉପରେ) ଜିଏସ୍‌ଟି ୨୮%ରୁ ୪୦% ହେଲେ ମଧ ସେସ୍ (୨୦%) ହଟାଇବା ଦ୍ୱାରା ଗ୍ରାହକ ୮% ଲାଭ ପାଇବେ। ମାତ୍ର ସେସ୍ ହଟାଇବା ଦ୍ୱାରା ଡିଲରମାନେ ବଡ଼ କ୍ଷତିରେ ପଡ଼ିବେ, କାରଣ ସରକାର ସେସ୍ କ୍ଷତି ପୂରଣ କରିବାକୁ ମନା କରିଛନ୍ତି। ଫାଡା ଅର୍ଥ ମନ୍ତ୍ରଣାଳୟ ନିକଟରେ ଅନୁରୋଧ କରିଥିଲେ ମଧ ସକାରାତ୍ମକ ପ୍ରତିକ୍ରିୟା ମିଳିନାହିଁ। ଜିଏସ୍‌ଟି ୨.୦ ଯୋଗୁ ବଜାର ୧୫-୨୦% ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

**- ତେଜିନ୍ଦର ସିଂହ ଭୁମ୍ବର, ନିର୍ଦ୍ଦେଶକ, ପରାମାଉଣ୍ଟ ଅଟୋମୋଟିଭ ପ୍ରାଇଭେଟ ଲିମିଟେଡ୍, ଜୟପୁର**



ଛୋଟ କାର ଶିଳ୍ପ ଏବେ ବହୁତ ଆଗକୁ ବଢ଼ିବାକୁ ଯାଉଛି। ନୂଆ ନିୟମ ଆଧାରରେ ଛୋଟ କାରର ଆରମ୍ଭ ମୂଲ୍ୟ ୩.୫ ଲକ୍ଷ ଟଙ୍କାକୁ କମିଛି। ଇଞ୍ଜିନ କ୍ଷମତା ଓ ଗାଡ଼ିର ଲମ୍ବ ଆଧାରରେ ନୂଆ ଜିଏସ୍‌ଟି ନିୟମ ଲୋକଙ୍କୁ ନିଜ ଆବଶ୍ୟକତା ଅନୁସାରେ ଗାଡ଼ି ବାଛିବାକୁ ସାହାଯ୍ୟ କରିବ। ପୂର୍ବେ ଅଳ୍ପ ମୂଲ୍ୟ ପାର୍ଥକ୍ୟ ହେତୁ ଅନେକେ ବଡ଼ ଇଞ୍ଜିନ ବିଶିଷ୍ଟ ଗାଡ଼ି କିଣୁଥିଲେ। ଏବେ ମୂଲ୍ୟ ଓ ବ୍ୟବହାର ମଧରେ ସ୍ପଷ୍ଟତା ଥିବାରୁ ଲୋକେ ନିଜ ଦରକାର ଅନୁଯାୟୀ ଗାଡ଼ି କିଣିବେ। ପୂର୍ବରୁ ଅଧିକ ଟିକସ କ୍ରେଡିଟ ଥିବା ଡିଲରମାନେ କିଛି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଜିଏସଟି କମିବା ସହିତ, ଗାଡ଼ି ନିର୍ମାଣ କମ୍ପାନୀମାନେ ମୂଲ୍ୟ କମାଇଛନ୍ତି ଓ ଆକର୍ଷଣୀୟ ଅଫର ଜାରି ରଖିଛନ୍ତି। ଏହି ନୀତି ଓ ବଜାରର ସମନ୍ୱୟ ଭଲ ରହିଛି। ଆଶା କରାଯାଉଛି ଯେ ଜିଏସଟି ପରେ ବିକ୍ରି ଆହୁରି ବଢ଼ିବ।

**- ଆଦର୍ଶ ଅଗ୍ରୱାଲ, ନିର୍ଦ୍ଦେଶକ, ଲିଜେଣ୍ଡ କାର୍‌ସ ପ୍ରାଇଭେଟ ଲିମିଟେଡ୍, ଜୟପୁର**



ଜିଏସ୍‌ଟି ହ୍ରାସ ପରେ ମାରୁତି ସୁଜୁକିରେ ଗ୍ରାହକମାନଙ୍କଠାରୁ ଆମେ ଦୃଢ଼ ସକାରାତ୍ମକ ପ୍ରତିକ୍ରିୟା ଦେଖୁଛୁ। ସଂଶୋଧିତ ଦର ଆମର ଲୋକପ୍ରିୟ ମଡେଲଗୁଡ଼ିକ ଯଥା ସ୍ୱିଫ୍ଟ, ଅଲ୍ଟୋ କେ୧୦, ଏସପ୍ରେସୋ ଏବଂ ୱାଗନଆରକୁ ଅଧିକ ସୁଲଭ କରିଛି। ଏହାର ମୂଲ୍ୟ ୧.୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହ୍ରାସ ହୋଇଛି। ଉତ୍ସବ ଋତୁରେ ବୁକିଂ ସଂଖ୍ୟା ଆଖଦୃଶିଆ ଭାବେ ବୃଦ୍ଧି ହୋଇଛି। ଆମେ ବିଶ୍ୱାସ କରୁଛୁ ଯେ ଜିଏସଟି ସଂସ୍କାର ଏକ ସମୟୋପଯୋଗୀ ଏବଂ ପ୍ରଭାବଶାଳୀ ପଦକ୍ଷେପ, ଯାହା ସିଧାସଳଖ କ୍ରେତାମାନଙ୍କୁ ସୁଲଭତା ବୃଦ୍ଧି କରି ଏବଂ ପ୍ରଥମ ଥର ଗାଡ଼ି କିଣୁଥିବା ଗ୍ରାହକଙ୍କୁ ପ୍ରୋତ୍ସାହିତ କରି ଲାଭ ପ୍ରଦାନ କରିବ। ମାରୁତି ସୁଜୁକି ଆମର ଗ୍ରାହକମାନଙ୍କୁ ଏହି ଲାଭ ପ୍ରଦାନ କରିବା ସମ୍ପୂର୍ଣ୍ଣ ପ୍ରତିଶ୍ରୁତି ବଦ୍ଧ।

**- ପ୍ରୀତି ପଲ୍ଲବୀ ପଟ୍ଟନାୟକ, ମ୍ୟାନେଜିଂ ଡାଇରେକ୍ଟର, ତୁଶି ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍**



ଏଣ୍ଟ୍ରି-ଲେଭେଲ ବାଇକ ଏବଂ ଛୋଟ କାରଗୁଡ଼ିକରେ ଚାହିଦା ଏବଂ ବିକ୍ରି ସର୍ବାଧିକ ବୃଦ୍ଧି ପାଇବ। ଏସୟୁଭି ଏବଂ ପ୍ରିମିୟମ ବାଇକଗୁଡ଼ିକ ମଧ ଲାଭାନ୍ୱିତ ହେଲେ ମଧ ଏହି ବର୍ଗରେ ଚାହିଦା ଅପେକ୍ଷାକୃତ କମ୍ ରହିବ। ସେପ୍ଟେମ୍ବର ୨୨ ପୂର୍ବରୁ ଉଚ୍ଚ ଟିକସ ହାରରେ କିଣା ଯାଇଥିବା ପୁରୁଣା ଷ୍ଟକ ସେପରି ଚିନ୍ତାର କାରଣ ନୁହେଁ କାରଣ ଏହା ଭବିଷ୍ୟତ ବିକ୍ରିରେ ସମାହିତ ହୋଇଯିବ। ତେବେ ସେସ୍ ଏକ ବଡ଼ ଚିନ୍ତା। ଯଦି ନିର୍ମାତା କିମ୍ବା ସରକାର ଏହାକୁ ସମର୍ଥନ ନ କରନ୍ତି, ତେବେ ଡିଲରମାନଙ୍କୁ ତିଷ୍ଠି ରହିବା ପାଇଁ କିଛି କ୍ଷତି ସହିବାକୁ ପଡ଼ିବ। ଚଳିତବର୍ଷ ପାର୍ବଣ ଋତୁରେ ଦୁଇ-ଚକିଆ ଗାଡ଼ିରେ ୧୫-୨୦% ଏବଂ କାର୍‌ରେ ପ୍ରାୟ ୧୦% ବୁକିଂ ବୃଦ୍ଧି ସହିତ ବିକ୍ରି ମଧ ବଢ଼ିବ। ଅଟୋ ଇଣ୍ଡଷ୍ଟ୍ରି ଆଗାମୀ କିଛି ମାସ ପାଇଁ ଭଲ ପ୍ରଦର୍ଶନ ଦେଖିବ।

**- ଅଖିଳ ପୋଦ୍ଦାର, ସଭାପତି, ଫାଡା(ଓଡ଼ିଶା)**



ଜିଏସ୍‌ଟି ହ୍ରାସ ଘୋଷଣା ପରେ ହ୍ୟାଚବ୍ୟାକ ମଡେଲ, ୪,୦୦୦ ମିମିରୁ କମ୍ ଲମ୍ବର କାର୍ ଏବଂ ୧,୨୦୦ ସିସି ପର୍ଯ୍ୟନ୍ତ ଇଞ୍ଜିନ ଥିବା କାରଗୁଡ଼ିକରେ ସର୍ବାଧିକ ଲାଭ ଦେଖାଯାଉଛି, ଅଲଟୋ କେ୧୦, ଏସ-ପ୍ରେସୋ, ସେଲେରିଓ, ୱାଗନଆର, ସ୍ୱିଫ୍ଟ, ବ୍ରିଜା ଏବଂ ଡିଜାୟାରରେ ଉଲ୍ଲେଖନୀୟ ମୂଲ୍ୟ ହ୍ରାସ ହୋଇଛି ଏବଂ ମାରୁତି ସୁଜୁକି ଜିଏସଟି ହ୍ରାସ ଉପରେ ଅତିରିକ୍ତ ମୂଲ୍ୟ ହ୍ରାସ କରି ଏଣ୍ଟ୍ରି-ଲେଭେଲ ଓ କମ୍ପାକ୍ଟ କାରଗୁଡ଼ିକୁ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ବର୍ତ୍ତମାନ ହ୍ରାସ ହୋଇଥିବା ସେସ ସମ୍ପର୍କିତ ନିୟମାବଳୀରେ ସ୍ପଷ୍ଟତାର ଅଭାବ ରହିଛି ଏବଂ ଫାଡା ଅର୍ଥ ମନ୍ତ୍ରଣାଳୟ ସହ ଆଲୋଚନା କରୁଛି। ସମାଧାନ ନ ମିଳିବା ପର୍ଯ୍ୟନ୍ତ ଡିଲର ଓ ରିଟେଲରମାନେ ପୁରୁଣା ଷ୍ଟକରେ ବଡ଼ କ୍ଷତି ସହୁଛନ୍ତି। ତେଣୁ ଅର୍ଥ ମନ୍ତ୍ରଣାଳୟ ଡିଲର-ଅନୁକୂଳ ସମାଧାନ ପରି ଏକ ପଦକ୍ଷେପ ଗ୍ରହଣ କରିବାକୁ ଆମେ ଦାବି କରୁଛୁ। ସ୍କାଏ ଅଟୋମୋବାଇଲ୍ସରେ ଗତ ବର୍ଷ ପାର୍ବଣ ତୁଳନାରେ ୩୫%ରୁ ଅଧିକ ବୁକିଂ ବୃଦ୍ଧି ହୋଇଛି।

**- ଅବିନାଶ ସିଂଘାନିଆ, ମ୍ୟାନେଜିଂ ପାର୍ଟନର, ସ୍କାଏ ଅଟୋମୋବାଇଲ୍ସ**



ଜିଏସ୍‌ଟି ହ୍ରାସ ଘୋଷଣା ପରେ ଟୟୋଟାର ଉ ଗ୍ଲାଞ୍ଜା ଓ ଟେସର ଭଳି ଛୋଟ କାରରେ ୧.୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ହ୍ରାସ ହୋଇଛ। ଫର୍ଚୁନର, ଇନୋଭା କ୍ରିଷ୍ଟା ଓ ଭେଲଫାୟାର ଭଳି ପ୍ରିମିୟମ ମଡେଲରେ ସେସ ହଟାଇବା ଯୋଗୁଁ ୩.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ହ୍ରାସ ହୋଇଛ। ଜିଏସଟି ୨.୦ ପୂର୍ବରୁ ବଡ଼ ଓ ଲଗଜୁରି ଗାଡ଼ି ଉପରେ ଉଚ୍ଚ ଟିକସ ଓ କମ୍ପେନସେସନ ସେସ ଲାଗୁ ହେଉଥିଲା, କିନ୍ତୁ ନୂତନ ଟିକସ ନିୟମ ଓ ସେସ ହଟାଇବା ଯୋଗୁ ପୁରୁଣା ଷ୍ଟକରେ ଥିବା ଗାଡ଼ିଗୁଡ଼ିକୁ କମ୍ ଟିକସ ହାରରେ ବିକ୍ରି କଲେ ଡିଲରମାନେ କ୍ଷତି ସହିବେ, କାରଣ ପୂର୍ବରୁ ପ୍ରଦାନ କରାଯାଇଥିବା ଉଚ୍ଚ ଟିକସ ଓ ସେସ ଫେରସ୍ତ ବା ସମନ୍ୱୟ ପାଇଁ ସରକାର ସ୍ପଷ୍ଟ ନିର୍ଦ୍ଦେଶ ଦେଇନାହାନ୍ତି। ୨୦୨୫ ପାର୍ବଣ ଋତୁରେ ବିକ୍ରି ଗତ ବର୍ଷ ତୁଳନାରେ ଅଧିକ ହେବ। ଜିଏସଟି ହ୍ରାସ ଗାଡ଼ି ମାଲିକାନାକୁ ଅଧିକ ସୁଲଭ କରିବ।

**- ମନୀଷ ସରୋଗୀ, ଡିଲର ପ୍ରିନ୍ସିପାଲ, ନିଲମ ଅଟୋହ୍ୱିଲ୍‌ସ ଏଲ୍‌ଏଲ୍‌ପି, ବାଲେଶ୍ୱର**

ଭାରତର ଅଟୋମୋବାଇଲ ଶିଳ୍ପରେ ଜିଏସ୍‌ଟି ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର, ଯାହା ମୂଲ୍ୟ, ଚାହିଦା ଓ ଡିଲର କାର୍ଯ୍ୟକୁ ପ୍ରଭାବିତ କରିଛି। ମାରୁତି ସୁଜୁକି ସ୍ୱିଫ୍ଟ, ହୁଣ୍ଡାଇ ଆଇ୨୦, ଟାଟା ଆଲଟ୍ରୋଜ ପରି ଛୋଟ ଗାଡ଼ିଁ ଅଧିକ ଚାହିଦା ରହିଛି। ହୋଣ୍ଡା ସିଟି, ହୁଣ୍ଡାଇ କ୍ରେଟା, କିଆ ସେଲଟୋସ ପରି ମଧମ ଗାଡ଼ିର ମୂଲ୍ୟ କମିଛି, ଚାହିଦା ବଢ଼ିଛି। ଟୟୋଟା ଫର୍ଚୁନର, ବିଏମ୍‌ଡବ୍ଲ୍ୟୁ ଏକ୍ସ୧ ପରି ଲଗଜୁରି ଗାଡ଼ିରେ ୧୫-୨୨% ସେସ୍ ହେତୁ ସୀମିତ ଲାଭ ମିଳିଛି। ସରକାରୀ ନିୟମ ଅନୁଯାୟୀ, ୧ ଜୁଲାଇ ୨୦୧୭ରୁ ଜିଏସ୍‌ଟି ଲାଗୁ, କିନ୍ତୁ ପୁରୁଣା ଷ୍ଟକ ଥିବା ଗାଡ଼ିରେ ଡିଲରମାନେ ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ସତ୍ତ୍ୱେ କିଛି କ୍ଷତି ଭୋଗିଛନ୍ତି। ନବରାତ୍ର-ଦୀପାବଳି ୨୦୨୫ରେ ଜିଏସ୍‌ଟି ହ୍ରାସ ଓ ଫେଷ୍ଟିଭ ଅଫର ଯୋଗୁ ହ୍ୟାଚବ୍ୟାକ ଓ କମ୍ପାକ୍ଟ ଏସ୍‌ୟୁଭିର ବୁକିଂ ବୃଦ୍ଧି ପାଇବ। ଛୋଟ ଓ ମଧମ ଗାଡ଼ିର ଗ୍ରାହକ କମ୍ ମୂଲ୍ୟ ଓ ସ୍ପଷ୍ଟ ଟ୍ୟାକ୍ସ ଗଠନରୁ ଲାଭ ପାଇବେ, କିନ୍ତୁ ଲଗ୍‌ଜୁରି ଗାଡ଼ିରେ ସେସ୍ ହେତୁ ଲାଭ କମ୍। ଏହା ଶିଳ୍ପ ଓ ଗ୍ରାହକଙ୍କ ପାଇଁ ସୁଲଭତା ବଢ଼ାଇବ।

**- ଡି. ସନ୍ତୋଷ କୁମାର, ପରିଚାଳନା ନିର୍ଦ୍ଦେଶକ, ଲକ୍ଷ୍ମୀ ଟୟୋଟା, ବ୍ରହ୍ମପୁର**



ଜିଏସଟି ହ୍ରାସ ଏକ ଐତିହାସିକ ପଦକ୍ଷେପ। ୩୫୦ ସିସି ପର୍ଯ୍ୟନ୍ତ ଗାଡ଼ି ବିଶେଷ କରି ରୟାଲ ଏନଫିଲ୍ଡ ବାଇକ (୩୫୦ ସିସି ପର୍ଯ୍ୟନ୍ତ) ମଡେଲ ଅନୁସାରେ ପ୍ରତି ବାଇକରେ ୨୧,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିବ। ୩୫୦ ସିସିରୁ ଅଧିକ ମଡେଲର ଗ୍ରାହକମାନେ କିଛି ଅଧିକ ଦାମ ଦେବାକୁ ପଡ଼ିବ। ପୂର୍ବରୁ ଥିବା ଷ୍ଟକରେ କୌଣସି କ୍ଷତି ହେବ ନାହିଁ, କାରଣ ଇନପୁଟ ଜିଏସଟି ୩-୪ ମାସ ମଧରେ ସମନ୍ୱୟ ହେବ। ସେସ ବାତିଲ ହୋଇଥିବାରୁ ଅଧିକ ସିସି ବାଇକ ପାଇଁ ଲାଗୁ ସେସ କ୍ରେଡିଟ ସମନ୍ୱୟ କରାଯାଇ ପାରିବ ନାହିଁ। ଏହି ଜିଏସଟି ହ୍ରାସର ଉପହାର ସହିତ ଶିଳ୍ପ ଜଗତ ପାର୍ବଣ ସମୟରେ ୨୫ରୁ ୩୦% ବିକ୍ରି ବୃଦ୍ଧି ଆଶା କରୁଛି। ବୁଲେଟ ଯାହା ଅନେକଙ୍କ ପାଇଁ ଏକ ସ୍ୱପ୍ନର ବାଇକ ଥିଲା, ଏବେ ସେମାନଙ୍କ ପାଇଁ ସୁଲଭ ହୋଇପାରିଛି।

**- ମାଧବ ଲୋଧା, ରିଜିଓନାଲ ଡାଇରେକ୍ଟର(ଆର୍‌ଇ), ଫାଡ଼ା(ଓଡ଼ିଶା) ତଥା ଓନର, ଜୟବାବା**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ହାତୀ ଆକ୍ରମଣରେ ଜଙ୍ଗଲ ଜଗୁଆଳିଙ୍କ ମୃତ୍ୟୁ

ନାକଟିଦେଉଳ, ୨୩।୯(ବୈକୁଣ୍ଠନାଥ ସାହୁ): ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ଟିକିଲିପଡ଼ା ଜଙ୍ଗଲରେ ମଙ୍ଗଳବାର ହାତୀ ଆକ୍ରମଣରେ ଜଣେ ଜଙ୍ଗଲ ଜଗୁଆଳିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦିବାକର ପ୍ରଧାନ(୫୫)। ମୃତ ଦିବାକରଙ୍କ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ ବିଜୟ ଶତପଥୀଙ୍କ ପରଲୋକ

**ବ୍ରହ୍ମପୁର, ୨୩।୯**
**(ସୁବାସ ଚନ୍ଦ୍ର ପାଢ଼ୀ)**

ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍ ବିଜୟ କୁମାର ଶତପଥୀଙ୍କର ସୋମବାର ରାତି ୮ଟା ୫୦ ମିନିଟ୍‌ରେ ସୋମନାଥ ନଗର ଚତୁର୍ଥ ଲେନ୍‌ସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା। ତାଙ୍କ ନିକଟରେ ଦୁଇପୁତ୍ର ଜଗନ୍ନାଥ ଶତପଥୀ, ସୋମନାଥ ଶତପଥୀଙ୍କ ସହ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସ୍ଥାନୀୟ ନୀଳକଣ୍ଠେଶ୍ୱର ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି। ୨୦୨୪ରୁ ପକ୍ଷାଘାତ ରୋଗର ଶିକାର ହୋଇ ସେ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିବା ତାଙ୍କ ପରିବାର ସୂତ୍ରରୁ ପ୍ରକାଶ।

ଗଞ୍ଜାମ ମାଟିର ସୁଯୋଗ୍ୟ ସନ୍ତାନ ବିଜୟ ଶତପଥୀ ହେଉଛନ୍ତି ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ। ୧୯୫୪ରେ ଜନ୍ମିତ ବିଜୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଭାରତକୁ ପ୍ରତିନିଧିତ୍ୱ କରି ବହୁ ପଦକ ହାସଲ କରିବା ସହ ଅନେକ ପ୍ରତିଭାବାନ୍ କ୍ରୀଡ଼ାବିତ୍‌ଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ବିଦ୍ୟାଳୟସ୍ତରରୁ ସେ ଭାରୋତ୍ତୋଳନ ଆରମ୍ଭ କରିଥିଲେ। ୧୯୭୪ରେ ଭାରତୀୟ ନେଭିରେ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଭାରତୀୟ ରେଳ ବିଭାଗରେ ଚାକିରି କରିଥିଲେ। ୨୦୦୯ରେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ୧୯୮୧ରେ ହୋଇଥିବା ମିନି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ, ୧୯୮୨ରେ ଇଂଲଣ୍ଡଠାରେ



ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ଏସିଆନ ଚାମ୍ପିୟନଶିପ୍‌ରେ ଦୁଇଟି କାଂସ୍ୟ, ୧୯୮୨ରେ ପାକିସ୍ତାନର ପେଶାୱାରରେ ହୋଇଥିବା ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଲାଭକରି ଦେଶକୁ ଏବଂ ଓଡ଼ିଶା ମାଟିକୁ ଗୌରବାନ୍ୱିତ କରିଥିଲେ। ଜାତୀୟସ୍ତରର ବରିଷ୍ଠ ବିଭାଗରେ ୧୯୭୭ରୁ ୧୯୮୨ ପର୍ଯ୍ୟନ୍ତ ଶତପଥୀ ଲଗାତର ସ୍ୱର୍ଣ୍ଣ ଜିତି ବିରଳ ରେକର୍ଡ ହାସଲ କରିଥିଲେ। କ୍ରୀଡ଼ାକ୍ଷେତ୍ରରେ ବିଶେଷ ଅବଦାନ ପାଇଁ ତାଙ୍କୁ ୧୯୮୨ରେ ଅର୍ଜୁନ ପୁରସ୍କାର ମିଳିଥିଲା। କ୍ରୀଡ଼ାକ୍ଷେତ୍ରକୁ ଆଜୀବନ ଅବଦାନ ଲାଗି ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସ ଅବସରରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର-୨୦୨୪ରେ ସମ୍ମାନିତ କରାଯାଇଥିଲା।

# Classified Everyday

**0674-2580101, 9692975378**



## BRIDE WANTED

Handsome Brahmin Boy 1984, 5'10" serving officer Nationalised Bank. "Sunasansar" 9937512659. D-01

## GROOM WANTED

ମା'ଙ୍କ ସହିତ ରହୁଥିବା 28 ବୟସ୍କା ଅବିବାହିତା କରଣ ଜାତିର ଚାକିରିଆ କନ୍ୟାଙ୍କ ପାଇଁ Anycaste ବରପାତ୍ର ଆବଶ୍ୟକ। 7852970280. D-2053




## REAL ESTATE
## SALE

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941

CDA and RERA approved plot near Trisulia, CISF Campus. Bank Loan facilities, Black top road, Water Supply, Electricity, Drainage. Contact- 7008513309. D-2079




Warehouse To-let at Hanspal near NH-16, Bhubaneswar 33000sqft. Plinth+ 11000sqft. Mezzanine. Contact: 7205809501, 9861096613. D-1985




The massage felt totally professional & comfortable at all times-7978109255. D-76495

## LOST

ମୁଁ ବିଷ୍ଣୁପ୍ରିୟା ବେହେରା, W/o- ବ୍ରଜ କିଶୋର ବେହେରା, ସୁବନପୁର, ପୋ- ଆମକୁନି, ଥାନା- ଧମା, ଜିଲ୍ଲା- ସମ୍ବଲପୁର, ଧମା ଥାନାରେ ୨୨।୦୯।୨୫ ତାରିଖରେ ଜିଡି ନଂ.୦୩ ଦାଖଲ କରିଛି। ମୁଁ ୨୦।୦୮।୨୫ ତାରିଖରେ ଦୈନିକ ବଜାର ଧମାରେ ଥିବା ସମୟରେ RSD ନଂ.- ୧୧୬୨୧୫୦୨୨୭୫ ଅନୁଯାୟୀ ମୂଳ ପଞ୍ଜୀକୃତ ବିକ୍ରୟ ଡିଡ୍ ହଜିଯାଇଛି। ବାରମ୍ବାର ଖୋଜାଖୋଜି କରିବା ସତ୍ତ୍ୱେ ଏହା ମିଳିପାରିଲା ନାହିଁ ଏବଂ ଏହା ପୁନରୁଦ୍ଧାର କରିବା ସମ୍ଭବ ନୁହେଁ। ଧ-୨୦୯୬

ମୁଁ ବ୍ରଜ କିଶୋର ବେହେରା, S/o- ଗୋବିନ୍ଦ ବେହେରା, ସୁବନପୁର, ପୋ- ଆମକୁନି, ଥାନା- ଧମା, ଜିଲ୍ଲା- ସମ୍ବଲପୁର, ଧମା ଥାନାରେ ୨୨।୦୯।୨୫ ତାରିଖରେ ଜିଡି ନଂ.-୦୨ ଦାଖଲ କରିଛି। ମୁଁ ୨୦।୦୮।୨୫ ତାରିଖରେ ଦୈନିକ ବଜାର ଧମାରେ ଥିବା ସମୟରେ RSD ନଂ.- ୧୧୬୨୨୨୦୪୬୯୫ ଅନୁଯାୟୀ ମୂଳ ପଞ୍ଜୀକୃତ ବିକ୍ରୟ ଡିଡ୍ ହଜିଯାଇଛି। ବାରମ୍ବାର ଖୋଜାଖୋଜି କରିବା ସତ୍ତ୍ୱେ ଏହା ମିଳିପାରିଲା ନାହିଁ ଏବଂ ଏହା ପୁନରୁଦ୍ଧାର କରିବା ସମ୍ଭବ ନୁହେଁ। ଧ-୨୦୯୫

## AFFIDAVIT

I, Sonal Akash Yadu, W/o- Akash Yadu, resident of F-2/6, Highland Residency, Sailashree Vihar, Bhubaneswar, Odisha-751021 declare vide affidavit No. 304 dt.12.08.2025 that now onwards I shall be known as Sonal Yadu. D-2087

I, Akash Shri Shyam Lal Yadu, S/o- Shyam Lal Yadu, resident of F-2/6, Highland Residency, Sailashree Vihar, Bhubaneswar, Odisha- 751021 declare vide affidavit No.- 318 dt.- 12.08.2025 that now onwards I shall be known as Akash Yadu. D-2086

By virtue an affidavit before Executive Magistrate, Dhenkanal, dtd.- 02.05.2025, solemnly declare that, I have changed my name from JIJABAEE NAIK to JIJABAEE KHUNTIA, W/o- Harekrushna Khuntia residing at North Madhuban, Kunjakanta, Dhenkanal- 759001, Odisha for all future purposes. D-2084

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit Before Executive Magistrate, Kantabanji 23.09.2025 that in my Aadhaar Card and PAN Card my name and surname is written as Chandramani Sahu S/o- Bali Sahu but in my S.B. Account my name and surname written as Chandramani Sahoo, S/o- Bali Sahoo whereas Chandramani Sahu, S/o- Bali Sahu and Chandramani Sahoo, S/o- Bali Sahoo of Village-Bhuslard P.O.- Dedgaon, P.S.- Sindhekela Dist.-Balangir is same and one person. D-2085

By virtue of an affidavit sworn before the Executive Magistrate, Boudh, No.- 1105 date- 2.08.25, I, Rajesh Gaigouria, R/o- Village- Kumarsinga, P.O.- Charada, P.S./ Dist.- Boudh, Odisha, PIN- 762014 declare that I have changed my daughter's name from Rista Gaigouria to Risma Gaigouria. Henceforth she shall be known as Risma Gaigouria for all purposes.
Rajesh Gaigouria
D-2093

By virtue of an affidavit sworn before the Notary Public, Bhubaneswar on 17th September 2025, I, Rama Chandra Das, age 71 years, Son of Late Mohini Mohan Das, resident of AT:468, P. Panda Lane, Chunavati, Gopalgaon, P.O.- Balasore, P.S- Town Police Station, Balasore, Dist.- Balasore, Odisha, PIN-756001, declare that my name was wrongly mentioned as Ram Chandra Das in my son Satya Swarup Das's birth certificate, Matriculation certificate and consequently the same incorrect name has been reflected in his Passport. That, I do hereby declare that "Rama Chandra Das" and "Ram Chandra Das" refer to one and the same person, i.e., myself.
Rama Chandra Das
D-2092

I, Sri Srikanta Nayak declared that as per affidavit No.- 89 Dtd.- 23/9/2025 before the Executive Magistrate, Nandapur that my old name Srikant Nayak has been changed to Srikanta Nayak. Henceforth I will be known as Srikanta Nayak, son of Bhimsen Nayak, At- P.O.- P.S.- Podwa Block Nandapur, Dist.- koraput for all purposes. D-2088

I, Smt. Urmila Sahoo aged about 53years, W/o- Ramesh Sahoo, Resident of Vill-AT/ P.O.- Kandagoda, P.S.- Brahmagiri, Dist.- Puri, Odisha do hereby solemnly affirm and declare as under my Aadhaar Card vide No.-2283 in which my name has been wrongly mentioned as Urmila Sahu instead of Urmila Sahoo. That Urmila Sahoo and Urmila Sahu denotes to one and same person i.e. Myself.
URMILA SAHOO
D-2091

By virtue of an affidavit sworn before Executive Magistrate, Nimapada on dtd.- 23.09.2025, I, Amarendra Senapati Address: At- Guhalapada, P.O.- Nimapada, Puri, PIN-752106 declare that I have changed the name of my son from Omm Bijayananda Senapati to Omm Sri Bijayananda Senapati. Henceforth, he shall be known as Omm Sri Bijayananda Senapati for all purposes.
Amarendra Senapati
D-2089

By virtue of an Affidavit sworn before Notary Public, Bhubaneswar, dted- 18.09.2025. I, Ajaya Kumar Sahoo, AdressKunjа Patana, Lingaraj, Old town declare that I have changed my name from Ajay Kumar Sahoo to Ajaya Kumar Sahoo. Henceforth, I shall be known as Ajaya Kumar Sahoo for all purposes.
Ajaya Kumar Sahoo
D-2090

By virtue of an affidavit sworn before the Executive Magistrate, Boudh, No.- 1343 date 20.09.25, I Santanu Bagh, R/o- Village- Jaloi, P.O.-Balakira, P.S.- Baunsuni, Dist.- Boudh, Odisha, PIN- 762015 declare that I have changed my son's name from Kamal Bagha to Sachin Chandra Bagha. Henceforth he shall be known as Sachin Chandra Bagha for all purposes.
Santanu Bagh
D-2094


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## LEGAL NOTICE

Letter No.- 1736
dtd.- 11.09.2025

ମାନ୍ୟବର, ଅତିରିକ୍ତ କମିସନର, ରିଭିଜନ କୋର୍ଟ ନଂ୪ମ୍ବର ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ୟୁନିଟ୍-୫, ଭୁବନେଶ୍ୱର।
ଓ.ଏସ୍.ଏସ୍. କେସ୍ ନଂ୯୫୧/୨୦୨୪ମ୍ବର
ଧାରା ୧୫(ବି) ଓଡ଼ିଶା ଭୂବନ୍ଦୋବସ୍ତ ଆଇନ- ୧୯୫୮ ମୁତାବକ
ଶ୍ରୀମତୀ ନିରଜ ନଳିନୀ ପୃଷ୍ଟି .....ବାଦୀ
ବନାମ
ଲକ୍ଷ୍ମୀଧର ଦାସ ଏବଂ ଓଗେର .....ପ୍ରତିବାଦୀମାନେ

(ଇସ୍ତାହାର ତରଫ ଦରଖାସ୍ତକାରୀ ଆଦେଶ ନଂ୫ମ୍ବର, ନିୟମ-୨୦ ଉପନିୟମ୧(ଏ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ନିମ୍ନଲିଖିତ ପ୍ରତିବାଦୀ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର ମନୋନୀତ ପ୍ରାର୍ଥୀ ମାନ୍ୟବର କୋର୍ଟଙ୍କର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହି ଉକ୍ତ ମୋକଦ୍ଦମାକୁ ସେମାନଙ୍କ ପକ୍ଷ ତରଫରୁ ପରିଚାଳନା କରିବା ପାଇଁ ଖବରକାଗଜ ଦ୍ୱାରା ବିଜ୍ଞପ୍ତି)

ପ୍ରତିବାଦୀମାନଙ୍କ ନାମ ଓ ଧାମ: ପ୍ରତିବାଦୀ ନଂ୨ମ୍ବର: ଗଣ୍ଡେଇ ଦାସ, ସ୍ୱାମୀ: ଦିଜବର ଦାସ, ପ୍ରତିବାଦୀ ନଂ୩ମ୍ବର: ଯୋଗେନ୍ଦ୍ର ଦାସ, ପିତା: ତ୍ରିଲୋଚନ ଦାସ, ପ୍ରତିବାଦୀ ନଂ୪ମ୍ବର: ବୈଷ୍ଣବ ଦାସ, ପିତା: ତ୍ରିଲୋଚନ ଦାସ, ପ୍ରତିବାଦୀ ନଂ୫ମ୍ବର: ଭଗବାନ ଦାସ, ପିତା: ତ୍ରିଲୋଚନ ଦାସ, ପ୍ରତିବାଦୀ ନଂ୬ମ୍ବର:ସାଧବୀ ଦାସ, ସ୍ୱାମୀ: ତ୍ରିଲୋଚନ ଦାସ

ଉପରୋକ୍ତ ପ୍ରତିବାଦୀମାନଙ୍କର ଠିକଣା: ଗ୍ରାମ: ରଙ୍ଗମାଟିଆ, ପୋ:ଅ: ମଞ୍ଚେଶ୍ୱର ରେଲୱେ କଲୋନୀ, ଥାନା: ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା (ଓଡ଼ିଶା) ଏତଦ୍ଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ମାନ୍ୟବର କୋର୍ଟରେ ତଫସିଲ ସମ୍ପତ୍ତି ଭୁବନେଶ୍ୱର ତହସିଲଦାରଙ୍କ ଅଧୀନସ୍ଥ ଭୁବନେଶ୍ୱର ସହର ୟୁନିଟ୍ -୩୯ ଗାଡ଼କଣ ମୌଜା ସାବକ ଖାତା ନଂ୩୮୪ମ୍ବର, ସାବକ ପ୍ଲଟ୍ ନଂ୨୭୭୯ମ୍ବର, ଏରିଆ ଏ୦.୨୬୦ଡି ସ୍ୱଧ ଏରିଆ ଏ୦.୦୭୫.୭୫ଡି ସ୍ୱଧରୁ ରକବା ଏ୦.୦୪୫ଡିସିମିଲ, ଯାହାର ହାଲ ବନ୍ଦୋବସ୍ତ ଖାତା ନଂ୩୬୩୯ମ୍ବର, ପ୍ଲଟ ନଂ୨୧୪୬ମ୍ବର, ଏରିଆ ଏ୦.୧୦୬ଡି ସ୍ୱଧରୁ ରକବା ଏ୦.୦୪୫ଡ଼ିସିମିଲକୁ ଦରଖାସ୍ତକାରୀଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ମାନ୍ୟବର କୋର୍ଟରେ ରିଭିଜନ ମୋକଦ୍ଦମା କରିଅଛନ୍ତି ଯାହାର ଧାର୍ଯ୍ୟ ତାରିଖ ଆସନ୍ତା ତା.- ୨୪।୧୦।୨୦୨୫ରିଖ ଦିବା ୧୧:୩୦ ଘଟିକାକୁ ସ୍ଥିରୀକୃତ ହୋଇଅଛି। ଏଣୁ ଅଦ୍ୟ ବିଜ୍ଞପ୍ତି ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି କି ଉପରଲିଖିତ ଧାର୍ଯ୍ୟ ତାରିଖ ଦିନ ପ୍ରତିବାଦୀମାନେ ତଥା ତାଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ପ୍ରାର୍ଥୀ କିମ୍ବା ଅଧିବକ୍ତାଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଉକ୍ତ ମୋକଦ୍ଦମାରେ ତାଙ୍କ ପକ୍ଷ ରଖିବେ। ନତୁବା ଆଇନ ଅନୁଯାୟୀ ମାନ୍ୟବର କୋର୍ଟ ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

ସ୍ଥାନ:- ଭୁବନେଶ୍ୱର
ତାରିଖ:
ମାନ୍ୟବର ଅତିରିକ୍ତ ରିଭିଜନ କୋର୍ଟଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୨୦୮୩

Letter No.- 1737
dtd.- 11.09.2025

ମାନ୍ୟବର, ଅତିରିକ୍ତ କମିସନର, ରିଭିଜନ କୋର୍ଟ ନଂ୪ମ୍ବର ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ୟୁନିଟ୍-୫, ଭୁବନେଶ୍ୱର।
ଓ.ଏସ୍.ଏସ୍. କେସ୍ ନଂ୯୫୨/୨୦୨୪ମ୍ବର
ଧାରା ୧୫(ବି) ଓଡ଼ିଶା ଭୂବନ୍ଦୋବସ୍ତ ଆଇନ- ୧୯୫୮ ମୁତାବକ
ଶ୍ରୀମତୀ ନିରଜ ନଳିନୀ ପୃଷ୍ଟି .....ବାଦୀ
ବନାମ
ଅକ୍ଷୟ କୁମାର ଚାନ୍ଦ ଏବଂ ଓଗେର .....ପ୍ରତିବାଦୀମାନେ

(ଇସ୍ତାହାର ତରଫ ଦରଖାସ୍ତକାରୀ ଆଦେଶ ନଂ୫ମ୍ବର, ନିୟମ-୨୦ ଉପନିୟମ୧(ଏ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ନିମ୍ନଲିଖିତ ପ୍ରତିବାଦୀ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର ମନୋନୀତ ପ୍ରାର୍ଥୀ ମାନ୍ୟବର କୋର୍ଟଙ୍କର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହି ଉକ୍ତ ମୋକଦ୍ଦମାକୁ ସେମାନଙ୍କ ପକ୍ଷ ତରଫରୁ ପରିଚାଳନା କରିବା ପାଇଁ ଖବରକାଗଜ ଦ୍ୱାରା ବିଜ୍ଞପ୍ତି)

ପ୍ରତିବାଦୀମାନଙ୍କ ନାମ ଓ ଧାମ: ପ୍ରତିବାଦୀ ନଂ୨ମ୍ବର: କରୁଣାକର ବେହେରା, ପିତା- ଭୀମ ବେହେରା, ପ୍ରତିବାଦୀ ନଂ୩ମ୍ବର: ଦିବାକର ବେହେରା, ପିତା- ଭୀମ ବେହେରା, ପ୍ରତିବାଦୀ ନଂ୪ମ୍ବର: କାର୍ତ୍ତିକ ବେହେରା, ପିତା- ଭୀମ ବେହେରା, ପ୍ରତିବାଦୀ ନଂ୫ମ୍ବର: ପ୍ରଭାକର ମହାରଣା, ପିତା- ଭୀମ ମହାରଣା

ଉପରୋକ୍ତ ନଂ୧ ଲଗାୟତ ୩ମ୍ବର ପ୍ରତିବାଦୀମାନଙ୍କର ଠିକଣା: ଗ୍ରାମ: ରଙ୍ଗମାଟିଆ, ପୋ:ଅ: ମଞ୍ଚେଶ୍ୱର ରେଲୱେ କଲୋନୀ, ଥାନା: ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା (ଓଡ଼ିଶା) ଓ ନଂ୪ମ୍ବର ପ୍ରତିବାଦୀମାନଙ୍କର ଠିକଣା: ଗ୍ରାମ: କମାପଲ୍ଲୀ, ପୋ:ଅ: କମାପଲ୍ଲୀ, ଥାନା: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ (ଓଡ଼ିଶା) ଏତଦ୍ଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ମାନ୍ୟବର କୋର୍ଟରେ ତଫସିଲ ସମ୍ପତ୍ତି ଭୁବନେଶ୍ୱର ତହସିଲଦାରଙ୍କ ଅଧୀନସ୍ଥ ଭୁବନେଶ୍ୱର ସହର ୟୁନିଟ୍ -୩୯ ଗାଡ଼କଣ ମୌଜା ସାବକ ଖାତା ନଂ୩୮୪ମ୍ବର, ସାବକ ପ୍ଲଟ୍ ନଂ୨୭୭୮ମ୍ବର, ଏରିଆ ଏ୦.୧୧୦ଡି ସ୍ୱଧ ଏରିଆ ଏ୦.୦୩୮ଡି ସ୍ୱଧରୁ ରକବା ଏ୦.୦୨୩.୮୭ଡିସିମିଲ, ଯାହାର ହାଲ ବନ୍ଦୋବସ୍ତ ଖାତା ନଂ୨୪ମ୍ବର, ପ୍ଲଟ୍ ନଂ୨୧୪୫ମ୍ବର, ଏରିଆ ଏ୦.୧୬୪ଡି ସ୍ୱଧରୁ ରକବା ଏ୦.୦୨୩.୮୭ଡିସିମିଲକୁ ଦରଖାସ୍ତକାରୀଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ମାନ୍ୟବର କୋର୍ଟରେ ରିଭିଜନ ମୋକଦ୍ଦମା କରିଅଛନ୍ତି ଯାହାର ଧାର୍ଯ୍ୟ ତାରିଖ ଆସନ୍ତା ତା.- ୨୪।୧୦।୨୦୨୫ରିଖ ଦିବା ୧୧:୩୦ ଘଟିକାକୁ ସ୍ଥିରୀକୃତ ହୋଇଅଛି। ଏଣୁ ଅଦ୍ୟ ବିଜ୍ଞପ୍ତି ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି କି ଉପରଲିଖିତ ଧାର୍ଯ୍ୟ ତାରିଖ ଦିନ ପ୍ରତିବାଦୀମାନେ ତଥା ତାଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ପ୍ରାର୍ଥୀ କିମ୍ବା ଅଧିବକ୍ତାଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଉକ୍ତ ମୋକଦ୍ଦମାରେ ତାଙ୍କ ପକ୍ଷ ରଖିବେ। ନତୁବା ଆଇନ ଅନୁଯାୟୀ ମାନ୍ୟବର କୋର୍ଟ ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

ସ୍ଥାନ:- ଭୁବନେଶ୍ୱର
ତାରିଖ:
ମାନ୍ୟବର ଅତିରିକ୍ତ ରିଭିଜନ କୋର୍ଟଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୨୦୮୨

# ଭିଜିଲାନ୍ସ ଜାଲରେ ମହାକାଳପଡ଼ା ତହସିଲଦାର


ଶିବ ପ୍ରସାଦ ମଲିକ

**ମହାକାଳପଡ଼ା/ଡେରାବିଶ, ୨୩।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ/ ବେବର୍ତ୍ତା ଅଜୟ ଦାଶ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ତହସିଲଦାର ଶିବ ପ୍ରସାଦ ମଲିକ ଏକ ଜମି ଉଚ୍ଛେଦ ପାଇଁ ଗୋଜାବନ୍ଧ ଗ୍ରାମର ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କଠାରୁ ମଙ୍ଗଳବାର ୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ତହସିଲ ଅଫିସ ପଛପାଖ ସରକାରୀ କ୍ୱାର୍ଟର୍ସରୁ ତାଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଛି। ସେହିପରି ଭିଜିଲାନ୍ସର ଅନ୍ୟ ଏକ ଟିମ୍ ଡେରାବିଶ ବ୍ଲକ କାଉପଡା ପଞ୍ଚାୟତ ବାଘିଲୋବାବନପୁର ଗ୍ରାମରେ ଚଢ଼ାଉ କରିଥିଲା। ସୂଚନାଯୋଗ୍ୟ, ମଙ୍ଗଳବାର ଅପରାହ୍ନରେ ଗୋଜାବନ୍ଧ ଗ୍ରାମର ଅନ୍ତର୍ଯ୍ୟାମୀ ଏକ ଜମିଜମା ଉଚ୍ଛେଦ ପାଇଁ ଦାବି ମୁତାବକ ୨୦ ହଜାର ଟଙ୍କା ଅଫିସ ପଛପାଖ ସରକାରୀ କ୍ୱାର୍ଟର୍ସରେ ତହସିଲଦାର ମଲିକଙ୍କୁ ଦେଉଥିବା ସମୟରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ୧୪ ଜଣିଆ କଟକ ଓ କେନ୍ଦ୍ରାପଡ଼ା ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ତାଙ୍କୁ ଧରିଥିଲେ। ରାସାୟନିକ ବୋଳା ଟଙ୍କାଗୁଡ଼ିକ ପାଣିରେ ରଙ୍ଗିନ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଭିଜିଲାନ୍ସ ଟିମ୍ ତାଙ୍କୁ ଗାଡ଼ିରେ ନେଇ ଯାଇଥିଲେ। ସେହିପରି ତହସିଲଦାର ମଲିକଙ୍କ ପୈତୃକ ଗ୍ରାମ ଡେରାବିଶ ବ୍ଲକ କାଉପଡା ପଞ୍ଚାୟତ ବାଘିଲୋବାବନପୁର ଗ୍ରାମରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୨.୩୦ରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଥିଲା। ପ୍ରାୟ ସାଢେ ୪ ଘଣ୍ଟା ଧରି ଅଧିକାରୀମାନେ ତାଙ୍କ ଘର ଖାନତଲାସ୍ କରି ନଗଦ ୯୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସମେତ ୧୨୦ଗ୍ରାମ ସୁନା ଅଳଙ୍କାର, ଏକାଧିକ ବ୍ୟାଙ୍କ ଜମାଖାତା ଓ ଏଟିଏମ୍ ଏବଂ ଜମିଜମା କାଗଜପତ୍ର ଜବତ କରିଥିଲେ। ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଇନ୍ସପେକ୍ଟର ସଞ୍ଜୟ ବାରିକ, ଇନ୍ସପେକ୍ଟର ଉର୍ମିଳା ଲାକ୍ରା ଓ ରୀତାରାଣୀ ପ୍ରଧାନ ଏବଂ ଏଏସ୍‌ଆଇ ରୁଦ୍ରନାରାୟଣ ମିଶ୍ର ସାମିଲ ରହିଥିଲେ। କେସ୍ ନମ୍ବର ୨୯/୨୫ରେ ଭିଜିଲାନ୍ସ ରୁଜୁ କରିଛି । ଖାନତଲାସ୍ ସମୟରେ ତାଙ୍କଠାରୁ ୧ଲକ୍ଷ ୫୪ ହଜାର ଟଙ୍କା ଜବତ ହୋଇଛି।

ପ୍ରକାଶଯେ, ଏହି ତହସିଲ ଅଧୀନରେ ଅନେକ ସରକାରୀ ଜମି ପଟ୍ଟା ପ୍ରଦାନ କରିବା ଓ ଅନ୍ୟାନ୍ୟ କାଗଜପତ୍ରକୁ ନେଇ ଦୀର୍ଘ ଦିନଧରି ଲୋକମାନଙ୍କଠାରୁ ତହସିଲଦାର ଅର୍ଥ ଦାବି କରୁଥିଲେ ବୋଲି ଅଭିଯୋଗ ହୋଇଥିଲା।



ପ୍ରୋ କବାଡ଼ି ଲିଗ୍‌ରେ ମଙ୍ଗଳବାର ତେଲୁଗୁ ଟାଇଟନ୍ସ ଓ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଶ୍ରୀଲଙ୍କାକୁ ହରାଇଲା ପାକିସ୍ତାନ

**ଏସିଆ କପ୍ କ୍ରିକେଟ ସୁପର-୪**

**ଆବୁ ଧାବି, ୨୩।୯**

ଚଳିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଖେଳାଯାଇଥିବା ଏକ ସୁପର-୪ ମ୍ୟାଚ୍‌ରେ ପାକିସ୍ତାନ ୫ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଲୋସ୍କୋରିଂ ମ୍ୟାଚ୍‌ରେ ଶ୍ରୀଲଙ୍କା ଦ୍ୱାରା ଧାର୍ଯ୍ୟ ୧୩୪ ରନର ଟାର୍ଗେଟ୍‌କୁ ପାକିସ୍ତାନ ୧୮ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ପାକିସ୍ତାନ ଫାଇନାଲରେ ଖେଳିବା ଆଶା ଉଜ୍ଜୀବିତ ରଖିଛି।

ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଖୁବ ଶସ୍ତାରେ କୁଶାଲ ମେଣ୍ଡିସ (୦) ଓ ପଥୁମ ନିଶଙ୍କା (୮)ଙ୍କ ଉଇକେଟ ହରାଇଥିଲା। ମିଡିଲ ଅର୍ଡରରେ କୁଶାଲ ପେରେରା (୧୫) ଓ ଅଧିନାୟକ ଚରିଥ ଅସଲଙ୍କା (୨୦) ଭଲ ଆରମ୍ଭ ପାଇଥିଲେ। ହେଲେ ସେମାନେ ବଡ଼ ଇନିଂସ ଖେଳିପାରନଥିଲେ। ଏହାପରେ ଦସୁନ ଶନକା ଖାତା ଖୋଲିବା ପୂର୍ବରୁ ଓ ୱାନିନ୍ଦୁ ହସରଙ୍ଗା ୧୫ ରନ କରି ଆଉଟ୍ ହୋଇଥିଲେ। ଏହିଠାରୁ କାମିନ୍ଦୁ ମେଣ୍ଡିସ ୪୪ ବଲରେ ୩ ଚୌକା ଓ ୨ ଛକା ସହିତ ୫୦ ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଫଳରେ ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୩୩ ରନ କରିଥିଲା। ପାକିସ୍ତାନ ପକ୍ଷରୁ ଶାହିନ ଶାହ ଆଫ୍ରିଦୀ ୩ ଉଇକେଟ ନେଇଥିବା ବେଳେ ହାରିସ ରୌଫ ଓ ହୁସେନ ତାଲତ ୨ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ପାକିସ୍ତାନକୁ ସାହିବଜାଦା ଫର୍ହାନ (୨୪) ଓ ଫଖର ଜମାନ (୧୭) ଭଲ ଆରମ୍ଭ ଦେଇଥିଲେ। ହେଲେ ଦଳ କ୍ରମାଗତ ବ୍ୟବଧାନରେ ୫ ଉଇକେଟ ହରାଇବାରୁ ମ୍ୟାଚ୍‌ରେ ରୋମାଞ୍ଚ ଆସିଥିଲା। କିନ୍ତୁ ହୁସେନ ତାଲତ (୩୨) ଓ ମହମ୍ମଦ ନୱାଜ (୩୮) ଅବିଭାଜିତ ଷଷ୍ଠ ଉଇକେଟ ପାଇଁ ୫୮ ରନ କରି ପାକିସ୍ତାନକୁ ଜିତାଇଥିଲେ। ଶ୍ରୀଲଙ୍କା ପକ୍ଷରୁ ୱାନିନ୍ଦୁ ହସରଙ୍ଗା ଓ ମହିଶ ଥିକ୍ଷଣା ୨ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା: ୨୦ ଓଭରରେ ୧୩୩/୮ (କାମିନ୍ଦୁ ମେଣ୍ଡିସ-୫୦, ଚରିଥ ଅସଲଙ୍କା-୨୦, ଶାହିନ ଶାହ ଆଫ୍ରିଦୀ-୩/୨୮, ହୁସେନ ତାଲତ-୨/୧୮)।
ପାକିସ୍ତାନ ୧୮ ଓଭରରେ ୧୩୮/୫ (ମହମ୍ମଦ ନୱାଜ-୩୮*, ହୁସେନ ତାଲତ-୩୨*, ୱାନିନ୍ଦୁ ହସରଙ୍ଗା-୨/୨୭, ମହିଶ ଥିକ୍ଷଣା-୨/୨୪)।

# ତେଲୁଗୁ ଟାଇଟନ୍ସ ବିଜୟୀ

**ଜୟପୁର, ୨୩।୯**

ପ୍ରୋ-କବାଡ଼ି ଲିଗ୍ (ପିକେଏଲ୍) ସିଜନ ୧୨ରେ ମଙ୍ଗଳବାର ଖେଳାଯାଇଥିବା ଦିନର ପ୍ରଥମ ମ୍ୟାଚରେ ତେଲୁଗୁ ଟାଇଟନ୍ସ ୩୦-୨୯ରେ ଗୁଜରାଟ ଜାଏଣ୍ଟ୍ସକୁ ପରାସ୍ତ କରିଛି। ସ୍ଥାନୀୟ ଏସ୍‌ଏମ୍‌ଏସ୍ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଭରତ ହୁଡାଙ୍କ ୯ ପଏଣ୍ଟ, ବିଜୟ ମଲିକଙ୍କ ୭ ପଏଣ୍ଟ ଏବଂ ବିପକ୍ଷ ଦଳର ଷ୍ଟାର ଖେଳାଳି ମହମାଦ୍ରେଜା ଶାଦଲୋଇଙ୍କ ମାନ୍ଦା ପ୍ରଦର୍ଶନ ଯୋଗୁ ଦଳ ଏହି ରୋମାଞ୍ଚକ ବିଜୟ ହାସଲ କରିଛି। ଶାଦଲୋଇଙ୍କର ଏହାଥିଲା ୧୦୦ତମ ପିକେଏଲ୍ ମ୍ୟାଚ। ତେଲୁଗୁ ଟାଇଟନ୍ସ ବିପକ୍ଷରେ ଗୁଜରାଟ ଜାଏଣ୍ଟ୍ସର ବିଜୟ ରେକର୍ଡ ୧୨ଟି ମ୍ୟାଚରୁ ୧୦ ରହି ଥିଲେ ହେଁ ମଙ୍ଗଳବାର ମ୍ୟାଚ ଦେଖିଲା ପରେ ଦଳଣ ଶକ୍ତି ସନ୍ତୁଳନରେ ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ବିଜୟ ମଲିକଙ୍କ ନେତୃତ୍ୱରେ ଟାଇଟନ୍ସ ଦଳ ଏହି ସିଜନରେ ରିଦିମ ଖୋଜା ପାଇଥିବା ଭଳି ମନେ ହେଉଛି। ଏଇ କିଛି ବର୍ଷରେ ଦଳର ପ୍ରଦର୍ଶନ ଉପରେ ନଜର ପକାଇଲେ ଏଥର ସ୍ଥିର ପ୍ରଦର୍ଶନ କରୁଥିବା ଲକ୍ଷ୍ୟ କରାଯାଉଛି। ଏହି ଫଳାଫଳ ପ୍ରମାଣିତ କରିଛି ଯେ, ସେମାନେ ସେମାନଙ୍କର ଦୀର୍ଘ ସମୟର ଚ୍ୟାଲେଞ୍ଜରକୁ ପରାସ୍ତ କରିପାରିବେ। ଅନ୍ୟପକ୍ଷରେ ଜାଏଣ୍ଟ୍ସ ଦଳର ଷ୍ଟାର ଖେଳାଳି ଇରାନ ଦେଶର ଶାଦଲୋଇଙ୍କ ଠାରୁ ଏଥର ଆଶାନୁରୂପ ପ୍ରଦର୍ଶନ ଦେଖିବାକୁ ମିଳୁନାହିଁ। ଏଥର ଗୁଜରାଟ ପଏଣ୍ଟ ଟେବୁଲର ତଳ ଧାଡ଼ିରେ ସଂଘର୍ଷ ଚଳାଇଛି। ଟୁର୍ନାମେଣ୍ଟରେ ତିଷ୍ଠି ରହିବାକୁ ହେଲେ ଏହାର ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ।

# ଆଜି ଭାରତ-ବାଂଲାଦେଶ ମ୍ୟାଚ୍

**ଦୁବାଇ, ୨୩।୯ (ପି.ଟି.)**

ଚଳିତ ଏସିଆ କପ୍‌ର ସୁପର-୪ ପର୍ଯ୍ୟାୟରେ ବୁଧବାର ଖେଳାଯିବାକୁ ଥିବା ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବାଂଲାଦେଶକୁ ଭେଟିବ। ଉଭୟ ଦଳ ସୁପର-୪ ପର୍ଯ୍ୟାୟରେ ସେମାନଙ୍କ ପ୍ରଥମ ମ୍ୟାଚ୍ ଜିତିଥିବାରୁ ଏହି ମ୍ୟାଚ୍‌ର ବିଜେତା ଫାଇନାଲରେ ସ୍ଥାନ ପକ୍କା କରିବ। ତେଣୁ ଏହି ମ୍ୟାଚ୍‌ର ବିଶେଷ ଗୁରୁତ୍ୱ ରହିଛି। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଭାରତୀୟ ଦଳ ଅପରାଜିତ ରହିଥିବା ବେଳେ ବାଂଲାଦେଶ କେବଳ ଲିଗ୍ ମ୍ୟାଚ୍‌ରେ ଶ୍ରୀଲଙ୍କାଠାରୁ ପରାଜିତ ହୋଇଥିଲା। ହେଲେ ଏହାପରଠାରୁ ବାଂଲାଦେଶ ତା'ର ପ୍ରତ୍ୟେକ ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଛି। ଏପରିକି ଦଳ ସୁପର-୪ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ହରାଇ ପ୍ରତିଶୋଧ ନେଇଥିଲା। ଏଥିଯୋଗୁ ଦଳର ଆତ୍ମବିଶ୍ୱାସ ଉପରେ ରହିଛି। ଅନ୍ୟପକ୍ଷରେ ଏପର୍ଯ୍ୟନ୍ତ ଅପରାଜେୟ ରହିଥିବା ଭାରତ ତା'ର ପ୍ରଥମ ସୁପର-୪ ମ୍ୟାଚ୍‌ରେ ପାକିସ୍ତାନକୁ ଧରାଶାୟୀ କରିଥିଲା। ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆକୁ କ୍ୱାଲିଟି ସ୍ପିନ୍ ବୋଲିଂର ସମ୍ମୁଖୀନ ହେବାକୁ ପଡ଼ିବ। ଏପର୍ଯ୍ୟନ୍ତ ଭାରତ ଓ ବାଂଲାଦେଶ ମଧ୍ୟରେ ୧୭ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଛି। ହେଲେ ବାଂଲାଦେଶ କେବଳ ଥରେମାତ୍ର ବିଜୟୀ ହୋଇଛି। ରେକର୍ଡ ଦୃଷ୍ଟିକୋଣରୁ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଭାରତ ସର୍ବଦା ପ୍ରଭାବୀ ରହିଛି। ଏଣୁ ବାଂଲାଦେଶ ବିପକ୍ଷରେ ସୂର୍ଯ୍ୟକୁମାରଙ୍କ ନେତୃତ୍ୱାଧୀନ ଦଳକୁ ଆଉ ଏକ ସହଜ ବିଜୟ ମିଳିପାରେ। କିନ୍ତୁ ଫର୍ମାଟ୍‌ର ପ୍ରକୃତି ଓ ଭଲ ସ୍ପିନ୍ ଆଟାକ୍ ଭାରତକୁ ଅସୁବିଧାରେ ପକାଇପାରେ। ମାତ୍ର ଏହି ଦୁଇ ଦଳରେ ଥିବା ବ୍ୟାଟରଙ୍କ ଦକ୍ଷତାରେ ଖୁବ୍ ବ୍ୟବଧାନ ରହିଛି, ଯାହାକି ବୁଧବାର ନିର୍ଣ୍ଣାୟକ ହେବ।

ଭାରତୀୟ ଓପ୍‌ନର ଅଭିଷେକ ଶର୍ମା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ସେ ପାଖାପାଖି ୨୧୦ ଷ୍ଟ୍ରାଇକ୍‌ରେଟ୍‌ରେ ଖେଳୁଛନ୍ତି। ତାଙ୍କ ଓପ୍‌ନିଂ ପାର୍ଟନର ଶୁବମନ୍ ଗିଲ୍ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ୧୫୮ ଷ୍ଟ୍ରାଇକ୍‌ରେଟ୍‌ରେ ଖେଳିଥିଲେ। ଏହି ତୁଳନାରେ ବାଂଲାଦେଶର ଦୁଇ ଶ୍ରେଷ୍ଠ ଟି୨୦ ବ୍ୟାଟର ଅଧିନାୟକ ଲିଟନ ଦାସ ୧୨୯ ଓ ତୋହିଦ ହ୍ରିଦୟ ୧୨୪ରୁ ଊର୍ଦ୍ଧ୍ୱ ଷ୍ଟ୍ରାଇକ୍‌ରେଟ୍‌ରେ ଖେଳୁଛନ୍ତି।

ବାଂଲାଦେଶ ଜିତିବାକୁ ହେଲେ ଭାରତକୁ ପ୍ରଥମେ ବ୍ୟାଟିଂ ଦେଇ ୧୫୦-୧୬୦ ସ୍କୋର ମଧ୍ୟରେ ସୀମିତ ରଖିବାକୁ ପଡ଼ିବ। ଏଥିଲାଗି ମୁସ୍ତାଫିଜୁର ରହମାନଙ୍କ ସହ ଲେଗ୍ ବ୍ରେକ୍ ରିଶାଦ ହୋସେନ ଓ ଅଫ୍ ସ୍ପିନର ମହେଦି ହାସନଙ୍କୁ ମିଡଲ ଓଭରରେ ଭାରତୀୟ ବ୍ୟାଟରଙ୍କୁ ରୋକିବାକୁ ପଡ଼ିବ। ବାଂଲାଦେଶର ବ୍ୟାଟିଂ ବିଭାଗ ନିକଟରେ ମିଳିତ ଭାବେ ଭାରତୀୟ ବୋଲରଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରିବାର ଦକ୍ଷତା ନାହିଁ। କିନ୍ତୁ ଯଦି ବାଂଲାଦେଶ ବୋଲରମାନେ ଭାରତକୁ ୧୫୦-୧୬୦ ମଧ୍ୟରେ ସୀମିତ ରଖନ୍ତି, ତେବେ ବ୍ୟାଟରଙ୍କ ଲାଗି ସ୍କୋରର ପିଛା କରିବା ସମ୍ଭବ ହୋଇପାରିବ।



ବାଂଲାଦେଶ ବିପକ୍ଷ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳର ଅଭ୍ୟାସ।

# କେନ୍ଦୁଝରକୁ ହରାଇଲା କଟକ



ବିପ୍ଳବ ସାମନ୍ତରାୟଙ୍କୁ ଅତିଥି ପଙ୍କଜ ଲୋଚନ ମହାନ୍ତି ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୨୩।୯ (ବିଜୟ ରଣା)**

ଓଡ଼ିଶା ପ୍ରୋ-ଟି୨୦ ଲିଗ୍‌ରେ ବିପ୍ଳବ ସାମନ୍ତରାୟଙ୍କ ଅଲ୍ ରାଉଣ୍ଡ ପ୍ରଦର୍ଶନ ବଳରେ କଟକ ପାନ୍ଥର୍ସ ୫ ଉଇକେଟରେ କେନ୍ଦୁଝର ମାଇନର୍ସଙ୍କୁ ହରାଇଦେଇଛି। କଟକ ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବା ଲାଗି ଆମନ୍ତ୍ରଣ ପାଇଥିବା ମାଇନର୍ସ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୧୨୭ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ଅନିଲ ପରିଡ଼ା ୩୬ ରନ (୩୦ ବଲ୍) କରିଥିବା ବେଳେ ଓମ୍ ଟି. ମୁଣ୍ଡେ ୨୮(୨୫ ବଲ୍) ରନ୍ କରିଥିଲେ। ପାନ୍ଥର୍ସ ଦଳର ସଫଳ ବୋଲର ବିପ୍ଳବ ସାମନ୍ତରାୟ ଚମତ୍କାର ବୋଲିଂକରି ୪ ଓଭରରେ ୧୮ ରନ୍ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ପ୍ରଶାନ୍ତ ରଣା ୩୩ ରନ୍ ବିନିମୟରେ ୨ ଉଇକେଟ ସଫଳତା ପାଇଥିଲେ। ଜବାବରେ ପାନ୍ଥର୍ସ ଦଳ ୧୮.୩ଓଭରରେ ୫ ଉଇକେଟ ବିନିମୟରେ ୧୨୮ ରନ୍‌କରି ମ୍ୟାଚ ଜିତିନେଇଥିଲା। ଦଳ ତରଫରୁ ସୌରଭ କେ. ଗୌଡ଼ ୫୬(୩୯ ବଲ୍) ରନ୍‌କରି ଅପରାଜିତ ରହିଥିବା ବେଳେ ଅନ୍ୟତମ ସଫଳ ବ୍ୟାଟର ବିପ୍ଳବ ସାମନ୍ତରାୟ ୪୩(୩୪ ବଲ୍) ରନ୍ କରିଥିଲେ। ମାଇନର୍ସ ଦଳ ତରଫରୁ ପପୁ ରୟ ୨୦ ରନ୍ ବିନିମୟରେ ୩ଟି ଏବଂ ସୌମ୍ୟ ଆର୍. ଲେଙ୍କା ୨୩ ରନ୍ ଦେଇ ଗୋଟିଏ ଉଇକେଟ ନେଇଥିଲେ। ମ୍ୟାଚ୍ ଶେଷରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ବିପ୍ଳବ ସାମନ୍ତରାୟ ଓଡ଼ିଶା କ୍ରିକେଟ୍ ଆସୋସିଏଶନ(ଓସିଏ) ସଭାପତି ପଙ୍କଜଲୋଚନ ମହାନ୍ତିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସେ ଆହୁରି ମଧ୍ୟ କଟକ ପାନ୍ଥର୍ସ ଦଳର ଅଧିନାୟକ ସ୍ୱସ୍ତିକ୍ ସାମଲଙ୍କୁ ୱିନିଂ କ୍ୟାପ୍ ପ୍ରଦାନ କରିଥିଲେ। ବର୍ଷା ଯୋଗୁ ଭୁବନେଶ୍ୱର ଟାଇଗର୍ସ ଓ ପୁରୀ ଟାଇଟନ୍ସ ମଧ୍ୟରେ ଖେଳାଯିବାକୁଥିବା ଦିନର ଦ୍ୱିତୀୟ ମ୍ୟାଚକୁ ବାତିଲ କରିଦିଆଯାଇଥିଲା।

# ଅକ୍ଟୋବର ୨୫ରୁ ସୁପର କପ୍

**ନୂଆଦିଲ୍ଲୀ, ୨୩।୯ (ପି.ଟି.)**

ଘରୋଇ ଫୁଟ୍‌ବଲ ଟୁର୍ନାମେଣ୍ଟ ସୁପର କପ୍ ଆସନ୍ତା ଅକ୍ଟୋବର ୨୫ରୁ ଗୋଆରେ ଖେଳାଯିବ। ଏହି ଟୁର୍ନାମେଣ୍ଟ ସହ ଫୁଟ୍‌ବଲ ସିଜନ ଆରମ୍ଭ ହେବ ବୋଲି ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ପକ୍ଷରୁ ମଙ୍ଗଳବାର କୁହାଯାଇଛି। ଓଡ଼ିଶା ଏଫ୍‌ସି ବ୍ୟତୀତ ଇଣ୍ଡିଆନ ସୁପର ଲିଗ୍‌ର ଅନ୍ୟ ସମସ୍ତ କ୍ଲବ୍ ଏଥିରେ ଭାଗନେବାକୁ ରାଜି ହୋଇଛନ୍ତି। ଆଇଏସ୍‌ଏଲ୍ କ୍ଲବ ସହିତ ଆଇ-ଲିଗ୍‌ର ୪ ଦଳ ଯଥା ଇଣ୍ଟର କାଶୀ, ରିୟଲ କଶ୍ମୀର, ଗୋକୁଲମ୍ କେରଳା ଏଫ୍‌ସି ଓ ରାଜସ୍ଥାନ ୟୁନାଇଟେଡ୍ ଟୁର୍ନାମେଣ୍ଟରେ ଭାଗନେବେ। ଆସନ୍ତା ଗୁରୁବାର ଭର୍ଚୁଆଲ ମୋଡ୍‌ରେ ଡ୍ର' ଘୋଷଣା କରାଯିବ। ସାଧାରଣତଃ ସୁପର କପ୍ ଘରୋଇ ଫୁଟ୍‌ବଲ ସିଜନର ଶେଷ ଟୁର୍ନାମେଣ୍ଟ ଭାବେ ଆୟୋଜନ କରାଯାଇଥାଏ। କିନ୍ତୁ ଅସାଧାରଣ ପରିସ୍ଥିତି ଯୋଗୁ ଏହାକୁ ସିଜନ ଆରମ୍ଭରୁ ଆୟୋଜନ କରାଯାଉଛି। ଏହି ଟୁର୍ନାମେଣ୍ଟର ବିଜେତା ଦଳକୁ ୨୦୨୬-୨୭ ସିଜନ ଲାଗି ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ୨ ପ୍ଲେ-ଅଫ୍‌ରେ ସ୍ଥାନ ମିଳିବ। ୨୦୨୪-୨୫ ସିଜନର ସୁପର କପ୍ ଚାମ୍ପିୟନ ଏଫ୍‌ସି ଗୋଆ ଏସିଏଲ୍ ପ୍ଲେ-ଅଫ୍ସରେ ଖେଳିବା ସହ ଗ୍ରୁପ୍ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛି।

# କିମ୍ବଦନ୍ତୀ ଅମ୍ପାୟର ଡିକି ବାର୍ଡଙ୍କ ପରଲୋକ

**ଲଣ୍ଡନ, ୨୩।୯ (ପି.ଟି.)**



କିମ୍ବଦନ୍ତୀ କ୍ରିକେଟ୍ ଅମ୍ପାୟର ଡିକି ବାର୍ଡଙ୍କ ୯୨ ବର୍ଷ ବୟସରେ ପରଲୋକ ଘଟିଛି। ୧୯୭୩ରୁ ୧୯୯୬ ପର୍ଯ୍ୟନ୍ତ ତାଙ୍କ ଅମ୍ପାୟରିଂ କ୍ୟାରିୟରରେ ସେ ୬୬ ଟେଷ୍ଟ ଏବଂ ୬୯ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚରେ ଅମ୍ପାୟରିଂ କରିଛନ୍ତି। ୧୯୯୬ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ଲର୍ଡ୍ସ ଟେଷ୍ଟ ବାର୍ଡଙ୍କର ଅନ୍ତିମ ଟେଷ୍ଟ ମ୍ୟାଚ୍ ଥିଲା। ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ ଓ ସୌରଭ ଗାଙ୍ଗୁଲି ଏଥିରେ ସେମାନଙ୍କ ପ୍ରଥମ ଟେଷ୍ଟ ପଦାର୍ପଣ କରିଥିଲେ। ହାରୋଲ୍ଡ ଡେନିସ ଡିକି ବାର୍ଡ କ୍ରିକେଟ୍ ଜଗତରେ ଜଣେ ଲୋକପ୍ରିୟ ଅମ୍ପାୟର ଭାବେ ଜଣାଶୁଣା। ତାଙ୍କ ମୃତ୍ୟୁ ଖବର ୟର୍କଶାୟାର କାଉଣ୍ଟି କ୍ରିକେଟ କ୍ଲବ ତରଫରୁ ଘୋଷଣା କରାଯାଇଥିଲା। ୟର୍କଶାୟାର ସହ ଡିକି ବାର୍ଡଙ୍କର ବହୁଦିନ ଧରି ସମ୍ପର୍କ ରହିଥିଲା। ଏହି କ୍ଲବ ତରଫରୁ ସେ ୧୯୫୬ରେ ଜଣେ ଖେଳାଳି ହିସାବରେ ପ୍ରଥମଶ୍ରେଣୀ କ୍ୟାରିୟର ଆରମ୍ଭ କରିଥିଲେ। ୧୯୬୪ରେ କ୍ୟାରିୟର ଶେଷ ପୂର୍ବରୁ ସେ ୯୩ଟି ମ୍ୟାଚ୍ ଖେଳି ଦୁଇଟି ଶତକ ସହ ୩,୩୧୪ ରନ୍ ସଂଗ୍ରହ କରିଥିଲେ। ଭାରତୀୟ କ୍ରିକେଟ୍ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ଡିକି ବାର୍ଡଙ୍କ ଦେହାନ୍ତରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏହି ଇଂଲିଶ ଅମ୍ପାୟର ଜଣେ ଭିନ୍ନ ଚରିତ୍ରର ବ୍ୟକ୍ତି ଥିଲେ, ଯଏକି ଖେଳାଳିମାନଙ୍କ ଉତ୍ତେଜନା ଓ ଚାପକୁ ଭଲଭାବେ ହୃଦୟଙ୍ଗମ କରିପାରୁଥିଲେ।

# ଆଜି ଏଚ୍ଆଇଏଲ୍ ମିନି ଅକ୍ସନ

**ନୂଆଦିଲ୍ଲୀ, ୨୩।୯ (ପି.ଟି.):** ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ)ର ୨୦୨୬ ସିଜନ ଲାଗି ଉଭୟ ପୁରୁଷ ଓ ମହିଳା ବିଭାଗର ମିନି ଅକ୍ସନ ବୁଧବାର ଅନୁଷ୍ଠିତ ହେବ। ପୁରୁଷ ଦଳ ଲାଗି ୪ କୋଟି ଓ ମହିଳା ଦଳ ପାଇଁ ୨ କୋଟି ଟଙ୍କାର ସାଲାରି କ୍ୟାପ୍ ରଖାଯାଇଛି। ପ୍ରତ୍ୟେକ ଦଳରେ ୨ ଗୋଲ୍‌କିପର ଓ ୭ ବିଦେଶୀ ଖେଳାଳିଙ୍କ ସହ ସର୍ବାଧିକ ୨୦ ଖେଳାଳି ରହିପାରିବେ। ପ୍ରତ୍ୟେକ ଦଳକୁ ଅତିକମ୍‌ରେ ୩ ଭାରତୀୟ ଜୁନିୟର ଖେଳାଳିଙ୍କୁ ନେବାକୁ ପଡ଼ିବ, ଯାହାଫଳରେ ପରବର୍ତ୍ତୀ ପିଢ଼ିର ଖେଳାଳିଙ୍କୁ ସୁଯୋଗ ମିଳିପାରିବ। ଅକ୍ସନ ଲାଗି ୨, ୫ ଓ ୧୦ ଲକ୍ଷ ଟଙ୍କାର ୩ଟି ବେସ୍ ପ୍ରାଇସ୍ ଧାର୍ଯ୍ୟ କରାଯାଇଛି। ଯଥେଷ୍ଟ ବଜେଟ ସହ ଦଳରେ ସ୍ଥାନ ଉପଲବ୍ଧ ଥିଲେ ହିଁ ଫ୍ରାଞ୍ଚାଇଜ୍‌କୁ ବିଡ୍ କରିବାକୁ ଅନୁମତି ଦିଆଯିବ।

# ଓଡ଼ିଶା କ୍ରୀଡ଼ାର ଦ୍ୱିତୀୟ ଅର୍ଜୁନ

**ଭୁବନେଶ୍ୱର, ୨୩।୯ (ତପନ ସ୍ୱାଇଁ)**

ବିଜୟ କୁମାର ଶତପଥୀ ହେଉଛନ୍ତି ଓଡ଼ିଶା କ୍ରୀଡ଼ାର ଦ୍ୱିତୀୟ ଅର୍ଜୁନ ପୁରସ୍କାରପ୍ରାପ୍ତ କିମ୍ବଦନ୍ତୀ କ୍ରୀଡ଼ାବିତ୍। ୧୯୭୮-୭୯ରେ ଓଡ଼ିଶାର ପ୍ରଥମ କ୍ରୀଡ଼ାବିତ୍‌ଭାବେ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ ମହିଳା ସାଇକ୍ଲିଷ୍ଟ ମିନତି ମହାପାତ୍ର। ପୁରୀରେ ଜନ୍ମ, ରାଉରକେଲାରେ ପାଠପଢ଼ା ସହ ଚାକିରି ଜୀବନ ପରେ ଭୁବନେଶ୍ୱରରେ ଅବସର ସମୟ ବିତାଉଥିବା ମିନତି ୧୯୭୨ରୁ ୧୯୭୯ ଯାଏ ଦେଶର ଦ୍ରୁତତମ ସାଇକେଲ ଚାଳିକା ଭାବେ ବିବେଚିତ ହୋଇଥିଲେ। ଦୀର୍ଘ ୭ ବର୍ଷ ସେ ଜାତୀୟ ଚାମ୍ପିୟନ୍ ରହିଥିଲେ। ତାଙ୍କ ପରେ ୧୯୮୨ରେ ଅର୍ଜୁନ ପୁରସ୍କାର ପାଇ ରାଜ୍ୟକୁ ଗର୍ବିତ କରିଥିଲେ ବିଜୟ ଶତପଥୀ। କ୍ୟାରିୟରରେ ସେ ୫ଥର ଜାତୀୟ ଭାରୋତ୍ତୋଳନ ଚାମ୍ପିୟନ ଥିବାବେଳେ ୧୯୮୧ରେ ଅଷ୍ଟ୍ରେଲିଆର ବ୍ରିସ୍‌ବେନରେ ଆୟୋଜିତ ମିନି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ସ୍ୱର୍ଣ୍ଣ, ୧୯୮୨ ବ୍ରିସ୍‌ବେନ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଅର୍ଜନ କରିଥିଲେ। ସେ ବାଣ୍ଟମୱେଟ୍ ବର୍ଗରେ ମୋଟ ୨୨୭.୫ କେଜି ଉତ୍ତୋଳନ କରି ଏହି ସଫଳତା ପାଇଥିଲେ। ଏହା ବ୍ୟତୀତ ୧୯୮୧ ନାଗୋୟା ଏବଂ ୧୯୮୩ ଡାମାସ୍କସ୍ ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଜିତି ସେ ଭାରତକୁ ଗର୍ବିତ କରିଥିଲେ। ସେହିପରି ୧୯୯୦ ଜାପାନ ଏସିଆନ ଗେମ୍ସରେ ବ୍ରୋଞ୍ଜ, ୧୯୮୨ରେ ପେଶାୱରଠାରେ ଅନୁଷ୍ଠିତ ପାକିସ୍ତାନ ନ୍ୟାଶନାଲ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ ତାଙ୍କ କୃତୀର ଅନ୍ୟ ଗୋଟିଏ ଲେଖାଏ ଇସ୍ତାହାର। ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟିସ୍ ଆସୋସିଏଶନ ପକ୍ଷରୁ ତାଙ୍କୁ ୨୦୨୪ରେ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଅସୁସ୍ଥ ଯୋଗୁ ସେ ଭୁବନେଶ୍ୱରରେ ଅନୁଷ୍ଠିତ ପୁରସ୍କାର ଉତ୍ସବରେ ଅନୁପସ୍ଥିତ ରହିବାରୁ ରାଜ୍ୟର ଅନ୍ୟତମ ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ କେ. ରବିକୁମାର ଏହି ପୁରସ୍କାର ଗ୍ରହଣ କରିଥିଲେ।



କେ. ରବିକୁମାରଙ୍କ ସହ ବିଜୟ କୁମାର ଶତପଥୀ (ବାମ)।

# ବିଭିନ୍ନ ମହଲରୁ ଶୋକ

**ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ ବିଜୟ କୁମାର ଶତପଥୀଙ୍କ ବିୟୋଗରେ ରାଜ୍ୟରେ ଶୋକର ଛାୟା ଖେଳି ଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।**

ଭାରତୀୟ ଭାରୋତ୍ତୋଳନ ସଂଘ ଏବଂ ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ମଧ୍ୟ ଗଭୀର ଶୋକ ପ୍ରକଟ କରାଯାଇଛି। ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ଭର୍ଚୁଆଲି ଆୟୋଜିତ ଶୋକସଭାରେ ରାଜ୍ୟ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ଉପସଭାପତି ହରି ପ୍ରସାଦ ପଟ୍ଟନାୟକ, ଆନ୍ତରିଣ ସମ୍ପାଦକ ଗୋପାଳକୃଷ୍ଣ ଦାସ, କୋଷାଧ୍ୟକ୍ଷ ଜଞ୍ଜ ନାରାୟଣ ନନ୍ଦ, ସହ ସମ୍ପାଦକ ଜାନକୀ ବଲ୍ଲଭ ମିଶ୍ର, ପରାମର୍ଶଦାତା ବି.ଭି.ଜି. ରାଓ, ସୁଧୀର କୁମାର ପାତ୍ର, ବିନୟ କୁମାର ପାଣ୍ଡେ, ନକୁଳ ସାହୁ, ଅଲିମ୍ପିଆନ କେ. ରବି କୁମାର ଓ ଅନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ। ବିଜୟ ଶତପଥୀ ଗଞ୍ଜାମ ଜିଲାସ୍ଥିତ ବ୍ରହ୍ମପୁର ସହର ବାସଭବନରେ ସୋମବାର ରାତିରେ ୭୧ ବର୍ଷ ବୟସରେ ପ୍ରାଣତ୍ୟାଗ କରିଛନ୍ତି।

"ଅର୍ଜୁନ ପୁରସ୍କାରପ୍ରାପ୍ତ ତଥା ପ୍ରତିଷ୍ଠିତ କ୍ରୀଡ଼ାବିତ୍ ବିଜୟ କୁମାର ଶତପଥୀଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ମର୍ମାହତ। ଅମର ଆତ୍ମାର ଶାନ୍ତି ସହିତ ଏପରି ଦୁଃଖଦ ସମୟରେ ଭଗବାନ୍ ତାଙ୍କ ପରିବାରବର୍ଗଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ମୁଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

**-ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ**

"ରାଜ୍ୟର ଜଣେ ପ୍ରତିଷ୍ଠିତ ଭାରୋତ୍ତୋଳକ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ବିଜୟ ଶତପଥୀଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ଦୁଃଖିତ। ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଦକ୍ଷତା ପ୍ରଦର୍ଶନ କରି ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି। ଭାରୋତ୍ତୋଳନ କ୍ଷେତ୍ରରେ ତାଙ୍କ ସଫଳତା ପ୍ରତ୍ୟେକଙ୍କୁ ଅନୁପ୍ରେରିତ କରିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛି।

**-ନବୀନ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା**

"ବିଜୟ ଶତପଥୀଙ୍କ ବିୟୋଗରେ ଓଡ଼ିଶା କ୍ରୀଡ଼ା ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି ପାଇଁ ମୁଁ ପ୍ରାର୍ଥନା କରୁଛି।

**-ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ାମନ୍ତ୍ରୀ**

ଧରିତ୍ରୀ 51 Years
ଧରିତ୍ରୀ
DHARITRI


# ଡେମ୍ବେଲେ, ବୋନ୍‌ମାଟିଙ୍କୁ ବାଲନ ଡି'ଅର୍ ପୁରସ୍କାର

**ପ୍ୟାରିସ୍, ୨୩।୯(ଏପି)**

ପ୍ୟାରିସ୍ ସେଣ୍ଟ୍ ଜର୍ମେନ(ପିଏସ୍‌ଜି)କୁ ପ୍ରଥମଥର ଚାମ୍ପିୟନ୍ସ ଲିଗ୍ ଟାଇଟଲ ଜିତିବାରେ ପ୍ରମୁଖ ଭୂମିକା ପାଇଁ ଓସ୍‌ମାନେ ଡେମ୍ବେଲେ ଏଥର ସମ୍ମାନଜନକ ବାଲନ ଡି'ଅର ପୁରସ୍କାର ଲାଭ କରିଛନ୍ତି। ଅନ୍ୟପକ୍ଷରେ ଆଇଟାନା ବୋନ୍‌ମାଟି କ୍ରମାଗତ ତୃତୀୟ ବର୍ଷ ଏହି ପୁରସ୍କାର ଜିତିଛନ୍ତି। ଡେମ୍ବେଲେ ମାଞ୍ଚେଷ୍ଟର ସିଟି ମିଡ୍‌ଫିଲ୍ଡର ରୋଡ୍ରିଙ୍କୁ ପଛରେ ପକାଇ ରେମଣ୍ଡ କୋପା, ମାଇକେଲ ପ୍ଲାଟିନି, ଜିନ୍-ପିଏରେ ପପିନ୍, ଜିନେଡିନ୍ ଜିଡାନ ଓ କରିମ ବେଞ୍ଜେମାଙ୍କ ପଛକୁ ୬ଷ୍ଠ ଖେଳାଳି ଭାବେ ବାଲନ ଡି'ଆର ପୁରସ୍କାର ଜିତିଛନ୍ତି। ଅନ୍ୟପକ୍ଷରେ ବୋନ୍‌ମାଟି ତାଙ୍କ ସ୍ପେନ୍ ଟିମ୍‌ମେଟ୍ ମାରିଓନା କାଲ୍‌ଡେନ୍‌ଟିଙ୍କୁ ପଛରେ ପକାଇ ଏହି ପୁରସ୍କାର ହାସଲ କରିଛନ୍ତି। ପୁରସ୍କାର ଇତିହାସରେ ପ୍ଲାଟିନି(୧୯୮୩-୮୫) ଓ ଲିଓନେଲ ମେସି(୨୦୦୯-୧୨)ଙ୍କ ପରେ ସେ ତୃତୀୟ ଖେଳାଳି ଭାବେ କ୍ରମଗାତ ୩ୟଥର ଏହି ପୁରସ୍କାର ଜିତିବାର ଗୌରବ ଅର୍ଜନ କରିଛନ୍ତି। ଏହି ପୁରସ୍କାର ଡେମ୍ବେଲେଙ୍କ ଭାଗ୍ୟଚକ୍ରରେ ବଡ଼ ପରିବର୍ତ୍ତନ ଆଣିଦେବ। ଗତ ସିଜନରେ ଶୃଙ୍ଖଳାଗତ କାରଣରୁ ପିଏସ୍‌ଜି କୋଚ୍ ଲୁଇସ୍ ଏନ୍‌ରିକ୍ ତାଙ୍କ ଉପରେ ଖପ୍ପା ଥିଲେ। ମାତ୍ର ନମ୍ବର-୯କୁ ଫେରିବା ପରେ ଏକ ସ୍କୋରିଂ ମେଶିନ ହୋଇଥିଲେ ଏବଂ ପିଏସ୍‌ଜିର ଐତିହାସିକ ଚାମ୍ପିୟନ୍ସ ଲିଗ୍ ଅଭିଯାନରେ ସେ ପ୍ରେରଣାଦାୟକ ଥିଲେ। ଡେମ୍ବେଲେ ଗତ ସିଜନରେ ୫୩ ଅଫିସିଆଲ ମ୍ୟାଚ୍‌ରେ ୩୫ଟି ଗୋଲ୍ ସ୍କୋର କରିଥିବା ବେଳେ ୧୬ଟିରେ ସହାୟକ ହୋଇଥିଲେ। ଚାମ୍ପିୟନ୍ସ ଲିଗ୍‌ରେ ସେ ୧୫ଟି ମ୍ୟାଚ୍ ଖେଳିଥିବା ବେଳେ ୧୪ଟି ଗୋଲ୍(୮ ଗୋଲ୍, ୬ଟିରେ ସହାୟକ) ସହିତ ସମ୍ପୃକ୍ତ ଥିଲେ। ଡେମ୍ବେଲେ ପୂର୍ବତନ ବାଲନ ଡି'ଅର୍ ପୂର୍ବତନ ବିଜେତା ରୋନାଲ୍‌ଡିନୋଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ତାଙ୍କ ଭାଷଣ ସମୟରେ ସେ କାନ୍ଦି ପକାଇଥିଲେ, ଯେଉଁଥିରେ ସେ ନିଜ ମା'ଙ୍କୁ ତାଙ୍କ ସହ ମଞ୍ଚରେ ଯୋଗଦେବାକୁ କହିଥିଲେ। ଡେମ୍ବେଲେ ସ୍ୱଳ୍ପବୟସ୍କ ଷ୍ଟାର୍ ଲାମିନେ ୟାମାଲଙ୍କୁ ପଛରେ ପକାଇ ପୁରସ୍କାର ଜିତିଥିଲେ। ଲାମିନେ ଗତ ଜୁଲାଇରେ ୧୮ ବର୍ଷ ବୟସରେ ପଦାର୍ପଣ କରିଥିଲେ। ଗତ ସିଜନରେ ବାର୍ସିଲୋନାକୁ ଲା' ଲିଗା ଓ କୋପା ଡେଲ୍ ରେ' ଜିତାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହିତ ସେ କ୍ରମାଗତ ଦ୍ୱିତୀୟ ବର୍ଷ ଶ୍ରେଷ୍ଠ ୨୧ ବର୍ଷରୁ କମ୍ ଖେଳାଳି କୋପା ପୁରସ୍କାର ଲାଭ କରିଥିଲେ। ଅନ୍ୟପକ୍ଷରେ ବୋନ୍‌ମାଟିଙ୍କ ଦଳ ଯଦିଓ ମହିଳା ୟୁରୋପିଆନ୍ ଚାମ୍ପିୟନଶିପ୍ ଫାଇନାଲରେ ଏକ ପେନାଲ୍‌ଟିରେ ଇଂଲଣ୍ଡ ନିକଟରୁ ହାରିଯାଇଥିଲା, ତଥାପି ସେ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଭାଇରାଲ ମେନିଞ୍ଜିଟିସ୍ ରୋଗରେ ପୀଡ଼ିତ ହୋଇ ହସ୍ପିଟାଲରେ ଭର୍ତ୍ତିହେବାର କିଛିଦିନ ପରେ ଟୁର୍ନାମେଣ୍ଟରେ ଖେଳିଥିଲେ।



ପୁରସ୍କାର ସହ ଆଇଟାନା ବୋନ୍‌ମାଟି ଓ ଓସ୍‌ମାନେ ଡେମ୍ବେଲେ।

STEWART SCHOOL BHUBANESWAR
An Institution under the Management of Diocese of Cuttack, Church of North India
UNIT- VIII, CRP SQUARE, BHUBANESWAR-751012
Affiliated to Council for the Indian School Certificate Examinations, New Delhi
Ph. No.- 8480743569, 8917219065
E-mail: stewartbbsr@gmail.com
Website: www.stewartschoolbbsr.in
ADMISSION OPEN
For Nursery, Junior KG, Senior KG and Std - I to IX for Academic Session 2026-2027
Application Forms may be downloaded from the School website and to be submitted along with a Bank Challan of Rs.500/- at the Office of the Principal

# ସ୍ୱର୍ଣ୍ଣ ପଦକ ଜିତିଲେ ଦୀପ୍ତିମୟୀ

**ବରୀ,୨୩।୯(ମହେନ୍ଦ୍ର ସ୍ୱାଇଁ)**

ଝାଡ଼ଖଣ୍ଡର ରାଞ୍ଚିଠାରେ ଚାଲିଥିବା ୩୬ତମ ଇଷ୍ଟ ଜୋନ୍ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଦୀପ୍ତିମୟୀ ଦାସ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ୧୬ ବର୍ଷରୁ କମ୍ ୮୦ ମିଟର ବାଧା ଦୌଡ଼ ଇଭେଣ୍ଟରେ ୧୨.୦୧ ସେକେଣ୍ଡ ଟାଇମିଂ ହାସଲକରି ପୋଡିୟମରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଦୀପ୍ତିମୟୀଙ୍କ ଘର ଯାଜପୁର ଜିଲା ବରୀ ବ୍ଲକ ଅଧୀନ ରତ୍ନଗିରି ପଞ୍ଚାୟତ ଅଲିଆବାଦ ଗ୍ରାମରେ। ତାଙ୍କ ବାପାଙ୍କ ନାମ ସୁକାନ୍ତ ଦାସ ଓ ମା'ଙ୍କ ନାମ ପ୍ରତିମା ଦାସ। ଏହି ଉପଲବ୍ଧି ପଛରେ କୋଚ୍ ରିତା ଗେଣ୍ଡୁଆଙ୍କ ଉଦ୍ୟମ ଏବଂ ବାପା-ମା'ଙ୍କ ଆଶୀର୍ବାଦ ରହିଥିବା ଦୀପ୍ତିମୟୀ କହିଛନ୍ତି। ବର୍ତ୍ତମାନ ସେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଥିବା ବେଳେ ଆଗାମୀ ଦିନରେ ଜାତୀୟ ଆଥ୍‌ଲେଟିକ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡ଼ିଶା ପାଇଁ ପଦକ ହାସଲ କରିବାକୁ ଆଶା ରଖିଛନ୍ତି।



ଦୀପ୍ତିମୟୀ ଦାସ

# ସ୍ଲୋ ଓଭର ରେଟ୍ ପାଇଁ ଭାରତୀୟ ମହିଳା ଦଳ ଦଣ୍ଡିତ

**ନୂଆଦିଲ୍ଲୀ, ୨୩।୯ (ପି.ଟି.)**

ଏଠାରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆରେ ଏକ ସ୍ଲୋ-ଓଭର ରେଟ୍ ପାଇଁ ମଙ୍ଗଳବାର ଭାରତୀୟ ମହିଳା କ୍ରିକେଟ୍ ଦଳକୁ ସେମାନଙ୍କ ମ୍ୟାଚ୍ ଫି'ର ୧୦ ପ୍ରତିଶତ ଜରିମାନା କରାଯାଇଛି। ଶନିବାର ସ୍ଥାନୀୟ ଫିରୋଜ ଶାହ କୋଟ୍‌ଲା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସ୍ମୃତି ମନ୍ଧାନାଙ୍କ ବିସ୍ଫୋରକ ୧୨୫ ରନ୍ ସତ୍ତ୍ୱେ ଆୟୋଜକ ଭାରତ ୪୩ ରନ୍‌ରେ ପରାଜିତ ହୋଇଥିଲା। ଫଳରେ ଭାରତ ଅଷ୍ଟ୍ରେଲିଆଠାରୁ ୧-୨ରେ ସିରିଜ୍ ହାରିଯାଇଥିଲା। ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିଜ୍‌ର ଜି.ଏସ୍. ଲକ୍ଷ୍ମୀ ଏହି ଦଣ୍ଡ ବିଧାନ କରିଛନ୍ତି। ଭାରତୀୟ ମହିଳା ଦଳ ଧାର୍ଯ୍ୟ ସମୟରେ ଟାର୍ଗେଟ୍‌ଠାରୁ ୨ ଓଭର ପଛରେ ରହିଯାଇଥିଲା। ଭାରତ ଅଧିନାୟିକା ହରମନପ୍ରୀତ୍ କୌର ଦୋଷ ସ୍ୱୀକାର କରିବା ସହ ଦଣ୍ଡକୁ ଗ୍ରହଣ କରିନେଇଥିବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା।

# ଯୁବିଙ୍କ ବୟାନ ରେକର୍ଡ

**ନୂଆଦିଲ୍ଲୀ,୨୩।୯(ପି.ଟି.)**

ଭାରତର ପୂର୍ବତନ ଅଲ୍‌ରାଉଣ୍ଡର ଯୁବରାଜ ସିଂ (ଯୁବି)ଙ୍କର ମଙ୍ଗଳବାର ଅନ୍‌ଲାଇନ୍ ବେଟିଂ ଆପ୍ '୧Xବେଟ୍' ସହ ଜଡ଼ିତ ଟଙ୍କା ହେର୍‌ଫେର୍ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ବୟାନ ରେକର୍ଡ କରାଯାଇଛି। ୪୩ ବର୍ଷୀୟ ଯୁବି ଏକ ଧଳାରଙ୍ଗର ଟି-ଶାର୍ଟ ପିନ୍ଧି ମଧ୍ୟାହ୍ନ ୧୨ଟା ବେଳେ ଇଡି କାର୍ଯ୍ୟାଳୟରେ ନିଜ ଆଇନଗତ ଦଳ ସହ ପହଞ୍ଚିଥିଲେ।




| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସେଭିଙ୍ଗ୍‌ସ 22 ସେପ୍ଟେମ୍ବର 2025 ଠାରୁ ପ୍ରଯୁଜ୍ୟ । ବତାଯାଇଥିବା ମୋଟ ସଞ୍ଚୟରେ ଅଛି 100% GST ବେନିଫିଟ୍ (ଏକ୍ସ-ଶୋରୁମ୍ ମୂଲ୍ୟ ଓ ତଦ୍‌ଜନିତ ଯଥାପ୍ରଯୁଜ୍ୟ RTO କରରେ), ଶୂନ୍ୟ ପ୍ରୋସେସିଙ୍ଗ ଫୀ ଆଉ 1 ବର୍ଷର ଓନ୍ ଡ୍ୟାମେଜ୍ ଇନ୍‌ସ୍ୟୋରାନ୍‌ସ (OD) । ଅଞ୍ଚଳ ଅନୁସାରେ ଶୂନ୍ୟ PF ଆଉ OD ରେ ସଞ୍ଚୟ, ଫାଇନାନ୍‌ସର୍/ଇନ୍‌ସ୍ୟୋରର୍ ଙ୍କ ଉପରେ ନିର୍ଭର କରି ବଦଳିପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍‌ସ । ଷ୍ଟଣ୍ଟଗୁଡ଼ିକ ଏକ୍‌ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ